DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୯/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, July 19/2019 | ★★★★★★

୪୫ଶ ଭାଗ ୨୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



**ପ୍ରିୟଙ୍କା ଚୋପ୍ରାଙ୍କୁ ୩୭ ଛୁଇଁଲା**

ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ୩୭ବର୍ଷରେ ପାଦ ଦେଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ସୋସିଆଲ ମିଡିଆରେ ଶୁଭେଚ୍ଛା ବାର୍ତ୍ତା ମିଳିଛି।

୦୮ | ୧୯

**ସିନ୍ଧୁ କ୍ୱାର୍ଟରଫାଇନାଲରେ**

ପି. ଭି. ସିନ୍ଧୁ ଇଣ୍ଡୋନେସିଆନ ଓପନ୍ ବ୍ୟାଡ୍‌ମିଣ୍ଟନ ମହିଳା ସିଙ୍ଗଲ୍ସ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।




କୁଳଭୂଷଣଙ୍କୁ ତୁରନ୍ତ ମୁକ୍ତ କରୁ ପାକିସ୍ତାନ ୮

ଭାଇଙ୍କୁ ମୁକୁଳାଇବାକୁ ଯାଇ ସମ୍ପର୍କୀୟ ଭାଇ ଗିରଫ ୧୫

ଜାପାନର ଆନିମେଶନ ଷ୍ଟୁଡିଓରେ ନିଆଁ ଲଗାଇଦେଲେ: ୩୩ ଦଗ୍ଧ ୨

ଅଯୋଧ୍ୟା ଜମି ବିବାଦ: ମଧ୍ୟସ୍ଥ କମିଟିକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ୧ ସୁଦ୍ଧା ରିପୋର୍ଟ ଦାଖଲକର ୨




ବାଂଲାଦେଶର କୁରିଗ୍ରାମ ଜିଲାରେ ବନ୍ୟାରେ ଜଳମଗ୍ନ ଘର ଓ ଚାଷଜମିର ଆକାଶମାର୍ଗରୁ ଦୃଶ୍ୟ।



ଆସାମର କାଜିରଙ୍ଗା ଜାତୀୟ ଉଦ୍ୟାନ ବନ୍ୟାଜଳରେ ବୁଡ଼ିଯାଇଥିବାବେଳେ ପ୍ରାଣ ବିକଳରେ ଏକ ଘରେ ଆଶ୍ରୟ ନେଇଛି ବାଘ।

## ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ବାଚସ୍ପତିଙ୍କ ଅବଜ୍ଞା, ବିଧାନସଭା ଦିନକ ପାଇଁ ସ୍ଥଗିତ

# କରାଇଦେଲେନି ଆସ୍ଥାଭୋଟ

ବେଙ୍ଗାଲୁରୁ,୧୮ା୭ (ପି.ଟି./ଆଇଏଏନ୍‌ଏସ୍)

ଘଡ଼ିକେ ଘୋଡ଼ା ଛୁଟୁଛି। କର୍ଣ୍ଣାଟକ ରାଜନୀତିର ପାଣି କେତେବେଳେ କେଉଁ ଆଡ଼କୁ ବହିବ କିଛି କହି ହେଉନାହିଁ। ୧୬ ବିଦ୍ରୋହୀ ବିଧାୟକଙ୍କ ଇସ୍ତଫା ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ସରକାରଙ୍କୁ ସଂଖ୍ୟାଲଘୁରେ ପରିଣତ କରି ରାଜ୍ୟରେ ରାଜନୈତିକ ସଙ୍କଟ ସୃଷ୍ଟି କରିଛି। ଏଥିଲାଗି ବିଧାନସଭାରେ ଗୁରୁବାର ଆସ୍ଥାଭୋଟ ହେବାକୁ ଥିବାବେଳେ ଦେଖିବାକୁ ମିଳିଥିଲା ହାଇଡ୍ରାମା। ଏଥିରେ ସାମିଲ ହୋଇଥିଲେ ଉଭୟ ଶାସକ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)-କଂଗ୍ରେସ ମେଣ୍ଟ ଏବଂ ବିରୋଧୀ ଭାଜପା ବିଧାୟକମାନେ। ଫଳରେ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସେପଟେ ଭାଜପା ନେତାମାନେ ରାଜ୍ୟପାଳ ଭଜୁଭାଇ ଭାଲାଙ୍କୁ ଭେଟି ହସ୍ତକ୍ଷେପ ଲୋଡ଼ିଥିଲେ। ଗୁରୁବାର ହିଁ ଶକ୍ତିପରୀକ୍ଷା କରାଇବା ଲାଗି ବାଚସ୍ପତି କେ.ଆର୍. ରମେଶ କୁମାରଙ୍କୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିଧାନସଭାରେ ହଟ୍ଟଗୋଳ ଓ ଅଚଳାବସ୍ଥାକୁ ଆଳକରି ବାଚସ୍ପତି ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କଲେ। ଏହାର ପ୍ରତିବାଦରେ ବିରୋଧୀ ଦଳ ନେତା ବି.ଏସ୍. ୟେଦ୍ଦୁରପ୍ପାଙ୍କ ସମେତ ଭାଜପା ବିଧାୟକମାନେ ରାତିସାରା ବିଧାନସଭାରେ ଧାରଣାରେ ବସିବାର ନିଷ୍ପତ୍ତି ନେଲେ। ଶନିବାର ଓ ରବିବାର ଛୁଟି ପଡୁଥିବାରୁ ସୋମବାର ରାଜ୍ୟ ରାଜନୀତି କେଉଁ ଆଡ଼େ ମୁହାଁଇସାରିଥିବ ସେନେଇ ଆକଳନ କରିବା କଷ୍ଟକର। ତେଣୁ ଶୁକ୍ରବାର ଅପରାହ୍ନ ୧ଟା ୩୦ ସୁଦ୍ଧା ଆସ୍ଥାଭୋଟର ସମ୍ମୁଖୀନ ହୋଇ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ କୁମାରସ୍ୱାମୀଙ୍କୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି।

ବାଚସ୍ପତିଙ୍କ ଅନୁମତି ପରେ ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ମେଣ୍ଟ ସରକାର ସପକ୍ଷରେ ଆସ୍ଥାଭୋଟ ପାଇଁ ସଂକ୍ଷିପ୍ତ ପ୍ରସ୍ତାବ ଆଗତ କରିଥିଲେ। ତାଙ୍କ ନେତୃତ୍ୱାଧୀନ ୧୪ ମାସିଆ ସରକାର ପ୍ରତି ବିଦ୍ରୋହୀ ବିଧାୟକମାନେ ସନ୍ଦେହ ବ୍ୟକ୍ତ କରିଛନ୍ତି। କର୍ଣ୍ଣାଟକର ଘଟଣାକ୍ରମକୁ ସାରା ଦେଶ ଦେଖୁଛି। ଆମକୁ ସତ କହିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରସ୍ତାବ ଆଗତ ହେବା ମାତ୍ରେ ଭାଜପା ନେତା ୟେଦ୍ଦୁରପ୍ପା ଛିଡ଼ାହୋଇ କହିଥିଲେ, ଆସ୍ଥାଭୋଟ ପ୍ରକ୍ରିୟା ଦିନକ ମଧ୍ୟରେ ହିଁ ଶେଷ ହେବା ଉଚିତ। ଏହାର ଜବାବରେ କୁମାରସ୍ୱାମୀ କହିଥିଲେ, ବିରୋଧୀ ଦଳ ନେତା ତରତର ହେଉଥିବା ଭଳି ମନେହେଉଛି। ସୁପ୍ରିମକୋର୍ଟ ରାୟ ପରିପ୍ରେକ୍ଷୀରେ ହ୍ୱିଇପ୍ ଜାରି କରିବା ନେଇ ବାଚସ୍ପତି ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ଆସ୍ଥାଭୋଟ ଟାଳିବା ପାଇଁ କଂଗ୍ରେସ ବିଧାୟକ ଦଳ (ସିଏଲ୍‌ପି) ନେତା ସିଦ୍ଧାରାମାୟା ପ୍ରସ୍ତାବ ଦେଇଥିଲେ। ସେ କହିଥିଲେ, ୧୫ ବିଦ୍ରୋହୀ ବିଧାୟକ ସୁପ୍ରିମକୋର୍ଟଙ୍କ ରାୟ ଦ୍ୱାରା ପ୍ରଭାବିତ ହୋଇ ଅନୁପସ୍ଥିତ ଅଛନ୍ତି। ସିଏଲ୍‌ପି ନେତା ଭାବେ ସେ ଜାରି କରିଥିବା ହ୍ୱିଇପ୍‌ର ଭାଗ୍ୟ ସମ୍ପର୍କରେ ବାଚସ୍ପତି ଏକ ରୁଲିଂ ଦିଅନ୍ତୁ। ଅନାସ୍ଥା ପ୍ରସ୍ତାବକୁ ଗ୍ରହଣ କରିବା ଅସାମ୍ବିଧାନିକ ବୋଲି ସିଦ୍ଧାରାମାୟା ଦର୍ଶାଇଥିଲେ। ଏସମ୍ପର୍କରେ ଆଡ୍‌ଭୋକେଟ ଜେନେରାଲଙ୍କ ପରାମର୍ଶ ନେବେ ବୋଲି କହି ବାଚସ୍ପତି ମଧ୍ୟାହ୍ନଭୋଜନ ପାଇଁ ଗୃହକୁ ସ୍ଥଗିତ ରଖିଥିଲେ। ଗୃହକାର୍ଯ୍ୟ ପୁଣି ଆରମ୍ଭ ହେବା ପରେ ଶାସକ ଓ ବିରୋଧୀ ସଦସ୍ୟ ହ୍ୱିଇପ୍ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିଥିଲେ। ଭାଜପା ନେତାମାନେ ରାଜ୍ୟପାଳଙ୍କ ଦ୍ୱାରସ୍ଥ ହେବା ପରେ ଭଜୁଭାଇ ଭାଲାଙ୍କ ବାର୍ତ୍ତାକୁ ବାଚସ୍ପତି ଗୃହରେ ପଢ଼ି ଉପସ୍ଥିତ ସଦସ୍ୟଙ୍କୁ ଶୁଣାଇଥିଲେ। ସେପଟେ ସରକାର ଭାଙ୍ଗିବା ପାଇଁ ବିଧାୟକ ଶ୍ରୀମନ୍ତଙ୍କୁ ଭାଜପା ଅପହରଣ କରିଛି ବୋଲି କଂଗ୍ରେସ ଅଭିଯୋଗ ଆଣିଥିଲା। ତାଙ୍କୁ ଅପହରଣ ପରେ ଏକ ସ୍ୱତନ୍ତ୍ର ବିମାନରେ ମୁମ୍ବାଇ ନେଇ ଜବରଦସ୍ତି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହାର ପ୍ରମାଣ ଦିଆଯିବ ବୋଲି ବରିଷ୍ଠ ମନ୍ତ୍ରୀ ଡି.କେ. ଶିବକୁମାର କହିଥିଲେ। ଉଦ୍ଦେଶ୍ୟମୂଳକ ଭାବେ ଗୃହକାର୍ଯ୍ୟ ବିଳମ୍ବିତ କରାଯାଉଥିବା ଅଭିଯୋଗ ଆଣି ଭାଜପା ଅସନ୍ତୋଷ ବ୍ୟକ୍ତ କରିଥିଲା। ଏହାକୁ ନେଇ ବାଚସ୍ପତି ଓ ଭାଜପା ସଦସ୍ୟ ମଧୁସ୍ୱାମୀଙ୍କ ମଧ୍ୟରେ କଥା କଟାକଟି ହେବା ପରେ ଗୃହକୁ ଘଣ୍ଟାକ ପାଇଁ ସ୍ଥଗିତ କରାଯାଇଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ପୁଣି ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ୩ ଥର ସ୍ଥଗିତ ହେବା ପରେ ମଧ୍ୟ ସ୍ୱାଭାବିକ ଅବସ୍ଥା ନ ଆସିବାରୁ ସନ୍ଧ୍ୟାରେ ବାଚସ୍ପତି ବିଧାନସଭାକୁ ଶୁକ୍ରବାର ପୂର୍ବାହ୍ନ ୧୧ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ହେଲେ ଆସ୍ଥାଭୋଟ ନେଇ ବିତର୍କ ହୋଇପାରି ନ ଥିଲା। ନିଜ ସପକ୍ଷରେ ୧୦୫ ଏବଂ ଶାସକ ମେଣ୍ଟ ନିକଟରେ ୧୦୦ରୁ କମ୍ ବିଧାୟକଙ୍କ ସମର୍ଥନ ଥିବା ଦାବି କରୁଥିବା ୟେଦ୍ଦୁରପ୍ପା ଏହାକୁ ବିରୋଧ କରିଥିଲେ। ବାଚସ୍ପତିଙ୍କ ଏହି ନିଷ୍ପତ୍ତି ପ୍ରତିବାଦରେ ସେ ଓ ଭାଜପା ସଦସ୍ୟମାନେ ରାତିସାରା ବିଧାନସଭାରେ ଧାରଣା ଦେଇଛନ୍ତି। ଇତିମଧ୍ୟରେ କଂଗ୍ରେସ ବିଧାୟକ ଶ୍ରୀମନ୍ତ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି କହିଛନ୍ତି, ତାଙ୍କୁ କେହି ଅପହରଣ କରିନାହାନ୍ତି। ଛାତିରେ ଯନ୍ତ୍ରଣା ହେବାରୁ ସେ ମୁମ୍ବାଇର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

(ଅଧିକ ରିପୋର୍ଟ: ପୃଷ୍ଠା-୨)

### କର୍ଣ୍ଣାଟକରେ ଜଟିଳ ସଙ୍କଟ

- ରାଜ୍ୟପାଳଙ୍କୁ ହସ୍ତକ୍ଷେପ ଲାଗି ଅନୁରୋଧ କରିଥିଲା ଭାଜପା
- ରାତିସାରା ବିଧାନସଭାରେ ଭାଜପା ବିଧାୟକଙ୍କ ଧାରଣା
- ଶୁକ୍ରବାର ଅପରାହ୍ନ ସୁଦ୍ଧା ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ପାଇଁ ନିର୍ଦ୍ଦେଶ ଦେଲେ ଭଜୁଭାଇ
- କଂଗ୍ରେସ ବିଧାୟକଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ଆଣିଲା ଦଳ



ବାଚସ୍ପତି କେ.ଆର. ରମେଶ କୁମାର



ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ

## କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିଲମ୍ବନ ଦାବି କଲେ ବିରୋଧୀ

ଭୁବନେଶ୍ୱର, ୧୮ା୭ (ବ୍ୟୁରୋ)

### ପାଟକୁରାରେ ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣା

- ଗୃହ ମୁଲତବୀ, ଧାରଣାରେ ବସିଲେ ଭାଜପା, କଂଗ୍ରେସ

ଖବରଦାତାଙ୍କୁ ଦୁର୍ବ୍ୟବହାର କରିଥିବା କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ହଟାଯାଉ, ନଚେତ୍ ଗୃହ ଚଳାଇ ଦେବୁ ନାହିଁ। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ବିଧାନସଭାରେ ହଟ୍ଟଗୋଳ କରିଥିଲେ। ପ୍ରସଙ୍ଗ ଗୋଟିଏ ହେଲେ ମଧ୍ୟ ଭାଜପା ଏବଂ କଂଗ୍ରେସ ଭିନ୍ନ ଭିନ୍ନ ଢଙ୍ଗରେ ସରକାରଙ୍କୁ ଘେରିଛନ୍ତି। ପାଳି କରି ଉଭୟ ଦଳ ଗୃହକୁ ବାରମ୍ବାର ଅଚଳ କରିଛନ୍ତି। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରେ ବିରୋଧୀଙ୍କ ହୋ ହଲ୍ଲା ଯୋଗୁ ବିଭିନ୍ନ ପର୍ଯ୍ୟାୟରେ ୧୧ଟା ୪୯ ମିନିଟ୍‌ରୁ ଅପରାହ୍ନ ୩ଟା ଯାଏ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ଶୂନ୍ୟକାଳ ଆରମ୍ଭ ମାତ୍ରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ପାଟକୁରାଠାରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତବେଳେ ଏକ ଟିଭି ଚ୍ୟାନେଲ ଖବରଦାତାଙ୍କୁ କେନ୍ଦ୍ରାପଡା ଏସ୍‌ପି ମାଡ଼ ମାରିଥିବା ବିଷୟ ଉଠାଇଥିଲେ। ସେ କହିଥିଲେ ଯେ, ରାଜ୍ୟରେ ଖବରଦାତାମାନେ ମଧ୍ୟ ସୁରକ୍ଷିତ ନୁହନ୍ତି। ଏସ୍‌ପି ଖବରଦାତାଙ୍କୁ ଦୁର୍ବ୍ୟବହାର କରିଛନ୍ତି, ମାଡ଼ ମାରିଛନ୍ତି। ତୁରନ୍ତ ଏସ୍‌ପିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଜିଲାପାଳମାନେ ବିଜେଡିର ଜିଲା ସଭାପତି ଏବଂ ଏସ୍‌ପିମାନେ ଜିଲା ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ସାମ୍ବାଦିକମାନେ ଖବର ସଂଗ୍ରହ କରିବାକୁ ଯାଇଥାନ୍ତି। ସେମାନଙ୍କୁ ଏଭଳି ବ୍ୟବହାର କରିବା କେତେଦୂର ଯଥାର୍ଥ ବୋଲି ପ୍ରଦୀପ୍ତ ପ୍ରଶ୍ନ କରିଥିଲେ। ଏସ୍‌ପିଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସେ ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ବିରୋଧୀ ଦଳ ନେତା ଉଠାଇଥିବା ପ୍ରସଙ୍ଗକୁ ସମର୍ଥନ କରି କହିଥିଲେ, ବୁଧବାର ମୁଖ୍ୟମନ୍ତ୍ରୀ ପାଟକୁରାରେ ରୋଡ୍ ଶୋ' କରୁଥିଲେ। ଗୋଟିଏ ଟିଭି ଚ୍ୟାନେଲର ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରାଗଲା, ରାଜ୍ୟରେ ଗଣତନ୍ତ୍ର ନା ରାଜତନ୍ତ୍ର ନା ପୋଲିସତନ୍ତ୍ର ନା ନବୀନତନ୍ତ୍ର ଚାଲିଛି। ଦେଶ ଓ ରାଜ୍ୟ ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ ବୋଲି ସେ କହିଥିଲେ।

ଭାଜପା ସଭ୍ୟ ବିଷ୍ଣୁଚରଣ ସେଠୀ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ଗତ ଦୁଇ ତିନି ଦିନ ପୂର୍ବରୁ ଆମେ ଆଇନଶୃଙ୍ଖଳା କଥା ଉଠାଇଥିଲୁ। ମୁଖ୍ୟମନ୍ତ୍ରୀ ଏହାର ଜବାବ ରଖିଲେ। ସେହି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଖବରଦାତାଙ୍କୁ ଧକ୍କା ମରାଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ପରିସରକୁ ଜମି ହଡ଼ପ ମାମଲାରେ ଯାଇଥିବା ସାମ୍ବାଦିକମାନଙ୍କୁ ମଧ୍ୟ ସେଠାରେ ଭଡ଼ାଟିଆ ଗୁଣ୍ଡା ଲଗାଇ ମାଡ଼ ମରାଗଲା। ସେହି ସଂସ୍ଥାର ଲୋକଙ୍କୁ ବିଜେଡି ଟିକେଟ ଦେଇଛି। ଗଣତନ୍ତ୍ରର ଚତୁର୍ଥସ୍ତମ୍ଭକୁ କାହିଁକି ସୁରକ୍ଷା ଦିଆଯାଉନାହିଁ। ମହାରାଷ୍ଟ୍ରରେ ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ଆଇନ ରହିଛି। ରାଜ୍ୟରେ ମଧ୍ୟ ସାମ୍ବାଦିକଙ୍କ ପାଇଁ ଆଇନ ହେଉ। ବାଚସ୍ପତି ଏନେଇ ରୁଲିଂ ଦିଅନ୍ତୁ ବୋଲି ସେ କହିଥିଲେ। ଏହି ସମୟରେ ଭାଜପା ସଭ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରୁଲିଂ ଦିଆଯାଉ ବୋଲି ବାଚସ୍ପତିଙ୍କ ନିକଟରେ ଦାବି କରିଥିଲେ। ମାତ୍ର ବାଚସ୍ପତି ସଭ୍ୟମାନଙ୍କୁ ନିଜ ସିଟ୍‌କୁ ଚାଲିଯିବାକୁ କହିବା ସହିତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ସହଯୋଗ ପାଇଁ ଅନୁରୋଧ କରିଥିଲେ। ଏ ବିଷୟରେ ଚିନ୍ତା କରି କହିବି ବୋଲି ବାଚସ୍ପତି କହିଥିଲେ। ମାତ୍ର ଭାଜପା ସଭ୍ୟମାନେ ବାଚସ୍ପତିଙ୍କ କଥାକୁ ଏଡ଼ାଇ ଦେଇ ନାରାବାଜି କରିବା ସହ ଗୃହରେ ଧାରଣାରେ ବସିଥିଲେ।

## ପାଟକୁରା ନିର୍ବାଚନ ପାଇଁ ପ୍ରଚାର ଶେଷ

ଭୁବନେଶ୍ୱର, ୧୮ା୭ (ବ୍ୟୁରୋ)

ପାଟକୁରା ବିଧାନସଭା ଆସନ ପାଇଁ ଆସନ୍ତା ଶନିବାର ଭୋଟ ହେବ। ଏହାର ୪୮ ଘଣ୍ଟା ପୂର୍ବରୁ ଅର୍ଥାତ୍ ଗୁରୁବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ପାଟକୁରା ଆସନ ହାତେଇବାକୁ ବିଜେଡି ପୂରା ଦମ୍‌ରେ ଲାଗିପଡିଥିଲା ବେଳେ ଦଳର ମାଳମାଳ ବିଧାୟକ, ମନ୍ତ୍ରୀ ଏବଂ ନେତାମାନେ ପ୍ରଚାରରେ ସାମିଲ ହୋଇଥିଲେ। କିଛିଦିନ ହେବ ବିଧାନସଭାରେ ଉପସ୍ଥିତ ନ ରହି ଶାସକ ଦଳ ବିଧାୟକମାନେ ପାଟକୁରାରେ ଡେରାପକାଇ ରହିଛନ୍ତି। ଭାଜପାର ବହୁ ନେତା ବିଜୟ ମହାପାତ୍ରଙ୍କ ପାଇଁ ମଧ୍ୟ ପ୍ରଚାର କରୁଛନ୍ତି। କଂଗ୍ରେସ ପ୍ରଚାରରେ ବିଜେଡି ଓ ଭାଜପାଠାରୁ ପଛରେ ଥିବା ଶୁଣିବାକୁ ମିଳୁଛି। ଅନ୍ୟପଟେ ପ୍ରଚାରର ଶେଷଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଟକୁରା ଗସ୍ତ କାର୍ଯ୍ୟ ଶେଷକରି ଫେରି ଆସିଛନ୍ତି। ପାଟକୁରାରେ ଡେରା ପକାଇଥିବା ନେତାମାନେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ରାଜଧାନୀ ଫେରିବେ ବୋଲି ଜଣାପଡିଛି।

**ଆଜିର ସମ୍ପାଦକୀୟ**

**ଭୁଲ୍ ନିଷ୍ପତ୍ତି**

**ଆଜିର ମନ୍ତବ୍ୟ**

"ତ୍ରିପୁରାକୁ ଗଣତନ୍ତ୍ର ହତ୍ୟାର କ୍ଷେତ୍ରରେ ପରିଣତ କରିଦେଇଛି ଭାଜପା।"

– ମାଣିକ ସରକାର, ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ

ବନ୍ଦ ହେବ ଗରିବ ରଥ ୧୭


NECC NATIONAL EGG CO-ORDINATION COMMITTEE 18.07.2019 Venco Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 67 | 115 | 125 |
| CTC | 66 | 114 | 124 |
| DKL | 66 | 114 | 124 |
| BDK | 65 | 113 | 123 |
| BLS | 65 | 113 | 123 |
| ANG | 65 | 113 | 123 |
| BHM | 65 | 113 | 123 |

*Conditions Apply

Eggs Retail Price- 46/-Dozen

Issued in the Interest of Consumers


## '୮ ତାରିଖ ମଧ୍ୟରେ ତଥ୍ୟ ଦିଅ'

କଟକ ଅଫିସ,୧୮ା୭

### ସ୍ୟାଟ୍ ଉଚ୍ଛେଦ ମାମଲା



ସ୍ୟାଟ୍ ଉଚ୍ଛେଦ ମାମଲା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟତଃ ସ୍ୟାଟ୍‌ରେ ନିଯୁକ୍ତି ସଂକ୍ରାନ୍ତରେ ସରକାର କ'ଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ସେ ସମ୍ପର୍କିତ ତଥ୍ୟ ଅଗଷ୍ଟ ୮ ତାରିଖ ମଧ୍ୟରେ ହାଇକୋର୍ଟଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର ଏବଂ କଟକ ସ୍ୟାଟ୍ ବାର୍ ଆସୋସିଏଶନ୍ ପକ୍ଷରୁ ଗୁରୁବାର ଆଗତ ଏହି ମାମଲାର ଶୁଣାଣି ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏବଂ ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ହୋଇଥିଲା। ସ୍ୟାଟ୍ ଉଚ୍ଛେଦ ନେଇ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିବା ପରେ ଏହି ମାମଲା ରୁଜୁ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ବୁଦ୍ଧଦେବ ରାଉତରାୟ ଯୁକ୍ତି ଦର୍ଶାଇଥିଲେ ଯେ, ସ୍ୟାଟ୍ ଉଚ୍ଛେଦ ନେଇ ଉଭୟ କେନ୍ଦ୍ର କିମ୍ବା ରାଜ୍ୟ ସରକାର କୌଣସି ନିଷ୍ପତ୍ତି ଗ୍ରହଣ କରିପାରିବେ ନାହିଁ। କାରଣ ଏହା ତାଙ୍କ କ୍ଷମତା ପରିସର ବାହାରେ। ତେଣୁ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେବା ସମ୍ପୂର୍ଣ୍ଣ ବେଆଇନ। ଦ୍ୱିତୀୟତଃ ଏଭଳି ନିଷ୍ପତ୍ତି ନେବା ପରେ ସ୍ୟାଟ୍‌ରେ ବିଭିନ୍ନ ପଦବୀ ପୂରଣ ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ନିଯୁକ୍ତି ନ ହେବା ଦ୍ୱାରା ଅନେକ ପଦବୀ ଫାଙ୍କା ପଡ଼ିଛି। ସାମ୍ପ୍ରତିକ ଅବସ୍ଥାରେ ସ୍ୟାଟ୍‌ରେ ୭୦ହଜାର ମାମଲା ବିଚାର ନ ହୋଇ ପଡ଼ି ରହିଥିବା ଆଡଭୋକେଟ ରାଉତରାୟ ଦର୍ଶାଇଥିଲେ।

## ବାପାଙ୍କ ମୃତଦେହ କାନ୍ଧେଇ ଶ୍ମଶାନ ନେଲେ ତିନି ଝିଅ

ମାଲକାନଗିରି, ୧୮ା୭(ଡି.ଏନ୍.ଏ.)

### ସାନ ଝିଅ ଦେଲେ ମୁଖାଗ୍ନି

ଘରେ କାହାର ମୃତ୍ୟୁ ହେଲେ ପୁରୁଷମାନେ ମୃତଦେହକୁ କୋକେଇରେ କାନ୍ଧେଇ ଶ୍ମଶାନ ପର୍ଯ୍ୟନ୍ତ ନିଅନ୍ତି। ଘରର ପୁଅ ହିଁ ମୁଖାଗ୍ନି ଦିଅନ୍ତି। ଏହା ଆମ ସମାଜରେ ପୁରୁଷ ପୁରୁଷ ଧରି ପ୍ରଚଳିତ ପ୍ରଥା। ଯଦିଓ କେଉଁଠି କେଉଁଠି ଏବେ ଝିଅମାନେ ମୁଖାଗ୍ନି ଦେବାର ଦେଖାଯାଉଛି, କିନ୍ତୁ ସେମାନଙ୍କ ସଂଖ୍ୟା ତାହା କ୍ୱଚିତ୍। ଗୁରୁବାର ମାଲକାନଗିରିରେ ଦେଖିବାକୁ ମିଳିଥିବା ଚିତ୍ର ଏସବୁରୁ ଭିନ୍ନ। ବାପାଙ୍କ ମୃତ୍ୟୁ ପରେ ତିନି ଝିଅ ମୃତଦେହକୁ କାନ୍ଧେଇ ଶ୍ମଶାନ ପର୍ଯ୍ୟନ୍ତ ନେବା ପରେ ସାନ ଝିଅ ଅନ୍ତ୍ୟେଷ୍ଟି କର୍ମ ତୁଲାଇ ମୁଖାଗ୍ନି ଦେଇଛନ୍ତି।

ସୂଚନା ଅନୁଯାୟୀ, ମାଲକାନଗିରି ସଦର ୧୧୯ କଲୋନୀର ସୁକାନ୍ତ କୁମାର ପଟ୍ଟନାୟକ ଏକ ସାଇକେଲ ଦୋକାନ କରି ପରିବାର ଚଳାଇ ଆସୁଥିଲେ। ଗୁରୁବାର ସକାଳେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଥିଲା। ଖବର ପାଇ ସାହି ପଡିଶା ସୁକାନ୍ତଙ୍କ ଘରେ ଜମା ହୋଇଥିଲେ। ପୁଅ ନ ଥିବାରୁ କିଏ ମୁଖାଗ୍ନି ଦେବ ଏ ନେଇ ଚାଲିଲା ଚର୍ଚ୍ଚା। ଏହା ମଧ୍ୟରେ ତାଙ୍କର ତିନି ଝିଅ ସସ୍ମିତା, ସ୍ମିତା ଓ ସଙ୍ଗୀତା ବାପାଙ୍କ ମୃତଦେହକୁ କାନ୍ଧ ଦେବା ସହ ମୁଖାଗ୍ନି ଓ ଅନ୍ୟ ସମସ୍ତ କର୍ମ କରିବେ ବୋଲି କହି ଆଗେଇ ଆସିଥିଲେ। କୋକେଇରେ ବାପାଙ୍କ ମୃତଦେହ କାନ୍ଧେଇ ଚାଲିଥିଲେ ମାଲକାନଗିରି ରାସ୍ତାରେ। ଏହି ଦୃଶ୍ୟ ଥିଲା ଅତି ମର୍ମସ୍ପର୍ଶୀ। ଏହି ଘଟଣା ମାଲକାନଗିରିବାସୀଙ୍କ ମନରେ ଆଲୋଡନ ସୃଷ୍ଟି କରିଛି।



ବାପାଙ୍କ ମୃତଦେହକୁ ଝିଅମାନେ କାନ୍ଧେଇ ନେଉଛନ୍ତି।



"ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ କର୍ନାଟକ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ଅର୍ଥବଳ ଓ ବାହୁବଳ ପ୍ରୟୋଗ କରି ଗଣତନ୍ତ୍ରକୁ ସ୍ପଷ୍ଟ ଦିବାଲୋକରେ ଅପହରଣ କରିଛି ଭାଜପା।
-ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର

### କର୍ନାଟକ ବିଧାନସଭାରେ ଶକ୍ତିପରୀକ୍ଷା ଆଜି

# ଭଜୁଭାଇ ଭରସାରେ ଭାଜପା

ବେଙ୍ଗାଲୁରୁ,୧୮।୭ (ପି.ଟି./ଆଇଏଏନ୍ଏସ୍)



କର୍ନାଟକ ରାଜ୍ୟପାଳ ଭଜୁଭାଇ ଭାଲା(ଡାହାଣ)ଙ୍କୁ ରାଜଭବନରେ ଭେଟୁଛନ୍ତି ଭାଜପା ନେତା ଜଗଦୀଶ ଶେଟ୍ଟାର(ମଝି), ଅରବିନ୍ଦ ଲିମ୍ବାଭାଇ (ବାମରୁ ତୃତୀୟ) ଓ ଅନ୍ୟମାନେ।



କର୍ନାଟକ ବିଧାନସଭାରେ ଭାଜପା ରାଜ୍ୟ ସଭାପତି ବି.ଏସ୍. ୟେଦୁରପ୍ପା ଓ ଦଳୀୟ ବିଧାୟକମାନେ ରାତିରେ ବିଶ୍ରାମ ନେଉଛନ୍ତି।

କର୍ନାଟକରେ ଝୁଲା ସରକାର ଗଠନ ହେବା ପରଠୁ ରାଜନୈତିକ ସଙ୍କଟ ଲାଗି ରହିଛି। ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ତୃତୀୟ ସ୍ଥାନରେ ଥାଇ ମଧ୍ୟ କଂଗ୍ରେସ ସମର୍ଥନରେ ସରକାର ଗଢ଼ିଛି। କଂଗ୍ରେସରୁ ୫ ଥର ବିଧାୟକ ହୋଇଥିବା କେ.ଆର୍. ରମେଶ କୁମାରଙ୍କୁ ବିଧାନସଭା ବାଚସ୍ପତି କରାଯାଇଥିବାରୁ ସେ ସଙ୍କଟମୋଚକ ଭୂମିକାରେ ଅବତୀର୍ଣ୍ଣ ହୋଇ ସରକାର ବଞ୍ଚାଇବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି। ଏଭଳି ସମୟରେ ରାଜ୍ୟପାଳ ଭଜୁଭାଇ ଭାଲାଙ୍କ ଉପରେ ଭରସା କରି ଭାଜପା ସରକାର ଗଠନ ଲାଗି ଅଣ୍ଟା ଭିଡ଼ିଛି।

ବିଧାନସଭାରେ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଆସ୍ଥାଭୋଟ ପ୍ରସ୍ତାବ ଆଣିଥିବାବେଳେ ଶାସକ ଓ ବିରୋଧୀ ସଦସ୍ୟମାନେ ବାରମ୍ବାର ହଟ୍ଟଗୋଳ କରିଥିଲେ। ଏତିକିବେଳେ ବାଚସ୍ପତି ଜାଣିଶୁଣି ଆସ୍ଥାଭୋଟକୁ ବିଳମ୍ବିତ କରୁଥିବା ଆଶଙ୍କା କରି ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ରାଜଭବନରେ ଭେଟି ହସ୍ତକ୍ଷେପ ଲୋଡ଼ିଥିଲା। ଗୁରୁବାର ଆସ୍ଥାଭୋଟ ଶେଷ କରାଇବା ପାଇଁ ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଭାଜପା ନେତା ଜଗଦୀଶ ଶେଟ୍ଟାର ଓ ଅରବିନ୍ଦ ଲିମ୍ବାଭାଇଙ୍କ ସମେତ ପ୍ରତିନିଧି ଦଳର ଅନ୍ୟ ସଦସ୍ୟମାନେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଇ ଅନୁରୋଧ କରିଥିଲେ। ରାଜ୍ୟପାଳ ତତ୍ପରତା ଦେଖାଇ ସମ୍ବିଧାନର ଅନୁଚ୍ଛେଦ ୧୭୫ (୨)ଅନୁସାରେ ଗୁରୁବାର ହିଁ ଶକ୍ତିପରୀକ୍ଷା କରାଇବା ଲାଗି ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟପାଳଙ୍କ ବାର୍ତ୍ତାକୁ ବାଚସ୍ପତି ଗୃହରେ ପଢ଼ି ଉପସ୍ଥିତ ସଦସ୍ୟଙ୍କୁ ଶୁଣାଇଥିଲେ। କିନ୍ତୁ କିଛି ସୁଫଳ ମିଳିଲା ନାହିଁ। ଏହାସତ୍ତ୍ୱେ ବିଳମ୍ବିତ ରାତି ଯାଏ ବିଧାନସଭା ଚାଲୁରଖି ଆସ୍ଥାଭୋଟ କରାଇବା ପାଇଁ ଭାଜପା ନେତା ବି.ଏସ୍. ୟେଦୁରପ୍ପା ଦାବି କରିଥିଲେ। ହେଲେ ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କଲେ। ଏହାର ପ୍ରତିବାଦରେ ୟେଦୁରପ୍ପା ଓ ଅନ୍ୟ ଭାଜପା ବିଧାୟକମାନେ ବିଧାନସଭାକୁ ଶୟନକକ୍ଷରେ ପରିଣତ କରିଦେଇଥିଲେ। ଏହି ହାଇଡ୍ରାମାକୁ ନେଇ ରାଜ୍ୟପାଳ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଶାସକ ମେଣ୍ଟର ୧୫ ସଦସ୍ୟ ଇସ୍ତଫା ଦେବା ଓ ୨ ସ୍ୱାଧୀନ ବିଧାୟକ ସମର୍ଥନ ପ୍ରତ୍ୟାହାର କରିବା ପରେ ଗୃହରେ ସରକାର ଆସ୍ଥା ହରାଇଥିବା ସ୍ପଷ୍ଟ ହୋଇଛି। ତେଣୁ କୁମାରସ୍ୱାମୀ ଶୁକ୍ରବାର ଅପରାହ୍ଣ ୧ଟା ୩୦ ସୁଦ୍ଧା ଆସ୍ଥାଭୋଟର ସମ୍ମୁଖୀନ ହୋଇ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦିଅନ୍ତୁ ବୋଲି ରାଜ୍ୟପାଳ କୁମାରସ୍ୱାମୀଙ୍କ ନିକଟକୁ ପଠାଇଥିବା ଏକ ପତ୍ରରେ ଉଲ୍ଲେଖ କରିଛନ୍ତି। ଶୁକ୍ରବାର ପୂର୍ବାହ୍ଣ ୧୧ଟାରେ ବିଧାନସଭା ଅଧିବେଶ ଆରମ୍ଭ ହେବ।

## ୨୦ ବିଧାୟକ ଅନୁପସ୍ଥିତ

**ବେଙ୍ଗାଲୁରୁ,୧୮।୭(ପି.ଟି.):**୨୦୧୮ ମେ'ରେ ଅନୁଷ୍ଠିତ କର୍ନାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ୮୦, ଜେଡିଏସ୍ ୩୭ ଓ ଭାଜପା ୧୦୪ ଆସନ ପାଇଥିବାବେଳେ ବିଏସ୍‌ପିର ଜଣେ ଏବଂ ୨ ସ୍ୱାଧୀନ ପ୍ରାର୍ଥୀ ଜିତିଥିଲେ। ୨୨୪ ସଦସ୍ୟ ବିଶିଷ୍ଟ ବିଧାନସଭାର ୧୩ କଂଗ୍ରେସ ଏବଂ ୩ ଜେଡିଏସ୍ ବିଧାୟକ ଇସ୍ତଫା ଦେଇଥିବାବେଳେ ୨ ସ୍ୱାଧୀନ ସଦସ୍ୟ ସରକାରଙ୍କ ହାତ ଛାଡ଼ି ଭାଜପା ଆଡ଼କୁ ଢଳିଥିଲେ। ବାଚସ୍ପତି ସେମାନଙ୍କ ଇସ୍ତଫାପତ୍ର ଗ୍ରହଣ କରୁ ନ ଥିବା ଅଭିଯୋଗ ଆଣି ୧୫ ବିଧାୟକ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଇସ୍ତଫା ସମ୍ପର୍କରେ ବାଚସ୍ପତି ନିଷ୍ପତ୍ତି ନେବେ, କିନ୍ତୁ ବିଦ୍ରୋହୀ ବିଧାୟକମାନଙ୍କୁ ଆସ୍ଥାଭୋଟ ବେଳେ ଉପସ୍ଥିତ ରହିବାକୁ ବାଧ କରାଯାଇ ପାରିବ ନାହିଁ ବୋଲି ବୁଧବାର ସର୍ବୋଚ୍ଚ ଅଦାଲତ ରାୟ ଦେଇଥିଲେ। ଗୁରୁବାର ବିଧାନସଭାରେ ଶକ୍ତିପରୀକ୍ଷା କରାଯିବା ସମୟରେ ଗୃହରେ ୨୦ ବିଧାୟକ ଅନୁପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୧୭ ଜଣ ହେଉଛନ୍ତି ମୁମ୍ବାଇର ଏକ ହୋଟେଲରେ ରହିଥିବା ଶାସକ ମେଣ୍ଟର ସଦସ୍ୟ। ସେହିପରି ମୁମ୍ବାଇର ଏକ ହସ୍ପିଟାଲରେ ଚିକିତ୍ସାଧୀନ କଂଗ୍ରେସ ବିଧାୟକ ଶ୍ରୀମନ୍ତ ପାଟିଲଙ୍କୁ ମଧ ବିଧାନସଭାରେ ଦେଖିବାକୁ ମିଳି ନ ଥିଲା। ଏଭଳି ସ୍ଥିତିରେ କଂଗ୍ରେସ ସଦସ୍ୟମାନେ ଶ୍ରୀମନ୍ତଙ୍କ ଫଟୋ ଧରି ଗୃହର ମଧଭାଗକୁ ଚାଲିଯାଇ 'ଭାଜପା ଡାଉନ୍ ଡାଉନ୍' ବୋଲି ସ୍ଲୋଗାନ ଦେଇଥିଲେ। ସେହିପରି ସରକାରଙ୍କୁ ସମର୍ଥନ କରୁଥିବା ବିଏସ୍‌ପି ଏମ୍ଏଲ୍ଏ ଏନ୍. ମହେଶ ମଧ ଅନୁପସ୍ଥିତ ଥିଲେ। ଦଳର ସୁପ୍ରିମୋ ମାୟାବତୀଙ୍କଠାରୁ ନିର୍ଦ୍ଦେଶ ମିଳି ନ ଥିବାରୁ ସେ ଗୃହକୁ ଆସି ନ ଥିବା କୁହାଯାଉଛି।

### ଅଯୋଧ୍ୟା ଜମି ବିବାଦ: ମଧ୍ୟସ୍ଥ କମିଟିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ୧ ସୁଦ୍ଧା ରିପୋର୍ଟ ଦାଖଲକର

ନୂଆଦିଲ୍ଲୀ,୧୮।୭(ପି.ଟି.)



ରାମ ଜନ୍ମଭୂମି ଜମି ବିବାଦ ମାମଲାରେ ଜୁଲାଇ ୩୧ ପର୍ଯ୍ୟନ୍ତ ମଧ୍ୟସ୍ଥତା ପ୍ରକ୍ରିୟା ଜାରି ରଖିବା ଲାଗି ସୁପ୍ରିମକୋର୍ଟ ଗୁରୁବାର ଅନୁମତି ଦେଇଛନ୍ତି। ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ଏହି ମାମଲାରେ ଅଗଷ୍ଟ ୧ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତ ଉକ୍ତ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟକୁ ଅନୁଧ୍ୟାନ କଲା ପରେ ମାମଲାରେ ଶୁଣାଣି ଆବଶ୍ୟକ କି ନୁହେଁ, ତାହା ଉପରେ ୨ ତାରିଖରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ କହିଛନ୍ତି।

ଜୁଲାଇ ୧୮ ସୁଦ୍ଧା ମଧ୍ୟସ୍ଥ ପ୍ରକ୍ରିୟାର କେତେ ଅଗ୍ରଗତି ହୋଇଛି ତାହା ଉପରେ ଖଣ୍ଡପୀଠ ଏକ ରିପୋର୍ଟ ମାଗିଥିଲେ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏଫ୍.ଏମ୍.ଆଇ. କଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ ମଧ୍ୟସ୍ଥ କମିଟି ଷ୍ଟାଟସ୍ ରିପୋର୍ଟ ଦାଖଲ କରିଥିବାବେଳେ ଜୁଲାଇ ୩୧ ସୁଦ୍ଧା ସମ୍ପୂର୍ଣ୍ଣ ମଧ୍ୟସ୍ଥତା ପ୍ରକ୍ରିୟାର ରିପୋର୍ଟ ଅଗଷ୍ଟ ୧ରେ ଦାଖଲ କରିବାକୁ ଖଣ୍ଡପୀଠ କହିଥିଲେ।

ରାମ ଜନ୍ମଭୂମି ଜମିକୁ ନେଇ ଦୀର୍ଘବର୍ଷ ହେଲା ବିବାଦ ଲାଗି ରହିଛି। ୧୯୯୨ ଡିସେମ୍ବର ୬ରେ ହିନ୍ଦୁ କରସେବକମାନେ ଉକ୍ତ ସ୍ଥାନରେ ନିର୍ମିତ ବାବ୍ରୀ ମସ୍‌ଜିଦକୁ ଭାଙ୍ଗିଦେଇଥିଲେ। ଉକ୍ତ ୨.୭୭ ଏକର ଜମିକୁ ତିନିପକ୍ଷ ସୁନ୍ନି ୱାକଫ ବୋର୍ଡ, ନିର୍ମୋହୀ ଆଖଡ଼ା ଏବଂ ରାମଲାଲାଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିଦେବା ଲାଗି ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ୧୪ଟି ପିଟିଶନ୍ ଦାଏର ହୋଇଥିଲା। ଆପୋସ ବୁଝାମଣା ମାଧ୍ୟମରେ ମାମଲାର ତୁରନ୍ତ ସମାଧାନ ଲାଗି ସୁପ୍ରିମକୋର୍ଟ ମଧ୍ୟସ୍ଥ କମିଟି ଗଠନ କରିଥିଲେ। ଏଫ୍.ଏମ୍.ଆଇ. କଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଆର୍ଟ ଅଫ ଲିଭିଙ୍ଗ୍‌ର ପ୍ରତିଷ୍ଠାତା ଶ୍ରୀଶ୍ରୀ ରବିଶଙ୍କର ଏବଂ ଜଣାଶୁଣା ମଧ୍ୟସ୍ଥ ଶ୍ରୀରାମ ପଞ୍ଚୁ ସଦସ୍ୟ ରହିଛନ୍ତି।

## ଭାଜପାରେ ମିଶିଲେ ୧୩ ବଙ୍ଗୀୟ ଫିଲ୍ମଷ୍ଟାର

ନୂଆଦିଲ୍ଲୀ,୧୮।୭(ପି.ଟି.)

ବଙ୍ଗାଳୀ ଚଳଚ୍ଚିତ୍ର ଓ ଟେଲିଭିଜନର ୧୩ ଜଣ ଅଭିନେତା ଅଭିନେତ୍ରୀ ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବ ବେଳେ ପଶ୍ଚିମବଙ୍ଗ ଭାଜପା ସଭାପତି ଦିଲୀପ ଘୋଷ ଉପସ୍ଥିତ ଥିଲେ। ପର୍ଣ୍ଣୋ ମିତ୍ର, ରଷି କୌଶିକ୍, କାଞ୍ଚନ ମୈତ୍ର, ରୁପାଞ୍ଜନା ମିତ୍ର, ବିଶ୍ୱଜିତ ଗାଙ୍ଗୁଲି ସମେତ ସମସ୍ତ କଳାକାରଙ୍କୁ ଦଳକୁ ସ୍ୱାଗତ କରିବା ଅବସରରେ ଦିଲୀପ କହିଥିଲେ, ପଶ୍ଚିମବଙ୍ଗର ଜନସାଧାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ବିକାଶମୂଳକ କାର୍ଯ୍ୟରେ ବେଶ୍ ପ୍ରଭାବିତ ହୋଇଛନ୍ତି। ଲୋକ ସଭା ନିର୍ବାଚନ ପରେ ପଶ୍ଚିମବଙ୍ଗରୁ ଅନେକ ଟିଏମ୍‌ସି, ସିପିଏମ୍ ଏବଂ କଂଗ୍ରେସ ନେତା ଭାଜପାରେ ଯୋଗଦେଲେଣି।

### ସଂକ୍ଷେପରେ

## ଆବାସି ଗିରଫ



**ଲାହୋର,୧୮।୭(ପି.ଟି.):** ବହୁକୋଟି ଟଙ୍କା ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶାହିଦ ଖାକନ ଆବାସିଙ୍କୁ ଦୁର୍ନୀତି ନିବାରଣ ବିଭାଗ ଗୁରୁବାର ଗିରଫ କରିଛି। ଆବାସି ୨୦୧୭ ଅଗଷ୍ଟରୁ ୨୦୧୮ ମେ ପର୍ଯ୍ୟନ୍ତ ପାକିସ୍ତାନର ପ୍ରଧାନମନ୍ତ୍ରୀ ଥିଲେ। ଏହା ପୂର୍ବରୁ ସେ ନୱାଜ ଶରିଫଙ୍କ ମନ୍ତ୍ରିମଣ୍ଡଳରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଥିବାବେଳେ କୁଏଟରୁ ଏଲ୍ଏନ୍‌ଜି ଆମଦାନି ଠିକା ପ୍ରଦାନରେ ଏହି ଦୁର୍ନୀତି ହୋଇଥିଲା। ସେ ଲାହୋରକୁ ଏକ ଖବରଦାତା ସମ୍ମିଳନୀରେ ଯୋଗଦେବାକୁ ଆସୁଥିବାବେଳେ ନ୍ୟାଶନାଲ୍ ଆକାଉଣ୍ଟେବିଲିଟି ବ୍ୟୁରୋ (ଏନ୍ଏବି) ଟିମ୍ ପିଛା କରି ତାଙ୍କୁ ଠୋକର ନିଆଜ ବେଗ୍‌ଠାରେ ଗିରଫ କରିଥିଲା। ପୂର୍ବରୁ ଏନ୍ଏବି ଆବାସିଙ୍କୁ ଉକ୍ତ ଦୁର୍ନୀତି ମାମଲାରେ ତଦନ୍ତର ସମ୍ମୁଖୀନ ହେବା ଲାଗି ସମନ କରିଥିଲେ ମଧ ସେ ଏହାକୁ ଏଡାଇଯାଇଥିଲେ।

## ନେପାଳରେ ୫ ବୁଦ୍ଧମୂର୍ତ୍ତି ଭାଙ୍ଗିଦେଲେ



**କାଠମାଣ୍ଡୁ, ୧୮।୭ (ପି.ଟି.):** ନେପାଳର ରୁପନ୍‌ଦେହୀ ଜିଲାର ତିଲୋତ୍ତମା ମ୍ୟୁନିସିପାଲିଟି ଅଞ୍ଚଳ ଅନ୍ତର୍ଗତ ଲୁମ୍ବିନୀ ନିକଟରେ ଦୁର୍ବୃତ୍ତମାନେ ୫ଟି ବୁଦ୍ଧମୂର୍ତ୍ତିକୁ ଭାଙ୍ଗିଦେଇଛନ୍ତି। ବାଲି, ସିମେଣ୍ଟ ଓ ଚୂନପଥରରେ ନିର୍ମିତ ବୁଦ୍ଧଙ୍କ ବସିଥିବା ପ୍ରତିମୂର୍ତ୍ତି ଭାଙ୍ଗିଦିଆଯିବାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପ୍ରତ୍ୟେକ ମୂର୍ତ୍ତି ୧୨୦ କେଜିରୁ ଊର୍ଦ୍ଧ୍ୱ ଓଜନର ଥିଲା। ଏହାକୁ ନେଇ ନେପାଳୀ କଂଗ୍ରେସର ନେତା ବାଲକ୍ରିଷ୍ଣ ଖଣ୍ଡ୍ ସ୍ୱର ଉଠାଇବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମ୍ୟୁନିସିପାଲିଟି ମେୟର ବାସୁଦେବ ଘିମିରେ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

## ଅଧାରୁ ଅଧିକ ଭୋଟ ପାଇଛନ୍ତି ୬୩% ଏମ୍‌ପି

ନୂଆଦିଲ୍ଲୀ, ୧୮।୭ (ଆଇଏଏନ୍ଏସ୍)

ଗତ ଲୋକ ସଭା ନିର୍ବାଚନରେ ୬୩% ବିଜେତା (୫୪୨ରୁ ୩୪୧ ବିଜୟୀ ପ୍ରାର୍ଥୀ) ସମୁଦାୟ ଭୋଟର ୫୦%ରୁ ଅଧିକ ହାସଲ କରିବାରେ ସମର୍ଥ ହୋଇଥିବା ଏଡିଆର୍(ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ୍) ରିପୋର୍ଟରୁ ଜଣାପଡ଼ିଛି। ଏହି ନିର୍ବାଚନ ନରେନ୍ଦ୍ର ମୋଦିଙ୍କୁ ଲଗାତର ଦ୍ୱିତୀୟ ଥର ଲାଗି ପ୍ରଧାନମନ୍ତ୍ରୀଭାବେ ନିର୍ବାଚିତ କରିଥିବାବେଳେ ଭାଜପାକୁ ୩୦୩ ଆସନ ମିଳିଥିଲା। ୩୭% ବିଜୟୀ ପ୍ରାର୍ଥୀ(୨୦୧) ସେମାନଙ୍କ ନିର୍ବାଚନ ମଣ୍ଡଳୀରେ ପଡ଼ିଥିବା ମୋଟ ଭୋଟ୍‌ର ୫୦%ରୁ କମ୍ ଭୋଟ ପାଇଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ବିଜୟୀ ପ୍ରାର୍ଥୀମାନେ ମୋଟ ଭୋଟ୍‌ର ହାରାହାରି ୫୨.୭% ଭୋଟ ପାଇ ଜୟଯୁକ୍ତ ହୋଇଛନ୍ତି।

ଭାଜପାର ମୋଟ ୩୦୩ ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରୁ ୭୯(୨୬%) ପ୍ରାର୍ଥୀ ନିର୍ବାଚନ ମଣ୍ଡଳୀର ମୋଟ ଭୋଟର ୫୦%ରୁ କମ ପାଇ ବିଜୟୀ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ସେହିଭଳି କଂଗ୍ରେସରୁ ବିଜୟୀ ୫୨ ପ୍ରାର୍ଥୀଙ୍କ ମଧ୍ୟରୁ ୩୪.୬୫% ମୋଟ ଭୋଟର ୫୦%ରୁ କମ ପାଇ ଜିତିଛନ୍ତି। ଡିଏମ୍‌କେର ୨୩ ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରୁ ୪ଜଣ ଅଧାରୁ କମ ଭୋଟ ପାଇ ବିଜୟୀ ହୋଇଛନ୍ତି। ଟିଏମ୍‌ସିର ବିଜୟୀ ୨୨ ପ୍ରାର୍ଥୀଙ୍କ ମଧ୍ୟରୁ ୧୬ଜଣ ଓ ୱାଇଏସ୍‌ଆର୍‌ସିପିର ୨୨ରୁ ୯ ବିଜୟୀ ପ୍ରାର୍ଥୀ ନିର୍ବାଚନ ମଣ୍ଡଳୀରେ ହୋଇଥିବା ମୋଟ ଭୋଟ୍‌ର ୫୦%ରୁ କମ ପାଇ ବିଜୟଲାଭ କରିଛନ୍ତି।

ଅପରାଧ ପୃଷ୍ଠଭୂମି ଥିବା ୨୩୩ ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରୁ ୧୩୨ଜଣ ୫୦%ରୁ ଊର୍ଦ୍ଧ୍ୱ ଭୋଟ ପାଇ ବିଜୟୀ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୧୫ଜଣ ସ୍ୱଚ୍ଛ ଭାବମୂର୍ତ୍ତି ଥିବା ପ୍ରାର୍ଥୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟ ଲାଭ କରିଛନ୍ତି।

ଏଡିଆର୍ ରିପୋର୍ଟ

୧୧୫ରୁ ୬ ବିଜୟୀ ପ୍ରାର୍ଥୀ ୪୦%ରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ପ୍ରତିପକ୍ଷଙ୍କଠାରୁ ଜିତିଛନ୍ତି। ସ୍ୱଚ୍ଛ ଭାବମୂର୍ତ୍ତି ଥିବା ୧୧୫ ପ୍ରାର୍ଥୀ ଅପରାଧ ସହ ଜଡ଼ିତ ଥିବା ପ୍ରାର୍ଥୀଙ୍କ ସହ କଡ଼ା ମୁକାବିଲା କରି ବିଜୟୀ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୭ଜଣ ୪୦%ରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ବିଜୟୀ ୪୭୫ କୋଟିପତି ପ୍ରାର୍ଥୀଙ୍କ ମଧ୍ୟରୁ ୩୧୩ଜଣ ୫୦%ରୁ ଅଧିକ ଭୋଟ ପାଇଛନ୍ତି। ୪୭୫ରୁ ୫୪ ପ୍ରାର୍ଥୀ ଅଣକୋଟିପତି ପ୍ରାର୍ଥୀଙ୍କ ବିରୋଧରେ ବିଜୟୀ ହୋଇଥିବାବେଳେ ୪୮ଜଣ ଅଣକୋଟିପତି ପ୍ରାର୍ଥୀ କୋଟିପତି ପ୍ରାର୍ଥୀଙ୍କ ବିରୋଧରେ ନିର୍ବାଚନ ଲଢ଼ି ବିଜୟୀ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୧ଜଣ ୫୦%ରୁ ଅଧିକ ଭୋଟ ପାଇଛନ୍ତି। ମୋଟ ୧୬୦ ପ୍ରାର୍ଥୀ (୭୧%)ପୁନଃ ବିଜୟୀ ହୋଇଥିବାବେଳେ ୫୦%ରୁ ଅଧିକ ଭୋଟ ସେମାନଙ୍କୁ ମିଳିଛି। ୨୮% ପୁନଃ ନିର୍ବାଚିତ ପ୍ରାର୍ଥୀ ୫%ରୁ କମ୍ ଭୋଟ ବ୍ୟବଧାନରେ ଜିତିଛନ୍ତି। ୧୫% ପ୍ରାର୍ଥୀ ୪୦%ରୁ ଊର୍ଦ୍ଧ୍ୱ ଭୋଟ୍‌ରେ ବିଜୟୀ ହୋଇଥିବା ଜଣାପଡ଼ିଛି।

ଚଳିତ ଥର ମୋଟ ୭୮ ମହିଳା ନିର୍ବାଚନରେ ବିଜୟୀ ହୋଇଥିବାବେଳେ ଗୁଜରାଟର ସୁରଟରେ ଦର୍ଶନ ବିକ୍ରମ ଜାର୍‌ଦୋଷ ସର୍ବାଧିକ ଭୋଟରେ ବିଜୟୀ ହୋଇଛନ୍ତି। ନିର୍ବାଚନ ମଣ୍ଡଳୀରେ ହୋଇଥିବା ମତଦାନରୁ ତାଙ୍କ ସପକ୍ଷରେ ୭୪.୪୭% ଭୋଟ ପଡ଼ିଥିଲା। ୨୦୧୯ ସାଧାରଣ ନିର୍ବାଚନରେ ମୋଟ ୬୧,୩୧,୩୩,୩୦୦ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିବା ବେଳେ 'ନୋଟା'ରେ ୬୫,୧୪,୫୫୮ ଭୋଟ (୧.୦୬%) ପଡ଼ିଥିଲା, ଯାହାକି ୨୦୧୪ ନିର୍ବାଚନଠାରୁ କମ୍ ଥିଲା।



ପଶ୍ଚିମବଙ୍ଗର ନଦୀୟାରେ ବରଗଛରେ ଚଢ଼ି ଫଳ ଖାଉଛି ଗୁଣ୍ଡୁଚିମୂଷା।

## ଦାଉଦ ଇବ୍ରାହିମଙ୍କ ପୁତୁରା ଗିରଫ

ମୁମ୍ବାଇ, ୧୮।୭ : ଜୋର ଜବରଦସ୍ତ ଟଙ୍କା ଅସୁଲ କରିବା ମାମଲାରେ ଅଣ୍ଡର ୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମଙ୍କ ପୁତୁରା ରିଜ୍‌ୱାନ କସ୍କରଙ୍କୁ ମୁମ୍ବାଇ ପୋଲିସ ଗିରଫ କରିଛି। ଦାଉଦଙ୍କ ଭାଇ ତଥା ଇକ୍‌ବଲ କସ୍କରଙ୍କ ପୁଅ ରିଜ୍‌ୱାନ ଦେଶଛାଡ଼ି ଚାଲିଯିବାକୁ ଉଦ୍ୟମ କରୁଥିବାବେଳେ ଅନ୍ତର୍ଜାତୀୟ ବିମାନବନ୍ଦରରୁ ତାଙ୍କୁ ଏବଂ ତାଙ୍କ ୨ ସହଯୋଗୀଙ୍କୁ ବୁଧବାର ରାତିରେ ଗିରଫ କରାଯାଇଥିଲା। ଦୁଇଦିନ ପୂର୍ବରୁ ଦାଉଦ ଗ୍ୟାଙ୍ଗ୍‌ର ସଦସ୍ୟ ଫହିମ୍ ମଚ୍‌ମଚ୍‌ଙ୍କ ସହଯୋଗୀ ଅହମଦ ରାଜା ୱାଧାରିଆଙ୍କୁ ଗିରଫ କରାଯାଇଥିଲା। ଜେରାବେଳେ ରିଜ୍‌ୱାନଙ୍କ ନାମ ପଦାକୁ ଆସିଥିଲା। ପରେ ତାଙ୍କ ସମ୍ପର୍କରେ ସୂଚନା ସଂଗ୍ରହ କରାଯାଇ ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦର ଠାରେ ଗିରଫ କରାଯାଇଥିଲା।

### ହନୁମାନ ଚାଳିଶା କାର୍ଯ୍ୟକ୍ରମରେ ଯୋଗଦେବାରୁ

## ଇଶ୍‌ରତ ଜହାନ୍‌ଙ୍କୁ ଧମକ

ହାଓଡ଼ା, ୧୮।୭



ହିନ୍ଦୁଧର୍ମର ଏକ କାର୍ଯ୍ୟକ୍ରମରେ ଯୋଗଦେବାରୁ ଭାଜପା ନେତ୍ରୀ ଇଶ୍‌ରତ ଜହାନ୍‌ଙ୍କୁ ଧମକ ଦିଆଯିବା ସହ ତୁରନ୍ତ ଭଡ଼ାଘର ଖାଲି କରିବାକୁ ସ୍ଥାନୀୟ ଲୋକମାନେ ନିର୍ଦ୍ଦେଶ ଦେଇଥିବା ପୋଲିସ କହିଛି। ପୋଲିସରେ ଜହାନ୍ କରିଥିବା ଅଭିଯୋଗରେ ଦର୍ଶାଯାଇଛି ଯେ, ହାଓଡ଼ାର ଏସି ମାର୍କେଟ ଅଞ୍ଚଳରେ ଭାଜପାର ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମରେ ସେ ବୁର୍ଖା ପିନ୍ଧି ଯୋଗ ଦେଇଥିଲେ। ଧାର୍ମିକ କାର୍ଯ୍ୟ ଶେଷହେବା ପରେ ସେ ଘରକୁ ଆସିଥିଲେ। ପରେ ନିଜ ସମ୍ପ୍ରଦାୟର ଲୋକମାନେ ଘରକୁ ଆସି ତାଙ୍କୁ ଗାଳିଗୁଲଜ କରି ସେଠାକୁ କାହିଁକି ଯାଇଥିଲ ବୋଲି ପ୍ରଶ୍ନ କରିଥିଲେ। ଘର ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ମୋତେ ଜୋର୍‌ଜବରଦସ୍ତ ଘରୁ ତଡ଼ିଦେବା ଓ ହତ୍ୟା କରାଯିବା ଭଳି ଧମକ ଦିଆଯାଉଥିବା ଜହାନ୍ ଅଭିଯୋଗ କରିଛନ୍ତି। ପୁଅ ସହ ଏକୁଟିଆ ରହୁଥିବାରୁ ସେ ପୋଲିସର ସୁରକ୍ଷା ଲୋଡ଼ିଛନ୍ତି। ଏନେଇ ତଦନ୍ତ ଜାରି ରହିଥିବା ହାଓଡ଼ା ଏସିପି ପ୍ରତୀକ୍ଷା ଝରକାରିଆ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ଦୁବାଇରେ ଥିବା ସ୍ୱାମୀଙ୍କଠାରୁ ୨୦୧୪ରେ ତଲାକ୍ ପାଇ ଏବେ ଅଲଗା ରହୁଥିବା ଜହାନ୍ ତିନି ତଲାକ୍ ମାମଲାର ଆବେଦନକାରୀ ଅଟନ୍ତି।

## ଷ୍ଟୁଡିଓରେ ନିଆଁ ଲଗାଇଦେଲେ: ୩୩ ଦଗ୍ଧ

ଟୋକିଓ,୧୮।୭(ଏଏଫ୍‌ପି)

ଜାପାନର କ୍ୟୋଟୋ ଆନିମେଶନ୍ କମ୍ପାନୀ ଉପରେ ଗୁରୁବାର ଆକ୍ରମଣ ହୋଇଛି। ଏଥିରେ ୩୩ ଜଣଙ୍କ ମୃତ୍ୟୁ ହେବା ସହ ୩୬ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। କ୍ୟୋଟୋ ସହରରେ ଥିବା ଏହି ବିଲ୍ଡିଂରେ ନିଆଁ ଲାଗିବାବେଳେ ପାଖାପାଖି ୭୦ ଜଣ ଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମ କହିଛି। କେହି ଜଣେ ବିଲ୍ଡିଂ ଚାରିପଟେ ଗ୍ୟାସୋଲିନ୍ ଭଳି ତରଳ ପଦାର୍ଥ ଢାଳି ନିଆଁ ଲଗାଇ ଦେଇଥିବା କୁହାଯାଉଛି। ବିଲ୍ଡିଂ ସମ୍ପୂର୍ଣ୍ଣ ଜଳିଯାଇଛି। ନିଆଁ ଲଗାଇବା ପଛର ସମ୍ଭାବ୍ୟ କାରଣ ଜଣାପଡିନାହିଁ। ଜାପାନରେ ଗତ କିଛି ଦଶନ୍ଧି ମଧ୍ୟରେ ଏହା ସବୁଠୁ ବଡ଼ ହିଂସାତ୍ମକ ଅପରାଧ ବୋଲି କୁହାଯାଉଛି।



ତିନି ମହଲା ବିଲ୍ଡିଂର ଝରକାଗୁଡ଼ିକରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଛି। ପ୍ରଥମ ମହଲାରେ ଶକ୍ତିଶାଳୀ ବିସ୍ଫୋରଣର ଶବ୍ଦ ପରେ ବିଲ୍ଡିଂରେ ନିଆଁ ବ୍ୟାପିଯାଇଥିଲା। ତଳ ମହଲାରୁ ୨ ଜଣ, ଦ୍ୱିତୀୟ ମହଲାରେ ୧୧ ଏବଂ ତୃତୀୟ ମହଲା ଏବଂ ସିଡି ପାହାଚରୁ ୨୦ ଜଣଙ୍କ ମୃତଦେହ ମିଳିଥିଲା ବୋଲି ଜଣେ ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି। ନିଆଁର କାରଣ ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି। ଏହା ଏକ ଅଗ୍ନିଜନିତ

**ଜାପାନର କ୍ୟୋଟୋ ଆନିମେଶନ୍ କମ୍ପାନୀକୁ ଟାର୍ଗେଟ**

ଆକ୍ରମଣ। ନିଆଁରେ ଆହତ ଜଣେ ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖି ଚିକିତ୍ସା ପାଇଁ ହସ୍ପିଟାଲ ନେଇଛି। ବିଲ୍ଡିଂ ବାହାରେ ଉକ୍ତ ବ୍ୟକ୍ତିଙ୍କୁ ଠାବ କରାଯାଇଥିଲା। ଗୁରୁତର ଆହତ ଏହି ବ୍ୟକ୍ତିଜଣକ ନିଆଁ ଲଗାଇଥିବା ସନ୍ଦେହ କରାଯାଉଛି। ଆକ୍ରମଣକାରୀ ସାଙ୍ଗରେ ଛୁରି ନେଇ ଆସିଥିଲା ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଘଟଣା ପାଇଁ ଜାପାନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ଦୁଃଖପ୍ରକାଶ କରିଛନ୍ତି। ଏଭଳି ମର୍ମନ୍ତୁଦ ଘଟଣାର ବର୍ବରତା ବର୍ଣ୍ଣନା କରିବା ପାଇଁ ତାଙ୍କ ପାଖରେ ଭାଷା ନାହିଁ ବୋଲି ସେ ଟୁଇଟ୍ କରିଛନ୍ତି। ପୂର୍ବରୁ ହତ୍ୟା ଧମକ ଥାଇ ଇ-ମେଲ୍ ଆସିଥିଲା ବୋଲି କ୍ୟୋଟୋ ଆନିମେଶନ୍‌ର ଅଧ୍ୟକ୍ଷ ହିଦେଆକି ହାଟ୍ଟା କହିଛନ୍ତି। କମ୍ପାନୀର ମୁଖ୍ୟ ବିଲ୍ଡିଂ ଜଳିଯାଇଛି, ଯେଉଁଥିରେ ଅନେକ ଟେଲିଭିଜନ ଆନିମେଶନ୍ ଚିତ୍ର ପ୍ରସ୍ତୁତ ହୋଇଥିଲା। ଏହି ଆକ୍ରମଣ ଆନିମେଶନ ଚଳଚ୍ଚିତ୍ର ଜଗତ ଓ ଏଥିସହ ସମ୍ପୃକ୍ତ ଲୋକମାନଙ୍କ ପାଇଁ ବଡ଼ ଝଟକା। ଜାପାନର ଆନିମେଶନ୍ ଶିଳ୍ପ ସାରା ବିଶ୍ୱରେ ଜଣାଶୁଣା।

ପଞ୍ଜାବ ଓ ହରିଆଣା ହାଇକୋର୍ଟ ଗୁରୁବାର ଜମ୍ମୁ-କଶ୍ମୀର ସରକାର ଓ ୨୦୧୮ କଠୁଆ ଗଣବଳାତ୍କାର ମାମଲାର ସମସ୍ତ ୬ ଅଭିଯୁକ୍ତଙ୍କୁ ନୋଟିସ ଜାରି କରିଛନ୍ତି। ମୃତ ପୀଡ଼ିତାଙ୍କ ବାପା ଦୋଷୀଙ୍କୁ ଅଧିକ ଦଣ୍ଡ ଦେବା ଲାଗି ଆବେଦନ କରିବା ପରେ ଏହି ନୋଟିସ ଜାରି କରାଯାଇଛି। ଜଷ୍ଟିସ ରାଜୀବ ଶର୍ମା ଓ ଏଚ୍.ଏସ୍. ସିଧୁଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି ଅଗଷ୍ଟ ୭ରେ କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି।



## କମ୍ ବର୍ଷା ଯୋଗୁ ମରୁଡ଼ି ଆଶଙ୍କା




# ଆର୍ଥିକ ଅନଟନ: ନାତିକୁ ବିକିଲେ ଆଈ

**ସୋନପୁର,୧୮।୭(ନି.ପ୍ର.):** ଆର୍ଥିକ ଅନଟନ ଯୋଗୁ ଆଈ ନିଜର ୧ ବର୍ଷର ନାତିକୁ ଝିଅଠାରୁ ଅଲଗା କରି ଅନ୍ୟତ୍ର ବିକ୍ରି କରିବାକୁ ପଛାଇ ନାହାନ୍ତି। ସୁବର୍ଣ୍ଣପୁର ଜିଲା ବିନିକା ଥାନା ବିଶାଲପାଲିରେ ଏଭଳି ଘଟଣା ଘଟିଛି। ଶିଶୁପୁତ୍ର ବିକ୍ରି ହୋଇଥିବା ନେଇ ଶିଶୁର ମା' ସସ୍ମିତା କୁମ୍ଭାର(୨୨) ବିନିକା ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ସେ ଅସୁସ୍ଥ ଥିବା ସମୟରେ ତାଙ୍କ ମା, ତଥା ଶିଶୁର ଆଈ ଜୟନ୍ତୀ ଜଗଦଲା(୪୭) ଶିଶୁକୁ ବିକ୍ରି କରିଛନ୍ତି। ଗତ ୨ମାସ ପୂର୍ବରୁ ଶିଶୁ ବିକ୍ରି ହୋଇଛି। ଏଥିରେ ଜୟନ୍ତୀଙ୍କୁ ସ୍ଥାନୀୟ ବଲାରଙ୍ଗା ଅଞ୍ଚଳର ଦଶରଥ ସୁନା ସହଯୋଗ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ବିନିକା ପୋଲିସ ତଦନ୍ତ ଆରମ୍ଭ କରିଛି। ଜୟନ୍ତୀଙ୍କୁ ପଚରାଉଚୁରା ସମୟରେ ଝିଅ ସସ୍ମିତାଙ୍କ ଜାଣତରେ ରାୟଗଡା ଜିଲାରେ ଶିଶୁକୁ ବିକ୍ରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ତେବେ ପୋଲିସ ଜୟନ୍ତୀଙ୍କୁ ଥାନାରୁ ଛାଡି ଦେଇଛି। ସସ୍ମିତା ନୂଆପଡା ଜିଲା ବାଙ୍ଗିବାହାଲରେ ବିବାହ କରିଥିଲେ। ସ୍ୱାମୀଙ୍କର ମୃତ୍ୟୁ ହେବାରୁ ମା'ଙ୍କ ସହିତ ବିଶାଲପାଲିରେ ରହି ସେ ରାଇସ୍ ମିଲ୍‌ରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ମଜୁରି ଟଙ୍କାରେ ଝିଅ ଆରୁଷୀ(୫) ଓ ପୁଅ ଅମନ(୧)ଙ୍କୁ ପ୍ରତିପୋଷଣ କରୁଥିଲେ। ତେବେ ଦେହ ଖରାପ ହେବାରୁ ସେ ଆଉ କାମ କରିବାକୁ ଯାଇ ପାରୁ ନ ଥିଲେ। ଏହି ସୁଯୋଗରେ ସେ ଘରେ ଶୋଇଥିବା ସମୟରେ ଜୟନ୍ତୀ ନାତିକୁ ବିକ୍ରି କରିଥିବା ଅଭିଯୋଗ ହୋଇଛି। ତେବେ ସ୍ଥାନୀୟ ପୋଲିସ ଏହି ଘଟଣାକୁ ହାଲୁକା ଭାବେ ନେବା ସହିତ ତଦନ୍ତ ଚାଲିଥିବା ଆଳରେ ଗଣମାଧ୍ୟମକୁ କୌଣସି ସୂଚନା ଦେଉନାହିଁ।







## ଶୀତଳଭଣ୍ଡାର ପ୍ରସଙ୍ଗକୁ ନେଇ ମହାରଥୀଙ୍କ କ୍ଷୋଭ

# ଭାରି ବାଧୁଛି, କାଲିଠାରୁ ଖାଇନି

**ଭୁବନେଶ୍ୱର,୧୮।୭(ବ୍ୟୁରୋ)**

କାଲିଠୁ ମୁଁ ଖାଇନି। ଆପଣ ମନ୍ତ୍ରୀ ହୋଇଥିଲେ କ'ଣ ଏ କଥା ସହିପାରିଥାନ୍ତେ। ମୋର ସବୁ ସମ୍ମାନ ଆପଣଙ୍କ ପାଖରେ। ବୁଧବାର ମୋହନ ମାଝିଙ୍କ ପ୍ରଶ୍ନର ଉତ୍ତର ଦେଲା ବେଳେ ଅର୍ଥମନ୍ତ୍ରୀ ମୋ ସମ୍ପର୍କରେ ଯେଉଁ ମନ୍ତବ୍ୟ ଦେଲେ, ତାହା ମୋତେ ବହୁତ ବାଧୁଛି। ଏ ନେଇ ଗଣମାଧ୍ୟମରେ ପ୍ରକାଶ ପାଇଛି। ଆପଣ ଏ ସବୁକୁ ଗୃହର ବିବରଣୀରୁ ବାଦ୍ ଦିଅନ୍ତୁ। ନଚେତ ବିଧାନସଭା ଶେଷ ହେବାଯାଏ ମୁଁ ଆଉ ଗୃହକୁ ଆସିବି ନାହିଁ। ପୂର୍ବତନ କୃଷିମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀ ଗୁରୁବାର ବିଧାନସଭାରେ ଏଭଳି ଶାଣିତ ଢଙ୍ଗରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଶୂନ୍ୟକାଳରେ ମହାରଥୀ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ମୁଁ କୃଷିମନ୍ତ୍ରୀ ଥିଲାବେଳେ ରାଜ୍ୟରେ ମାତ୍ର ୨୪ଟି ଶୀତଳଭଣ୍ଡାର ଚାଲୁଥିଲା। ମୋ ସମୟରେ ଏହା ୪୮କୁ ବୃଦ୍ଧି ପାଇଲା। ମୁଁ କୃଷିମନ୍ତ୍ରୀ ଥିବାବେଳେ ରାଜ୍ୟକୁ ୪ଥର କୃଷିକର୍ମଣ ପୁରସ୍କାର ମିଳିଛି। ବୁଧବାର ଅର୍ଥମନ୍ତ୍ରୀ କହିଲେ, ମୋ' ସମୟରେ ଶୀତଳଭଣ୍ଡାର ଓ ଆଳୁ ମିଶନ ବନ୍ଦ ହୋଇଛି। ଏହାକୁ ତୀବ୍ର ବିରୋଧ କରୁଛି। ସାତଥର ବିଧାୟକ ହେଲିଣି, ଏମିତି ମୋତେ

> **ବିବରଣୀରୁ ବାଦ୍ ନ ଦେଲେ ଆଉ ବିଧାନସଭା ଆସିବିନି**

କେବେ ବାଧି ନ ଥିଲା। ରାତିରେ ମୋତେ ନିଦ ହୋଇନାହିଁ। ମୁଁ ଆପଣଙ୍କୁ ହାତ ଯୋଡୁଛି ମନ୍ତ୍ରୀ ମୋ ବିଷୟରେ କହିଥିବା ବକ୍ତବ୍ୟକୁ ଗୃହର ବିବରଣୀରୁ ବାଦ୍ ଦିଅନ୍ତୁ। ବାଚସ୍ପତି ମହାରଥୀଙ୍କ ଉଦ୍‌ବେଗକୁ ଦେଖି କହିଥିଲେ ଯେ, ବିବରଣୀରେ ଯଦି କୌଣସି ଆପତ୍ତି ଥାଏ, ତେବେ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ। ବାଚସ୍ପତିଙ୍କ ଏଭଳି ଆଶ୍ୱାସନା ବାଣୀ ଭାଜପା ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ହଜମ ହେଲାନାହିଁ। ସେ ଠିଆହୋଇ ବିରୋଧ କରିବା ସହ କହିଥିଲେ ଯେ, ଯେତେବେଳେ ଯାହା ଚାହିଁବେ ବିବରଣୀରୁ ବାଦ୍ ଦେଇଦେବେ। ଗୃହ ଏଭଳି ଚାଲେନାହିଁ। ବିଜେଡି ସରକାର ସମୟରେ ସମସ୍ତ ଶୀତଳଭଣ୍ଡାର ବନ୍ଦ ହୋଇଛି ବୋଲି କହି ତୀବ୍ର ବିରୋଧ କରିଥିଲେ। ଗୃହ ବାହାରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ନିଆଁରେ ଘିଅ ଢାଳିଥିଲେ। ବିଧାନସଭା ବାହାରେ ଗଣମାଧ୍ୟମକୁ ସେ କହିଥିଲେ ଯେ, ମହାରଥୀ ରାଗିନାହାନ୍ତି। ତାଙ୍କ କହିବା ଷ୍ଟାଇଲ ସେମିତି। ଯାତ୍ରାପାର୍ଟି ରୋଲ ଭଳି ଡାଏଲଗ୍ ମାରନ୍ତି। ସେ ଜଣେ ମଧୁମେହ ରୋଗୀ। କାଲିଠାରୁ ଖାଇନାହାନ୍ତି, କ'ଣ ଉପବାସରେ ବିଧାନସଭା ଆସିଛନ୍ତି କି ବୋଲି ପ୍ରମିଳା କଟାକ୍ଷ କରିଥିଲେ।




For Institutional and Bulk Sales please write to Kolkata@heromotocorp.com

**ଅଥରାଇଜ୍ଡ ଡିଲର : ଭୁବନେଶ୍ୱର:** ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. **ବାଲେଶ୍ୱର:** ନୀଲମ ହୀରୋ - 7799766393. **ବାରିପଦା :** ଆଦିତ୍ୟ ହୀରୋ - 7799766370. **ଭଦ୍ରକ :** ସଞ୍ଜୀବ ହୀରୋ - 7799766380. **ଚଣ୍ଡୀଖୋଲ:** ଏସ୍.କେ. ହୀରୋ - 7799766362. **କଟକ:** ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. **ଜଗତସିଂହପୁର:** ତ୍ରିଶୂଳ ହୀରୋ - 7799766383. **ଯାଜପୁର ରୋଡ:** ସୌମିକ ହୀରୋ - 7799766410. **ଜଳେଶ୍ୱର:** ସାଇ ହୀରୋ - 7799766407. **ଜଟଣୀ:** ବିଶାଳ ହୀରୋ - 7799766398. **କେନ୍ଦୁଝର:** ସୁପ୍ରିମ ହୀରୋ - 7799766360. **ନୟାଗଡ଼:** ଭଗବତୀ ହୀରୋ - 7799766417. **ପୁରୀ:** ସଞ୍ଜୀବ ହୀରୋ - 06752-255881, 8448389695. **ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ :** ବାବା ମୋଟର୍ସ - 253841, 9438757377. **ବାଲୁଗାଁ:** ମହାମୟୀ ମୋଟର୍ସ - (06756) 250280. **ଯାଜପୁର:** ଆୟୁଷ ଅଟୋମୋବାଇଲ୍ସ - 223864. **କେନ୍ଦ୍ରାପଡ଼ା:** ବୈଷ୍ଣବୀ ମୋଟର୍ସ - 221083. **ଖୋର୍ଦ୍ଧା:** ଦିନେଶ ଟ୍ରେଡିଂ କମ୍ପାନୀ - 221511. **ନିମାପଡ଼ା:** ବାସୁଦେବ ଅଟୋମୋବାଇଲ୍ସ - 252725. **ପାରାଦୀପ:** ପ୍ରଦୀପ ମୋଟର୍ସ - 9238120001. **ପଟ୍ଟାମୁଣ୍ଡାଇ:** ମିଶ୍ର ଅଟୋ - 220430. **ପିପିଲି:** ଶ୍ରୀରାମ ମୋଟର୍ସ - 240687. **ପୁରୀ:** ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. **ରାହାମା:** ଶରଳା ଅଟୋମୋବାଇଲ୍ସ - 248001, 248002. **ରାଇରଙ୍ଗପୁର: ନା ସାକନରୀ ମୋଟର୍ସ** - 7008906387. **ସୋରୋ:** ଟୁଇଙ୍କିଲ ମୋଟର୍ସ - 221711, 9337375571.

**କିଛି ତଥ୍ୟ**

୨୦୧୮-୧୯ରେ ଦେଶରେ ୨୧୧.୬ ନିୟୁତ ଟନ ପେଟ୍ରୋଲିୟମ ସାମଗ୍ରୀ ବ୍ୟବହାର ହୋଇଛି। ଏହା ମଧ୍ୟରେ ଡିଜେଲ ୮୩.୫ ନିୟୁତ ଟନ ଏବଂ ପେଟ୍ରୋଲ ୨୮.୩ ନିୟୁତ ଟନ୍ ରହିଛି।

– ପେଟ୍ରୋଲିୟମ ମନ୍ତ୍ରଣାଳୟ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସ୍ରିଷ୍ଟି
ପରିବାରବର୍ଗ



ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ପାଇଁ ଦାବି କଲା ଭାଜପା

**ପାଟକୁରା ନିର୍ବାଚନ**

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

ପାଟକୁରା ବିଧାନସଭା ଆସନ ପାଇଁ ଆସନ୍ତା ଶନିବାର ଭୋଟ ହେବ। ଏହି ଆସନ ପାଇଁ ଗୁରୁବାର ପ୍ରଚାର ଶେଷ ହୋଇଛି। ଭୋଟ୍‌ର ଦୁଇଦିନ ପୂର୍ବରୁ ଶାସକ ଦଳ ବିରୋଧରେ ବୁଥ୍ କ୍ୟାପଚରିଂ ଏବଂ ରିଗିଂର ଅଭିଯୋଗ ଆଣିଛି ଭାଜପା। ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି, ନିର୍ବାଚନମଣ୍ଡଳୀର ସମ୍ବେଦନଶୀଳ ଏବଂ ଅତିସମ୍ବେଦନଶୀଳ ବୁଥ୍‌ଗୁଡିକରେ ଶାସକ ଦଳ ବୁଥ୍ କ୍ୟାପଚରିଂ ଓ ରିଗିଂ କରିବାର ଆଶଙ୍କା ରହିଛି। ବିଜେଡି ଟଙ୍କାର ପ୍ରଲୋଭନ ଦେଖାଇ ଭୋଟ ହାତେଇବା ଘଟଣା ଗତ ନିର୍ବାଚନରେ ନଜରକୁ ଆସିଥିଲା। ପାଟକୁରାରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ଟଙ୍କା ବାଣ୍ଟିବା ନେଇ ଫଟୋ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଶାସକ ଦଳ ସରକାରୀ କଳ ଲଗାଇ ନିର୍ବାଚନକୁ ନିଜ ସପକ୍ଷରେ କରିବା ଲାଗି ଅପଚେଷ୍ଟା ଚଳାଇଛି। ସରକାରୀ ଅଫିସରମାନେ ମଧ୍ୟ ବିଜେଡି ପାଇଁ ପ୍ରଚାର କରୁଛନ୍ତି। ନିର୍ବାଚନ ସମୟରେ ବୁଥ୍‌ଗୁଡିକ ଉପରେ ତୀକ୍ଷ୍ଣ ନଜର ରଖିବା ସହ ସୁଚାରୁରୂପେ ଭୋଟ କରିବା ପାଇଁ ଗୁରୁବାର ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଅନନ୍ତ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୮୨ଟି ସମ୍ବେଦନଶୀଳ ଓ ୬୦ଟି ଅତି ସମ୍ବେଦନଶୀଳ ବୁଥ୍‌ର ତାଲିକା ଦେବା ସହ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରିବା ଓ ସିସିଟିଭି କ୍ୟାମେରା ଲଗାଇବାକୁ ଦାବି କରିଛନ୍ତି। ଏଥିସହ ସମସ୍ତ କ୍ଷେତ୍ରୀୟ ଅଧିକାରୀ ଏବଂ ନିର୍ବାଚନ ଅଧିକାରୀମାନଙ୍କୁ ମୁକ୍ତ, ନିରପେକ୍ଷ ଏବଂ ଅବାଧ ନିର୍ବାଚନ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେବାକୁ ଭାଜପା ପ୍ରତିନିଧି ଦଳ ଦାବି କରିଛି।

**ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ଧର୍ମେନ୍ଦ୍ର**

# ତୈଳ, ଗ୍ୟାସ ଭିତ୍ତିଭୂମି ମଜଭୁତ କରିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସଙ୍କୁ ସାକ୍ଷାତ କରିଛନ୍ତି। ରାଜ୍ୟରେ ତୈଳ ଏବଂ ଗ୍ୟାସର ଭିତ୍ତିଭୂମିକୁ ମଜଭୁତ କରିବା ସହ ମହାରାଷ୍ଟ୍ରର ବିକାଶ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିବା ସାମାଜିକ ଗଣମାଧ୍ୟମରେ ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି । ଏହି ଆଲୋଚନା ସମୟରେ ମହାରାଷ୍ଟ୍ର ବିକାଶ, ରୋଜଗାର ଏବଂ ରାଜ୍ୟର ସାମଗ୍ରିକ ବିକାଶର ବୃଦ୍ଧି କରିବା ପାଇଁ ତୈଳ ଏବଂ ଗ୍ୟାସର ଭିତ୍ତିଭୂମିକୁ ମଜଭୁତ କରିବା ଉପରେ ଧର୍ମେନ୍ଦ୍ର ଗୁରୁତ୍ୱାରୋପ କରିଥିବା ଦର୍ଶାଇଛନ୍ତି।

**ଖବରଦାତାଙ୍କୁ ଦୁର୍ବ୍ୟବହାର କରି କ୍ଷମା ମାଗିଲେ କେନ୍ଦ୍ରାପଡ଼ା ଏସ୍‌ପି**

# ଅନୁଧ୍ୟାନ ପାଇଁ କେନ୍ଦ୍ରାଞ୍ଚଳ ଆଇଜିଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

କେନ୍ଦ୍ରାପଡା ଜିଲା ବାରିମୂଳଠାରେ ବୁଧବାର ମୁଖ୍ୟମନ୍ତ୍ରୀ ପ୍ରଚାର ପାଇଁ ଯାଇଥିବାବେଳେ ଏକ ଘରୋଇ ଟିଭି ଚ୍ୟାନଲର ଖବରଦାତାଙ୍କୁ କେନ୍ଦ୍ରାପଡା ଏସ୍‌ପି ନୀତି ଶେଖର ନାଲି ଆଖି ଦେଖାଇବା ସହ ହାତ ଉଠାଇଥିଲେ। ଏହି ଘଟଣାକୁ ନେଇ ଗୁରୁବାର ବିଧାନସଭା ହୁଲୁସ୍ଥୁଲୁ ହେବା ସହ ବହୁ ସଂଗଠନ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ କରାଯାଇଛି। ପରିସ୍ଥିତି କ୍ରମଶଃ ଜଟିଳ ହେଉଥିବାବେଳେ ଶେଷରେ ଏସ୍‌ପି କ୍ଷମା ପ୍ରାର୍ଥନା କରିଛନ୍ତି। ସେ କହିଛନ୍ତି ଯେ, ଅଧିକ ଭିଡ଼କୁ ନିୟନ୍ତ୍ରଣ କରିବାକୁ ଯାଇ ଉଚ୍ଚ ଗଳାରେ କଥା ହୋଇଥିଲି। ମୁଁ କୌଣସି ଉଦ୍ଦେଶ୍ୟ ମୂଳକଭାବେ ଏପରି କରି ନ ଥିଲି। ମୁଁ ସାମ୍ବାଦିକଙ୍କୁ ଯଥେଷ୍ଟ ସମ୍ମାନ ଦିଏ। କେବେବି ଖରାପ ବ୍ୟବହାର କରିନାହିଁ। କେନ୍ଦ୍ରାପଡାର ସ୍ଥାନୀୟ ଖବରଦାତାମାନେ ମୋତେ ଭଲଭାବେ ଜାଣନ୍ତି। ଯଦି ମୋ ବ୍ୟବହାର କାହାକୁ ଆଘାତ ଦେଇଥାଏ ତେବେ ମୁଁ କ୍ଷମା ପ୍ରାର୍ଥନା କରୁଛି ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ସେପଟେ ଏହି ପ୍ରସଙ୍ଗକୁ ନେଇ ବିଧାନସଭା ବାରମ୍ବାର ମୁଲତବି ହେବାପରେ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଘଟଣାର ଅନୁଧ୍ୟାନ ପାଇଁ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀନୀଙ୍କୁ ଦାୟିତ୍ୱ ଦେଇଛନ୍ତି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି।

ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଛି। ମାନବାଧିକାର କର୍ମୀ ସୁଜିତ ସାହୁ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ୩ସପ୍ତାହ ମଧ୍ୟରେ ଏସ୍‌ପିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଉ। ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ଜିଲାରେ ଥିବା ସାମ୍ବାଦିକ ସଂଘ ଏହାକୁ ବିରୋଧ କରି ପ୍ରତିବାଦ କରିଛନ୍ତି। ଏସ୍‌ପିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଭୁବନେଶ୍ୱରରେ କଳିଙ୍ଗ ସାମ୍ବାଦିକ ସଂଘ ପିଏମ୍‌ଜିରେ ଧାରଣା ଦେବା ସହ ଡିଜପି ଡା. ଶର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ସ୍ୱାଧୀନତା ସଂଗ୍ରାମୀ ବୀରଭଦ୍ର ଆଚାରୀଙ୍କ ପରଲୋକ



**ଓଡ଼ଗାଁ,୧୮।୭(ସ୍ୱ.ପ୍ର.):** ନୟାଗଡ଼ ଜିଲାର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ବୀରଭଦ୍ର ଆଚାରୀଙ୍କ ଓଡ଼ଗାଁ ବ୍ଲକ ବଡପୁଟ ଗ୍ରାମସ୍ଥିତ ତାଙ୍କ ବାସଭବନରେ ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୩ ବର୍ଷ ବୟସ ହୋଇଥିଲା। ସେ ନୟାଗଡ଼ ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦେଇ ୩ ମାସ କାରାବରଣ କରିଥିଲେ। ୧୯୮୧ରେ ନନ୍ଦିଘୋର ପଞ୍ଚାୟତ ଅନ୍ତର୍ଗତ ଆରଡା ଆର୍ଯ୍ୟ ସମାଜର ସେ ପ୍ରତିଷ୍ଠାତା ସଦସ୍ୟ ରହିଥିବା ବେଳେ ଅନ୍ଧ ବିଶ୍ୱାସ ବିରୋଧରେ ଲୋକଙ୍କୁ ବୁଝାଉଥିଲେ। ସଂଗ୍ରାମୀ ବୀରଭଦ୍ରଙ୍କ ଶେଷ ଇଚ୍ଛା ଅନୁସାରେ ନିଜ ଗ୍ରାମ ବଡପୁଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଜ୍ୟେଷ୍ଠ ପୁତ୍ର ଜଗଦୀଶ ଚନ୍ଦ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ନୟାଗଡ଼ ଜିଲା ଆର୍ଯ୍ୟ ସମାଜର ସଦସ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ରାଶ୍ୟାଧିପତିଙ୍କ ନକ୍ଷତ୍ରରେ ଚନ୍ଦ୍ର ଅବସ୍ଥାନ କରୁଥିବାରୁ ଅଭିଳଷିତ କାର୍ଯ୍ୟ ହାସଲ କରିପାରିବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ପାରିବାରିକ ଜୀବନରେ ସ୍ନେହ, ସହାନୁଭୂତିର ଅଭାବ ରହିବ ନାହିଁ। ଧାର କରଜ କରିବାକୁ ପଡ଼ିପାରେ। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଦେଖାଦେବାର ଆଶଙ୍କା ରହିଛି।

**ବୃଷ** ଶନିଙ୍କ ଦୃଷ୍ଟିରେ ଶୁକ୍ର ରହିଥିବାରୁ କୌଣସି ଜଣେ ବ୍ୟକ୍ତିଙ୍କ ଦ୍ୱାରା ଅର୍ଥହାନିର ଯୋଗ ରହିଛି। ବନ୍ଧୁମାନଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରି ଅପ୍ରିୟତା ଅର୍ଜନ କରିବେ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ କରିବାକୁ ପଡିବ। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** ଧନାଧିପତି ଧନସ୍ଥାନକୁ ଦେଖୁଥିବାରୁ ଅର୍ଥଲାଭ ହେଲେ ମଧ୍ୟ ପାପଗ୍ରହ ପ୍ରଭାବରୁ ଝିନଝଟ୍ ଭିତରେ ଗତି କରିବାକୁ ପଡିବ। ସାଧାରଣ କଥାରେ ଉତ୍ତେଜିତ ହେବା ଦ୍ୱାରା ପାଖ ପଡୋଶୀ ମାନଙ୍କ ସହ ସମ୍ପର୍କରେ ହ୍ରାସ ଘଟିବ। କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ। ମାଲିମକଦ୍ଦମାରେ ବିଚାର ବିଳମ୍ବ ହୋଇପାରେ।

**କର୍କଟ** ରାଶିକୁ ଏକାଧିକ ଗ୍ରହ ପ୍ରଭାବିତ କରୁଥିବାରୁ ଅତୀତ ଘଟଣା, ବନ୍ଧୁଙ୍କ ଅବିବେକୀ କାମ, ସହକର୍ମୀଙ୍କ କୂଟନୀତି ଓ ଆତ୍ମୀୟଙ୍କ ବେଖାତିର କଥା ସକାଶେ ଅନୁତାପ କରିପାରନ୍ତି। କର୍ମକ୍ଷେତ୍ରସ୍ଥ ବନ୍ଧୁମାନଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ।

**ସିଂହ** ଆଜି ଆପଣ କୌଣସି କାମ କରିସାରିବାରେ ଅନୁତାପ କରିବାକୁ ପଡିପାରେ। ଆବଶ୍ୟକୀୟ ଟଙ୍କା ପଇସା ଯୋଗାଡ କରିବା ସକାଶେ ବିଭିନ୍ନ ପ୍ରକାରର ଯୋଜନା କରିପାରନ୍ତି। ସହକର୍ମୀଙ୍କ ସହ କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ଗଣ ଯୋଗାଯୋଗ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ସାମାନ୍ୟ କଥାରୁ ମତାନ୍ତର ଘଟିଥିବାରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ତରବର ନ ହୋଇ କାମକଲେ ସମସ୍ୟାର ସରଳ ସମାଧାନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ତୁଳା** ସ୍ଥଗିତ କାମଟି ଶେଷ କରିବାକୁ ଭାବୁଥିଲେ ମଧ୍ୟ ତାହା ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହେବ। କୌଣସି ଜିନିଷ କ୍ରୟ କରିବା ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ପରିବାରରେ ଝଗଡା ଲାଗିପାରେ। କର୍ମକ୍ଷେତ୍ରରେ, ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** ତୃତୀୟସ୍ଥ ଚନ୍ଦ୍ର ମାନସିକ ସ୍ତରକୁ ଶିଥିଳ କରି ରଖିପାରେ। କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ପ୍ରଶାସନିକ ସ୍ତରରେ ଅନ୍ୟମାନଙ୍କୁ ନିଜ କାମରେ ସହଭାଗିତା କରାଇପାରିବେ। ଅତୀତର ବିବାଦକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ବାକ୍‌ବିତଣ୍ଡା ସୃଷ୍ଟି ହେବାର ସୂଚନା ରହିଛି।

**ଧନୁ** କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ଭାବୁଥିବା କଥାଟି ଆଜି ଯଥା ସମୟରେ ହୋଇଯିବ। ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତି ଓ ଆନୁଷ୍ଠାନିକ କାମରୁ ମନ ଖୁସୀ ରହିବ।

**ମକର** ସ୍ଥଗିତ ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ କରିବା ସକାଶେ ବନ୍ଧୁଙ୍କ ସହ ଯୋଗର ଆବଶ୍ୟକତା ଅନୁଭବ କରିବେ। ବନ୍ଧୁମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ। କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ରରେ ଉନ୍ନତି କରିବେ। ପ୍ରତ୍ୟାବର୍ତ୍ତନ ପଥରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ଜମା ଭଲ ସମ୍ପର୍କ ନ ଥିବା ନିଜ ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ କିଛି କରିପାରିବେ ନାହିଁ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଏକ ଭିନ୍ନ ପରିସ୍ଥିତିରେ ଦୀର୍ଘ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ପାରିବାରିକ ସମସ୍ୟା ସମାଧାନ ହୋଇଯିବ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହା କି ବ୍ୟସ୍ତତାର କାରଣ ହୋଇପାରେ। ଆଗାମୀ ମାଙ୍ଗଳିକ କାମ ସକାଶେ ଆତ୍ମୀୟମାନଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି।

ଆଜି ଶ୍ରାବଣ କୃଷ୍ଣ ତୃତୀୟା ଶୁକ୍ରବାର, ଜୁଲାଇ ୧୯ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/ମକର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣ ଦିବା ଘ.୬।୫୦ମି. ମଧ୍ୟେ ଘ.୪।୩୫ ଗତେ, ଘ.୬।୧୭ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୬।୫୦ମି. ଗତେ ଘ.୮।୨୨ମି. ମଧ୍ୟେ, ଘ.୧୧।୪୩ମି. ଗତେ ଘ.୧।୨୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୦।୧୪ମି. ଗତେ ଘ.୧୧।୫୩ମି. ମଧ୍ୟେ ରାହୁ କାଳ।


# classifieds Everyday

**0674-2580101, 2549302**





## SALE

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

**ଭୁବନେଶ୍ୱର ଗୀତା କଲେଜରୁ 4k.m ମେଣ୍ଟାଶାଳ ମୌଜାରେ satellitecity ପାଖରେ Demarcated Plot sqft.300/-ରେ ମିଳୁଅଛି। 9439857581.** D-66733

Bhubaneswar-Pitapalli Chhaka ଠାରୁ 100 ମିଟର ଦୂରରେ BDA Plot, Road, Electric, ପାଚେରି ସହିତ ଶସ୍ତାରେ କିଣନ୍ତୁ। Contact: 9438115383, 9937837967. D-13423

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67305

1BHK simplex 15,00,000/- finishing Hanspal, duplex Nakhara Road- 8093465134, 9668194157. D-67013

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66927

**2400sqft. BDA plot for sale at K9/A Patrapada. Contact: 8114860043.** D-64987

2400sqft. commercial plot at Bomikhal near Ekamratalkies, Bhubaneswar: 9861066949, 8018595307. D-67201

**Conversion demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିତୁରୋଡ଼ sideରେ 1200sqft. 6,60,000/-. 9437306208.** D-66728

645sqft. commercial space in Basudha tradecentre, Mastercanteen, Bhubaneswar: 9861066949, 8018595307. D-67202

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508.** D-66729

Corporate office space in DLF, Patia and Esplanade, Rasulgarh, Bhubaneswar: 9861066949, 8018595307. D-67203

**ଭୁବନେଶ୍ୱର ତମାଣ୍ଡୋ କେନ୍ଦ୍ରିୟ ବିହାର ନିକଟରେ BDA yellowzone plot 30'road, ଇଲେକ୍ଟ୍ରିସିଟି ଥାଇ sqft 999/-, ପିପିଲି bypass ପାଖରେ 399/- ରେ ବିକ୍ରିହେବ। 8917502591.** D-66732

**SUM hospital କ୍ରିଷ୍ଣାପୁରି କଲୋନି, Patrapada NH ପାଖରେ yellowzone plot ତୁରନ୍ତ ବିକ୍ରିହେବ। 9938991256, 8917502591.** D-66731

**3storied commercial building for sale at Canal Road, Laxmisagar. Present rental income 1,30,000/- Construction area 4610 sqft., land 2200sqft. 6371449544.** D-13466

SUM hospital ନିକଟରେ ଏବଂ Tamando ବଜାର Infocity- 2 ପାଖରେ plot ମିଳୁଅଛି। 9439864322. D-66715

**Bhubaneswar Pitapalliର BDA plot sqft. 549/-ରେ ମିଳୁଅଛି। 9090963952, 9937605788.** D-66737

**ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ Viswass +2 Science କଲେଜକୁ ଲାଗି yellowzone ପ୍ଲଟ ମିଳୁଅଛି। 9348261968.** D-66738

ଉତ୍ତରାସ୍ଥିତ ଘରବାରି ପ୍ଲଟ ୩୦ଫୁଟ ରୋଡକୁ ଲାଗି ଇଲେକ୍ଟ୍ରିଫିକେସନ୍ ବାଉଣ୍ଡରିୱାଲ ସହିତ। 9938663762. D-59935

## LEASE

**Offering 8000 sqft. open land for lease @ Nuagaon Square, Puri Road, adjacent to NH-203, suitable for warehouse/ garage. Contact: 9611131676, 9437081529.** D-13302





3500sqft. godown space with an outhouse at Nayapalli, Bhubaneswar: 9861066949, 8018595307. D-67204

Open space with boundary for rent of 30000sqft. for godown/ stockyard available opposite Synergy College, Nakhara, Bhubaneswar. Call: 9337122452. D-13476

1000 sqft ଅଫିସ୍ ପାଇଁ ୪୮୧, ସହିଦ ନଗରରେ ଭଡା ଦିଆଯିବ। SBI ମାର୍କେଟ ବ୍ରାଞ୍ଚ ପାଖ: 9078675838, 9937298412. D-66261

3000 sqft. 3rd floor and 1300 sqft. 4th floor adjacent to BMC mall, Sahid Nagar, Bhubaneswar for rent to Bank/ Office/ Corporates. Call: 9337122452. D-13477

Fully furnished room with attached toilet, AC, LED, fridge, bed, sofa, working executives preferred. Also furnished office space of 150 & 100 sqft AC, CCTV, Wifi: 9437030054, 7978988326. D-66260





Fully refreshed/ relaxed body massage by expert therapist, Shastri Nagar. 7377984773. D-67312

Rejuvenate and ayurvedic full body massage by smart therapist: 9114402304. D-67311

Full body herbal massage with refreshment, expert therapist. 7381239385, 0674-2540855. D-67313

Experience full body massage with us (expert). Call: 7377048581, 0674-2597822. D-67314

Summer special mesmerizing offer expert therapeutic refreshing massage appointment: 9668374480. D-67307

Ayurvedic full body massage ladies & gents smart therapist. 9040900385. D-66926

Herbal full body massage by smart/expert therapist. Contact: 8338067247. D-67315

## AFFIDAVIT

By virtue of an affidavit before Notary, Bhubaneswar, I Abdul Zakir Khan changed my name to Zakir Khan vide affidavit dated 17-07-2019 for all future purposes. D-13479

## LEGAL NOTICE

**ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ, ଓଡ଼ିଶା, କଟକ ମହୋଦୟଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ**

ଓ.ଏସ୍.ଏସ୍. କେସ୍ ନମ୍ବର ୭୫/୨୦୧୬

(ଓଡ଼ିଶା ବନ୍ଦୋବସ୍ତ ଆଇନ ଧାରା-୧୫-ବି-ଅନୁଯାୟୀ)

**ସଂଘମିତ୍ରା ନାୟକ,** ବୟସ ୨୭ ବର୍ଷ, ପିତା- ଶ୍ରୀ ସରତ ଚନ୍ଦ୍ର ନାୟକ, ଠିକଣା: ସା- ଖଇରାବାଦ, ପୋ- ଗୁଲନଗର, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ବର୍ତ୍ତମାନ ଠିକଣା- ସା- କ୍ୱାର୍ଟର ନଂ- ଜେ/୭୧, ଇ.ପି.ଏଫ୍ ଷ୍ଟାଫ୍ କଲୋନୀ, ଫେଜ୍-୨, ପୋ/ଥାନା- ସହୀଦନଗର, ଭୁବନେଶ୍ୱର- ୭୫୧୦୦୭, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। .........ବାଦୀ

**ବନାମ**

**ନଂ-୩: ଶ୍ରୀମତୀ କମଳା ମହାକୁଡ,** ବୟସ ୬୫ ବର୍ଷ, ପିତା- ସ୍ୱର୍ଗତ ଜଗା ଦାସ, ସ୍ୱାମୀ- ସ୍ୱର୍ଗତ ରାଧୁ ମହାକୁଡ, ଠିକଣା: ସା- ମଧୁପୁର, ପୋ.ଅ- ଅଙ୍ଗାରପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। **ନଂ-୪: ଶ୍ରୀ ପ୍ରେମାନନ୍ଦ ମହାକୁଡ଼,** ବୟସ ୪୬ ବର୍ଷ, ପିତା- ସ୍ୱର୍ଗତ ରାଧୁ ମହାକୁଡ଼, ଠିକଣା: ସା- ମଧୁପୁର, ପୋ.ଅ- ଅଙ୍ଗାରପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। **ନଂ-୫: ମେସର୍ସ ସ୍ମାର୍ଟ ଲାଇଫ୍ ଷ୍ଟାଇଲ୍ ମଲ୍ଟିଟ୍ରେଡ୍ ପ୍ରା.ଲି.** ତରଫ ମ୍ୟାନେଜିଂ ଡାଇରେକ୍ଟର/ଚେୟାରମ୍ୟାନ, ଶ୍ରୀ ଶିବ ଶଙ୍କର ଦାଶ, ବୟସ ୪୧ ବର୍ଷ, ପିତା- ଶ୍ରୀ ଦେବେନ୍ଦ୍ରନାଥ ଦାଶ, ଅଫିସ୍ ସା-ବି-୧୯୦, ପ୍ରଜ୍ଞା ବିହାର, ପୋ- ବରମୁଣ୍ଡା, ବି.ଡି.ଏ ଡୁପ୍ଲେକ୍ସ, ଭୁବନେଶ୍ୱର- ୭୫୧୦୦୩, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ... ପ୍ରତିବାଦୀ।

ଏତଦ୍ୱାରା ଉପରୋକ୍ତ ନଂ. ୫ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡ଼ାକଯୋଗେ ନୋଟିସ୍ ପଠାଯାଇଥିଲା, କିନ୍ତୁ ଏହି ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାୟର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି। **ଜମିର ତଫସିଲ:** ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଜଟଣୀ, ଥାନା-ଜଟଣୀ, ଥାନା ନଂ୨୪, ମୌଜା- ମଙ୍ଗରାଜପୁର, ସାବିକ ଖାତା ନଂ- ୧୮୮/୨ମ୍ବର, ସାବିକ ପ୍ଲଟ ନଂ- ୪୬୯ମ୍ବର, ରକବା ଏ୦.୪୫୫ଡି. ସ୍ୱଧରୁ ଏ୦.୦୫୭.୩୯ଡି. ଯାହାର ହାଲ ଖାତା ନଂ- ୨୨୦ମ୍ବର, ହାଲ ପ୍ଲଟ ନଂ୫୯୫ମ୍ବର, ରକବା ଏ୦.୪୫୫ଡି. ସ୍ୱଧରୁ ଏ୦.୦୫୭.୩୯ଡି. ଅଟେ। ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ଼, ଓଡ଼ିଶା କଟକଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଦାଲତ କେଶରୀ ନଗର, ୟୁନିଟ-୫ ରେ ଆସନ୍ତା ତା.୦୬।୦୮।୨୦୧୯ରିଖ ଦିବା ଘ.୧୧.୩୦ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଉଅଛି। ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଯଦି ପ୍ରତିବାଦୀ ମୃତ ଥିବେ, ତେବେ ତାଙ୍କର ଉତ୍ତରାଧିକାରୀ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବୀର କରିବେ, ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫଏସଲା କରାଯିବ।

**ଅଦାଲତଙ୍କ ଆଦେଶକ୍ରମେ**
**ଅତିରିକ୍ତ ସଚିବ (ବିଚାର)**
**ସ୍ୱାଃ ବି. ରଞ୍ଜନ ଦାଶ**
ଧ-୧୩୪୪୧


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



ନୋଇଡ଼ାରେ ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ଭାଇ ଆନନ୍ଦ କୁମାରଙ୍କ ଅଧିନରେ ଥିବା ୪୦୦ କୋଟିର ବେନାମୀ ସମ୍ପତ୍ତି(କମର୍ସିଆଲ ପ୍ଲଟ)କୁ ଆୟକର ବିଭାଗ ନିଜ ଅଧିନକୁ ନେଇଛି। ଏନେଇ ଗତ ଜୁଲାଇ ୧୬ ତାରିଖରେ ଏହି ୭ ଏକର ଜାଗାକୁ ନେଇ କୁମାର ଓ ତାଙ୍କ ସ୍ତ୍ରୀ ବିଚିତ୍ର ଲତାଙ୍କ ପାଖକୁ ପ୍ରୋଭିଜନାଲ ଅର୍ଡର ପଠାଇଥିଲେ। ପ୍ରକାଶଥାଉ କି, ମାୟାବତୀ କିଛିଦିନ ତଳେ ଭାଇ ଆନନ୍ଦ କୁମାରଙ୍କୁ ଦଳର ଜାତୀୟ ଉପସଭାପତିଭାବେ ନିଯୁକ୍ତି ଦେଇଥିଲେ।



# ରିସ୍କ ନିଅ ସବୁ ପ୍ରଶ୍ନକୁ ସାମ୍ନା କର

ଧରିତ୍ରୀ ଆଲାପ

ଓଡ଼ିଶାର ପ୍ରଥମ ତଥା ଏକମାତ୍ର କୁଇଜ୍ ମହାକୁମ୍ଭ 'ମେଟଲ୍ ମିଟ୍' ଏଥର ପ୍ରତିଯୋଗୀଙ୍କ ପାଇଁ ନେଇଆସୁଛି ଏକ ଭିନ୍ନ ଓ ନିଆରା ପ୍ରତିଯୋଗିତା। ପୂର୍ବବର୍ଷ ଅପେକ୍ଷା ଏହି ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଚଳିତବର୍ଷ ଆହୁରି ଆକର୍ଷଣୀୟ ଓ ବଡ଼ଧରଣର ଆୟୋଜିତ ହେବାକୁ ଯାଉଛି। ଅଗଷ୍ଟ ୩ ଓ ୪ ତାରିଖ ଦୁଇଦିନ ଧରି ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ହେବାକୁ ଥିବା ମେଟଲ୍ ମିଟ୍-୨୦୧୯ର ଏହି ସଂସ୍କରଣକୁ ହୋଷ୍ଟ୍ କରିବାକୁ ଯାଉଛନ୍ତି ଲୋକପ୍ରିୟ ହୋଷ୍ଟ୍ ତଥା ଖ୍ୟାତନାମା କୁଇଜ୍ ମାଷ୍ଟର ଅଜୟ ପୁନିଆ। ଜାତୀୟସ୍ତରରେ ଦକ୍ଷ କୁଇଜ୍ ମାଷ୍ଟରଭାବେ ପରିଚିତ ପୁନିଆ ନିଜର ପ୍ରଶ୍ନ ପଚାରିବା ଶୈଳୀ ଓ ନିଆରା ପରିଚାଳନା ଦକ୍ଷତା ପାଇଁ ବେଶ୍ ପରିଚିତ। ମେଟଲ୍ ମିଟ୍ ପୂର୍ବରୁ ପୁନିଆଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ।

**ଭାରତରେ ଏବେ କୁଇଜିଂର ଲୋକପ୍ରିୟତା କିଭଳି ରହିଛି? ବିଶେଷକରି ପୂର୍ବ ଭାରତରେ କୁଇଜିଂ କଲଚରକୁ ନେଇ କିଭଳି ଆଗ୍ରହ ଦେଖିବାକୁ ମିଳୁଛି ?**

➡ କୁଇଜିଂ କଲଚର୍ ବେଶ୍ ଆଗକୁ ଯାଇଛି। ବିଗତ କିଛିବର୍ଷ ମଧ୍ୟରେ କୁଇଜିଂ ଏକ ଟ୍ରେଣ୍ଡ୍‌ରେ ପରିଣତ ହୋଇଛି। ହେଲେ ଏହାକୁ ସ୍ପନ୍‌ସର୍ କରିବା ପାଇଁ ଅଧିକରୁ ଅଧିକ ସଂସ୍ଥା ଆଗେଇ ଆସିବା ଉଚିତ। ମୁଁ ଏହାସହ ଜଡ଼ିତ ଅଛି ବୋଲି କହୁନି, ବରଂ ଅଧିକ ଦକ୍ଷ ଓ କୁଶଳୀ ହ୍ୟୁମାନ୍ ରିସୋର୍ସ ପାଇବା ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ। ବିଶ୍ୱ ଏବେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛି, ତାହାର ସମାଧାନ ଲାଗି ଅଧିକ ଜ୍ଞାନୀ ଓ ଦକ୍ଷ ମାନବସମ୍ବଳର ଆବଶ୍ୟକତା ରହିଛି। ମୋ ମତରେ କୁଇଜିଂ ସେଭଳି ଏକ ପ୍ଲାଟଫର୍ମ ଯୋଗାଇଦେବାର କ୍ଷମତା ରଖୁଛି। ସୁଯୋଗ ରହିଛି। ଜଣେ କେବଳ ଉଚିତ ମାର୍ଗ ଖୋଜି ନିଜ ପ୍ରତିଭାକୁ ଲୋକଙ୍କ ସାମ୍ନାକୁ ଆଣିବାର ଅଛି।

**ପ୍ରତିଯୋଗିତାରେ ଭାଗନେବାକୁ ଥିବା ପ୍ରତିଯୋଗୀଙ୍କୁ କ'ଣ ପରାମର୍ଶ ଦେବେ ?**

➡ ଭଲରେ ପ୍ରସ୍ତୁତ ହୁଅ। କେବଳ ଭାଗ୍ୟ ଉପରେ ସବୁ ଛାଡ଼ିଦିଅ ନାହିଁ। ଶ୍ରେଷ୍ଠ ପ୍ରଦର୍ଶନ କର। ଭୟ କରନି। ଦୃଢ ପରିଶ୍ରମର କୌଣସି ବିକଳ୍ପ ନାହିଁ। କୁଇଜିଂ ଭଳି ପ୍ଲାଟ୍‌ଫର୍ମରେ କଠିନ ପରିଶ୍ରମ ଓ ଭଲ ପ୍ରସ୍ତୁତି ହିଁ ସବୁଠାରୁ ଅଧିକ ଜରୁରୀ।

**ଏକ ପ୍ରଶ୍ନକୁ ସାମ୍ନା କରିବାକୁ କିଛି ନିର୍ଦ୍ଦିଷ୍ଟ ରୁଲ୍ କିମ୍ବା କୌଶଳ ଅଛି କି ?**

➡ ସବୁ ପ୍ରଶ୍ନକୁ ସାମ୍ନା କରିବା ଆବଶ୍ୟକ। ରିସ୍କ ଓ ଚାନ୍ସ ନେବା ଜରୁରୀ। ରିସ୍କ ନ ନେଲେ ଜିତିବାର ସମ୍ଭାବନା ବି କମିଯିବ। ଯଦି ଏକ ପ୍ରଶ୍ନ ବା ସୁଯୋଗ ସାମ୍ନାକୁ ଆସୁଛି ତା'ହେଲେ ତାକୁ ନିଶ୍ଚୟ ସାମ୍ନା କରିବା ଆବଶ୍ୟକ। ଭାବିଚିନ୍ତି ସତର୍କତାର ସହ ଉତ୍ତର ଦିଅ। ନିଜ ଦକ୍ଷତାକୁ ବିଶ୍ୱାସ କର ଓ ଯାହା ମନ କହୁଛି ତାହାସହ ଯାଅ। ଯାହା ଜାଣିଛ ସେଥିରେ ପ୍ରଥମେ ନିଜେ ନିଶ୍ଚିତ ହୁଅ, ତା'ପରେ ଟିମ୍ ସଦସ୍ୟଙ୍କୁ କୁହ। ନ ହେଲେ ନିଜ ସହ ତୁମେ ନିଜ ଟିମ୍‌କୁ ବି ଦ୍ୱନ୍ଦ୍ୱରେ ପକାଇବ।



**'ମେଟଲ୍ ମିଟ୍' ଦେଶର ବଡ଼ କୁଇଜ୍ ଇଭେଣ୍ଟ। ଆପଣ ପ୍ରଥମଥର ପାଇଁ ଏହାକୁ ହୋଷ୍ଟ୍ କରିବାକୁ ଯାଉଛନ୍ତି। ପ୍ରତିଯୋଗିତା ଓ ପ୍ରତିଯୋଗୀଙ୍କଠାରୁ କ'ଣ ଆଶା ରହିଛି ?**

➡ ସମସ୍ତେ ଉପଭୋଗ କଲାଭଳି ଏକ ଭଲ କୁଇଜ୍ ଇଭେଣ୍ଟ ମୁଁ ଆଶା କରୁଛି। ପ୍ରତି ଟିମ୍ ଯେମିତି ପରସ୍ପରକୁ କଡା ଟକ୍କର ଦେବେ, ସେଭଳି ଏକ ଦୃଢ଼ ପ୍ରତିଯୋଗିତା ହେବ ବୋଲି ଭାବୁଛି। ଗୋଟିଏ ଟିମ୍ ଦକ୍ଷ ଓ ଆଉ ଗୋଟିଏ ଟିମ୍ ଦୁର୍ବଳ ହେଲେ ପ୍ରତିଯୋଗିତା ନିଶ୍ଚୟ ବୋରିଂ ଲାଗିବ। ଯଦି ଏକ ଟିମ୍ ଆରାମରେ ଜିତିଗଲା ତା'ହେଲେ କୁଇଜିଂର ମଜା ଆସିବନି। ସବୁ ଟିମ୍ ପରସ୍ପରକୁ ଯେମିତି କଡ଼ା ଚ୍ୟାଲେଞ୍ଜ୍ ଦେବେ ସେଥିପାଇଁ ମୁଁ ଅଶାବାଦୀ। ଶେଷ ପ୍ରଶ୍ନରେ ହିଁ ଜଣାପଡୁ କିଏ ବିଜେତା ହେବ। ଆଶାକରୁଛି ବହୁ ଉଚ୍ଚସ୍ତରୀୟ ଟିମ୍ ଓ ପ୍ରତିଯୋଗୀଙ୍କୁ ମେଟଲ୍ ମିଟ୍ ମଞ୍ଚରେ ଦେଖିବାକୁ ମିଳିବ।

**ବର୍ତ୍ତମାନର ଗ୍ଲାମର ଦୁନିଆରେ କୁଇଜିଂର ସ୍ଥିତି କିଭଳି ରହିଛି? ଜଣେ ଏଥିରେ କ୍ୟାରିୟର କରିପାରିବ କି ?**

➡ କୁଇଜିଂ ସମସ୍ତଙ୍କ ପାଇଁ କ୍ୟାରିୟର ହୋଇପାରିବ ବୋଲି ମୁଁ କହିପାରିବିନି। କାରଣ ଏହା ବହୁତ ବିରଳ। କିନ୍ତୁ କୁଇଜିଂ ଏବଂ ଗ୍ଲାମର ଦୁନିଆ ସମାନ୍ତରାଳଭାବେ ଗତିକରେ। ନାଚ, ଗୀତ ଭଳି କାର୍ଯ୍ୟକ୍ରମ ଲୋକଙ୍କୁ ମନୋରଞ୍ଜନ କରିବାର କ୍ଷମତା ରଖେ। କୁଇଜିଂ ଜଣଙ୍କର ଜ୍ଞାନ, ଦକ୍ଷତା ବୃଦ୍ଧି ଓ ପ୍ରଦର୍ଶନରେ ସହାୟକ ହୁଏ। ସମାନ୍ତରାଳ ଭାବେ ଆଗକୁ ବଢିବାକୁ ଏଥିରେ

**ମେଟଲ୍ ମିଟ୍ ସମ୍ପର୍କରେ କ'ଣ କହିବେ ?**

➡ ମୁଁ ଗତ ୩ବର୍ଷ ହେଲା ମେଟଲ୍ ମିଟ୍‌କୁ ଅନୁସରଣ କରୁଛି। ଏହା ବର୍ଷକୁ ବର୍ଷ ଆଗକୁ ବଢୁଛି। କୁଇଜ୍‌ର ଷ୍ଟାଣ୍ଡାର୍ଡ ଓ କୁଇଜର୍‌ଙ୍କ ଦକ୍ଷତା ମୋତେ ଆକର୍ଷିତ କରିଛି। 'ଓଡ଼ିଶା ପୋଷ୍ଟ' ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ଏକ ଉଦାହରଣ ସୃଷ୍ଟିକରିଛି। ଏଭଳି ଏକ କାର୍ଯ୍ୟକ୍ରମର ଅଂଶ ହେବାକୁ ଯାଉଥିବାରୁ ଏହାକୁ ନେଇ ମୁଁ ବହୁତ ଉତ୍ସାହିତ ଅଛି। ଆଶାକରୁଛି ସମସ୍ତେ ମୋ ସହ ଏହି ଇଭେଣ୍ଟକୁ ଉପଭୋଗ କରିବେ। ମୁଁ ସବୁ ଟିମ୍‌କୁ ଗୁଡ୍ ଲକ୍ ୱିଶ୍ କରୁଛି।

**ଓଡ଼ିଶାର କ'ଣ ଆପଣଙ୍କୁ ଆକୃଷ୍ଟ କରେ ?**

➡ ମୁଁ ପୂର୍ବରୁ ଅନେକଥର ଓଡ଼ିଶା ଆସିଛି। ଯେତେଥର ଏଠାକୁ ଆସିଛି ଏଠାକାର ଲୋକେ ଓ ଏଠାକାର ପରିବେଶ ମୋତେ ଆକୃଷ୍ଟ କରିଛି। ଓଡ଼ିଶା ଏକ ଭାଇବ୍ରାଣ୍ଟ ଓ କଲରଫୁଲ୍ ରାଜ୍ୟ। ନିକଟରେ ଓଡ଼ିଶା ଅନେକଗୁଡ଼ିଏ ଆଖିଦୃଶିଆ ପଦକ୍ଷେପ ହାତକୁ ନେଇଛି। ବିଶେଷକରି କ୍ରୀଡା କ୍ଷେତ୍ରରେ ଆଗକୁ ବଢିଛି। ଦେଶର କ୍ରୀଡା ରାଜଧାନୀରେ ପରିଣତ ହୋଇଛି। ଏଠାକାର ଲୋକେ, ଏଠାକାର ଖାଦ୍ୟ, କଳା ସଂସ୍କୃତି ସବୁକିଛି ଭିନ୍ନ ଓ ସ୍ୱତନ୍ତ୍ର।

କୁଇଜ୍ ମାଷ୍ଟର ଅଜୟ ପୁନିଆ

*-ସାକ୍ଷାତ୍: ସସ୍ମିତା ପାଇକରାୟ*

# ସରକାରୀ ଚାକିରି ପାଇଁ ବୟସ ସୀମା ବୃଦ୍ଧି କରିବାକୁ ସୁର, ତାରାଙ୍କ ଦାବି

**ଭୁବନେଶ୍ୱର, ୧୮।୭ (ବ୍ୟୁରୋ):** ବିଧାନସଭାରେ ଗୁରୁବାର ଦ୍ୱିତୀୟାର୍ଦ୍ଧରେ ବାରମ୍ବାର ମୁଲତବୀ ପରେ ଅପରାହ୍ନ ୫ଟା ୧୦ରେ ଗୃହ ସ୍ୱାଭାବିକ ହୋଇଥିଲା। ଗୃହ ଆରମ୍ଭ ହେବା ମାତ୍ରେ କଂଗ୍ରେସର ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ ପଏଣ୍ଟ ଅଫ ଅର୍ଡର ଆଣି ସରକାରୀ ଚାକିରିର ବୟସ ସୀମା ବୃଦ୍ଧି କଥା ଉଠାଇଥିଲେ। ସୁର କହିଥିଲେ, ରାଜ୍ୟରେ ବେକାର ଯୁବତୀ ଯୁବକଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଆସାମ, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ, ହରିୟାଣା, ତ୍ରିପୁରା ଆଦି ରାଜ୍ୟରେ ସରକାରୀ ଚାକିରୀ ପାଇଁ ସର୍ବନିମ୍ନ ବୟସସୀମା ୪୨/୪୪ କରାଯାଇଛି। ତେବେ ଓଡିଶାରେ କାହିଁକି ଏ ପର୍ଯ୍ୟନ୍ତ ସରକାରୀ ଚାକିରି ପାଇଁ ସର୍ବନିମ୍ନ ବୟସ ସୀମା ୩୨ରେ ରଖାଯାଇଛି। ସରକାର ଏ ଦିଗରେ ଗୁରୁତର ସହ ବିଚାର କରନ୍ତୁ। ହଜାର ହଜାର ସଂଖ୍ୟାରେ ଛାତ୍ରୀଛାତ୍ର ବର୍ତ୍ତମାନ ଚାକିରି ନ ପାଇ ବେକାର ହୋଇ ବୁଲୁଛନ୍ତି। ତ୍ରିପୁରା ଭଳି ଛୋଟ ରାଜ୍ୟ ଯଦି କରିପାରୁଛି ତେବେ ଓଡିଶା ସରକାର କାହିଁକି ଏହା କରିପାରିବେ ନାହିଁ ବୋଲି ସୁର ପ୍ରଶ୍ନ କରିଛନ୍ତି। ଏହାପରେ ସମାନ ପ୍ରସଙ୍ଗ ଆଣି ବିଧାୟକ ତାରା ପ୍ରସାଦ ବାହିନୀପତି ମୁହଁ ଖୋଲିଥିଲେ। ତାରା କହିଥିଲେ ଯେ, ସୁର ରାଉତରାୟ ଉଠାଇଥିବା କଥା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଛାତ୍ରୀଛାତ୍ରମାନଙ୍କ ପାଖରେ ଏବେ ନିଯୁକ୍ତି ସୁଯୋଗ ନାହିଁ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ସରକାରୀ ଚାକିରି ପାଇଁ ବୟସ ସୀମା ୪୨ ବର୍ଷକୁ ବୃଦ୍ଧି କରନ୍ତୁ ବୋଲି ତାରା କହିଛନ୍ତି।










# ୨୦ ଯାଏ ହାଲ୍‌କା ବର୍ଷା

**ଭୁବନେଶ୍ୱର, ୧୮।୭ (ବ୍ୟୁରୋ):** ଉତ୍ତର -ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି। ଆସନ୍ତା ୨୦ ତାରିଖ ଯାଏ ରାଜ୍ୟରେ ହାଲକା ବର୍ଷା ହେବ। ୨୦ରୁ ୨୨ ତାରିଖ ଯାଏ ପାଗଶୁଖିଲା ରହିବ। ୨୩ ତାରିଖରୁ ବର୍ଷା ପରିମାଣ ବଢ଼ିବ ବୋଲି ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ଗଞ୍ଜାମ, ଗଜପତି, ରାୟଗଡା, ମାଲକାନଗିରି, କନ୍ଧମାଳ, ଖୋର୍ଦ୍ଧା, କଳାହାଣ୍ଡି, ନବରଙ୍ଗପୁର, ସମ୍ବଲପୁର ଆଦି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଏହି ସମୟରେ ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ ଏବଂ ଖୋର୍ଦ୍ଧା ଜିଲାରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଦକ୍ଷିଣ -ପଶ୍ଚିମ ମୌସୁମୀ ଦୁର୍ବଳ ହୋଇଯାଇଛି। ରାଜ୍ୟରେ ନିଅଣ୍ଟିଆ ବର୍ଷା ପରିସ୍ଥିତି ସୃଷ୍ଟି ହୋଇଛି। ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ଜୁନ୍ ପହିଲାରୁ ଏ ପର୍ଯ୍ୟନ୍ତ ୨୬ ପ୍ରତିଶତ କମ୍ ବର୍ଷା ହୋଇଛି।

# ୨୧ରେ ସ୍ୱତନ୍ତ୍ର ଓଜେଇଇ

**ଭୁବନେଶ୍ୱର,୧୮।୭(ବ୍ୟୁରୋ):** ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ବା ସ୍ପେଶାଲ ଓଜେଇଇ ୨୦୧୯ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ବି.ଟେକ୍ ସହ ଲାଟେରାଲ ଏଣ୍ଟ୍ରି ବି.ଟେକ୍(ଡିପ୍ଲୋମା), ଲାଟେରାଲ୍ ଏଣ୍ଟ୍ରି ବି.ଟେକ୍(ବିଏସ୍‌ସି), ଏମ୍‌ବିଏ, ଏମ୍‌ସିଏ, ଲାଟେରାଲ୍ ଏଣ୍ଟ୍ରି ଏମ୍‌ସିଏ, ବି ଫାର୍ମା ଓ ଏମ୍ ଫାର୍ମା ପାଠ୍ୟକ୍ରମରେ ନାମଲେଖା ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହେବ। ମୋଟ ୧୭,୬୭୯ ଛାତ୍ରୀଛାତ୍ର ଏହି ସ୍ପେଶାଲ ଓଜେଇଇ ଦେବାକୁ ଥିବାବେଳେ ଏଥିପାଇଁ ରାଜ୍ୟର ୨୦ଟି ସହରରେ ୩୧ ପରୀକ୍ଷା କେନ୍ଦ୍ର ହୋଇଛି। ୨ଟି ସିଫ୍ଟରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ପୂର୍ବାହ୍ନ ୯ଟା ୩୦ରୁ ୧୧ଟା ୩୦ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରଥମ ସିଫ୍ଟରେ ବି.ଟେକ୍ ଓ ବି. ଫାର୍ମା ପାଇଁ ପରୀକ୍ଷା ହେବ। ମଧ୍ୟାହ୍ନ ୧୨ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଦ୍ୱିତୀୟ ସିଫ୍ଟରେ ଅନ୍ୟ ପାଠ୍ୟକ୍ରମଗୁଡ଼ିକ ଲାଗି ପରୀକ୍ଷା ହେବ। ଛାତ୍ରୀଛାତ୍ରମାନେ ojee.nic.in ୱେବ୍‌ସାଇଟ୍‌ରୁ ସେମାନଙ୍କ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ୨୫ ତାରିଖରେ ପରୀକ୍ଷା ଫଳ ପ୍ରକାଶ ପାଇବ। ୨୫ରୁ ୨୭ ତାରିଖ ମଧ୍ୟରେ ଛାତ୍ରୀଛାତ୍ର ର୍‍ୟାଙ୍କ୍‌କାର୍ଡ ଡାଉନ୍‌ଲୋଡ୍ କରିବା ସହ ଅନ୍‌ଲାଇନ୍ ଚଏସ୍ ଫିଲିଂ କରିପାରିବେ। ଆସନ୍ତା ୩୦ ତାରିଖରେ ପ୍ରଥମ ପର୍ଯ୍ୟାୟ ଆଲଟ୍‌ମେଣ୍ଟ ଓ ଅଗଷ୍ଟ ୩ରେ କଲେଜରେ ପିଲାମାନେ ରିପୋର୍ଟିଂ କରିପାରିବେ। ମିଳିଥିବା ସୂଚନା ମୁତାବକ, ବି.ଟେକ୍‌ରେ ସର୍ବାଧିକ ୭,୭୭୧ ଜଣ ଛାତ୍ରୀଛାତ୍ର ରହିଥିବାବେଳେ ଲାଟେରାଲ ଏଣ୍ଟ୍ରି ବି.ଟେକ୍(ଡିପ୍ଲୋମା)ରେ ୪,୩୧୨ଜଣ, ଲାଟେରାଲ୍ ଏଣ୍ଟ୍ରି ବି.ଟେକ୍(ବିଏସ୍‌ସି)ରେ ୧୨୦, ଏମ୍‌ବିଏ ପାଇଁ ୩,୪୦୪, ଏମ୍‌ସିଏରେ ୬୧୪, ଲାଟେରାଲ୍ ଏଣ୍ଟ୍ରି ଏମ୍‌ସିଏରେ ୨୪୭, ବି.ଫାର୍ମାରେ ୧୧୬୨ ଓ ଏମ୍. ଫାର୍ମାରେ ୪୯ଜଣ ଛାତ୍ରୀଛାତ୍ର ପଞ୍ଜୀକରଣ କରିଛନ୍ତି।



ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ- ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। -ଶ୍ରୀମା



# ଭୁଲ୍ ନିଷ୍ପତ୍ତି

ଜୁଲାଇ ୫ ତାରିଖର କେନ୍ଦ୍ର ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୁନା ଉପରେ ଆମଦାନୀ ଶୁଳ୍କ ୨.୫ ପ୍ରତିଶତ ବୃଦ୍ଧି କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ଅଧିକ ସୁନା କିଣିବାରୁ ନିରୁତ୍ସାହିତ କରିବା। ଭାରତ ହେଉଛି ବିଶ୍ୱର ସର୍ବବୃହତ୍ ସୁନା ଆମଦାନିକାରୀ। ଏହା ବର୍ଷକୁ ହାରାହାରି ୬୫୦ ଟନ୍ ସୁନା ଆମଦାନି କରିଥାଏ। ତେବେ ସୁନା ପ୍ରତି ଆମର ଏତେ ଆକର୍ଷଣ ମୂଳରେ କେବଳ ସାଂସ୍କୃତିକ କାରଣ ନାହିଁ ବା ପର୍ଯ୍ୟାପ୍ତ ସୁନାର ମାଲିକ ହୋଇ ଗହଣାରେ ନିଜକୁ ସଜେଇ ଦେଖେଇହେବାର ପ୍ରଲୋଭନ ନାହିଁ। ଭାରତୀୟମାନଙ୍କ ସୁନା ପ୍ରତି ମୋହ ଏକ ପ୍ରକାର ମାନସିକ ରୋଗ ପରି। ଭାରତ ବ୍ୟାପକ ପରିମାଣର ସୁନା ଅମାଦାନି କରିବାର ଆଉ ଏକ କାରଣ ହେଉଛି ଭାରତରେ ବହୁ କମ୍ ପରିମାଣର ସୁନା ଉତ୍ପାଦନ ହୁଏ। ହଜାର ହଜାର ବର୍ଷ ଭିତରେ ପୃଥିବୀର ବହୁ ପରିମାଣର ସୁନା ଭାରତକୁ ଆସିଛି। ବିଦେଶୀମାନେ ଆମ ଦେଶରୁ ଏହାର ବହୁଳାଂଶ ଲୁଣ୍ଠନ କରି ନେଇଛନ୍ତି। ବର୍ତ୍ତମାନ ଆମ ପାଖରେ ଯାହା କିଛି ବି ସୁନା ଅଛି, ତାହା ବାହାର ଦେଶରୁ ଆସୁଛି। ବର୍ତ୍ତମାନ ଆମଦାନୀ ଶୁଳ୍କ ବୃଦ୍ଧି କରାଯିବା ଯୋଗୁ ସୁନା ମୂଲ୍ୟରେ କିଛିଟା ବୃଦ୍ଧି ଘଟିଛି। ବର୍ତ୍ତମାନ ଘରୋଇ ବଜାରରେ ୧୦ ଗ୍ରାମ୍ ସୁନାର ମୂଲ୍ୟ ପ୍ରାୟ ୩୫,୦୦୦ ଟଙ୍କା। ତେବେ ଦାମ୍ ବଢ଼ିଗଲା ବୋଲି କ'ଣ ଭାରତୀୟମାନେ ସୁନା କିଣିବା ବନ୍ଦ କରିଦେବେ? ବାସ୍ତବରେ କେବେ ନୁହେଁ।

ଭାରତୀୟମାନଙ୍କର ସୁନା ଏତେ ପ୍ରିୟ ହେବାର ଗଭୀରତର କାରଣ ଏହାର ସାଂସ୍କୃତିକ ଚେତନା ଭିତରେ ରହିଛି। ଜାତି, ବର୍ଣ୍ଣ, ଧର୍ମ, ମତ, ଗୋଷ୍ଠୀ, ସମ୍ପ୍ରଦାୟ ନିର୍ବିଶେଷରେ ଭାରତୀୟମାନେ ସୁନା କିଣନ୍ତି। କୌଣସି ପର୍ବପର୍ବାଣି ହେଉ ବା ପାରିବାରିକ ଉତ୍ସବ ଅବସରରେ ସୁନା ଗହଣା କିଣିବା, ପିନ୍ଧିବା ଓ ପ୍ରଦର୍ଶନ କରିବାର ଏକ ନିଆରା ଆକର୍ଷଣ ଥାଏ।

ଭାରତୀୟ ପରିବାରଗୁଡ଼ିକ ପାଖରେ ବିଶ୍ୱର ମୋଟ ସୁନା ଭଣ୍ଡାରର ପ୍ରାୟ ୧୧ ପ୍ରତିଶତ ଅଛି ବୋଲି ବିଶ୍ୱାସ କରାଯାଏ, ଯାହା ପ୍ରାୟ ୨୪,୦୦୦ ଟନ୍ ଓଜନର ଓ ପାଖାପାଖି ୧ ଟ୍ରିଲିୟନ (ଲକ୍ଷ କୋଟି) ଡଲାର ମୂଲ୍ୟର ହେବ। ଏଥି ସହ ଭାରତର ମନ୍ଦିରଗୁଡ଼ିକରେ ମହଜୁଦ ଥିବା ସୁନାକୁ ମିଶାନ୍ତୁ, ଯାହା ୪୦୦୦ ଟନରୁ ଅଧିକ ହେବ। ଭାରତୀୟ ରିଜର୍ଭ ବ୍ୟାଙ୍କ ପାଖରେ ୬୧୫ ଟନ୍ ସୁନା ଗଚ୍ଛିତ ଅଛି। ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ପାଖରେ ୮,୧୩୩ ଟନରୁ ଅଧିକ ସୁନା ମହଜୁଦ ଅଛି, ଯାହା ବିଶ୍ୱର ଅନ୍ୟ ପ୍ରତ୍ୟେକ ଦେଶ ମହଜୁଦ ରଖିଥିବା ସୁନାର ପରିମାଣଠାରୁ ଅଧିକ। ଏହି ତାଲିକାରେ ଆମ ଦେଶର ସ୍ଥାନ ୧୦ ନମ୍ବରରେ ରହିଛି। ବିଶ୍ୱର ସୁନା ସମାଲୋଚକ ଓ କେତେକ ପାଶ୍ଚାତ୍ୟ ଅର୍ଥନୀତିଜ୍ଞଙ୍କ ମତରେ ସୁନାରେ ଅର୍ଥ ନିବେଶ କରିବା ମୂଲ୍ୟହୀନ କାରଣ ଏଥିରୁ କିଛି ସୁଧ ମିଳି ନ ଥାଏ। ସେମାନେ ଚାହାନ୍ତି ଟିକସ ବୃଦ୍ଧି ସମେତ ଯେକୌଣସି ଉପାୟରେ ସୁନାରେ ନିବେଶ ହାର କମାଇବାକୁ। ତେବେ ଏକଥା ସତ ଯେ, ସୁନାରେ ଟଙ୍କା ନିବେଶ କଲେ ସେଥିରୁ କିଛି ସୁଧ ମିଳେ ନାହିଁ ଓ ସେହି ଟଙ୍କା ଅବରୁଦ୍ଧ ହୋଇ ରହିଯାଏ। ଅର୍ଥନୀତିରେ ଏହା ସଚଳ ହୁଏ ନାହିଁ, ଯେପରି ବ୍ୟାଙ୍କରେ ଟଙ୍କା ଜମା କଲେ ହୁଏ। ତଥାପି ସୁନାର କିଣାବିକା ଦ୍ୱାରା ଅର୍ଥନୀତିକୁ ଲାଭ ମିଳେ। ରତ୍ନପଥର ଓ ଗହଣା ଶିଳ୍ପ ଲକ୍ଷ ଲକ୍ଷ ଗହଣା କାରିଗର ଓ ବେପାରୀଙ୍କୁ ନିଯୁକ୍ତି ଦିଏ, ଯେଉଁମାନେ ଏହା ଉପରେ ନିର୍ଭର କରି ବଞ୍ଚନ୍ତି। ଦେଶକୁ ଆମଦାନି କରାଯାଉଥିବା ସୁନାର ଏକ ବୃହତ୍ ଅଂଶରେ ମୂଲ୍ୟଯୁକ୍ତ ହୋଇ ତାହା ପୁଣି ବିଦେଶକୁ ରପ୍ତାନି ହୁଏ। ସାରା ବିଶ୍ୱରେ ଅର୍ଥନୈତିକ ଅନିଶ୍ଚିତତାକୁ ରୋକିବାରେ ସୁନାକୁ ଏକ ବାଡ଼ ଭାବେ ବିବେଚନା କରାଯାଏ। ଭାରତୀୟ ପରିବାରଗୁଡ଼ିକ ଏହା ଭଲଭାବେ ବୁଝିଛନ୍ତି। ତେଣୁ ସରକାର ସୁନା ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରିବା ଏକ ଉତ୍ତମ ଚିନ୍ତାଧାରା ନୁହେଁ। ଆମଦାନୀ ଶୁଳ୍କ ବୃଦ୍ଧି ଯୋଗୁ ଘରୋଇ ବଜାରରେ ସୁନାର ମୂଲ୍ୟ ବୃଦ୍ଧି ପାଇଥିଲେ ମଧ୍ୟ ଚାଇନା-ଆମେରିକା ବାଣିଜ୍ୟ ଯୁଦ୍ଧ ଯୋଗୁ ସୁନାର ଅନ୍ତର୍ଜାତୀୟ ମୂଲ୍ୟ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି କାରଣ ସୁନା ହିଁ ଅର୍ଥନୈତିକ ଅସ୍ଥିରତାରୁ ମୁକ୍ତି ଦେଇପାରିବ ବୋଲି ଲୋକେ ବିଶ୍ୱାସ କରୁଛନ୍ତି। ସୁନାର ଆମଦାନି ହ୍ରାସ କରିବା ଲାଗି ସରକାର ଚେଷ୍ଟା କରିବା ଯେ ଅନୁଚିତ, ତା'ର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ଅନ୍ତର୍ଜାତୀୟ ବଜାର ତୁଳନାରେ ଘରୋଇ ବଜାରରେ ସୁନାର ମୂଲ୍ୟ ବୃଦ୍ଧି ପାଇଲେ ସୁନାର କଳାବଜାର ବୃଦ୍ଧି ପାଇବ, ଯାହା ଅଣ୍ଡରୱାର୍ଲ୍ଡ ଦ୍ୱାରା ନିୟନ୍ତ୍ରିତ ହେବ। ଏକ ସର୍ବେକ୍ଷଣ ଅନୁସାରେ ଏହି ବେଆଇନ କାରବାର ଆଇନାନୁମୋଦିତ କାରବାରର ପ୍ରାୟ ୨୦ ପ୍ରତିଶତ। ଆମଦାନୀ ଶୁଳ୍କ ବୃଦ୍ଧି ମାଧ୍ୟମରେ ସରକାର ଆପଣାଉଥିବା ସଂରକ୍ଷଣବାଦ (Protectionism) ଭଲ ଅପେକ୍ଷା ସ୍ଥାନୀୟ ଶିଳ୍ପର ଅଧିକ କ୍ଷତିସାଧନ କରିବ। ତେଣୁ ସରକାର ଏ ପ୍ରକାର ସଂରକ୍ଷଣବାଦ ତ୍ୟାଗ କରିବା ଉଚିତ, କାରଣ ଏହା ଏକ ଭୁଲ୍ ନିଷ୍ପତ୍ତି।

## ଆଜିର ଅର୍ଥନୀତି

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଜୁଲାଇ ୧୯୯୪

- ଦ୍ୱୈତ ଟିକସ ବ୍ୟବସ୍ଥାକୁ ଦୂର କରିବା ଏବଂ ଟିକସ ଫାଙ୍କି କାରବାରକୁ ରୋକିବା ପାଇଁ ଚାଇନା ଓ ଭାରତ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଶ୍ରୀଲଙ୍କାର ଜାଫନା ଅଞ୍ଚଳରେ ନିର୍ବାଚନକୁ ସ୍ଥଗିତ ରଖିବା ଆବେଦନକୁ ଦେଶର ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 2 | | | | 4 | | C | | | | 6 | | 7 |
| | B | 7 | | | 9 | | | D | 0 | | 1 | 5 | | |
| | | | | | | | | | | 3 | A | 2 | 1 | D |
| 9 | | | | | 3 | | | E | | C | | | | |
| | | | | 6 | | | | A | | 4 | D | | 8 | |
| 2 | | | 0 | | | C | | | | | 5 | 9 | 4 | |
| | | 0 | | | 6 | | | | | 9 | | | | |
| | | | | A | | B | 5 | | | 0 | | | | |
| C | | | | | 7 | E | | | | | 4 | D | 2 | |
| | D | A | 4 | | 8 | | | | | | 6 | 7 | 3 | |
| | | | 2 | | 0 | 5 | | | 7 | | 3 | | C | 6 |
| | | 3 | | 9 | | | | | E | | 8 | | | 1 |
| | | | 5 | | 4 | | A | | | | | | 9 | 2 |
| | | 5 | | 7 | | | 1 | | | A | | 0 | | |
| | | D | A | 8 | 1 | | 9 | | 5 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | B | 6 | 2 | 7 | C | D | 8 | 3 | 5 | 9 | 0 | 4 | A | E |
| E | 2 | C | 8 | 0 | 6 | A | 4 | 5 | 1 | B | D | 9 | 3 | 7 |
| D | 0 | 5 | 3 | E | 4 | C | 9 | 2 | 6 | 7 | A | 1 | B | 8 |
| 7 | A | 8 | 9 | B | D | 0 | E | 1 | C | 3 | 4 | 2 | 6 | 5 |
| 4 | 3 | 9 | 1 | 5 | A | B | 7 | 6 | 2 | E | 8 | 0 | C | D |
| 5 | E | D | A | 2 | 8 | 6 | 3 | C | B | 0 | 9 | 7 | 4 | 1 |
| 3 | 8 | 2 | 6 | 1 | B | 7 | 5 | D | 4 | C | E | A | 9 | 0 |
| 0 | 4 | B | 5 | 3 | 9 | 2 | A | 8 | 7 | D | 1 | 6 | E | C |
| 6 | 7 | A | C | 4 | 0 | 9 | 1 | E | 3 | 5 | 2 | D | 8 | B |
| C | 9 | 1 | E | D | 7 | 4 | 0 | B | 8 | A | 6 | 5 | 2 | 3 |
| 2 | 1 | 0 | 7 | C | E | 5 | B | 9 | A | 6 | 3 | 8 | D | 4 |
| A | D | 3 | 4 | 6 | 5 | E | 2 | 7 | 0 | 8 | C | B | 1 | 9 |
| B | 5 | E | D | 8 | 2 | 1 | C | A | 9 | 4 | 7 | 3 | 0 | 6 |
| 9 | 6 | 7 | 0 | A | 3 | 8 | D | 4 | E | 1 | B | C | 5 | 2 |
| 8 | C | 4 | B | 9 | 1 | 3 | 6 | 0 | D | 2 | 5 | E | 7 | A |

ଗତକାଲିର ଉତ୍ତର

# ଚୌକି ମୋତେ ଚାହେଁ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଗତ ନିର୍ବାଚନ ଫଳ ଘୋଷିତ ହେବା ପରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଲେ, ''ମୁଁ ଚୌକି ଚାହୁଁ ନାହିଁ, ଚୌକି ମୋତେ ଚାହେଁ।'' ତାଙ୍କର ଏହି କଥା ପଦକ ମନେ ପକାଇ ଦେଉଥିଲା ପଞ୍ଜାବର ଏକ ଲୋକକଥା। ଦୁଇଜଣ ପଥିକ ଏକ ନିର୍ଜନ ନଈକୂଳରେ ଯାଉଥାନ୍ତି। ନଈରେ ଆସିଥାଏ ବନ୍ୟା। ନଈରେ ଭାସିଯାଉଥାଏ କଳାରଙ୍ଗର ଏକ ଦ୍ରବ୍ୟ। ଜଣେ ପଥିକକୁ ମନେହେଲା ତାହା ଏକ କମ୍ବଳ। ତା'ର ଇଚ୍ଛା ହେଲା କମ୍ବଳଟିକୁ ସଂଗ୍ରହ କରିବା ପାଇଁ ଓ ସେ ସଙ୍ଗେ ସଙ୍ଗେ ଡେଇଁ ପଡିଲା ନଈ ଭିତରକୁ। ତଥାକଥିତ ସେହି କମ୍ବଳଟିକୁ ସେ ଧରିଲା। ମାତ୍ର ସେ ଆଉ କମ୍ବଳଟିକୁ ଧରି ନଈକୂଳକୁ ଫେରିପାରିଲା ନାହିଁ। ଦ୍ୱିତୀୟ ପଥିକ ତାକୁ ନଈକୂଳରେ ଅପେକ୍ଷା କରିଥାଏ। ମାତ୍ର ସେ ଆଶ୍ଚର୍ଯ୍ୟ ହୋଇ ଦେଖିଲା ତା'ର ସହଯାତ୍ରୀ କମ୍ବଳଟିକୁ ଧରି ଫେରିବା ପରିବର୍ତ୍ତେ କମ୍ବଳ ସହ ନିଜେ ଭାସିଯାଉଛି। ଦ୍ୱିତୀୟ ପଥିକ ନଈକୂଳରେ ଠିଆ ହୋଇ କହିଲା, ମୂର୍ଖ! କମ୍ବଳ ଦରକାର ନାହିଁ। ତାକୁ ଛାଡିଦେଇ ନଈକୂଳକୁ ଚାଲିଆ। ପ୍ରଥମ ପଥିକ କହିଲା, ''ଆରେ ଭାଇ, ମୁଁ କମ୍ବଳକୁ ଛାଡିବାକୁ ଚେଷ୍ଟା କରୁଛି, ମାତ୍ର କମ୍ବଳଟି ମୋତେ ଛାଡୁନାହିଁ।'' କ୍ରମେ ପ୍ରବଳ ସ୍ରୋତରେ ସେ କମ୍ବଳ ସହ ଭାସିଯାଇ ଅଦୃଶ୍ୟ ହୋଇଗଲା। ପ୍ରକୃତରେ ତାହା କମ୍ବଳ ନ ଥିଲା, ଥିଲା କମ୍ବଳ ଭଳି ଦିଶୁଥିବା ଏକ ଭାଲୁ। ଠିକ୍ ସେହି ଢଙ୍ଗରେ ମମତା ବାନାର୍ଜୀ କହିଲେ, ମୁଁ ମୁଖ୍ୟମନ୍ତ୍ରୀ ପଦ ଛାଡିବାକୁ ପ୍ରସ୍ତୁତ, ମାତ୍ର ଏହି ପଦ ମୋତେ ଛାଡୁନାହିଁ। ସତରେ କ୍ଷମତାର କି ପ୍ରଚଣ୍ଡ ଆକର୍ଷଣ। ମଣିଷ ଥରେ କ୍ଷମତାର ସ୍ୱାଦ ଚାଖିଲେ, ସେ ଆଉ କ୍ଷମତାକୁ ଛାଡିପାରେ ନାହିଁ। କେବଳ ଛଳନା କରି ସେ କହେ ''କ୍ଷମତା ମୋତେ ଛାଡୁନାହିଁ''।

ଜୀବଜଗତରେ ଆମେ ଦେଖୁ ଦୁଇପ୍ରକାର କ୍ଷମତାପ୍ରବଣତା- ଗୋଟିଏ ସହଜାତ ଓ ଅନ୍ୟଟି ଅହମିକାପ୍ରଣୋଦିତ। ପଶୁ ଜଗତରେ ଦେଖାଯାଏ ସହଜାତ କ୍ଷମତାପ୍ରବଣତା। ଗୋଟିଏ ସିଂହ ବା ବାଘ ଅନ୍ୟ ପ୍ରାଣୀମାନଙ୍କ ଉପରେ ପ୍ରାକୃତିକ ନିୟମର ବଶବର୍ତ୍ତୀ ହୋଇ କ୍ଷମତା ସାବ୍ୟସ୍ତ କରେ। ମାତ୍ର ମଣିଷ ଅହମିକା ପ୍ରଣୋଦିତ ହୋଇ କ୍ଷମତା ସାବ୍ୟସ୍ତ କରେ। ଆଜି ଯେଉଁ ରାଜନେତାମାନେ କହୁଛନ୍ତି, ଚୌକି ମୋତେ ଚାହେଁ, ମୁଁ ଚୌକି ଚାହୁଁ ନାହିଁ, ସେମାନେ ଅହଂ-କବଳିତ। ଜଣେ ସାଧାରଣ ମଣିଷ କ୍ଷମତା ଓ ପଦ ପାଇବା ପରେ କ୍ରମେ ଅହଂଗ୍ରସ୍ତ ହୋଇଯାଏ। ଏହି ପ୍ରସଙ୍ଗରେ ମନେପଡ଼େ ଏକ କାହାଣୀ। ଜଣେ ରାଜପୁତ୍ର ନିଜର ବିବାହ ପାଇଁ ଜଣେ ରାଜକୁମାରୀ ସନ୍ଧାନରେ ଥାନ୍ତି। ତାଙ୍କର ଧାରଣା ହେଲା ରାଜକୁମାରୀ ମାତ୍ରେ ଉଦ୍ଧତ ଓ ଅହଂକାରୀ। ଏଣୁ ସେ ମନେ ମନେ ଖୋଜିଲେ ଜଣେ ସୌମ୍ୟା ନମ୍ର ବଧୂ ଯିଏ କି ରାଜ ପରିବାରରେ ଜନ୍ମଗ୍ରହଣ କରି ନ ଥିବ। ରାଜକୁମାର ତାଙ୍କର ଜଣେ ଶିକ୍ଷକଙ୍କ ସୁନ୍ଦରୀ କନ୍ୟା ପ୍ରତି ଆକର୍ଷିତ ହେଲେ, କାରଣ ସେ ଥିଲା ଅତ୍ୟନ୍ତ ବିନୟୀ। ଦିନେ ରାଜକୁମାର ଶିକ୍ଷକଙ୍କ ନିକଟକୁ ଯାଇ କହିଲେ, ''ଗୁରୁଦେବ ! ଯଦି ଆପଣ ଆପଣଙ୍କ ବିନୟୀ କନ୍ୟାକୁ ମୋତେ ଅର୍ପଣ କରନ୍ତେ ମୁଁ ତାକୁ ବିବାହ କରି ନିଜକୁ ଭାଗ୍ୟବାନ୍ ମଣନ୍ତି।'' ଶିକ୍ଷକ ଆଶ୍ଚର୍ଯ୍ୟ ହେଲେ। କାରଣ କେତେ ଉଚ୍ଚବଂଶଜ ସୁନ୍ଦରୀ ରାଜକୁମାରୀଙ୍କୁ ପ୍ରତ୍ୟାଖ୍ୟାନ କରି ରାଜକୁମାର ଜଣେ ସାଧାରଣ ଶିକ୍ଷକଙ୍କ କନ୍ୟାକୁ ସ୍ତ୍ରୀରୂପେ ବାଛିଛନ୍ତି। ତେଣୁ ସେ କହିଲେ, ''ଦେଖ ପୁଅ! ତୁମେ ମୋ କନ୍ୟାକୁ ବିବାହ କଲେ ମୁଁ ଓ ମୋ କନ୍ୟା ଉଭୟେ ନିଜକୁ ଭାଗ୍ୟଶାଳୀ ମଣିବୁ। ମାତ୍ର ତୁମେ ପ୍ରକୃତରେ ଭାଗ୍ୟବାନ୍ ହୋଇପାରିବ କି ନାହିଁ ସେ କଥା ମୁଁ କହିପାରିବି ନାହିଁ।'' ମାତ୍ର ରାଜକୁମାର ତାଙ୍କ ସିଦ୍ଧାନ୍ତରେ ଅଟଳ ରହିଲେ ଓ ଶିକ୍ଷକଙ୍କ କନ୍ୟାକୁ ବିବାହ କଲେ।

ଅନେକ ବର୍ଷ ଅତିକ୍ରାନ୍ତ ହେଲା। ପିତାଙ୍କ ନିକଟରେ ଥିବାବେଳେ ଯେଉଁ କନ୍ୟା ଅତ୍ୟନ୍ତ ବିନୟୀ ଥିଲା ସେ ରାଜକୁମାରଙ୍କୁ ବିବାହ କରିବା ପରେ କ୍ରମେ ଉଦ୍ଧତ ଓ ଅହଂକାରୀ ହୋଇଗଲା। ରାଜକୁମାର ତା'ର ପରିବର୍ତ୍ତିତ ବ୍ୟବହାରରେ ବିସ୍ମିତ ହେଲେ ଓ ଶିକ୍ଷକଙ୍କୁ ଏହାର କାରଣ ପଚାରନ୍ତେ ଶିକ୍ଷକ କହିଲେ, ''ପୁଅ ! ତୁମେ ତା'ର ପରିବର୍ତ୍ତିତ ବ୍ୟବହାରରେ ବିସ୍ମିତ ହୋଇଥାଇ ପାର, ମାତ୍ର ମୁଁ ବିସ୍ମିତ ନୁହେଁ। ତୁମେ ଅନେକ ସୁନ୍ଦରୀ ରାଜକୁମାରୀଙ୍କ ବିବାହ ପ୍ରସ୍ତାବକୁ ଅଗ୍ରାହ୍ୟ କରି ମୋ କନ୍ୟାକୁ ପସନ୍ଦ କଲ। ଫଳରେ ସେ ଭାବିନେଲା ଯେ ସେ ନିଶ୍ଚୟ ଅସାମାନ୍ୟା ହୋଇଥିବ, ନ ହେଲେ ତୁମେ ତାକୁ ବିବାହ କରି ନ ଥାନ୍ତ। ସେ ଏହି ଧାରଣା ଦ୍ୱାରା କବଳିତ ହୋଇ ବନିଗଲା ଅହଂକାରୀ। ନିର୍ବାଚନ ସମୟରେ ନେତାମାନେ ଯେତେବେଳେ ଘର ଘର ବୁଲି ଭୋଟ ଭିକ୍ଷା କରନ୍ତି, ସେତେବେଳେ ସେମାନେ ଅତ୍ୟନ୍ତ ବିନୟୀ ଜଣାପଡନ୍ତି। ସେମାନଙ୍କ ବିନୟ ଭାବରେ ପ୍ରଭାବିତ ହୋଇ ଜନସାଧାରଣ ସେମାନଙ୍କୁ ଭୋଟ ଦିଅନ୍ତି। ନିର୍ବାଚନ ସରେ, ସେମାନେ କ୍ଷମତାରେ ଅଧିଷ୍ଠିତ ହୁଅନ୍ତି। ଶିକ୍ଷକଙ୍କ କନ୍ୟା ଭଳି ସେମାନଙ୍କ ଭାବାନ୍ତର ଘଟେ। ଅନେକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଅଗ୍ରାହ୍ୟ କରି ଭୋଟରମାନେ ଯେତେବେଳେ ତାଙ୍କୁ ମନୋନୀତ କରି ଶାସନ ଗାଦିରେ ବସାଇଛନ୍ତି ସେମାନେ ନିଶ୍ଚୟ ଅସାମାନ୍ୟ ବ୍ୟକ୍ତିତ୍ୱ ହୋଇଥିବେ ବୋଲି ସେମାନଙ୍କ ଧାରଣା ସୃଷ୍ଟି ହୁଏ। କ୍ରମେ ସେମାନଙ୍କ ପ୍ରାକ୍-ନିର୍ବାଚନ ସମୟର ବିନୟଭାବ ଉଭେଇଯାଏ ଓ ସେମାନେ ପାଲଟିଯାଆନ୍ତି କ୍ଷମତାଶାଳୀ ଅହଂକାରୀ ବ୍ୟକ୍ତି। ଆଜି ଅଧିକାଂଶ ରାଜନେତାଙ୍କ ଆଚରଣରେ ଏହାହିଁ ପ୍ରତିଫଳିତ ହେଉଛି।

ଲର୍ଡ ଏକ୍ଟନ ତାଙ୍କର Historical Essays and Studies ପୁସ୍ତକରେ କହିଛନ୍ତି କ୍ଷମତା ଦୁର୍ନୀତିପରାୟଣ କରାଏ, ସୀମାହୀନ କ୍ଷମତା ସୀମାହୀନ ମାତ୍ରାରେ ଦୁର୍ନୀତିପରାୟଣ କରାଏ (Power corrupts and absolute power corrupts absolutely)। ମାତ୍ର ଜର୍ଜ ବର୍ଣ୍ଣାଡ୍ଶ ଏକ ଭିନ୍ନ କଥା କହିଛନ୍ତି। ତାଙ୍କ ମତରେ କ୍ଷମତା ବ୍ୟକ୍ତିକୁ ଦୁର୍ନୀତିପରାୟଣ କରେ ନାହିଁ, କିନ୍ତୁ ନିର୍ବୋଧମାନେ ଯଦି କ୍ଷମତାସୀନ ହୁଅନ୍ତି, ସେମାନେ ହିଁ କ୍ଷମତାକୁ ଦୁର୍ନୀତିମୟ କରିପକାନ୍ତି (Power does not corrupt man; but fools, if they get into position of power, corrupt power)। ବର୍ଣ୍ଣାଡ୍ଙ୍କ ମତରୁ ଆମେ ଆଶା କରିପାରିବା ଅଣନିର୍ବୋଧମାନେ କ୍ଷମତାସୀନ ହେଲେ କିଛି ବିପଦ ନାହିଁ। ମାତ୍ର ଆଜି ଅନେକ ଗୁଣୀ, ଜ୍ଞାନୀ ଓ ଶିକ୍ଷିତ ବ୍ୟକ୍ତି ଶାସନର ମଙ୍ଗ ଧରିଲେଣି। ମାତ୍ର ପରବର୍ତ୍ତୀ ସମୟରେ ସେମାନେ ବି ଦୁର୍ନୀତିରେ ବୁଡି ରହୁଛନ୍ତି। ଦୁର୍ନୀତି ପଛରେ ରହିଥାଏ ସେହି କ୍ଷମତାର ଆକର୍ଷଣ। ଏହି ପ୍ରସଙ୍ଗରେ ସାହିତ୍ୟିକ ଜନ ଷ୍ଟେଇନ୍‌ବେକ୍ କହିଛନ୍ତି, କ୍ଷମତା ଦୁର୍ନୀତିପରାୟଣ କରେନାହିଁ, ଦୁର୍ନୀତିପରାୟଣ କରାଏ ଭୟ, ସମ୍ଭବତଃ କ୍ଷମତା ଚାଲିଯିବାର ଭୟ (Power does not corrupt, Fear corrupts, perhaps the fear of loss of power)। ଭୋଟ ପାଇ ଶାସନ ଗାଦିରେ ପାଞ୍ଚବର୍ଷ ସିନା ବସିହୁଏ, ତା'ପରେ ପୁଣି ଭୋଟ ମିଳିବ କି ନା ସେହି ଆଶଙ୍କା ରହିଥାଏ। କ୍ଷମତା ଚାଲିଯିବା ପରେ ତାଙ୍କ ଅବସ୍ଥା କ'ଣ ହେବ ସେହି ଭୟ ନେତାଙ୍କୁ ଗ୍ରାସ କରେ। ଫଳରେ ଆହୁରି ନିର୍ମମ ଭାବରେ ସେମାନେ କ୍ଷମତାକୁ ଜାବୁଡି ଧରିବା ପାଇଁ ତା'ର ଅପପ୍ରୟୋଗ କରନ୍ତି ଓ ଦୁର୍ନୀତି କରନ୍ତି। ତା' ସତ୍ତ୍ୱେ ଛଳନା କରି ସେମାନେ କହନ୍ତି, ''ମୁଁ ଶାସନ ଗାଦି ଚାହୁଁନାହିଁ, ହେଲେ ମୋର ଦେଶପ୍ରେମ ମୋତେ ବାଧ୍ୟ କରୁଛି।''

ସେଦିନ ନିଜର ଅଜ୍ଞାନତାବଶତଃ ପଥିକ ଜଣକ ଭାଲୁକୁ କମ୍ବଳ ଭାବି ଧରିଥିଲା। ମାତ୍ର ଭାଲୁଟି ତାକୁ ଜାବୁଡି ଧରିଲା ଓ ଉଭୟେ ପ୍ରବଳ ସ୍ରୋତରେ ଭାସିଗଲେ। ଆଜି ମଣିଷ ସଚେତନ ଭାବରେ କ୍ଷମତାକୁ ଜାବୁଡି ଧରୁଛି। ତା'ର ଅପପ୍ରୟୋଗ କରୁଛି। ସେ ଭୁଲିଯିବା ଉଚିତ ନୁହେଁ ଯେ ଭାଲୁଟି ପଥିକକୁ ଭସାଇନେବା ଭଳି ସେ ଅପପ୍ରୟୋଗ କରିଥିବା କ୍ଷମତା ତାକୁ ମଧ୍ୟ ଭସାଇନେବ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ,
ମୋ-୯୪୩୭୩୨୯୨୬୩

# ଏଜେଣ୍ଟଙ୍କ ଦୁଃଖ



ରୁଦ୍ର ପ୍ରସନ୍ନ ରଥ

ଗତ କିଛି ବର୍ଷ ହେଲା ଦେଶର ପୂର୍ବାଞ୍ଚଳର ରାଜନୀତିକୁ ଚିଟ୍ ଫଣ୍ଡ ବେଶ୍ ସରଗରମ କରି ରଖିଛି। ଖାସ୍ କରି ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ହଜାର ହଜାର ଲୋକଙ୍କର କୋଟି କୋଟି ଟଙ୍କା ଚିଟ୍ ଫଣ୍ଡରେ ଫସିରହିଛି। ଅନେକଙ୍କର କଷ୍ଟଲବ୍ଧ ଧନକୁ ନେଇ ଚିଟ୍ ଫଣ୍ଡ କମ୍ପାନୀଗୁଡ଼ିକ ଛୁ' ମାରିଥିବା ବେଳେ ସାଧାରଣ ଲୋକ ନିଜର ସର୍ବସ୍ୱ ହରାଇଛନ୍ତି। କିଏ ଧାନ ଜମି ବିକି ରଖିଥିବା ପଇସାକୁ ଚିଟ୍ ଫଣ୍ଡ କମ୍ପାନୀ ହାତକୁ ଟେକିଦେଇଛି ତ ଆଉ କିଏ ଝିଅ ବାହାଘର ପାଇଁ ରଖିଥିବା ଅର୍ଥକୁ ଚିଟ୍ ଫଣ୍ଡ କମ୍ପାନୀ ଟାଣିନେଇଛି। ଆଉ କାହାର ଅବସରକାଳୀନ ଅର୍ଥ ଚିଟ୍ ଫଣ୍ଡ କମ୍ପାନୀଙ୍କ ଲୋଭିଲା ଆଁ ଭିତରେ ଗଳିଯାଇଛି। ଲୋକମାନେ ପଇସା ଫେରିପାଇବାକୁ ଅନେଇ ରହିଥିବା ବେଳେ ଚିଟ୍ ଫଣ୍ଡ କମ୍ପାନୀର ମାଲିକମାନେ ଜେଲରେ ଅଛନ୍ତି।

ଏ ଭିତରେ କିନ୍ତୁ ଆଉ ଦଳେ ଫସିଛନ୍ତି ଯେଉଁମାନେ ଏହିସବୁ କମ୍ପାନୀରେ ଏଜେଣ୍ଟ ହୋଇ ନିଜର ଗୁଜୁରାଣ ମେଣ୍ଟାଉଥିଲେ। କମ୍ପାନୀଗୁଡ଼ିକ ଗାଁରୁ ଅଳ୍ପ ଶିକ୍ଷିତ ଯୁବକ, ଘରୋଇ ମହିଳା କିମ୍ବା ଅବସରପ୍ରାପ୍ତ ବ୍ୟକ୍ତିମାନଙ୍କୁ ଏ ନେଇ ଏଜେଣ୍ଟଭାବେ ନିଯୁକ୍ତି ଦେଇଥିଲେ। ଦରମା ୫ରୁ ୭ ହଜାର ସହ ବିଭିନ୍ନ ଭତ୍ତା ଏବଂ ପ୍ରୋତ୍ସାହନ ରାଶିର ଲୋଭ ଦେଖାଇ ଏହି ଏଜେଣ୍ଟମାନଙ୍କୁ ବଳିର ବୋଦା ଭାବେ ବ୍ୟବହାର କରାଯାଇଥିଲା। ଲୋକଙ୍କଠାରୁ ଅଣାଯାଇଥିବା ପଇସା କେଉଁଠି ବିନିଯୋଗ ହେଉଛି, କେମିତି ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍‌ଠୁ ଅଧିକ ସୁଧ ଲୋକଙ୍କୁ ଦେବା ସମ୍ଭବ ହେଉଛି, ଚିଟ୍‌ଫଣ୍ଡ ଚଳାଉଥିବା ଅନୁଷ୍ଠାନ କେଉଁ ଆଇନ ବଳରେ ଏହି ବ୍ୟବସାୟ କରୁଛି ତାହା ଏମାନଙ୍କ ପକ୍ଷରେ ବୁଝିବା ସମ୍ଭବ ହୋଇ ନ ଥିଲା। କିଛି ବୁଝିବାକୁ ଚାହିଁ ନ ଥିଲେ ଆଉ କିଛି ବୁଝିବାକୁ ଚାହିଁଥିଲେ ବି ସେମାନଙ୍କ ଆଖି ଆଗରେ ସ୍ୱପ୍ନର ଅଟ୍ଟାଳିକା ଠିଆକରାଇ ଦିଆଯାଇଥିଲା। ଅଧିକ ପଇସାର ଲୋଭ, ବିଦେଶ ଯିବାର ପ୍ରଲୋଭନ ଏବଂ କମ୍ ଦିନରେ ବଡ଼ଲୋକ ହେବା ମୋହରେ ଏମାନଙ୍କୁ ଏମିତି ବାନ୍ଧି ଦିଆଯାଇଥିଲା ଯେ ସେମାନେ ଚାହିଁଲେ ବି ସେଥିରୁ ବାହାରିପାରି ନ ଥିଲେ। ଏପରି ଭାବେ କମ୍ପାନୀ ଏହି ଏଜେଣ୍ଟଙ୍କୁ ମାଧ୍ୟମ କରି ବିଭିନ୍ନ ଅଞ୍ଚଳରୁ ଗୋଟାଇ ନେଇଥିଲା କୋଟି କୋଟି ଟଙ୍କା। ଅଧାବୁଝି କାମ କଲେ ଯାହା ହୁଏ ତାହା ହିଁ ହେଲା। କମ୍ପାନୀ ପଇସା ନେଇ ଛୁ' ମାରିଲା ପରେ ଏଜେଣ୍ଟଙ୍କ ଘର ଆଗରେ ଜମାକାରୀଙ୍କ ଭିଡ଼ ଦେଖାଗଲା। ଜମାକାରୀ ଯଦିଓ ଚିଟ୍ ଫଣ୍ଡ ଯୋଜନାର ଲାଭ ଦେଖି ପ୍ରଲୋଭିତ ହୋଇ ପଇସା ଦେଇଥିଲେ, ପଇସା ବୁଡ଼ିଲା ବେଳକୁ ଏଜେଣ୍ଟଙ୍କୁ ଭରସାକରି ଦେଇଥିଲେ ବୋଲି କହିଲେ। ଅବଶ୍ୟ ଜମାକାରୀଙ୍କ ପାଖରେ ଅନ୍ୟ ବାଟ ନ ଥିଲା। ଅଶିକ୍ଷିତ ଏବଂ ଅଳ୍ପ ଶିକ୍ଷିତ ଜମାକାରୀ ଏଜେଣ୍ଟଙ୍କ ଛଡ଼ା ଆଉ କାହାକୁ ଚିହ୍ନି ନ ଥିଲେ। କମ୍ପାନୀଙ୍କ ଚତୁର ତାଲିମଦାତାମାନେ ଏଜେଣ୍ଟମାନଙ୍କୁ ଏପରି କହିବାକୁ ତାଲିମ ଦେଇଥିଲେ।

ଏହାର ପରବର୍ତ୍ତୀ ଅବସ୍ଥା ଏଜେଣ୍ଟମାନଙ୍କ ପାଇଁ ସତରେ କରୁଣ। ଓଡ଼ିଶାରେ ୨୦ରୁ ଊର୍ଦ୍ଧ୍ୱ ଜମାକାରୀ ଆତ୍ମହତ୍ୟା କରିସାରିଲାବେଳେ ପଶ୍ଚିମବଙ୍ଗରେ ଏହାର ସଂଖ୍ୟା ପଚାଶ ଟପିଲାଣି। ଏବେ ବି ସଂଖ୍ୟାଧିକ ଏଜେଣ୍ଟ ଆତ୍ମଗୋପନ କରିଛନ୍ତି। ଆଉ କିଛି ଏଜେଣ୍ଟ ନିଜ ଘରବାଡ଼ି ବିକି କିସ୍ତି କିସ୍ତି କରି ପଇସା ଫେରାଉଛନ୍ତି। ପୁଣି ଆହୁରି ଅନେକ ଜାଗାରେ ଏଜେଣ୍ଟମାନଙ୍କ ଉପରେ ତୁରନ୍ତ ପଇସା ଫେରାଇବାକୁ ଚାପ ବଢ଼ୁଛି। ପଇସା ଫେରାଇବାକୁ ଯାଇ ଅନେକେ ଏବେ ରୋଗଗ୍ରସ୍ତ। ପଇସା ଫେରାଇ ନ ପାରିବାରୁ ଅନେକେ ବିଟ୍ ବଜାରରେ ନିୟମିତ ବେଜିତ୍ ହେଉଛନ୍ତି। ଏଥିରେ ଅନେକ ଏଜେଣ୍ଟଙ୍କର ନିଜର ପଇସା ନେଇ କମ୍ପାନୀ ଛୁ ମାରିଛି ବୋଲି କହିଲେ ବି ଲୋକେ ଏକଥା ମାନିବାକୁ ପ୍ରସ୍ତୁତ ନାହାନ୍ତି। ଏହି ଚାପରେ ଅନେକେ ଏବେ କତରାଲଗା ହୋଇଗଲାଣି। କେତେକ ନିଜ ବିକଳ୍ପ ରୋଜଗାର ଅର୍ଥରୁ କିସ୍ତିରେ ଲୋକଙ୍କୁ ପଇସା ଫେରାଇଲେ ବି ଏହା କମ୍ ପଡୁଛି।

ଚିଟ୍ ଫଣ୍ଡ କାରବାର ଯୋଗୁ ଅନେକ ଲୋକ ଯେ ବାରଦୁଆର ହେଉଛନ୍ତି ତାହା କହିବାରେ ଦ୍ୱିଧା ନାହିଁ। ମାତ୍ର ଏଜେଣ୍ଟମାନେ ଯେ ଏଥିରେ ସବୁମତେ ଦାୟୀ ତାହା କହିବା ଭୁଲ୍ ହେବ। ଅନେକ ଏଜେଣ୍ଟଙ୍କ ପାଠ ଏତେ କମ୍ ଯେ ସେମାନଙ୍କୁ ସବୁ ଜିନିଷ ପ୍ରାଞ୍ଜଳଭାବେ ବୁଝାଇଥିଲେ ଯେ ସେମାନେ ବୁଝିପାରିଥାନ୍ତେ ତା' କହିବା ସତ୍ୟର ଅପଳାପ ହେବ। ପୁଣି ଏମାନଙ୍କ ଉପରେ ମାସିକ ଜମାକାରୀ ଯୋଗାଡ଼ କରିବାର ଆଗୁଆ ଲକ୍ଷ୍ୟ ଦିଆଯାଉଥିଲା ଯାହାକୁ ପୂରଣ କରି ନ ପାରିଲେ ପାଇଥିବା ସେଇ ଛୋଟିଆ ଚାକିରି ଚାଲିଯିବାର ବି ଭୟ ରହିଥିଲା।

ଏପରି ପରିସ୍ଥିତି ଯେ ଆଗକୁ ନ ଆସିବ ତାହା କହିହେବ ନାହିଁ। ଅଳ୍ପ ପରିଶ୍ରମରେ ଅଧିକ ପଇସା ରୋଜଗାର କରିବାର ନିଶା ଯେପର୍ଯ୍ୟନ୍ତ ମଣିଷ ମନରୁ ନ ଯାଇଛି ସେ ଯାଏ ଚିଟ୍ ଫଣ୍ଡ କମ୍ପାନୀ ପରି ଭିନ୍ନ ଭିନ୍ନ ବାଟରେ କମ୍ପାନୀଗୁଡ଼ିକ ବାଟ ଖୋଜି ଚାଲିବେ। ଅଧାବୁଝି କିମ୍ବା ଆଦୌ ନ ବୁଝି କମ୍ପାନୀର କାର୍ଯ୍ୟକୁ ଲାଭଦାୟକ କହି ଗୋଷ୍ଠୀରେ ପ୍ରଚାର ପ୍ରସାର କରୁଥିବା ଏଜେଣ୍ଟମାନେ ହିଁ ଏମାନଙ୍କ ବଳିର ବୋଦା ହେବେ। ଏପରି ସ୍ଥଳରେ ସରକାର ଏହିପରି କମ୍ପାନୀଗୁଡ଼ିକ ଉପରେ ନଜର ରଖିବା ଆବଶ୍ୟକ। ଏଜେଣ୍ଟମାନଙ୍କର ପଞ୍ଜୀକରଣ କରାଯିବା ସହ କମ୍ପାନୀଗୁଡ଼ିକ ଏମାନଙ୍କ ପାଇଁ ସାମାଜିକ ସୁରକ୍ଷା ବନ୍ଦୋବସ୍ତ କରିବା ଆବଶ୍ୟକ। ଆଉ ଲୋକମାନେ ମଧ୍ୟ ଏହିପରି ଏଜେଣ୍ଟମାନଙ୍କ ସହ କାରବାର କରିବା ପୂର୍ବରୁ ନିଜକୁ ସଚେତନ କରିନେବା ଆବଶ୍ୟକ। ଆବଶ୍ୟକତାଠାରୁ ଅଧିକ ଏବଂ ସମୟଠାରୁ ଶୀଘ୍ର ପାଇବାର ଆଶା ସବୁବେଳେ ବିନାଶର କାରଣ ସାଜେ- ଏ କଥାକୁ ଯେଉଁ ବ୍ୟକ୍ତି ବୁଝିଛି ସେ କେବେ ବି ପ୍ରବଞ୍ଚକ କମ୍ପାନୀ ଏବଂ ତା' ପ୍ରଲୋଭନର ଶିକାର ହେବ ନାହିଁ।

ଧବଳଗିରି, ଯାଜପୁର ରୋଡ୍,
ମୋ-୭୯୭୮୬୭୧୭୭୬

## ଏଇ ଭାରତରେ

ହସ୍ପିଟାଲରେ ସ୍ଥାନର ଅଭାବ ଯୋଗୁ ଚିକିତ୍ସା ପାଇଁ ଆସିଥିବା ୧୦୦ ଶିଶୁଙ୍କୁ ନିଜ ବଙ୍ଗଳାକୁ ନେଲେ ଜିଲାପାଳ। ଏବେ ତାଙ୍କର ମହତ୍‌ପଣିଆ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେ ହେଉଛନ୍ତି ମଧ୍ୟପ୍ରଦେଶ ସିଦ୍ଧି ଜିଲାର ଜିଲାପାଳ ଅଭିଷେକ ସିଂ। ସ୍ଥାନୀୟ ସିହାୱାଲ ଅଞ୍ଚଳରେ ଥିବା ଏକ ସରକାରୀ ହସ୍ପିଟାଲକୁ ଡାଇରିଆ ନିରାକରଣ ଅଭିଯାନରେ ବହୁ ଶିଶୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କଠାରେ ରକ୍ତହୀନତା ଲକ୍ଷଣ ଚିହ୍ନଟ ହୋଇଥିଲା। ଏତେସଂଖ୍ୟକ ଶିଶୁଙ୍କୁ ହସ୍ପିଟାଲରେ ରଖିବା ପାଇଁ ସ୍ଥାନର ଅଭାବ ଦେଖାଦେଇଥିଲା। ତେବେ ଏଥିରେ ବିଚଳିତ ନ ହୋଇ ଜିଲାପାଳ ଅଭିଷେକ ୧୦୦ ଶିଶୁଙ୍କୁ ଚିକିତ୍ସା ପାଇଁ ନିଜ ସରକାରୀ ବଙ୍ଗଳାକୁ ନେଇଯାଇଥିଲେ। ସେଠାରେ ଶିଶୁଙ୍କ ପରିବାର ସଦସ୍ୟଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା ମଧ୍ୟ କରିଥିଲେ। ଏନେଇ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ପ୍ରଶଂସା କରିଛନ୍ତି।

## ଚିରନ୍ତନୀ

ନିରାଟ ନିର୍ଜୀବ ଆହେ ନିରୁପମ
ରୂପବାନ୍ ଧାତୁ!
ପ୍ରକଟିଲା ଧରା ପରେ ଜ୍ୟୋତି ତବ
ସେ କେଉଁ ପ୍ରଭାତୁଁ?
ଖେଳାଇଲ ହାସ୍ୟ କେତେ ବୁହାଇଲ
ଲୋତକ ଯମୁନା
ଭୁବନ ବାଞ୍ଛିତ ଚିର ହେ ବିଜୟୀ
ହେ ମହାନ୍ ସୁନା!
ସାଧନାର ଶ୍ରେଷ୍ଠ ସିଦ୍ଧି ଦୁନିଆର
ଉଚ୍ଚତମ ଆଶା
ମାନବର ଅଗ୍ରଚିନ୍ତା, ଶେଷ ଶିକ୍ଷା
ଶ୍ରେଷ୍ଠତମ ଭାଷା!
ନୀତି ଧର୍ମ ସ୍ନେହ ପ୍ରେମ ତଳେ ଯେତେ
ଭଣ୍ଡାମି ଛଳନା
କରିଛ ପ୍ରକାଶ ସବୁ, ମୂଲ୍ୟ ତା'ର
କରିଛ କଳନା।
(ସୁନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମାର୍କ ବଦଳରେ ଲିଖିତ ପରୀକ୍ଷା କରାଯାଉ

ମହାଶୟ,

ବିଭିନ୍ନ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଭିନ୍ନ ଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ ପାଇଁ ଆୟୋଜିତ ହେଉଛି ପ୍ରତିଯୋଗିତାମୂଳକ ପରୀକ୍ଷା। ତେବେ କେତେକ କ୍ଷେତ୍ରରେ ଲିଖିତ ପରୀକ୍ଷା ମାଧ୍ୟମରେ ପ୍ରାର୍ଥୀ ଚୟନ କରାଯାଉଥିବା ବେଳେ ଆଉ କେତେକ କ୍ଷେତ୍ରରେ ୧୦ମ, +୨ କିମ୍ବା +୩ ଶ୍ରେଣୀରେ ରଖିଥିବା ନମ୍ବରକୁ ଭିତ୍ତିକରି ନିଯୁକ୍ତି ଦିଆଯାଉଛି। ପୁଣି କିଛି ନର୍ଦ୍ଦିଷ୍ଟ କୋର୍ସ ବା ଶ୍ରେଣୀରେ ନାମ ଲେଖାଇବା ବେଳେ ପୂର୍ବ ଶ୍ରେଣୀରେ ହାସଲ କରିଥିବା ନମ୍ବରକୁ ଆଧାର କରି ନାମ ଲେଖାଯାଉଛି। ତେଣୁ ଅନେକ ମେଧାବୀ ଛାତ୍ରୀଛାତ୍ରଙ୍କର ଶତପ୍ରତିଶତ ଦକ୍ଷତା ଥିଲେ ମଧ୍ୟ କୌଣସି କାରଣବଶତଃ ଅଧିକ ନମ୍ବର ରଖିପାରି ନ ଥିବାରୁ ସେମାନେ ଚାକିରି କରିବା ବା ନାମ ଲେଖାରୁ ବଞ୍ଚିତ ହେଉଛନ୍ତି। ଅନେକ ଛାତ୍ରୀଛାତ୍ର ବିନା ପରିଶ୍ରମରେ କପିକରି ବି ଅଧିକ ନମ୍ବର ରଖିବାରେ ସମର୍ଥ ହେଉଛନ୍ତି। ଏହା ସେମାନଙ୍କୁ ମାର୍କକୁ ଆଧାରକରି ଚୟନ କରାଯାଉଥିବା ପଦପଦବୀ ପାଇଁ ବେଶ୍ ସହାୟକ ହୋଇପାରୁଛି। ତେଣୁ ପ୍ରତ୍ୟେକ ଚାକିରି ଓ ନାମଲେଖା ପାଇଁ ଶିକ୍ଷାଗତ ଯୋଗ୍ୟତା କେବଳ ୧୦ମ, ଯୁକ୍ତ୨ କିମ୍ବା ଯୁକ୍ତ୩ ପାସ ରଖାଯାଉ ଏବଂ ଲିଖିତ ପରୀକ୍ଷାକୁ ସବୁଥିରେ ବାଧ୍ୟତାମୂଳକ କରାଯାଉ।

ସୁଶାନ୍ତ କୁମାର ଖଟୁଆ, ଉତ୍କଳମଣି ସେବା ସଂଗଠନ, ଜେନାପୁର, ଯାଜପୁର

### ପିଲା ଜୋତା ମୁଣ୍ଡାଇ ଫେରୁଛନ୍ତି

ଗତବର୍ଷ ସରକାରୀ ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କୁ ସରକାରଙ୍କ ତରଫରୁ ଜୋତା ଓ ମୋଜା ମିଳିଛି। ପୂର୍ବରୁ ପୋଷାକ ମିଳୁଥିଲା। ଘରୋଇ ବିଦ୍ୟାଳୟଗୁଡ଼ିକ ଭଳି ପିଲାମାନେ ଏକାଭଳି ପୋଷାକ ପିନ୍ଧି ବିଦ୍ୟାଳୟ ଯିବେ। ବହୁତ ଭଲ କଥା। କିନ୍ତୁ ପ୍ରାଥମିକ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପ୍ରାୟତଃ ଚଟାଣ କିମ୍ବା ସତରଞ୍ଜିରେ ବସନ୍ତି। ସେଠାରେ ଜୋତା ପିନ୍ଧି ବସିବା ସମ୍ଭବ ନୁହେଁ। ୧ମରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଜୋତା ପିନ୍ଧି ଆସୁନି। କୌଣସି ପ୍ରକାର ସ୍କୁଲ ବାରଣ୍ଡାରେ ଜୋତା ଖୋଲି ଘରେ ବସନ୍ତି। ଫେରିଲା ବେଳକୁ ଆଉ ଜୋତା ପିନ୍ଧିବା ସମ୍ଭବ ହେଉନି। ଫଳରେ ଏକାଭଳି ବାରଣ୍ଡାରେ ଗଦା ହୋଇଥିବା ଜୋତାରୁ ୨ଟି ବ୍ୟାଗ୍‌ରେ ପୂରାଇ ଆସୁଛନ୍ତି। ଫଳରେ କାହାର ୨ଟି ଡାହାଣ ହେଲା ବେଳେ ଆଉ କାହାର ୨ଟି ବାମ ହେଉଛି। ତେଣୁ ୧ମ ଶ୍ରେଣୀଠାରୁ ଛୋଟ ପିଲା ବସିବା ଭଳି ଡେସ୍କବେଞ୍ଚ ବ୍ୟବସ୍ଥା କରିବାକୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ। ନଚେତ୍ ଛୋଟ ପିଲା ସ୍କୁଲରୁ ଜୋତା ମୁଣ୍ଡାଇ ଫେରୁଥିବେ।

ନାରାୟଣ ପରିଜା, ଦଣ୍ଡାସାହି, ତିର୍ତ୍ତୋଲ, ଜଗତ୍‌ସିଂହପୁର

### ଶିଶୁ ଶ୍ରମିକଙ୍କ ଦୁରବସ୍ଥା

ଆଜିର ଶିଶୁ କାଲିର ଭବିଷ୍ୟତ। କିନ୍ତୁ ପ୍ରତିଦିନ ଆଖିରେ ପଡୁଛି ଶିଶୁ ଶ୍ରମିକଙ୍କ ଦୁରବସ୍ଥା। କିଏ ରିକ୍ସା ଟାଣୁଛି ତ କିଏ ଭାରି ଜିନିଷ ବୋହୁଛି। ସରକାର ଏ ଦିଗରେ କଡ଼ା ପଦକ୍ଷେପ ନିଅନ୍ତୁ।

ସନ୍ନ୍ୟାସୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଗୁଜରାଟର ପୂର୍ବତନ କଂଗ୍ରେସ ବିଧାୟକ ଅଲ୍ପେଶ ଠାକୁର ଓ ଧବଳସିଂ ଜାଲା ଭାଜପାରେ ସାମିଲ ହୋଇଛନ୍ତି। ଦଳର ମୁଖ୍ୟ କାର୍ଯ୍ୟାଳୟରେ ଏମାନେ ଗୁଜରାଟ ଭାଜପା ଅଧକ୍ଷ ଜିତୁ ଭଗାନୀଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ରାଜ୍ୟ ସଭା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ବିରୋଧରେ ଭୋଟଦେବା ପରେ ଠାକୁର ଓ ଜାଲା ଜୁଲାଇ ୫ରେ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। କଂଗ୍ରେସରେ ଏମାନେ ଖୁସି ନ ଥିବା ପୂର୍ବରୁ ପ୍ରକାଶ କରିଥିଲେ।

# କୁଳଭୂଷଣଙ୍କୁ ତୁରନ୍ତ ମୁକ୍ତ କରୁ ପାକିସ୍ତାନ

ନୂଆଦିଲ୍ଲୀ/ଲଣ୍ଡନ/ଇସ୍‌ଲାମାବାଦ, ୧୮।୭(ପି.ଟି.)

କୁଳଭୂଷଣ ଯାଦବଙ୍କ ମୃତ୍ୟୁଦଣ୍ଡାଦେଶର ସମୀକ୍ଷା କରିବା ଲାଗି ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ) ପାକିସ୍ତାନକୁ ନିର୍ଦ୍ଦେଶ ଦେବାର ଦିନକ ପରେ ଇସ୍‌ଲାମାବାଦ ତାଙ୍କୁ ତୁରନ୍ତ ମୁକ୍ତକରୁ ବୋଲି ଗୁରୁବାର ଭାରତ ପକ୍ଷରୁ ଦାବି କରାଯାଇଛି। ଏହି ପୂର୍ବତନ ନୌସେନା ଅଧିକାରୀଙ୍କୁ ଫେରାଇ ଆଣିବା ଲାଗି ଭାରତ ତା'ର ଉଦ୍ୟମ ଜାରି ରଖିବ ବୋଲି ପାର୍ଲାମେଣ୍ଟର ଉଭୟ ଗୃହରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ଅନ୍ୟପକ୍ଷରେ ଯଦି ପାକିସ୍ତାନ ଆଇସିଜେଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନ କରେ ତେବେ ଭାରତ ବିଶ୍ୱ ଅଦାଲତ ଏବଂ ଜାତିସଂଘ ସୁରକ୍ଷା ପରିଷଦକୁ ଯିବ ବୋଲି ଚେତାବନୀ ଦେଇଛି।

କୁଳଭୂଷଣଙ୍କୁ ଭାରତୀୟ ଦୂତାବାସ ମାଧ୍ୟମରେ ଆଇନଗତ ସହାୟତା ଯୋଗାଇଦେବାର ସୁଯୋଗ ପାକିସ୍ତାନ ଦେଇନାହିଁ। ଏହା ଭିଏନା ଚୁକ୍ତିର ଉଲ୍ଲଂଘନ ବୋଲି ବୁଧବାର ଆଇସିଜେ ତାଙ୍କ ରାୟରେ କହିଥିଲେ। କୁଳଭୂଷଣ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ। ତାଙ୍କ ବିରୋଧରେ ଗୁପ୍ତଚର ବୃତ୍ତି ଓ ଆତଙ୍କବାଦର ମିଥ୍ୟା ଅଭିଯୋଗ ଅଣାଯାଇଥିଲା। ଏହି ମାମଲାରେ ପାକିସ୍ତାନର ସାମରିକ ଅଦାଲତ ୨୦୧୭ରେ ଦେଇଥିବା ମୃତ୍ୟୁଦଣ୍ଡାଦେଶ ବିରୋଧରେ ଭାରତ ଆଇସିଜେର ଦ୍ୱାରସ୍ଥ ହୋଇଥିଲା। କୁଳଭୂଷଣଙ୍କୁ ନ୍ୟାୟ ପ୍ରଦାନ ଓ ନିରପେକ୍ଷ ବିଚାରରେ ସହାୟତା କରିବା ଲାଗି ଏହା ଭଲ ମୁହୂର୍ତ୍ତ ବୋଲି ଭାରତ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ହରିଶ ସାଲଭେ ଲଣ୍ଡନରେ ଖବରଦାତାମାନଙ୍କୁ କହିଥିଲେ। ଏବେ କୁଳଭୂଷଣଙ୍କୁ ଭାରତୀୟ ଦୂତାବାସ ମାଧ୍ୟମରେ ଆଇନଗତ ସହାୟତା ଯୋଗାଇଦେବା ପ୍ରଥମ କାମ। ଯଦି ଇସ୍‌ଲାମାବାଦ ଆଇସିଜେଙ୍କ ରାୟକୁ ପାଳନ ନ କରେ ତେବେ ଭାରତ ପୁଣି ଥରେ ଉକ୍ତ ଅଦାଲତଙ୍କ ଦ୍ୱାରସ୍ଥ ହେବ। ଜାତିସଂଘ ସୁରକ୍ଷା ପରିଷଦ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ବୋଲି ସାଲ୍‌ଭେ କହିଛନ୍ତି।



ଏସ୍. ଜୟଶଙ୍କର

■ରାୟ୍ ନ ମାନିଲେ ସୁରକ୍ଷା ପରିଷଦ ଯିବ ଭାରତ:ହରିଶ୍ ସାଲ୍‌ଭେ

■ଆଇନ ଅନୁଯାୟୀ ପଦକ୍ଷେପ ନେବୁ: ଇମ୍ରାନ

ପାକ୍ ସାମରିକ ଅଦାଲତ କୁଳଭୂଷଣଙ୍କୁ ଦେଇଥିବା ମୃତ୍ୟୁଦଣ୍ଡାଦେଶର ପୁନର୍ବିଚାର ଲାଗି ଆଇସିଜେ ନିର୍ଦ୍ଦେଶ ଦେଇଥିବାବେଳେ ପାକିସ୍ତାନ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବ ବୋଲି ଏହାର ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଗୁରୁବାର କହିଛନ୍ତି। କୁଳଭୂଷଣଙ୍କୁ ଦୋଷମୁକ୍ତ କରିବା କିମ୍ବା ଭାରତ ଫେରାଇଦେବା ପାଇଁ ଅନ୍ତର୍ଜାତୀୟ ଅଦାଲତ କହି ନ ଥିବାରୁ ଇମ୍ରାନ ଉକ୍ତ ରାୟକୁ ପ୍ରଶଂସା କରିଛନ୍ତି। କୁଳଭୂଷଣ ପାକିସ୍ତାନ ଜନସାଧାରଣଙ୍କ ବିରୋଧରେ ଅପରାଧ କରିଥିବାରୁ ସେ ଦୋଷୀ। ଆଇନ ଅନୁଯାୟୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କମରାଯିବ। କୁଳଭୂଷଣ ପାକିସ୍ତାନରେ ରହିବେ ଏବଂ ଏଠାକାର ଆଇନ ଅନୁଯାୟୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପାକ୍ ବହିର୍ବ୍ୟାପାର ମନ୍ତ୍ରୀ ମହମ୍ମଦ କୁରେଶୀ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୋଡ଼ା ଦଉଡ଼ି ଦଉଡ଼ି ଯେଉଁଠି,**
**ହାତୀ ପାହୁଣ୍ଡ ପକାଇ ସେଇଠି ।**

ଲକ୍ଷ୍ୟହୀନ ବ୍ୟକ୍ତି କୌଣସି କାର୍ଯ୍ୟରେ ସଫଳ ହୋଇପାରି ନ ଥାନ୍ତି। ତେବେ ବୁଦ୍ଧି ବା ଲକ୍ଷ୍ୟ ଠିକ୍ ଥିଲେ ଜଣେ ଧୀର ହେଲେ ମଧ୍ୟ କର୍ମକ୍ଷେତ୍ରରେ ବେଶ୍ ଅଗ୍ରଗତି କରିପାରିବା ସହ ସଫଳତା ହାତେଇପାରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ କୁଲା ଦେଇ ଓଷା,**
**ଦାଣ୍ଡରେ ବସି ନିଶରେ ଘିଅ ହାତ ଘଷା ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଇଥାଏ। ତେବେ ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ ଏଭଳି ଆତ୍ମବଡ଼ିମା ଆଦୌ ଶୋଭା ପାଇ ନ ଥାଏ। ଏପରିସ୍ଥଳେ ଅଭାବଗ୍ରସ୍ତ ବ୍ୟକ୍ତି ବାହାରେ ନିଜର ଚାତର ପ୍ରକାଶ କରି ଲୋକହସା ହେବା ସାର ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ୩୭ ବର୍ଷରେ ପାଦ ଦେଲେ ପ୍ରିୟଙ୍କା

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ୍ ଗୁରୁବାର ୩୭ବର୍ଷରେ ପାଦ ଦେଇଛନ୍ତି। ତାଙ୍କ ଜନ୍ମଦିନରେ ଅନିଲ କପୁର, ବରୁଣ ଧାୱନ, ଆଲିଆ ଭଟ୍ଟ, ମାଧୁରୀ ଦୀକ୍ଷିତ ନେନେଙ୍କ ଭଳି ବହୁ ବଲିଉଡ ସେଲିବ୍ରିଟି ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ପ୍ରିୟଙ୍କାଙ୍କ ବନ୍ଧୁ ଏବଂ ସହ-କଳାକାରମାନେ ସୋସିଆଲ ମିଡିଆରେ ଶୁଭେଚ୍ଛା ବାର୍ତ୍ତା ପୋଷ୍ଟ କରିଛନ୍ତି। ଅନିଲ କପୁର 'ହାପି ବାର୍ଥ ଡେ' ଜଣାଇବା ସହିତ ଆପଣଙ୍କ ସହିତ କାର୍ଯ୍ୟ କରିବା ଖୁବ୍ ଖୁସି ଲାଗେ ବୋଲି ଉଲ୍ଲେଖ କରିଛନ୍ତି। ମାଧୁରୀ ଦୀକ୍ଷିତ ନେନେ ଦେଶୀ ଗର୍ଲ ପ୍ରିୟଙ୍କାଙ୍କୁ ହାପି ବାର୍ଥଡେ ଜଣାଇ ପରଦାରେ ଓ ପରଦା ବାହାରେ ସବୁବେଳେ ଆନନ୍ଦ ଓ ଖୁସିରେ ଥାଅ ବୋଲି କାମନା କରିଛନ୍ତି। ଆଲିଆ ଭଟ୍ଟ ଲେଖିଛନ୍ତି, 'ସାରା ବିଶ୍ୱର ବାଳିକାଙ୍କ ପାଇଁ ସବୁବେଳେ ପ୍ରେରଣାର ଉତ୍ସ ହୋଇ ରୁହ।' ସୋନମ କପୁର ଇନ୍‌ଷ୍ଟାଗ୍ରାମ୍‌ରେ ଏକ ବାର୍ତ୍ତା ଦେଇଛନ୍ତି, 'ତୁମ ପାଇଁ ଆଗାମୀ ବର୍ଷଗୁଡିକ ଚମତ୍କାର ହେଉ।' ପ୍ରିୟଙ୍କା ମିସ୍ ୱାର୍ଲଡ ୨୦୦୦ ପ୍ରତିଯୋଗିତାରେ ବିଜୟୀ ହୋଇ ବିଶ୍ୱ ସୁନ୍ଦରୀ ମାନ୍ୟତା ପାଇଥିଲେ। ନ୍ୟାଶନାଲ ଫିଲ୍ମ ଆୱାର୍ଡ ସମେତ ଅନେକ ପୁରସ୍କାର ସେ ଲାଭ କରିଛନ୍ତି। ୨୦୧୬ରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ଉପାଧି ପ୍ରଦାନ କରିଛନ୍ତି। ୨୦୦୩ରେ ପ୍ରଥମ କରି 'ଦି ହିରୋ: ଲଭ୍ ଷ୍ଟୋରି ଅଫ୍ ଏ ସ୍ପାଏ'ରେ ସେ ଅଭିନୟ କରିଥିଲେ। ଏହାପରେ 'ଅନ୍ଦାଜ୍' ଏବଂ 'ମୁଝ୍‌ସେ ଶାଦି କରୋଗୀ' ଭଳି ଅନେକ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ଭାଜନ ହୋଇପାରିଥିଲେ। ୨୦୧୮ରେ ଆମେରିକୀୟ ପପ୍ ଗାୟକ ତଥା ଅଭିନେତା ନିକ୍ ଜୋନାସ୍‌ଙ୍କୁ ସେ ପ୍ରେମବିବାହ କରିଛନ୍ତି।



## [ଇତିହାସର ଆଇନାରେ]

### ଜୁଲାଇ ୧୯ର ପ୍ରମୁଖ ଘଟଣା

୧୯୮୦ ଜୁଲାଇ ୧୯ରେ ମସ୍କୋରେ ସମର ଅଲିମ୍ପିକ୍ସ ଆରମ୍ଭ ହୋଇଥିଲା। ୧୯୮୦ ସମର ଅଲିମ୍ପିକ୍ସ ୨୨ତମ ଅଲିମ୍ପିଆଡ ଗେମ୍‌ସ ଭାବେ ପରିଚିତ। ଏହା ଏକ ଅନ୍ତର୍ଜାତୀୟ ମଲ୍ଟି-ସ୍ପୋର୍ଟ ଇଭେଣ୍ଟ ଏବଂ ଋଷିଆର ରାଜଧାନୀ ମସ୍କୋରେ ଅନୁଷ୍ଠିତ ହୋଇଥିଲା।

୧୯୮୯ ଜୁଲାଇ ୧୯ରେ ୟୁନାଇଟେଡ ଏୟାରଲାଇନ୍ସ ବିମାନ-୨୩୨ ସିଓକ୍ସ ସିଟିରେ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ୧୧୧ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହି ବିମାନ ନିୟମିତ ଦେନ୍‌ଭରରୁ ଚିକାଗୋ ଯାତ୍ରା କରୁଥିଲା। ଏହାର ଟେଲ୍‌ମାଉଣ୍ଟେଡ ଇଞ୍ଜିନ୍ ସମ୍ପୂର୍ଣ୍ଣ ଅଚଳ ହୋଇପଡିବା ପରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୨୯୬ ଯାତ୍ରୀଙ୍କ ମଧ୍ୟରୁ ୧୧୧ ଜଣଙ୍କ ମୃତ୍ୟୁ ଘଟିଥିଲା ।

## କୁଳଭୂଷଣଙ୍କୁ ଧରିଥିବା କ୍ୟାପ୍‌ଟେନ୍‌ଙ୍କୁ ପାକ୍‌ରେ ପ୍ରଶଂସା

ଇସ୍‌ଲାମାବାଦ୍,୧୮।୭

ପୂର୍ବତନ ନୌସେନା ଅଫିସର କୁଳଭୂଷଣ ଯାଦବଙ୍କୁ ଗିରଫ କରିବାରେ ପାକିସ୍ତାନର ସାମରିକ ଗୋଇନ୍ଦା ସଂସ୍ଥାର କ୍ୟାପଟେନ୍ କାଦିର ଅହମଦ୍‌ଙ୍କୁ ଭିକାରି ବେଶରେ ବେଲୁଚିସ୍ତାନରେ ମୁତୟନ କରାଯାଇଥିଲା। କ୍ୟାପଟେନ୍‌ଙ୍କୁ ପାକିସ୍ତାନ ପ୍ରଶଂସା କରିବା ସହିତ ତାଙ୍କର ଭାବଭଙ୍ଗୀ ଓ କାର୍ଯ୍ୟକଳାପ ସୋସିଆଲ ମିଡିଆରେ ପୋଷ୍ଟ କରିଛି। ସେ ଆଇଏସ୍‌ଆଇ ପାଇଁ ବେଲୁଚିସ୍ତାନରେ କାର୍ଯ୍ୟ କରୁଥିଲେ।

ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ ଜୁଲାଇ ୧୭ରେ ଯାଦବଙ୍କ ଫାଶୀଦଣ୍ଡ ଉପରେ ରୋକ ଲଗାଇବା ସହିତ ତାଙ୍କୁ ଦୂତାବାସ ସହାୟତା ଯୋଗାଇଦେବା ପାଇଁ ରାୟ ଦେଇଥିଲେ। ଏହାର ଦିନକ ପରେ ପାକିସ୍ତାନ କ୍ୟାପ୍‌ଟେନ୍ କାଦିର ଅହମଦ୍‌ଙ୍କୁ 'ଶହୀଦ' ବର୍ଣ୍ଣନା କରିବା ସହିତ ୨୦୧୬ରେ ଯାଦବଙ୍କ ଗିରଫଦାରି ପାଇଁ ତାଙ୍କୁ ପ୍ରଶଂସା କରିଛି। କୁଳଭୂଷଣ ହେଉଛନ୍ତି ଅବସରପ୍ରାପ୍ତ ସେନା ଅଫିସର। ସେ ଇରାନ୍‌ରେ ନିଜ ବ୍ୟବସାୟ ଚଳାଉଥିବାବେଳେ ତାଙ୍କୁ ପାକିସ୍ତାନୀ ଅପହରଣ କରିନେଇଥିବା ଭାରତ ଅଭିଯୋଗ କରିଆସୁଛି। କାଦିର ଅହମଦ୍ ଙ୍କ ଦକ୍ଷତା ଦେଖି ଆଇଏସ୍‌ଆଇ ନିଜ ୱିଙ୍ଗ୍‌ରେ ସାମିଲ କରିବା ସହିତ ବେଲୁଚି ନେତାଙ୍କ ସ୍ୱାଧୀନତା ସପକ୍ଷବାଦୀ ଆନ୍ଦୋଳନ ଉପରେ ପ୍ରତ୍ୟକ୍ଷ ନଜର ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାଦିର ଭିକାରି ବେଶରେ ବେଲୁଚିସ୍ତାନରେ ୩ବର୍ଷ ରହିଥିଲେ। ଏହି ସମୟ ମଧ୍ୟରେ ସେ ମଇଳା, ଚିରା ପୋଷାକ ପିନ୍ଧି ଡଷ୍ଟବିନ୍ ଖେଳାଇବା ସହିତ ରାସ୍ତାକଡର ବାରଣ୍ଡାରେ ଶୋଇପଡୁଥିଲେ। ଏହି ଯୁବ କ୍ୟାପଟେନ୍‌ଙ୍କ ଭିକାରି ବେଶର ଅଭିନୟ ଏବେ ସୋସିଆଲ ମିଡିଆରେ ଘୁରିବୁଲୁଛି। ସେ ୨୦୧୮ ଜୁନ୍‌ରେ କ୍ୱେଟାରୁ ଖୁଜ୍‌ଦାର ନିଜ କାର୍‌ରେ ଆସୁଥିବାବେଳେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।



କାଦିର ଅହମଦ୍

## ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ

ରାଞ୍ଚି, ୧୮।୭ (ପି.ଟି.) : ଝାଡ଼ଖଣ୍ଡର ଲୋହାରଦାଗା ଜିଲାରେ ଗୁରୁବାର ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଛନ୍ତି। ଜିଲାର ବାଗ୍‌ରୁ ଅନ୍ତର୍ଗତ ବାହେଗରା ଗ୍ରାମରେ ମାଓବାଦୀ ଥିବା ଜାଣି ମିଳିତ ଅପରେଶନ ଆରମ୍ଭ ହୋଇଥିଲା। ସିଆର୍‌ପିଏଫ୍, ରାଜ୍ୟ ପୋଲିସ ମିଳିତଭାବେ ଚଢାଉ କରିଥିଲେ। ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା। ଶେଷରେ ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଥିବାବେଳେ ସେମାନଙ୍କଠାରୁ ୨ଟି ଏକେ-୪୭ ରାଇଫଲ ଓ କେତେକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ଜଣାପଡ଼ିଛି। ଅଧିକ ମାଓବାଦୀ ଲୁଚିଥିବା ସନ୍ଦେହରେ ସୁରକ୍ଷା କର୍ମୀଙ୍କ ସର୍ଚ୍ଚ ଅପରେଶନ ଜାରି ରହିଥିବା ପ୍ରକାଶ।

## ୨୨ରେ ଚନ୍ଦ୍ରୟାନ-୨ ଉତ୍‌କ୍ଷେପଣ



**ଶ୍ରୀହରିକୋଟା,୧୮।୭:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦ୍ୱାରା ପ୍ରସ୍ତୁତ ଚନ୍ଦ୍ରୟାନ-୨ର ପରବର୍ତ୍ତୀ ଉତ୍‌କ୍ଷେପଣ ଜୁଲାଇ ୨୨କୁ ଧାର୍ଯ୍ୟ କରାଯାଇଛି। ସେଦିନ ଅପରାହ୍ନ ୨ଟା ୪୩ରେ ଏହାକୁ ଚନ୍ଦ୍ର ଅଭିମୁଖେ ଛଡାଯିବ। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଜୁଲାଇ ୧୫ରେ ଚନ୍ଦ୍ରୟାନ-୨ ଉତ୍‌କ୍ଷେପଣ କରାଯିବାକୁ ସମସ୍ତ ପ୍ରସ୍ତୁତି ସରିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଏଥିରେ ଯାନ୍ତ୍ରିକ ତ୍ରୁଟି ଥିବା ଦର୍ଶାଇ ଏହାକୁ ସ୍ଥଗିତ ରଖାଯାଇଥିଲା। 'ବାହୁବଳୀ' ନାମକ ଜିଏସ୍‌ଏଲ୍‌ଭି-ମେକ୍ ୩ ରକେଟରେ ଥିବା ତ୍ରୁଟିକୁ ସ୍ପେସ୍ ଏଜେନ୍ସି ସଂଶୋଧନ କରିପାରିଛି। ଏଥିପାଇଁ 'ଇସ୍ରୋ' ଏକ ବିଶେଷଜ୍ଞ କମିଟି ଗଠନ କରିବା ସହିତ ତ୍ରୁଟି ପଛରେ ଥିବା ମୂଳକାରଣ ଖୋଜାଯାଇଥିଲା। ରକେଟରେ ଥିବା ହିଲିୟମ୍ ଟ୍ୟାଙ୍କ୍‌ରେ ଯଥେଷ୍ଟ ଚାପ ସୃଷ୍ଟି କରାଯାଇ ପାରୁ ନ ଥିବାରୁ ଉତ୍‌କ୍ଷେପଣର ଘଣ୍ଟାଏ ପୂର୍ବରୁ ଉତ୍‌କ୍ଷେପଣ ସ୍ଥଗିତ ରଖାଯାଇଥିଲା। ବର୍ତ୍ତମାନ ରକେଟ ସିଷ୍ଟମ୍ ସ୍ୱାଭାବିକ ରହିଥିବାରୁ ଆସନ୍ତା ୨୨ରେ ଏହାକୁ ଲଞ୍ଚ୍ କରିବା ଯଥେଷ୍ଟ ସମ୍ଭାବନା ଅଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ରେଷ୍ଟୋରାଁ ଚେନ୍ ସର୍ବନା ଭବନର ପ୍ରତିଷ୍ଠାତା ପି. ରାଜଗୋପାଳ(୭୩)ଙ୍କ ଗୁରୁବାର ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି। ୨୦୦୧ରେ ଜଣେ କର୍ମଚାରୀଙ୍କୁ ହତ୍ୟା କରିବା ପରେ ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଥିଲା। ସୁପ୍ରିମକୋର୍ଟ ତାଙ୍କ ଆବେଦନ ଖାରଜ କରିଦେବା ପରେ ସେ ଦଣ୍ଡ ଭୋଗିବା ଲାଗି ଜୁଲାଇ ୯ରେ ଆତ୍ମସମର୍ପଣ କରିଥିଲେ। ଏହାପରେ ତାଙ୍କୁ ଅସୁସ୍ଥତା କାରଣରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

# ବ୍ଲକ୍, ପଞ୍ଚାୟତରେ ଲାଗିବ ବୃଷ୍ଟିମାପକ ଯନ୍ତ୍ର

**ଭୁବନେଶ୍ୱର, ୧୮।୭ (ବ୍ୟୁରୋ)**

ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ଚିର ସହଚର। ବନ୍ୟା, ବାତ୍ୟା, ମରୁଡ଼ି, ବଜ୍ରପାତ, ଅଂଶୁଘାତ ଭଳି ପ୍ରାକୃତିକ ବିପତ୍ତି ରାଜ୍ୟବାସୀଙ୍କୁ ଅସ୍ତବ୍ୟସ୍ତ କରୁଛି। ପ୍ରାକ୍ ସୂଚନା ଅଭାବରୁ ଅନେକ ଧନଜୀବନ ନଷ୍ଟ ହେଉଛି। ତେଣୁ ରାଜ୍ୟ ସରକାର ପ୍ରାକ୍ ସତର୍କତା ସୂଚନା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ଏହାକୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏଥିସହିତ ପ୍ରତ୍ୟେକ ବ୍ଲକରେ ସ୍ୱୟଂଚାଳିତ ପାଣିପାଗ ମାପକ ଯନ୍ତ୍ର ଏବଂ ପ୍ରତ୍ୟେକ ପଞ୍ଚାୟତରେ ସ୍ୱୟଂଚାଳିତ ବୃଷ୍ଟିମାପକ ଯନ୍ତ୍ର ଲଗାଯିବାକୁ ବ୍ୟବସ୍ଥା କରୁଛନ୍ତି। ଫଳରେ ପ୍ରତ୍ୟେକ ଅଞ୍ଚଳର ତାପମାତ୍ରା, ବାୟୁର ଚାପ ଓ ଆର୍ଦ୍ରତା, ପବନର ଦିଗ ଓ ବେଗ, ସୂର୍ଯ୍ୟତାପର ପରିମାଣ, ଉତ୍ତାପ, ବୃଷ୍ଟିର ପରିମାଣ ଇତ୍ୟାଦି ପ୍ରତି ଘଣ୍ଟାରେ ମିଳିପାରିବ। ଏହିସବୁ ତଥ୍ୟକୁ ବୈଜ୍ଞାନିକ ପଦ୍ଧତିରେ ବିଶ୍ଳେଷଣ କରାଯିବ। ଚାଷୀମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ କୃଷିବୀମା ଆଦି କ୍ଷେତ୍ରରେ ଏହା ବିଶେଷ ଭାବେ ସହାୟକ ହେବ। ପ୍ରଥମ ପର୍ଯ୍ୟାୟରେ ଜାତୀୟ ବାତ୍ୟା ପ୍ରଶମନ ପ୍ରକଳ୍ପ ଅଧୀନରେ ୬ଟି ଉପକୂଳବର୍ତ୍ତୀ ଜିଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ ଓ ଗଞ୍ଜାମ ଜିଲାରେ ପ୍ରାକ୍ ସତର୍କତା ସୂଚନା ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଅନ୍ୟ ସମସ୍ତ ଜିଲାରେ ପ୍ରାକ୍ ସୂଚନା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି ରାଜ୍ୟ ସରକାର ୨୦୧୯-୨୦ ବଜେଟରେ ୧୦କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏଥିସହିତ ବାତ୍ୟାର ପ୍ରାକ୍ ସୂଚନା ପାଇଁ ପାରାଦୀପ ଓ ଗୋପାଳପୁରରେ ଡପ୍‌ଲର ରାଡାର ସ୍ଥାପନ କରାଯାଇଥିବା ବେଳେ ସମ୍ବଲପୁର ଏବଂ ବାଲେଶ୍ୱରଠାରେ ପରେ ଲଗାଯିବ। ଗୁରୁବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହି ସୂଚନା ଦେଇଛନ୍ତି।

**ପ୍ରାକ୍ ସତର୍କତା ସୂଚନା ଉପରେ ଗୁରୁତ୍ୱ**
- ୧୦ କୋଟି ବ୍ୟୟବରାଦ
- ପ୍ରାକୃତିକ ବିପର୍ଯ୍ୟୟ ସୂଚନା ଦେଉଛି 'ସତର୍କ' ଆପ୍

ବିଜେଡି ସଭ୍ୟ ଅଶ୍ୱିନୀ କୁମାର ପାତ୍ର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବାକୁ ସରକାର କି ପ୍ରକାର ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ବିଭାଗୀୟ ମନ୍ତ୍ରୀ କହିଥିଲେ ଯେ, ବାତ୍ୟା ଫନୀ ପୂର୍ବରୁ ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ୧କୋଟି ୮୦ଲକ୍ଷ ଲୋକଙ୍କୁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ପ୍ରାକ୍ ସୂଚନା ଦିଆଯାଇଥିଲା। ଏଥିସହିତ ଆଲର୍ଟ ସାଇରନ ଟାୱାର ଜରିଆରେ ମଧ୍ୟ ବାତ୍ୟା ସମ୍ବନ୍ଧୀୟ ସୂଚନା ଲୋକଙ୍କ ନିକଟରେ ପହଞ୍ଚା ଯାଇଥିଲା। ବଜ୍ରପାତ ଯୋଗୁ ରାଜ୍ୟରେ ବହୁ ଅମୂଲ୍ୟ ଜୀବନ ଚାଲିଯାଉଛି। ଏଥିରୁ ଲୋକଙ୍କୁ ସୁରକ୍ଷା ଦେବା ସକାଶେ ବଲାଙ୍ଗୀର, କେନ୍ଦୁଝର, ବ୍ରହ୍ମପୁର, ଜୟପୁର, ରାଉରକେଲା ଏବଂ ପାଣିକୋଇଲି ଆଦି ୬ଟି ସ୍ଥାନରେ ଲାଇଟିନିଂ ଡେଟେକ୍ସନ୍ ସେନ୍ସର ଲଗାଯାଇଛି। ୩୦ରୁ ୪୦ ମିନିଟ୍ ପୂର୍ବରୁ ବଜ୍ରପାତ ସମ୍ପର୍କରେ ସୂଚନା ଦିଆଯାଉଛି। ଏହାଛଡ଼ା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଜନସାଧାରଣଙ୍କୁ ବିପର୍ଯ୍ୟୟ ସମ୍ପର୍କରେ ପ୍ରାକ୍ ସୂଚନା ଦେବା ଲାଗି 'ସତର୍କ' ନାମରେ ଏକ ମୋବାଇଲ ଆପ୍ ପ୍ରସ୍ତୁତ କରାଯାଇଛି। ଏହି ଆପ୍ ଜରିଆରେ ବନ୍ୟା, ବାତ୍ୟା, ଗ୍ରୀଷ୍ମପ୍ରବାହ, ବଜ୍ରପାତ, ମରୁଡ଼ି, ସୁନାମି, ସଡ଼କ ଦୁର୍ଘଟଣା ଭଳି ବିପର୍ଯ୍ୟୟର ପ୍ରାକ୍ ସୂଚନା ମିଳିପାରିବ। ଏଥିସହିତ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଏକ ଜିଓଗ୍ରାଫିକ୍ ଇନ୍‌ଫର୍ମେଶନ ସିଷ୍ଟମ ସ୍ଥାପନ କରାଯାଇଛି, ଏହାକୁ ବ୍ୟବହାର କରି ବାତ୍ୟା ଗତିପଥର ନିରୂପଣ କରାଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ, ନୃସିଂହ ଚରଣ ସାହୁ, ଅନନ୍ତ ଦାସ, ମୁକେଶ ପାଲ, ରଘୁନାଥ ଗମାଙ୍ଗ ଏବଂ ଭାଜପା ସଭ୍ୟ ବିଷ୍ଣୁଚରଣ ସେଠୀ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ବାତ୍ୟାର ଗତି ଓ ବେଗ ବଦଳାଇବା ପାଇଁ ରାଜ୍ୟ ସରକାର କିଛି ଆଧୁନିକ ଜ୍ଞାନକୌଶଳ ଆପଣାଇଛନ୍ତି କି? ଧାମରାରେ ଏକ ଡପ୍‌ଲର ରାଡାର ସ୍ଥାପନ କରିବା, ବାତ୍ୟା ଆଶ୍ରୟସ୍ଥଳୀଗୁଡିକର ଦୂରତ୍ୱ ୧୦ କିମି ବ୍ୟବଧାନକୁ ହଟାଇବା ଓ ବଜ୍ରପାତ ସମ୍ପର୍କରେ ପୂର୍ବ ସୂଚନା ଦେବା ପାଇଁ ବ୍ୟବସ୍ଥା କରିବାକୁ କ'ଣ ପଦକ୍ଷେପ ନିଆଯାଇଛି ବୋଲି ପ୍ରଶ୍ନ କରିଥିଲେ। ମନ୍ତ୍ରୀ ଉତ୍ତରରେ କହିଛନ୍ତି ଯେ, ଅନ୍ୟ ଦେଶର ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଲୋକମାନଙ୍କୁ ବନ୍ୟା ବାତ୍ୟାରୁ ରକ୍ଷା କରିବା ସକାଶେ ବ୍ୟବସ୍ଥା କରାଯାଉଛି।

■ ୨୦ରେ ପାଟକୁରା ନିର୍ବାଚନ

## ବୁଥ୍‌ରେ ପହଞ୍ଚିଲେ ପୋଲିଂ କର୍ମଚାରୀ



ପୋଲିଂ କର୍ମଚାରୀମାନେ ବୁଥ୍ ଅଭିମୁଖେ ଯାଉଛନ୍ତି ।

**ଡେରାବିଶ, ୧୮।୭ (ସ୍ୱ.ପ୍ର.)**

ପାଟକୁରା ବିଧାନସଭା ଆସନ ପାଇଁ ଆସନ୍ତା ୨୦ ତାରିଖରେ ଭୋଟ ଗ୍ରହଣ ହେବ। ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୧୮ ତାରିଖ ସନ୍ଧ୍ୟା ୫ଟାରୁ ପ୍ରଚାର ଶେଷ ହୋଇଛି। ପାଟକୁରା ନିର୍ବାଚନମଣ୍ଡଳୀର ୨, ୪୪, ୭୪୭ ଭୋଟରଙ୍କ ପାଇଁ ୨୭୮ଟି ସ୍ଥାନରେ ୩୦୯ ବୁଥ୍ ଖୋଲାଯାଇଛି। ଶନିବାର ଭୋଟଗ୍ରହଣ ଥିବାରୁ ଗୁରୁବାର ସନ୍ଧ୍ୟା ସୁଦ୍ଧା ସବୁ ବୁଥ୍‌ରେ ପୋଲିଂ କର୍ମଚାରୀମାନେ ଆସି ପହଞ୍ଚିଛନ୍ତି। ନିର୍ବାଚନକୁ ଶୃଙ୍ଖଳିତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ୩୦ଟି ସେକ୍ଟର ଗଠନ କରାଯାଇଛି। ସମସ୍ତ ମତଦାନ କେନ୍ଦ୍ରଗୁଡ଼ିକରେ ଭିନ୍ନକ୍ଷମ ଭୋଟରମାନଙ୍କ ପାଇଁ ର୍‍ୟାମ୍ପ, ପାନୀୟ ଜଳ, ବିଦ୍ୟୁତ୍ ବ୍ୟବସ୍ଥା, ଆସବାବପତ୍ର ଓ ପାଇଖାନା ଓ ଅପେକ୍ଷା ଗୃହର ବ୍ୟବସ୍ଥା କରାଯାଇଛି। ଏହି ନିର୍ବାଚନମଣ୍ଡଳୀରେ ୨୮ଟି ସମ୍ବେଦନଶୀଳ ବୁଥ୍ ଚିହ୍ନଟ ହୋଇଥିବା ବେଳେ ୨୮ଟି କ୍ରିଟିକାଲ ବୁଥ୍‌ରେ ୱେ କାଷ୍ଟିଂ ହେବା ସହିତ ୬ଟି ବୁଥ୍‌ରେ ସିସିଟିଭି, ୧୩ଟିରେ ମାଇକ୍ରୋ ଅବଜରଭର ଓ ୮ଟି ବୁଥରେ ଭିଡିଓଗ୍ରାଫି ବନ୍ଦୋବସ୍ତ କରାଯାଇଛି। ନିର୍ବାଚନ ପରିଚାଳନା ପାଇଁ ମୋଟ ୬୮୨ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏଥିସହିତ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଏସ୍‌ପି ନୀତିଶେଖରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ପୋଲିସ ପକ୍ଷରୁ ୪୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ରିଟର୍ନିଂ ଅଫିସର ଜ୍ୟୋତି ପ୍ରକାଶ ମହାପାତ୍ର ସୂଚନା ଦେଇଛନ୍ତି।

# ଖନନ ହେବ ୨୦ ହଜାର ଗଭୀର ନଳକୂପ

■ ୧୯ ବର୍ଷ ହେଲା ଲୋୟର ସୁକ୍‌ତେଲ ପ୍ରକଳ୍ପ ଅଧାରେ ଲଟକିଛି

**ଭୁବନେଶ୍ୱର, ୧୮।୭(ବ୍ୟୁରୋ)**

ବଲାଙ୍ଗୀର ଜିଲାକୁ ଜଳସେଚନ ସୁବିଧା ମିଳୁ ନାହିଁ। ରାଜ୍ୟ ସରକାର ସବୁ ବ୍ଲକକୁ ୩୫ ପ୍ରତିଶତ ଜଳସେଚନ ସୁବିଧା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ବଲାଙ୍ଗୀର ଜିଲାର ଅନେକ ବ୍ଲକରେ ୧ ପ୍ରତିଶତ ଜଳସେଚନ ମଧ୍ୟ ହୋଇନାହିଁ। ଲୋୟର ସୁକ୍‌ତେଲ ପ୍ରକଳ୍ପ ଦୀର୍ଘବର୍ଷ ହେବ ଶେଷ ହୋଇପାରୁନାହିଁ। ଏହି ଜିଲାର କେଉଁ ବ୍ଲକକୁ କେତେ ଜଳସେଚନ କରାଯାଇଛି, ସେନେଇ ସରକାର ଜବାବ ଦିଅନ୍ତୁ ବୋଲି କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଗୁରୁବାର ପ୍ରଶ୍ନୋତ୍ତର କାଳରେ ଦାବି କରିଥିଲେ । ତେବେ ମନ୍ତ୍ରୀ ଦେଇଥିବା ଲିଖିତ ଉତ୍ତରରେ ସେ ସନ୍ତୁଷ୍ଟ ହୋଇ ନ ଥିଲେ। ଭାଜପା ସଭ୍ୟ ମୋହନ ଚରଣ ମାଝି ରାଜ୍ୟର କେତୋଟି ନିଅଣ୍ଟିଆ ବ୍ଲକକୁ ୩୫ ପ୍ରତିଶତ ଜଳସେଚନ ଯୋଗାଇ ଦିଆଯାଇଛି ବୋଲି ପଚାରିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି କୋରାପୁଟ ଜିଲା ମୁନିଗୁଡ଼ା ବ୍ଲକର ୫/୭ଟି ପଞ୍ଚାୟତକୁ ପାଣିଯାଉନି। ମେଗା ଲିଫ୍ଟ ପଏଣ୍ଟ କରି ଜଳସେଚନ ସୁବିଧା ହେବ କି ବୋଲି ପଚାରିଥିଲେ। ଭାଜପା ସଭ୍ୟ ମୁକେଶ ମାହାଲିଙ୍ଗ ଲୋୟର ସୁକ୍‌ତେଲ ପ୍ରୋଜେକ୍ଟ କେବେ ଶେଷ ହେବ ଓ ଏଥିରେ କେତେ ଜମିକୁ ଜଳସେଚନ ଯୋଗାଇ ଦିଆଯିବ ବୋଲି ପଚାରିଥିଲେ। ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ଅନୁପସ୍ଥିତିରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ ଯେ, ୨୦୦୯ ମାର୍ଚ୍ଚ ଶେଷସୁଦ୍ଧା ୨୮.୬୯ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଦିଆଯାଇଥିଲା। ୨୦୦୯ ଏପ୍ରିଲରୁ ୨୦୧୯ ମାର୍ଚ୍ଚ ମଧ୍ୟରେ ୧୩.୨୦ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଦିଆଯାଇଛି। ୨୦୧୯ ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ମୋଟ ୪୧.୮୯ ଲକ୍ଷ ହେକ୍ଟର ଚାଷଜମିରେ ଜଳସେଚନ ସୁବିଧା କରାଯାଇଛି। ତେବେ ରାଜ୍ୟର ବିଭିନ୍ନ ଜିଲାରେ ୧୫ଟି ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ, ୨୩ଟି କ୍ଷୁଦ୍ର, ୧୭ଟି ବୃହତ୍ ଉଠା ଜଳସେଚନ, ୮୩୨ଟି ଆଡ଼ିବନ୍ଧ ଏବଂ ୧୪୫୦ଟି ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି। ଆହୁରି ୧୫ଟି ନୂତନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଚଳିତବର୍ଷ ଆରମ୍ଭ କରାଯିବ। ଏହାଛଡ଼ା ରାଜ୍ୟରେ ୨୦ ହଜାର ଗଭୀର ନଳକୂପ ଓ ୬୦୦ ଅଗଭୀର ନଳକୂପ ଖନନ କରାଯିବ। ବଲାଙ୍ଗୀର ଜିଲାରେ ମୋଟ ୩.୪୬ ଲକ୍ଷ ହେକ୍ଟର ଚାଷଜମିରୁ ୨୦୧୯ ମାର୍ଚ୍ଚ ଶେଷସୁଦ୍ଧା ୧.୭୩ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦିଆଯାଇଛି। ଏହି ଜିଲାରେ ଏପର୍ଯ୍ୟନ୍ତ ୩୩.୭୪ ପ୍ରତିଶତ ଜଳସେଚନ ସୁବିଧା କରାଯାଇଛି। ୩୫ ପ୍ରତିଶତ କରିବା ପାଇଁ ଲୋୟର ସୁକ୍‌ତେଲ, ଲୋୟର ଇନ୍ଦ୍ର, ୩୯ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ୩୭ଟି ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଚଳିତ ବର୍ଷ ୧୫ ଶହ ଗଭୀର ନଳକୂପ ଖୋଲାଯିବ। ଲୋୟର ସୁକ୍‌ତେଲ ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ଗଣ୍ଡଗୋଳ ଯୋଗୁ ଶେଷହୋଇପାରୁନି। ଲୋଇସିଂହା ବିଧାୟକ ସହଯୋଗ କଲେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ମନ୍ତ୍ରୀ କହିଥିଲେ।

## କ୍ଷତିପୂରଣ ପାଉନାହାନ୍ତି ହୀରାକୁଦ ବିସ୍ଥାପିତ

**ଭୁବନେଶ୍ୱର, ୧୮।୭(ବ୍ୟୁରୋ)**

**ମିଳିନି ରାଜସ୍ୱ ଗ୍ରାମ ମାନ୍ୟତା: ଲୋକେ ହଇରାଣ**

ହୀରାକୁଦ ବନ୍ଧ ନିର୍ମାଣ ହେବାର ୭୦ ବର୍ଷ ପରେ ମଧ୍ୟ ବିସ୍ଥାପିତଙ୍କୁ ଏଯାଏ କ୍ଷତିପୂରଣ ମିଳିନାହିଁ। ସେମାନେ ରହୁଥିବା ପଡ଼ା ଗ୍ରାମକୁ ଏ ପର୍ଯ୍ୟନ୍ତ ରାଜସ୍ୱ ଗ୍ରାମର ମାନ୍ୟତା ମିଳିନାହିଁ। ଫଳରେ ଉକ୍ତଅଞ୍ଚଳର ଲୋକମାନେ କୌଣସି ସୁବିଧା ସୁଯୋଗ ପାଇପାରୁ ନାହାନ୍ତି। ଏପରି କି ଜମି ପଟ୍ଟା ମଧ୍ୟ ସେମାନଙ୍କୁ ମିଳୁନାହିଁ। ସରକାର ତୁରନ୍ତ ବିସ୍ଥାପିତଙ୍କୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଅନ୍ତୁ ବୋଲି ପଶ୍ଚିମ ଓଡ଼ିଶାର ବିଧାୟକମାନେ ଦାବି କରିଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ତଥା ବିଜେଡି ସଭ୍ୟ କିଶୋର କୁମାର ମହାନ୍ତି ବିସ୍ଥାପିତଙ୍କୁ ରାଜସ୍ୱ ଗ୍ରାମର ମାନ୍ୟତା କାହିଁକି ଦିଆଯାଉନାହିଁ ବୋଲି ପଚାରିଥିଲେ। ବିଜେଡି ସଭ୍ୟ ଦେବେଶ ଆଚାର୍ଯ୍ୟ ମଧ୍ୟବରଗଡ଼, ଅତାବିରା, ଭଟ୍‌ଲି ଅଞ୍ଚଳରେ ରହୁଥିବା ଲୋକଙ୍କୁ କ୍ଷତିପୂରଣ ଦିଆଯାଉନାହିଁ ବା ସେମାନଙ୍କ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳୁ ନାହିଁ ବୋଲି କହିବା ସହ ତୁରନ୍ତ ଏକ କମିଟି ଗଠନ କରି ଏହି ସମସ୍ୟାର ସମାଧାନ କରାଯାଉ ବୋଲି ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଜେଡି ସଭ୍ୟ ରୋହିତ ପୂଜାରୀ ହୀରାକୁଦ ଓ ରେଙ୍ଗାଲିଠାରେ ବସବାସ କରୁଥିବା ବିସ୍ଥାପିତଙ୍କୁ କୌଣସି ସହାୟତା ମିଳୁନାହିଁ ବୋଲି କହିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଥିଲେ ଯେ, ହୀରାକୁଦ ନଦୀବନ୍ଧ ହେବା ବେଳେ ୪୬ଟି ରାଜସ୍ୱ ଗ୍ରାମ ଜଳମଗ୍ନ ହୋଇଥିଲା। ସଂପୃକ୍ତ ବାସିନ୍ଦାଙ୍କୁ ୩୨ଟି ଗ୍ରାମରେ ଥଇଥାନ କରାଯାଇଥିଲା। ସେହି ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯାଇଛି। ଝାରସୁଗୁଡ଼ା ଜିଲାର ୧୯ଟି ରାଜସ୍ୱ ଗ୍ରାମ ଜଳମଗ୍ନ ହୋଇଥିଲା। ବିସ୍ଥାପିତଙ୍କୁ ୧୯ଟି ବସତିରେ ଥଇଥାନ କରାଯାଇଛି। ସେଥିରୁ ଝାରସୁଗୁଡ଼ା ତହସିଲର ଭୁରଶୁଣ୍ଡ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଛି। ଅବଶିଷ୍ଟ ପଡ଼ାଗ୍ରାମଗୁଡିକ ରାଜସ୍ୱ ଆଇନ ପରିସରରେ ଆସୁ ନ ଥିବାରୁ ସେଗୁଡ଼ିକୁ ରାଜସ୍ୱ ଗ୍ରାମ ଘୋଷଣା କରାଯାଇ ପାରିନାହିଁ। ଏ ସମ୍ବନ୍ଧରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ। ପଶ୍ଚିମ ଓଡ଼ିଶା ବିଧାୟକମାନଙ୍କ ଉଦ୍‌ବେଗକୁ ଦେଖି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ହୀରାକୁଦ ବନ୍ଧ ଚାରିପଟେ ରହିଥିବା ଲୋକଙ୍କ ସମସ୍ୟା ଦୂର କରିବା ପାଇଁ ଅଫିସରମାନଙ୍କୁ ଡାକି ଆଲୋଚନା କରନ୍ତୁ ବୋଲି ରାଜସ୍ୱ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମନ୍ତ୍ରୀ କହିଥିଲେ, ବିଧାନସଭା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରେ ଏ ନେଇ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ।

## ବିଜ୍ଞାପନ ପ୍ରଦାନ ନେଇ ମନ୍ତ୍ରୀ ରଖିଲେ ତଥ୍ୟ

**ଭୁବନେଶ୍ୱର, ୧୮।୭(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ(ବିଶେଷ କରି ୬ ମାସ ପୂର୍ବରୁ) ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଗଣମାଧ୍ୟମ ସଂସ୍ଥାକୁ ବିଜ୍ଞାପନ ବାବଦରେ ଅର୍ଥ ପ୍ରଦାନ କରାଯାଇଥିଲା। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଅଣତାରକା ପ୍ରଶ୍ନ ନଂ-୧୨୪୮ର ଉତ୍ତର ଦେଇ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଗୁରୁବାର ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଉତ୍ତରରୁ ଜଣାପଡିଛି ଯେ, ୩୧ଟି ବୈଦ୍ୟୁତିକ ଗଣମାଧ୍ୟମ ସଂସ୍ଥାକୁ ୬୦,୧୯,୪୪,୬୦୨ଟଙ୍କାର ବିଜ୍ଞାପନ ଦିଆଯାଇଛି। ସେହିପରି ୮୯ଟି ଛାପା ଗଣମାଧ୍ୟମକୁ ୨୬,୦୪,୫୯,୨୫୨ ଟଙ୍କା ଦିଆଯାଇଛି। ଏହିପରି ଭାବେ ସର୍ବମୋଟ ବିଜ୍ଞାପନ ବାବଦକୁ ୮୬,୨୪,୦୩,୮୬୧ ଟଙ୍କା ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି।

## ସରକାରଙ୍କ ଦାବିକୁ ଶୀତଳଭଣ୍ଡାର ସଂଘର ଅଗ୍ରାହ୍ୟ

**ଭୁବନେଶ୍ୱର,୧୮।୭(ବ୍ୟୁରୋ)**

ରାଜ୍ୟରେ ଥିବା ଶୀତଳଭଣ୍ଡାର ସମ୍ପର୍କରେ ବୁଧବାର ବିଧାନସଭାରେ ସରକାର ରଖିଥିବା ତଥ୍ୟରେ ସତ୍ୟତା ନାହିଁ। ସରକାରଙ୍କ ଦାବିବାସ୍ତବିକତାଠାରୁ ଦୂରରେ ବୋଲି ଶୀତଳଭଣ୍ଡାର ସଂଘ ପକ୍ଷରୁ ଗୁରୁବାର କୁହାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ଶୀତଳଭଣ୍ଡାରଗୁଡିକର ଉନ୍ନତୀକରଣ ପାଇଁ ବିଭିନ୍ନ ପ୍ରସ୍ତାବ ଦିଆଯାଇଥିଲେ ବି ସରକାର ତାହାକୁ ଗ୍ରହଣ କରିନାହାନ୍ତି। ଶୀତଳଭଣ୍ଡାରଗୁଡିକ ପାଇଁ ୫୦ ପ୍ରତିଶତ ବିଜୁଳି ରିହାତି, ୩ ପ୍ରତିଶତ ସୁଧରେ ଋଣ, ସ୍ଥାନୀୟ ଉତ୍ପାଦନ କ୍ଷେତ୍ରରେ ୫୦ ପ୍ରତିଶତ ସବ୍‌ସିଡି, କୋଲ୍ଡ ଷ୍ଟୋରେଜ ଉଦ୍ୟୋକ୍ତାଙ୍କ ଜରିଆରେ ବୀଜ ବଣ୍ଟନ, ଆଳୁ ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ କୁହାଯାଇଛି।

## ଯୋଜନା ଓ ସଂଯୋଜନା ବିଭାଗ ଖର୍ଚ୍ଚଦାବି ଗୃହୀତ

**ଭୁବନେଶ୍ୱର,୧୮।୭(ବ୍ୟୁରୋ)**

**ବ୍ୟୟ ଅଟକଳ ୧୦୯୫,୩୫,୮୬,୦୦୦ ଟଙ୍କା**

ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନରେ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଯୋଜନା ଓ ସଂଯୋଜନା ବିଭାଗର ଖର୍ଚ୍ଚଦାବି ଗୁରୁବାର ଗୃହୀତ ହୋଇଯାଇଛି। ଏହାର ପରିମାଣ ୧୦୯୫ କୋଟି ୩୫ ଲକ୍ଷ ୮୬ ହଜାର ଟଙ୍କା ରହିଛି। ବିଭାଗୀୟ ମନ୍ତ୍ରୀ ପଦ୍ମନାଭ ବେହେରା ଖର୍ଚ୍ଚ ଦାବି ଉପସ୍ଥାପନ କରିବା ସହ ଆଲୋଚନା ଶେଷରେ ବକ୍ତବ୍ୟ ରଖିଥିଲେ। ଖର୍ଚ୍ଚଦାବି ଆଲୋଚନାରେ ଭାଜପା ସଦସ୍ୟମାନେ ଭାଗ ନେଇ ନ ଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭ ହେବାର କିଛିସମୟ ପରେ ସେମାନେ କକ୍ଷତ୍ୟାଗ କରିଥିଲେ।

ଖର୍ଚ୍ଚଦାବି ଆଲୋଚନାର ଉତ୍ତର ରଖି ପଦ୍ମନାଭ କହିଥିଲେ ଯେ, ବିଭାଗୀୟ କାର୍ଯ୍ୟକ୍ରମ ରୂପାୟନ ପାଇଁ ୧୦୪୨ କୋଟି ୧୮ ଲକ୍ଷ ଟଙ୍କାର ପ୍ରସ୍ତାବ ରହିଛି। ପ୍ରଶାସନିକ ବ୍ୟୟବାବଦରେ ୫୩ କୋଟି ୧୭ ଲକ୍ଷ ୮୬ ହଜାର ଟଙ୍କାର ପ୍ରସ୍ତାବ ରହିଛି। ମଞ୍ଜୁରୀପ୍ରାପ୍ତ ୩,୦୦,୩୯୫ଟି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୨୧୯୩ କୋଟି ୬୫ ଲକ୍ଷ ଟଙ୍କା ଆବଣ୍ଟନ କରିଛନ୍ତି। ସେହି ପାଣ୍ଠିରୁ ୧୯୦୧ କୋଟି ୨୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ଏବଂ ୨,୬୯,୩୬୧ଟି ପ୍ରକଳ୍ପ ଶେଷ ହୋଇଛି। ବିଧାୟକମାନଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଏହିସବୁ ଅର୍ଥ ଖର୍ଚ୍ଚ କରାଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧୀନରେ ଥିବା ପ୍ରତି ବ୍ଲକ ପିଛା ୧ କୋଟି ୫୦ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯିବାକୁ ଥିବା ମନ୍ତ୍ରୀ ପଦ୍ମନାଭ କହିଛନ୍ତି। ସେହିପରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ ପରଠାରୁ ଦିଆଯାଇଥିବା ୧୪୮୩ କୋଟି ୫ ଲକ୍ଷ ଟଙ୍କାରୁ ୧୩୫୩ କୋଟି ୨୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ୮୦ କୋଟି ଟଙ୍କାର ବ୍ୟୟବରାଦ ଲକ୍ଷ୍ୟ ରଖାଯାଇଛି। ଜିଲା ଯୋଜନା ପାଇଁ ଗୁରୁତର ଅନ୍ତରାଳ ପାଣ୍ଠି ବାବଦକୁ ୪୨ କୋଟି, ଅଭିନବୀକରଣ ପାଇଁ କୋଟିଏ ୨୦ ଲକ୍ଷ ଟଙ୍କା, କ୍ଷୁଦ୍ର ଜଳସେଚନ ସୁବ୍ୟବସ୍ଥାକରଣ ପାଇଁ ୨,୭୦,୪୧,୦୦୦ ଟଙ୍କାର ବ୍ୟୟବରାଦ ଧାର୍ଯ୍ୟ କରାଯାଇଥିବା ମନ୍ତ୍ରୀ ବେହେରା ନିଜ ବକ୍ତବ୍ୟରେ ସୂଚନା ଦେଇଥିଲେ।

## ବାଚସ୍ପତିଙ୍କ କଥା ମାନୁନାହାନ୍ତି ମନ୍ତ୍ରୀ: ସାଲୁଜା

**ଭୁବନେଶ୍ୱର, ୧୮।୭(ବ୍ୟୁରୋ):**

ବିଧାନସଭାରେ ଗୁରୁବାର କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଏବଂ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ମଧ୍ୟରେ ବଚସା ଦେଖିବାକୁ ମିଳିଛି। ସନ୍ତୋଷ ସିଂ ସାଲୁଜା ବଲାଙ୍ଗୀର ଜିଲାରେ ଜଳସେଚନକୁ ନେଇ ପଚାରିଥିବା ପ୍ରଶ୍ନ ପରେ ଏଭଳି ଦେଖିବାକୁ ମିଳିଥିଲା। ଏହି ପ୍ରଶ୍ନକୁ ନେଇ ଉଭୟଙ୍କ ମଧ୍ୟରେ ଆକ୍ଷେପ, ପ୍ରତିଆକ୍ଷେପ ଦେଖିବାକୁ ମିଳିଛି। ସରକାର ବଲାଙ୍ଗୀର ଜିଲାରେ ୩୫ ପ୍ରତିଶତ ଜଳସେଚନ ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା କେତେ ମାତ୍ରାରେ ପୂରଣ କରାଯାଇଛି। ଏହାସହ ଲୋୟର ସୁକତେଲ ପ୍ରକଳ୍ପ କେତେଦୂର କାର୍ଯ୍ୟ ହୋଇଛି ବୋଲି ମଧ୍ୟ ସେ ପଚାରିଥିଲେ। ଏହି ସମୟରେ କା ମନ୍ତ୍ରୀ ଉତ୍ତର ରଖନ୍ତୁ ବୋଲି କହି ସାଲୁଜା ନିରଞ୍ଜନଙ୍କୁ ଇଙ୍ଗିତ କରିଥିବାର ଦେଖିବାକୁ ମିଳିଥିଲା। ଏହାପରେ ସାଲୁଜା କିଛି କହୁଥିବା ବେଳେ ମନ୍ତ୍ରୀ ପୂଜାରୀ ବ୍ୟବହାର ଭଲ କରିବାକୁ କହିଥିଲେ। ଏହି ସମୟରେ ମୋହନ ମାଝି ପଚାରିଥିବା ଏକ ସମାନ ପ୍ରଶ୍ନର ଉତ୍ତର ରଖିବାକୁ ନିରଞ୍ଜନଙ୍କୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ। ହେଲେ ମନ୍ତ୍ରୀ ଏମିତି କିଛି ଆଇନ ନାହିଁ। ସେହି ପ୍ରଶ୍ନର ଉତ୍ତର ୩୦ ମିନିଟ୍ ପରେ ଦେବି ବୋଲି ମନ୍ତ୍ରୀ କହିଥିଲେ । ଅପରାହ୍ନ ୫ଟା ୧୦ରେ ଗୃହ ଆରମ୍ଭ ହେବାପରେ ସାଲୁଜା ପଏଣ୍ଟ ଅଫ୍ ଅର୍ଡର ଆଣିଥିଲେ। ସାଲୁଜା କହିଥିଲେ ଯେ, ବାଚସ୍ପତିଙ୍କ କଥାକୁ ମନ୍ତ୍ରୀ ଅବମାନନା କରିଛନ୍ତି। ଏଥିରୁ ବାଚସ୍ପତି ଗୃହକୁ କେମିତି ଚଳାଉଛନ୍ତି ବୁଝିପାରୁଛି। ମନ୍ତ୍ରୀମାନେ ବାଚସ୍ପତିଙ୍କ କଥା ନ ମାନିବା ଦୁର୍ଭାଗ୍ୟଜନକ। ଯଦି ବାଚସ୍ପତିଙ୍କ କଥା ମନ୍ତ୍ରୀ ମାନୁନାହାନ୍ତି ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏ ନେଇ ଚିଠି ଲେଖନ୍ତୁ। ନଚେତ୍ ପ୍ରସ୍ତୁତ ହୋଇ ମନ୍ତ୍ରୀଙ୍କୁ ଗୃହକୁ ଆସିବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବାଚ୍ପତିଙ୍କ ଉଦ୍ଦେଶ୍ୟରେ ସାଲୁଜା କହିଥିଲେ। ଯଦି ଏମିତି ନିର୍ଦ୍ଦେଶ ନ ଦିଆଯାଏ ତେବେ ଗୃହ ଚଳାଇ ଦେବୁନି ବୋଲି ସେ କହିଥିଲେ।

CLASSIFIED DISPLAY




















ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ ।
- ଡାୟୋଜିନିସ୍

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ୍, କିଟ୍ କନ୍‌ଭେନସନ୍ ସେଣ୍ଟର, ସକାଳ ୯ଟା ୩୦।
- ରାଜ୍ୟସ୍ତରୀୟ ଜନଜାତି ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଓ ପୁରସ୍କାର ପ୍ରଦାନ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ଇଣ୍ଡିଆନ କାଉନସିଲ ଫର କଲଚରାଲ ରିଲେସନ୍ସ ଓ ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଓଡ଼ିଶୀ ଡ୍ୟାନ୍ସ ଡ୍ରାମା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ଶ୍ରୀରାମଚନ୍ଦ୍ର ଭବନର ଶତବାର୍ଷିକ ସମାରୋହ, ଶ୍ରୀରାମଚନ୍ଦ୍ର ଭବନ, ସକାଳ ୮ଟା।
- ୨୩ତମ ରୁଚି ପ୍ରତିଭା ସମ୍ମାନ ସମାରୋହ, ଶହୀଦ ଭବନ, ସନ୍ଧ୍ୟା ୬ଟା।
- ପଦାରବିନ୍ଦ ସ୍ମୃତି ସମର୍ପିତ 'ପ୍ରଦୂଷଣମୁକ୍ତ ସମାଜ' ଶୀର୍ଷକ ଆଲୋଚନାସଭା, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

## ନନ୍ଦନକାନନରେ ନୀଳଗାଈ ମୃତ

ବାରଙ୍ଗ,୧୮।୭(ଡି.ଏନ୍.ଏ.): ନନ୍ଦନକାନନ ୬୪ନଂ. ଏନକ୍ଲୋଜରରେ ଥିବା ଏକ ନୀଳଗାଈର ଗୁରୁବାର ଅପରାହ୍ନରେ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ୧୯ବର୍ଷ ବୟସ ହୋଇଥିବା ଜଣାପଡିଛି। ସୂଚନାଥାଉକି, ଅନ୍ୟ ସାଥୀଙ୍କ ସହ ବୁଧବାର ସକାଳେ ବୁଲୁଥିବା ବେଳେ ନୀଳଗାଈ ହଠାତ୍ ତଳେପଡିଯାଇଥିଲା। ଖବରପାଇ ଜନ୍ତୁ ବିଭାଗ ରେଞ୍ଜ ଅଫିସର ପହଞ୍ଚି ଅନୁଧାନ କରିଥିଲେ। ପରେ ନନ୍ଦନକାନନ ଡାକ୍ତରମାନେ ଆସି ନୀଳଗାଈର ଚିକିତ୍ସା କରିଥିଲେ ମଧ ଗୁରୁବାର ମୃତ୍ୟୁ ହୋଇଥିଲା। ନନ୍ଦନକାନନରେ ନୀଳଗାଈ ସଂଖ୍ୟା ହ୍ରାସ ପାଇ ୨୧ରେ ପହଞ୍ଚିଛି। ସେଥିମଧରେ ୪ଟି ଅଣ୍ଡିରା, ୧୫ଟି ମାଈ, ୨ଟିର ଲିଙ୍ଗ ନିରୂପଣ ହୋଇ ନ ଥିବା ଜଣାପଡିଛି।

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ଜଟଣୀ,୧୮।୭(ଡି.ଏନ.ଏ.): ବଜ୍ରପାତରେ ଜଟଣୀ ଥାନା ବଡ଼ତୋଟା ଗ୍ରାମର ଭରତ ପାତାଳସିଂ (୩୧)ଙ୍କ ମୃତ୍ୟୁ ଘଟିଛି। ସେ ବୁଧବାର ଅପରାହ୍ନ ପ୍ରାୟ ୨ ଟାରେ ବିଲକୁ ଯାଉଥିବା ବେଳେ ବଜ୍ରପାତ ଘଟିଥିଲା। ତାଙ୍କୁ ତୁରନ୍ତ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଥାନାରେ ନଂ. ୪୪/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବ୍ରାଉନସୁଗାର, ଗଞ୍ଜେଇ ଜବତ: ୫ ଗିରଫ

ଭୁବନେଶ୍ୱର, ୧୮।୭(ବ୍ୟୁରୋ): ରାଜଧାନୀରେ ନିଶା କାରବାର ଉପରେ ରୋକ ଲଗାଇବା ନେଇ କମିଶନରେଟ୍ ପୋଲିସ ପକ୍ଷରୁ ଜୋର୍‌ଦାର ଚଢ଼ାଉ ଚାଲିଛି। ଗୁରୁବାର ୩ଟି ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ନିଶା କାରବାରରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ବ୍ରାଉନସୁଗାର, ଗଞ୍ଜେଇ, ମୋବାଇଲ ଓ ବାଇକ୍ ଜବତ କରାଯାଇଛି। ପୋଲିସ ସୂଚନା ମୁତାବକ, ନୟାପଲ୍ଲୀ ଥାନା ଅଞ୍ଚଳରେ ପ୍ରଶାନ୍ତ ରାଉତ ବ୍ରାଉନସୁଗାର କାରବାର କରୁଥିବା ଖବରପାଇ ପୋଲିସ ବୁଧବାର ରାତିରେ ତାଙ୍କ ଘର ଉପରେ ଚଢ଼ାଉ କରିଥିଲା। ସେଠାରୁ ୧୧.୩୦ ଗ୍ରାମ ବ୍ରାଉନ ସୁଗାର, ସ୍କୁଟି ଓ ମୋବଇଲ ଜବତ କରିଛି। ପୋଲିସ ନଂ. ୩୨୨/୧୯ରେ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଥିଲା। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ପୋଲିସ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସମ୍ମିତ ଦାସ, ସନ୍ତୋଷ କୁମାର ପାତ୍ର ଓ ଚନ୍ଦ୍ରଭାନୁ ରାଉତ। ସେମାନଙ୍କ ପାଖରୁ ପୋଲିସ ୧୦.୮୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ସେହିଭଳି ଏୟାରଫିଲ୍ଡ ଥାନା ଅଞ୍ଚଳରେ ଚୋରା ଗଞ୍ଜେଇ କାରବାର କରୁଥିବା ଅଭିଯୁକ୍ତ ସୂର୍ଯ୍ୟକାନ୍ତ ପରିଡାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧ କିଗ୍ରା ୪ ଶହ ଗ୍ରାମ କେଜି ଗଞ୍ଜେଇ ଜବତ କରିଥିଲା। ପୋଲିସ ନଂ. ୧୧୬/୧୯ରେ ମାମଲା ରୁଜୁ କରି ପଚରାଉଚରା ପରେ ତାଙ୍କୁ ଗିରଫ କରିଥିଲା। ୩ଟି ମାମଲାରେ ଗିରଫ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ ପରେ ପଚରା ଉଚରା କରି କୋର୍ଟ ଚାଲାଣ କରାଯାଇଥିଲା। ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ତାଳଧ୍ୱଜ ରଥରୁ କନା ଖୋଲାଗଲା

**ପୁରୀ ଅଫିସ,୧୮।୭**

ଘୋଷଯାତ୍ରା ସାରି ଚତୁର୍ଦ୍ଧାବିଗ୍ରହ ରତ୍ନସିଂହାସନରେ ବିରାଜମାନ କରିଛନ୍ତି। ହେଲେ ତିନିରଥ ଏବେ ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ। ଗୁରୁବାର ରଥରୁ କନା ଖୋଲା ଆରମ୍ଭ ହୋଇଛି। କୋଠସୁଆଁସିଆ ସେବକମାନେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥରୁ କନା ଖୋଲି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିଛନ୍ତି। ଶ୍ରୀମନ୍ଦିର ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ହେପାଜତରେ ଏହା ରଖାଯାଇଛି। ରଥକନା ଖୋଲା ସମୟରେ ବାହାରିଥିବା ଛୋଟ କନାକୁ ନେବା ପାଇଁ ଭକ୍ତଙ୍କ ମଧରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା।

ଶ୍ରୀମନ୍ଦିର ତତ୍ତ୍ୱାବଧାରକ କହିଛନ୍ତି, ଗୁରୁବାର ତିନିରଥରୁ କନା ଖୋଲାଯିବାକୁ ସ୍ଥିର ହୋଇଥିଲା। ତେବେ ବର୍ଷା ଯୋଗୁ କେବଳ ତାଳଧ୍ୱଜ ରଥରୁ କନା ଖୋଲାଯାଇଛି। ଶୁକ୍ରବାର ଅନ୍ୟ ଦୁଇ ରଥରୁ କନା ଖୋଲାଯିବ। ବର୍ଷସାରା ଠାକୁରଙ୍କ ଯାନିଯାତ୍ରାରେ ଏହି କନା ବ୍ୟବହାର କରାଯାଏ। ଏଥିସହ ବିଭିନ୍ନ ବେଶ, ଝୁଲଣ, ଷୋଳପୂଜା ଆଦିରେ ମଧ ବ୍ୟବହୃତ ହୁଏ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀକ୍ଷେତ୍ରର ବିଭିନ୍ନ ଶକ୍ତିପୀଠକୁ ଷୋଳପୂଜା ଦିନ ପ୍ରଦାନ କରାଯାଉଥିବା ଚାନ୍ଦୁଆ ମଧ ଏଥିରେ ତିଆରି କରାଯାଇଥାଏ। ସୂଚନାଥାଉ କି, ଗତ ମଙ୍ଗଳବାର ତିନିରଥରୁ ସାରଥୀ, ଘୋଡ଼ା, ସଖୀ, ପାର୍ଶ୍ୱ ଦେବଦେବୀ, ହଂସପଟା, କନ୍ୟାପଟା, ଚାରମାଳ ଓ ଠେକରାବାଡ଼କୁ ଭୋଇ ସେବକମାନେ ଖୋଲିଥିଲେ। ଶ୍ରୀମନ୍ଦିର ପ୍ରଶାସନଠାରୁ ନିର୍ଦ୍ଦେଶ ପାଇବା ପରେ ଭୋଇ ସେବକମାନେ ରଥ ଭାଙ୍ଗିବା କାମ ଆରମ୍ଭ କରିବେ ବୋଲି ଜଣାପଡ଼ିଛି।



ତାଳଧ୍ୱଜ ରଥରୁ କପଡ଼ା ଖୋଲାଯାଇଛି।

# ୨୦୨୦ ରଥଯାତ୍ରା ହେବ ପ୍ଲାଷ୍ଟିକ ଫ୍ରି

## ସେବା ପ୍ରଦାନକାରୀ ସ୍ୱେଚ୍ଛାସେବୀ ସଂଗଠନକୁ ସମ୍ବର୍ଦ୍ଧନା

**ପୁରୀ ଅଫିସ,୧୮।୭**

ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳ। ଏଠାକୁ ଦୈନିକ ଦେଶ ବିଦେଶର ପର୍ଯ୍ୟଟକ ଓ ଯାତ୍ରୀ ଆସୁଛନ୍ତି। ଆମକୁ ଏହି ସହରକୁ ସ୍ୱଚ୍ଛ ରଖିବାକୁ ହେବ। ତେବେ ସ୍ୱଚ୍ଛତାରେ ବଡ଼ ପ୍ରତିବନ୍ଧକ ହେଉଛି ପ୍ଲାଷ୍ଟିକ୍ ଓ ପଲିଥିନ। ତେଣୁ ଏଥିପ୍ରତି ଆମ ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ। ପୁରୀ ସହରକୁ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ କରିବାକୁ ହେବ। ସେହିପରି ୨୦୨୦ ରଥଯାତ୍ରା ପ୍ଲାଷ୍ଟିକ ଫ୍ରି ହେବ ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି।

ରଥଯାତ୍ରାରେ ସାମିଲ ହୋଇ ଉତ୍ସର୍ଗୀକୃତ ଭାବେ ବିଭିନ୍ନ ସେବା ପ୍ରଦାନ କରିଥିବା ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ଗୁରୁବାର ସ୍ଥାନୀୟ ଟାଉନହଲ୍ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ କହିଥିଲେ, ରଥଯାତ୍ରାରେ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଭଲ କାମ କରିଛନ୍ତି। ଖାଦ୍ୟ, ପାନୀୟଜଳ ବଣ୍ଟନ, ସୂଚନା, ଗୋସେବା, ସ୍ୱାସ୍ଥ୍ୟ, ପରିମଳ, ଗହଳି ନିୟନ୍ତ୍ରଣ, ଆମ୍ବୁଲାନ୍ସ ଓ ଆଶୁ ଚିକିତ୍ସା ସେବାରେ ସ୍ୱେଚ୍ଛାସେବୀମାନେ ଉଲ୍ଲେଖନୀୟ ସହଯୋଗ କରିଛନ୍ତି। ବାସ୍ତବରେ ସେମାନେ ଧନ୍ୟବାଦର ପାତ୍ର। ପୁରୀ ଏକ ଆଧାତ୍ମିକ ସହର। ମହାପ୍ରଭୁଙ୍କୁ ଦର୍ଶନ ପାଇଁ ପ୍ରତ୍ୟହ ହଜାର ହଜାର ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି। ତେଣୁ ପୁରୀ ସହରକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ଆସନ୍ତା ବର୍ଷ ରଥଯାତ୍ରାରେ ପାଣିବୋତଲ ହେଉ କି କ୍ୟାରିବ୍ୟାଗ୍ ଅବା ପାଉଚ ଆଦି ବ୍ୟବହାର ନ କରିବାକୁ ସେ ପରାମର୍ଶ ଦେବା ସହ ସମ୍ପୂର୍ଣ୍ଣ ଭାବେ ପ୍ଲାଷ୍ଟିକ ଫ୍ରି କରିବାକୁ ଘୋଷଣା କରିଥିଲେ। ୨୦୨୦ ପରିବେଶ ଅନୁକୂଳ ରଥଯାତ୍ରା ହେବ। ଏଥିପାଇଁ ଆଜିଠାରୁ ସମସ୍ତଙ୍କୁ ଘରୁ ହେଉ କିମ୍ବା ଅଫିସ, ମଠ, ମନ୍ଦିରରୁ ଏହି ଅଭିଯାନ ଆରମ୍ଭ କରିବାକୁ ପଡ଼ିବ ବୋଲି ସେ କହିଥିଲେ।

ଏହିଅବସରରେ ୧୪୭ଟିସଂଗଠନକୁ ପ୍ରଶଂସାପତ୍ର ଦିଆଯାଇଥିଲା। ସେବାରେ ନିୟୋଜିତ ସଂଗଠନଗୁଡ଼ିକୁ ନେଇ ଏକ ହ୍ୱାଟ୍ସ ଆପ୍ ଗ୍ରୁପ୍ କରାଯାଇ ମତାମତ ଲୋଡ଼ାଯିବାକୁ ଜିଲାପାଳ କହିଥିଲେ। ଏହାଦ୍ୱାରା ଆସନ୍ତା ବର୍ଷ ରଥଯାତ୍ରା ପାଇଁ ଉନ୍ନତ ସେବା ଯୋଗାଯାଇପାରିବ। ଦୀର୍ଘବର୍ଷ ପରେ ପ୍ରଶାସନ ପକ୍ଷରୁ ସେବା ପ୍ରଦାନକାରୀ ସଂଗଠନଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିବାରୁ ସେମାନେ ଖୁସିବ୍ୟକ୍ତ କରିଥିଲେ। ବୈଠକରେ ଏସ୍‌ପି ଉମାଶଙ୍କର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂହ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟ ମଞ୍ଜରୀ ଦାସ, ଉପଜିଲାପାଳ ଭବତାରଣ ସାହୁ, ସିଡିଏମ୍‌ଓ ରାମଚନ୍ଦ୍ର ମହାନ୍ତି ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।



ଜଣେ ସ୍ୱେଚ୍ଛାସେବୀଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।




ପାକିସ୍ତାନରେ ବନ୍ଦୀ ଥିବା କୁଳଭୂଷଣ ଯାଦବଙ୍କ ଫାଶୀ ଦଣ୍ଡାଦେଶ ଉପରେ ଆନ୍ତର୍ଜାତିକ ନ୍ୟାୟିକ ଅଦାଲତଙ୍କ ସ୍ଥଗିତାଦେଶକୁ ଗୁରୁବାର ଭୁବନେଶ୍ୱର ବିଜୁ ଜନତା ଦଳ ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ସ୍ୱାଗତ କରାଯାଉଛି।

# ଆଜିଠୁ କଳିଙ୍ଗ ଲିଟେରାରି ଫେଷ୍ଟିଭାଲ

**ଭୁବନେଶ୍ୱର,୧୮।୭(ବ୍ୟୁରୋ)**

ଦେଶର ପ୍ରମୁଖ ସାହିତ୍ୟ ମହୋତ୍ସବ ଓଡ଼ିଶା ଟୁରିଜମ୍ କଳିଙ୍ଗ ଲିଟେରାରି ଫେଷ୍ଟିଭାଲ(କେଏଲ୍‌ଏଫ୍) ୧୯ ତାରିଖଠାରୁ ୨୧ ତାରିଖ ପର୍ଯ୍ୟନ୍ତ କିଟ୍ କନ୍‌ଭେନଶନ୍‌ଠାରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ସମାରୋହରେ ସୁଧୀର ଚନ୍ଦ୍ର, ପବନ କୁମାର ବର୍ମା ଓ ଯଶୱନ୍ତ ସିହ୍ନାଙ୍କ ଭଳି ପ୍ରମୁଖ ବ୍ୟକ୍ତିତ୍ୱମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କେଏଲ୍‌ଏଫ୍‌ର ୬ଷ୍ଠ ସଂସ୍କରଣର ମୁଖ୍ୟ ବିଷୟ ଗାନ୍ଧୀଙ୍କ ଆଇଡିଆ ଅଫ୍ ଇଣ୍ଡିଆ ବା ଗାନ୍ଧିଜୀଙ୍କ ଦୃଷ୍ଟିରେ ଭାରତ ଥିବାବେଳେ ଏହା ଉପରେ ସୁଧୀର ଚନ୍ଦ୍ର ବକ୍ତବ୍ୟ ଉପସ୍ଥାପନା କରିବେ। ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ଲାଗି ପବନ କୁମାର ବର୍ମା, ରାଜେନ୍ଦ୍ର କିଶୋର ପଣ୍ଡା, ପାରୋ ଆନନ୍ଦଙ୍କୁ ଚଳିତବର୍ଷ 'କଳିଙ୍ଗ ସାହିତ୍ୟ ପୁରସ୍କାର ୨୦୧୯'ରେ ସମ୍ମାନିତ କରାଯିବ। ଏହି ମହୋତ୍ସବରେ ୨୫୦ରୁ ଉର୍ଦ୍ଧ୍ୱ ଲେଖକ, କବି, ଗୀତିକାର, ଖବରଦାତା ଏବଂ ବୁଦ୍ଧିଜୀବୀ ଯୋଗଦେବେ। ୬୦ ଜଣ ଚିତ୍ରଶିଳ୍ପୀ ଏହି ମହୋତ୍ସବରେ ସେମାନଙ୍କ କଳା ପ୍ରଦର୍ଶନ କରିବେ। ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକ, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଗୋକୁଳ ପଟ୍ଟନାୟକ ପ୍ରମୁଖ ଏହି ମହୋତ୍ସବରେ ଯୋଗଦେବେ ବୋଲି ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେଏଲ୍‌ଏଫ୍‌ର ନିର୍ଦ୍ଦେଶକ ରଶ୍ମି ରଞ୍ଜନ ପରିଡ଼ା କହିଛନ୍ତି।

# ସୂର୍ଯ୍ୟମନ୍ଦିର ବୁଲିଲେ ପାସେଞ୍ଜର ରେଳ ସେବା କମିଟି ଅଧ୍ୟକ୍ଷ

**କୋଣାର୍କ, ୧୮।୭(ଡି.ଏନ୍.ଏ.)**

ପାସେଞ୍ଜର ରେଳସେବା କମିଟି ଅଧ୍ୟକ୍ଷଙ୍କ ସମେତ ୬ଜଣ ସଦସ୍ୟ ଗୁରୁବାର ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ପାସେଞ୍ଜର ରେଳସେବା କମିଟି ଅଧ୍ୟକ୍ଷ ରମେଶ ଚନ୍ଦ୍ର ରତ୍ନ ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିବା ପରେ ଭାଜପା ଅନୁସୂଚିତ ଜାତି ଓ ଜନଜାତି ଜିଲା ସଭାପତି ସର୍ବେଶ୍ୱର ମଲ୍ଲିକ, କୋଣାର୍କ ଭାଜପା ମଣ୍ଡଳ ସଭାପତି ସୁରେନ ପାଲ, ଯୁବନେତା ଗୋପୀନାଥ ସ୍ୱାଇଁ, ଆଲୋକ ରଞ୍ଜନ ପଣ୍ଡା ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପରେ ଅଧ୍ୟକ୍ଷ ରତ୍ନଙ୍କ ସମେତ ସଦସ୍ୟ ପଞ୍ଚାନନ ରାଉତ, ବିଷ୍ଣୁ ପ୍ରସାଦ ଦାସ, ପୂଜା ବିନ୍ଧାଣି, ସତ୍ୟବ୍ରତ ଦତ୍ତ, ଭେଙ୍କଟ ରମଣି, ରାଜୀବ କୁମାର ଶର୍ମା ଓ ଅଧ୍ୟକ୍ଷଙ୍କ ବ୍ୟକ୍ତିଗତ ସହାୟକ ଲାଲମଣି ପାଲ ପ୍ରମୁଖ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ଅଧ୍ୟକ୍ଷ ରତ୍ନଙ୍କ ସମେତ ସଦସ୍ୟମାନଙ୍କୁ ସରକାରୀ ସୀକୃତିପ୍ରାପ୍ତ ଗାଇଡ ସୂର୍ଯ୍ୟମଣି ମଲ୍ଲ ମନ୍ଦିରର ଐତିହ୍ୟ ସମ୍ପର୍କରେ ବିଶଦ ଭାବରେ ବୁଝାଇଥିଲେ।

# ସ୍ୱାସ୍ଥ୍ୟ ସଚିବଙ୍କୁ ତଦନ୍ତ ରିପୋର୍ଟ ଦେଲେ ନିର୍ଦ୍ଦେଶକ

**ଭୁବନେଶ୍ୱର, ୧୮।୭(ବ୍ୟୁରୋ)**

**କ୍ୟାପିଟାଲ ହସ୍ପିଟାଲରେ ଆଖି ଅପରେଶନ ବେଳେ ଜୀବନ ଯିବା ଘଟଣା**

କ୍ୟାପିଟାଲ ହସ୍ପିଟାଲରେ ମୋତିଆବିନ୍ଦୁ ଅପରେଶନ ଚାଲିଥିବା ବେଳେ ଭୀମଟାଙ୍ଗି ହାଉସିଂବୋର୍ଡ କଲୋନୀର ଦୁଃଶାସନ ଦାଶ(୭୦)ଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ଧରିତ୍ରୀରେ ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ସଚିବ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଇତିମଧରେ କ୍ୟାପିଟାଲ ହସ୍ପିଟାଲ ନର୍ଦ୍ଦେଶକ ଘଟଣାର ତଦନ୍ତ କରି ସଚିବଙ୍କୁ ରିପୋର୍ଟ ଦେଇଛନ୍ତି। ରିପୋର୍ଟରେ ଉଲ୍ଲେଖ ରହିଛି ଯେ, ଦୁଃଶାସନ ବାମ ଆଖି ଅପରେଶନ ପାଇଁ ଗତ ୧୧ ତାରିଖରେ ଆଡମିଟ୍ ହୋଇଥିଲେ। ସମସ୍ତ ଟେଷ୍ଟ କରାଯାଇ ୧୩ ତାରିଖକୁ ଅପରେଶନ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ଉକ୍ତଦିନ ୧୪ ଜଣ ଅପରେଶନ ପାଇଁ ରହିଥିଲେ। ଦୁଃଶାସନ ଓଟିକୁ ଆସିବା ପରେ ସେ ପୁଅଙ୍କ ସହ ଖୁସିରେ କଥା ହୋଇ ଡ୍ରେସ୍ ଚେଞ୍ଜ କରିଥିଲେ। ଏହାପରେ ହଠାତ୍ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କାଜୁଆଲିଟିକୁ ନିଆଯାଇଥିଲା। ପରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସେଠାରେ ହୃଦଘାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପୁଅଙ୍କୁ ହସ୍ତାନ୍ତର କରାଯାଇଥିଲା। ହେଲେ ତାଙ୍କ ପୁଅ ଡାକ୍ତରଙ୍କ ଅବହେଳା କିମ୍ବା ଚିକିତ୍ସାଜନିତ ତ୍ରୁଟି ସଂକ୍ରାନ୍ତରେ କୌଣସି ଅଭିଯୋଗ ଆଣିନାହାନ୍ତି। ତାଙ୍କୁ ମଧ ଡେଥ୍ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଭୁଲ ଇଞ୍ଜେକଶନ ପାଇଁ ତାଙ୍କର ମୃତ୍ୟୁ ଘଟିଥିବା ନେଇ ଯେଉଁ ଖବର ପ୍ରକାଶ ପାଇଥିଲା ତାହା ଠିକ ନୁହେଁ। ଅପରେଶନ କରୁଥିବା ଡାକ୍ତର ଚିକିତ୍ସାରେ କୌଣସି ଅବହେଳା କରିନାହାନ୍ତି ବୋଲି ନିର୍ଦ୍ଦେଶକ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଅପରେଶନ ପୂର୍ବରୁ ଦୁଃଶାସନଙ୍କର ଯଦି କାର୍ଡିଓ ଟେଷ୍ଟ କରାଯାଇଥିଲା ତେବେ ହୃଦ୍‌ଘାତ ହେଲା କାହିଁକି? ଯଦି ହୃଦ୍‌ଘାତଟ ହେଲା ସଙ୍ଗେ ସଙ୍ଗେ ସମ୍ପୃକ୍ତ ବିଭାଗୀୟ ଡାକ୍ତରଙ୍କୁ ଡାକି ଚିକିତ୍ସା କରାଗଲା ନାହିଁ କାହିଁକି? କାଜୁଆଲିଟି ଓ ଆଇସିୟୁକୁ ନେବା ଭିତରେ ବହୁ ବିଳମ୍ବ ହୋଇଯାଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଲା ବୋଲି କୁହାଯାଉଛି। କିନ୍ତୁ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡାକ୍ତରଙ୍କୁ ଘଣ୍ଟ ଘୋଡାଇବାକୁ ଯାଇ ସଚିବଙ୍କୁ ଏଭଳି ରିପୋର୍ଟ ଦେଇଥିବା ଚର୍ଚ୍ଚା ହେଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଜିତୁନା



ଦୁଷ୍ମନ୍ତ



ମୋନାଲିସା



ଦେବାଶିଷ



ସୁକାନ୍ତ



ଜିତେନ୍ଦ୍ର



ସୌମ୍ୟ



ସନ୍ତୋଷୀ



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। କାରଣ ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ। -ସ୍ୱାମୀ ନିଗମାନନ୍ଦ



# ସହରରୁ ନୀଳ, ସବୁଜ ଡଷ୍ଟବିନ୍ ଉଭାନ

- ୩୬ଶହ ଲାଗିଥିଲା, ୬ଶହ ମିଳିବା କଷ୍ଟ
- ଲୋକଙ୍କୁ ସଚେତନ କରାଇ ପାରିଲାନି ବିଏମ୍‌ସି
- ମିଳିଲାନି ନଗର ସ୍ୱାସ୍ଥ୍ୟ ଅଧିକାରୀ ତଦନ୍ତ ରିପୋର୍ଟ



ଭୁବନେଶ୍ୱର, ୧୮।୭(ବ୍ୟୁରୋ)

କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ବିଏମ୍‌ସିକୁ ବିଭିନ୍ନ ସମୟରେ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ଫଳସ୍ୱରୂପ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ହେଉଥିବା ସ୍ୱଚ୍ଛ ସର୍ଭେକ୍ଷଣରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବହୁତ ପଛରେ ରହିଛି। ସ୍ମାର୍ଟସିଟି ପ୍ରକଳ୍ପରୁ ଉତ୍ସାହିତ ବିଏମ୍‌ସି ସ୍ୱଚ୍ଛତା ସର୍ଭେରେ ଭଲ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଥିଲା। ସ୍ୱଚ୍ଛତା ସଂକ୍ରାନ୍ତରେ ସହରବାସୀଙ୍କୁ ସଚେତନ କରାଇବା ସହ ଘର ଘର ବୁଲି ତରଳ ଓ କଠିନ ବର୍ଜ୍ୟବସ୍ତୁକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ବିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ୨୦୧୭ରୁ ସହରର ରାସ୍ତାପାର୍ଶ୍ୱ, କଲୋନୀ, ଛକ ଆଦି ୧୮ଶହ ସ୍ଥାନରେ ୩୬ଶହ ନୀଳ ଓ ସବୁଜ ଟ୍ୱିନ୍ ଡଷ୍ଟବିନ ଲଗାଯାଇଥିଲା। ଠିକାସଂସ୍ଥା ଭରସାରେ ପୂରା ବ୍ୟବସ୍ଥାକୁ ଟେକିଦେଇଥିଲା ବିଏମ୍‌ସି। କିନ୍ତୁ ଅଧିକାରୀ ଓ ଠିକାସଂସ୍ଥା କର୍ମଚାରୀଙ୍କ ଖାମଖିଆଲ ତଥା ଦାୟିତ୍ୱହୀନତା ଯୋଗୁ ଏ ବାବଦକୁ କୋଟି କୋଟି ଟଙ୍କା ନଷ୍ଟ ହୋଇଛି। ପ୍ରାୟ ୧୪୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଡଷ୍ଟବିନ୍ ନ ଥିବା ଦେଖିବାକୁ ମିଳିଛି। ରାସ୍ତା, ଡ୍ରେନ୍, ପାଇପ୍ ବିଛା କାମବେଳେ ବହୁ ଡଷ୍ଟବିନ୍‌କୁ ଉପାଡି ଫୋପାଡ଼ି ଦିଆଯାଇଥିବାବେଳେ କେତେକ ସ୍ଥାନରେ ଭାଙ୍ଗିରୁଜି ଅବା ଜଳିଯାଇଥିବା ଦେଖିବାକୁ ମିଳୁଛି। ପାଖାପାଖି ବର୍ଷେ ହେବ ସହରରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ହେଲେ ଏଯାଏ ବିଏମ୍‌ସି କର୍ତ୍ତୃପକ୍ଷ ମରାମତି କିମ୍ବା ନୂଆ ଡଷ୍ଟବିନ୍ ଲଗାଉ ନ ଥିବାରୁ ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ରାସ୍ତାରେ ପଡ଼ି ରହୁଛି। ଏନେଇ ଅଭିଯୋଗ ଆସିବା ପରେ ଗତ ୬ମାସ ତଳେ ତତ୍କାଳୀନ ନଗର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏନେଇ ତଦନ୍ତ କରିବାକୁ କୁହାଯାଇଥିଲା। ହେଲେ ତାଙ୍କର ବଦଳି ହୋଇଯାଇଥିବାବେଳେ ତଦନ୍ତ ରିପୋର୍ଟ ଏଯାଏ ପ୍ରକାଶ ପାଇପାରିଲା ନାହିଁ। ଆଗକୁ ସ୍ୱଚ୍ଛ ସର୍ଭେକ୍ଷଣ ହେବାକୁ ଥିବାରୁ ବିଏମ୍‌ସି ତତ୍ପର ହୋଇପଡ଼ିଛି।

**କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ବିଏମ୍‌ସି ବିଫଳ**

### ଠିକା ସଂସ୍ଥା ସହ କ'ଣ ରହିଥିଲା ଚୁକ୍ତି

ଡଷ୍ଟବିନରୁ ଅଳିଆ ଉଠାଇବା ସମୟରେ ହେଉ କି କୌଣସି କାରଣରୁ ଡଷ୍ଟବିନ୍ ଭାଙ୍ଗିଲେ ଏହାର ମରାମତି ହେବ। ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ଠିକା ସଂସ୍ଥା ନୂଆ ଡଷ୍ଟବିନ ଲଗାଇବ। ଏଥିପାଇଁ ଉକ୍ତ ସଂସ୍ଥାକୁ ବିଏମ୍‌ସି ବିପୁଳ ଅର୍ଥ ଦେଇଥିଲା। କିନ୍ତୁ କେତେକ ସ୍ଥାନରେ ଡଷ୍ଟବିନ ଚୋରି ଓ ପୋଡ଼ି ଦିଆଯାଇଥିବା ନେଇ ସଂସ୍ଥା ଅଭିଯୋଗ ଆଣି ଆଉ ସେଠାରେ ନୂଆ ଲଗାଇଲା ନାହିଁ। ଲୋକେ ସେଥିରେ ଜଳନ୍ତା ସିଗାରେଟ୍ ପକାଇବା ସହ ରାସ୍ତାରୋକୋ ବେଳେ ଜଳନ୍ତା ଟାୟାରକୁ ଉକ୍ତ ଡଷ୍ଟବିନ୍‌ରେ ପକାଇବାରୁ ତାହା ଜଳିଯାଇଛି। ପୁଣି ବିଭିନ୍ନ ବନ୍ଦ/ଆନ୍ଦୋଳନ ସମୟରେ ବିକ୍ଷୋଭକାରୀମାନେ ଡଷ୍ଟବିନକୁ ବାଡେଇ ଭାଙ୍ଗି ଦେଇଥିବା ନେଇ ସଂସ୍ଥା ପକ୍ଷରୁ କୁହାଯାଇଛି। କିନ୍ତୁ ଠିକ୍ ଭାବେ ପରିଚାଳନା କରି ନ ପାରି ସଂସ୍ଥା ଏଭଳି ବାହାନା ଆଣୁଥିବା ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି।

ଏନେଇ ବିଏମ୍‌ସି ପରିମଳ ବିଭାଗ ପରିଚାଳନା ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିବାବେଳେ ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ଠିକାସଂସ୍ଥା ଜାଗୃତିକୁ ଡଷ୍ଟବିନ୍ ଲଗାଇବା ଓ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଜିଆଇଏସ୍ ସର୍ଭେ କରାଯାଇ ପରେ ଉକ୍ତ ସଂସ୍ଥାକୁ ଅର୍ଥ ଦିଆଯାଇଥିଲା। ଏବେ ଡଷ୍ଟବିନ ନ ଥିବାରୁ ସାନିଟାରି ଇନ୍ସପେକ୍ଟରମାନେ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି।

### କ'ଣ ଥିଲା ଦୁଇ ରଙ୍ଗ ଡଷ୍ଟବିନ୍‌ର ଉଦ୍ଦେଶ୍ୟ ?



ବିଏମ୍‌ସି ପାଇଁ ଆବର୍ଜନା ବୋଝ ଚିନ୍ତା ବଢ଼ାଇଛି। ଆବର୍ଜନାକୁ ପୁନଃ ପ୍ରକ୍ରିୟାକରଣ କରିବା ଓ ଆବର୍ଜନା ସଂଗ୍ରହକୁ ସହଜ କରିବା ଲକ୍ଷ୍ୟ ରଖି ବିଏମ୍‌ସି ନୀଳ ଓ ସବୁଜ ରଙ୍ଗର ଡଷ୍ଟବିନ୍ ଲଗାଇଥିଲା। ସବୁଜ ଡଷ୍ଟବିନରେ ବିଘଟନଯୋଗ୍ୟ ତଥା ଜୈବ ଆର୍ବଜନା ଯଥା- ପଚା ଫଳ, ପନିପରିବା ଚୋପା, ରୋଷେଇ ବର୍ଜ୍ୟବସ୍ତୁ ପକାଯିବ। ନୀଳ ଡଷ୍ଟବିନରେ ପୁନଃ ବ୍ୟବହାରଯୋଗ୍ୟ ତଥା ଅଜୈବ ଆବର୍ଜନା ଯଥା- କାଚ, ରବର, ପଲିଥିନ୍ ଆଦି ପକାଇବାକୁ କୁହାଯାଇଥିଲା। ହେଲେ ଲୋକଙ୍କୁ ସେପରି ସଚେତନ କରାଯାଇ ନ ଥିଲା କି କଟକଣାକୁ ମଧ୍ୟ କାର୍ଯ୍ୟକାରୀ କରା ନ ଯିବାରୁ ଲକ୍ଷ୍ୟ ବିଫଳ ହେଲା ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ରିପୋର୍ଟ- ସ୍ଥିତପ୍ରଜ୍ଞ ମିଶ୍ର
ଫଟୋ- ମୌସୁମ ନନ୍ଦ

- ଏସିଆନ କ୍ୟାଡେଟ ପୁମ୍ସି ଟାଏକୋଣ୍ଡୋ ପ୍ରତିଯୋଗିତା

## ଓଡ଼ିଶାରୁ ଭାଗନେବେ ମଧୁସ୍ମିତା



ପୁରୀ ଅଫିସ, ୧୮।୭

ଜୋର୍ଡାନ୍ ଟାଏକୋଣ୍ଡୋ ଫେଡେରେଶନ୍ ଏବଂ ବିଶ୍ୱ ଟାଏକୋଣ୍ଡୋ ସଂଘ ଏସିଆ ମିଳିତ ଆନୁକୂଲ୍ୟରେ ଜୋର୍ଡାନର ଅମାନ୍‌ରେ ଆସନ୍ତା ୨୦ ତାରିଖରେ ୩ୟ ଏସିଆନ କ୍ୟାଡେଟ ପୁମ୍ସି ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ଭାଗନେବାକୁ ମଧୁସ୍ମିତା ମହାନ୍ତି ଏକମାତ୍ର ପ୍ରତିଯୋଗୀ ଭାବେ ମନୋନୀତ ହୋଇଛନ୍ତି ବୋଲି ସଂଘ ସମ୍ପାଦକ ମନମୋହନ ଭଞ୍ଜ ଗୁରୁବାର ପ୍ରେସ ବିବୃତ୍ତିରେ କହିଛନ୍ତି। କେନ୍ଦୁଝରର ଟାଏକୋଣ୍ଡୋ ଏକାଡେମୀରେ କୋଚ୍ ରାଜେଶ କୁମାର ଜେନାଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଥିବା ମଧୁସ୍ମିତା ୯ରୁ ୧୫ତାରିଖ ପର୍ଯ୍ୟନ୍ତ ଜମ୍ମୁରେ ଟିଏଫ୍ଆଇ ଦ୍ୱାରା ଆୟୋଜିତ ସ୍ପେଶାଲ କୋଚିଂ କ୍ୟାମ୍ପରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ଯୋଗଦେଇଥିଲେ। ତାଙ୍କର ଏହି ସଫଳତା ଲାଗି ସଂଘ ସଭାପତି ସନ୍ତୋଷ ଶ୍ରୀରଙ୍ଗମ ଓ ଭଞ୍ଜ ଶୁଭେଚ୍ଛା ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୮ରେ ମହାରାଷ୍ଟ୍ରର ପୁନେରେ ଅନୁଷ୍ଠିତ ୮ମ ଜାତୀୟ ସବ୍ ଜୁନିୟର ପୁମ୍ସି ଟାଏକୋଣ୍ଡୋ ପ୍ରତିଯୋଗିତାରେ ମଧୁସ୍ମିତା ବ୍ୟକ୍ତିଗତ ପୁମସ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ଜୁନ ୨୭ରେ ଜାମ୍ମୁରେ ଅନୁଷ୍ଠିତ ଜାତୀୟସ୍ତରୀୟ ସିଲେକ୍ସନ୍ ଟ୍ରାଏଲ ପ୍ରତିଯୋଗିତାରେ ମଧୁସ୍ମିତା ଉତ୍ତମ ଖେଳ ପ୍ରଦର୍ଶନ କରି ଇଣ୍ଡିଆ କ୍ୟାଡେଟ୍ ପୁମସ୍ ପାଇଁ ସ୍ଥାନ ହାସଲ କରିଥିଲେ।

## ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

ରାଜ୍ୟରେ ଥିବା ୧୦୪୭ଟି ଯୁକ୍ତ ୩ ଡିଗ୍ରୀ/ସ୍ୱୟଂଶାସିତ କଲେଜ, ସେଲ୍ଫ ଫାଇନାନ୍ସିଂ ଡିଗ୍ରୀ କଲେଜ, ସଂସ୍କୃତି(ଶାସ୍ତ୍ରୀ) କଲେଜରେ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ତାଲିକା ଗୁରୁବାର ପ୍ରକାଶ ପାଇଛି। ତାଲିକାରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଶୀର୍ଷରେ ରହିଛି। କଳା ବିଭାଗର ଭୂଗୋଳ ବିଷୟରେ ଏଠାରେ ସର୍ବାଧିକ କଟ୍ ଅଫ୍ ମାର୍କ ୮୯ ପ୍ରତିଶତ ହୋଇଛି। ଫିଜିକାଲ ସାଇନ୍ସ ବିଭାଗର ଗଣିତରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର କଟ୍ ଅଫ୍ ମାର୍କ ୯୩.୫ ପ୍ରତିଶତ, ବାୟୋଲୋଜିକାଲ ସାଇନ୍ସର ପ୍ରାଣୀବିଜ୍ଞାନ ବିଷୟରେ ସର୍ବାଧିକ ୯୧.୫ ପ୍ରତିଶତ ଓ ବାଣିଜ୍ୟରେ କଟ୍ ଅଫ୍ ମାର୍କ ୮୫.୮୩ ପ୍ରତିଶତ ରହିଛି। ସେହିଭଳି ସେଲ୍ଫ ଫାଇନାନ୍ସିଂ ବିଭାଗର କମ୍ପ୍ୟୁଟର ସାଇନ୍ସ ପାଠ୍ୟକ୍ରମରେ ଚଳିତବର୍ଷ ଏହି କଲେଜର କଟ୍ ଅଫ୍ ମାର୍କ ସର୍ବାଧିକ ୮୨.୪ ପ୍ରତିଶତ ରହିଛି।

ଚଳିତବର୍ଷ ନାମଲେଖା ଲାଗି ମୋଟ ୨ଲକ୍ଷ ୧୦ହଜାର ୪୪୬ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୧ଲକ୍ଷ ୮୮ ହଜାର ୨୨୨ଜଣ ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଛନ୍ତି। କଳାରେ ୧ଲକ୍ଷ ୧୩ ହଜାର ୬୬୮ଜଣ, ଫିଜିକାଲ ସାଇନ୍ସରେ ୨୯,୨୯୪, ବାୟୋଲୋଜିକାଲ ସାଇନ୍ସରେ ୨୧,୫୯୭ ଓ ବାଣିଜ୍ୟରେ ୧୮,୬୨୪ଜଣ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିଭଳି ସଂସ୍କୃତରେ ୩,୭୬୫ ଓ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମରେ ୧,୨୭୪ଜଣ ନାମ ଲେଖାଇପାରିବେ। ଏମାନଙ୍କ ମଧ୍ୟରେ ୮୪,୪୫୬ଜଣ ଛାତ୍ର ଓ ୧ ଲକ୍ଷ ୩ ହଜାର ୭୬୨ଜଣ ଛାତ୍ରୀ ରହିଛନ୍ତି। ସେହିଭଳି ଅନ୍ୟ ବର୍ଗରୁ ୪ଜଣ ରହିଛନ୍ତି। ମୋଟ ସିଟ୍ ମଧ୍ୟରୁ ଏହା ୭୧.୯୧ ପ୍ରତିଶତ ବୋଲି ଜଣାପଡିଛି। ତେବେ ୨୦୧୮-୧୯ ଶିକ୍ଷାବର୍ଷ ତୁଳନାରେ ଏଥର ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିଛି। ଗତ ଶିକ୍ଷାବର୍ଷରେ ୨ଲକ୍ଷ ୨୧ ହଜାର ୨୮୯ଜଣ ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୮୮ ହଜାର ୯୬୦ଜଣ ଚୟନ ହୋଇଥିଲେ। ଚଳିତବର୍ଷ ଯୁକ୍ତ ୨ରେ ପାସ୍ ହାର କମିଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

**ଆଗରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ**
- ନାମ ଲେଖାଇବେ ୧ଲକ୍ଷ ୮୮ହଜାର ୨୨୨ ଛାତ୍ରୀଛାତ୍ର
- କଳାରେ ୧,୧୩,୬୬୮, ବିଜ୍ଞାନରେ ୫୦,୮୯୧, ବାଣିଜ୍ୟରେ ୧୮,୬୨୪
- ୭୧.୯୧ ପ୍ରତିଶତ ସିଟ୍ ପାଇଁ ଛାତ୍ରୀଛାତ୍ର ମନୋନୀତ
- ପୂର୍ବବର୍ଷ ଅପେକ୍ଷା କମିଲା ଛାତ୍ରୀଛାତ୍ରଙ୍କ ସଂଖ୍ୟା

| କଲେଜ | ବିଷୟ | କଟ୍ ଅଫ୍ ମାର୍କ (%) |
|---|---|---|
| **କଳା ବିଭାଗ** | | |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ଭୂଗୋଳ | ୮୯ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ଅର୍ଥନୀତି | ୮୫ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ଇଂଲିଶ | ୮୩.୬୭ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ରାଜନୀତି ବିଜ୍ଞାନ | ୮୩.୫ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ସମାଜ ବିଜ୍ଞାନ | ୮୦.୫ |
| ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ବଲାଙ୍ଗୀର | ଓଡ଼ିଆ | ୭୯.୩୩ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ମନସ୍ତତ୍ତ୍ୱ ବିଜ୍ଞାନ | ୭୮.୬ |
| ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ବଲାଙ୍ଗୀର | ହିନ୍ଦୀ | ୭୮.୩୩ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ନୃତତ୍ତ୍ୱ ବିଜ୍ଞାନ | ୭୬.୫ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ଶିକ୍ଷା | ୭୬.୫ |
| ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର | ଗଣିତ | ୭୩.୬୭ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ସଙ୍ଗୀତ | ୭୨.୬୭ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ଇତିହାସ | ୭୧.୮୩ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ପରିସଂଖ୍ୟାନ | ୭୧.୮୩ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ଦର୍ଶନ ଶାସ୍ତ୍ର | ୭୧.୫ |
| ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ | ସଂସ୍କୃତ | ୭୧ |
| ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁର | ଗୃହ ବିଜ୍ଞାନ | ୬୨.୫ |
| **ବିଜ୍ଞାନ (ଫିଜିକାଲ ସାଇନ୍ସ)** | | |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ଗଣିତ | ୯୩.୫ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ପଦାର୍ଥ ବିଜ୍ଞାନ | ୯୨.୬୭ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ରସାୟନ ବିଜ୍ଞାନ | ୯୦.୮ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ପରିସଂଖ୍ୟାନ | ୮୭.୬୭ |
| ଷ୍ଟୁଆର୍ଟ ସାଇନ୍ସ କଲେଜ, କଟକ | ଭୂତତ୍ତ୍ୱ ବିଜ୍ଞାନ | ୮୬ |
| ଷ୍ଟୁଆର୍ଟ ସାଇନ୍ସ କଲେଜ, କଟକ | କମ୍ପ୍ୟୁଟର ସାଇନ୍ସ | ୭୨ |
| ଅମିତ କଲେଜ, ବରୁଣେଇ ହିଲ୍ | ଆଇଟି | ୬୧ |
| ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା | ଇଲେକ୍ଟ୍ରୋନିକ୍ସ | ୬୦ |
| ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା | ଭୂଗୋଳ | ୫୮ |
| ପଞ୍ଚାୟତ ପ୍ରହ୍ଲାଦ ଡିଗ୍ରୀ କଲେଜ, ନିଶ୍ଚିନ୍ତକୋଇଲି | ଜେନେରାଲ | ୫୦ |
| **ବିଜ୍ଞାନ (ବାୟୋଲୋଜିକାଲ୍ ସାଇନ୍ସ)** | | |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ପ୍ରାଣୀ ବିଜ୍ଞାନ | ୯୧.୫ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ଉଦ୍ଭିଦ ବିଜ୍ଞାନ | ୮୮ |
| ସରକାରୀ ମହିଳା ମହାବିଦ୍ୟାଳୟ, ଢେଙ୍କାନାଳ | ବାୟୋଟେକ୍ନୋଲୋଜି | ୬୦ |
| ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ବ୍ରହ୍ମପୁର | ଆନ୍ଥ୍ରୋପୋଲୋଜି | ୬୦ |
| ମନ୍ଦାରୀ ଡିଗ୍ରୀ କଲେଜ, ମନ୍ଦାରୀ | ସାଧାରଣ | ୪୮ |
| ରୋହି ଦାସ ସୋରେନ ଡିଗ୍ରୀ କଲେଜ, କୁଣ୍ଡାବାଇ | ମାଇକ୍ରୋବାୟୋଲୋଜି | ୪୪.୮୩ |
| ରଘୁନାଥ ଜୀଉ ଡିଗ୍ରୀ କଲେଜ, ଦେଉଳିସାହି | ଏନ୍‌ଭାଇରନମେଣ୍ଟାଲ ପଲ୍ୟୁଶନ ଆଣ୍ଡ୍ ଟକ୍ସିକୋଲୋଜି | ୪୨.୬୭ |
| ଗୋପାଳପୁର ଡିଗ୍ରୀ କଲେଜ, ଗୋପାଳପୁର, ଗଞ୍ଜାମ | ମେରାଇନ୍ ସାଇନ୍ସ | ୩୭.୩୩ |
| **ବାଣିଜ୍ୟ ବିଭାଗ** | | |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ବାଣିଜ୍ୟ | ୮୫.୮୩ |
| ଏରୋନଟିକ୍ସ ଡିଗ୍ରୀ କଲେଜ, ସୁନାବେଡ଼ା | ଜେନେରାଲ | ୭୨.୬୭ |



କେନ୍ଦ୍ରାପଡ଼ାରେ କାର୍ଯ୍ୟରତ ଖବରଦାତାଙ୍କୁ ଏସ୍‌ପିଙ୍କ ଦୁର୍ବ୍ୟବହାର ଘଟଣାର ପ୍ରତିବାଦ କରି ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ କଳିଙ୍ଗ ସାମ୍ବାଦିକ ସଂଘର ବିକ୍ଷୋଭ।

## ଛୋଟାଙ୍କୁ ୩ ଦିନିଆ ରିମାଣ୍ଡରେ ନେଲା ଏସ୍‌ଟିଏଫ୍

ଖୋର୍ଦ୍ଧା ଅଫିସ/ ଭୁବନେଶ୍ୱର, ୧୮।୭(ବ୍ୟୁରୋ)

ବ୍ରାଉନସୁଗାର କାରବାରର ମାଷ୍ଟରମାଇଣ୍ଡ୍ ତଥା ଖୋର୍ଦ୍ଧା ପଥରଖଣି ଉପତ୍ୟକାରେ ରାଜ୍ କରୁଥିବା ସୁଧାଂଶୁ ପରିଡ଼ା ଓରଫ ଛୋଟାଙ୍କୁ ଗୁରୁବାର ଏସ୍‌ଟିଏଫ୍ ୩ ଦିନିଆ ରିମାଣ୍ଡରେ ନେଇଛି। ଏନେଇ ଖୋର୍ଦ୍ଧା ଏସ୍‌ଡିଜେଏମ୍ ଶ୍ରଦ୍ଧାଞ୍ଜଳି ରାୟଙ୍କ କୋର୍ଟରେ ଏସ୍‌ଟିଏଫ୍ ୭ ଦିନିଆ ରିମାଣ୍ଡ ପାଇଁ ଆବେଦନ କରିଥିଲା। ତେବେ ୩ ଦିନ ପାଇଁ ଅନୁମତି ମିଳିବା ପରେ ଏସ୍‌ଟିଏଫ୍ ଛୋଟାଙ୍କୁ ଖୋର୍ଦ୍ଧା ଉପକାରାଗାରରୁ ନିଜ କାର୍ଯ୍ୟାଳୟକୁ ନେଇ ପଚରାଉଚରା ଆରମ୍ଭ କରିଛି। ବିଶେଷକରି ତାଙ୍କ କଳା ସାମ୍ରାଜ୍ୟର ପୂରା ଖୁଲାସା କରିବାକୁ ଏସ୍‌ଟିଏଫ୍ ଲକ୍ଷ୍ୟ ରଖିଛି। ଛୋଟା କେଉଁଠୁ ବ୍ରାଉନ୍ ସୁଗାର ଆଣୁଥିଲା। ତାଙ୍କ ଗ୍ୟାଙ୍ଗରେ ଆଉ କେଉଁମାନେ ରହିଛନ୍ତି। ବେଆଇନ ପଥରଖାଦାନ ଓ ଚୋରା ଚାଲାଣ କିପରି କରୁଥିଲେ। ଟାର୍ଗେଟରେ ଥିବା ଲେଡି ଡନ୍‌ଙ୍କ ଭୂମିକା ଆଦି ସଂକ୍ରାନ୍ତରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବାକୁ ଏସ୍‌ଟିଏଫ୍ ଅଧିକାରୀମାନେ ବହୁଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ ପାଇଁ ଉଦ୍ୟମ ଚଳାଇଛି। ଏନ୍‌କାଉଣ୍ଟର ଭୟରେ ଛୋଟା ଗତ ୯ ତାରିଖରେ ଖୋର୍ଦ୍ଧା ଏସ୍‌ଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ତାଙ୍କୁ ଗିରଫ କରିବା ପାଇଁ ଏସଟିଏଫ୍ କୋର୍ଟ ଆଗରେ ଛକି ରହିଥିଲେ ମଧ୍ୟ ସେ ଚକମା ଦେଇ କୋର୍ଟ ଭିତରକୁ ପଶି ଯାଇଥିଲେ। କୋର୍ଟ ଭିତରକୁ ଯାଇ ତାଙ୍କୁ ଗିରଫ କରିବାକୁ ଏସ୍‌ଟିଏଫ୍ ଉଦ୍ୟମ କରିଥିଲେ। ହେଲେ ଓକିଲମାନେ ଏହାକୁ ବିରୋଧ କରିବାରୁ ଅଧିକାରୀମାନେ ଫେରି ଆସିଥିଲେ।

**କଳା ସାମ୍ରାଜ୍ୟର ଫିଟିବ ଗୁମର**



ଛୋଟା ଜେଲ୍ ଯିବା ପରେ ଗତ ୧୫ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କର ଗୁରୁଜଙ୍ଗସ୍ଥିତ ଆଜ୍ଞାସ୍ଥଳ କୁହାଯାଉଥିବା ରାଜକୀୟ ବଙ୍ଗଳାକୁ ଭାଙ୍ଗି ଦିଆଯାଇଥିଲା। ଦୀର୍ଘଦିନ ହେବ ସରକାରୀ ଜାଗାକୁ ମାଡିବସି ଛୋଟା ସେଠାରେ ଘର ନିର୍ମାଣ କରିବା ସହ ଆପରାଧିକ କାର୍ଯ୍ୟର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ। ବ୍ରାଉନ ସୁଗାର କାରବାର ଓ ପଥର ଖଣି କାରବାର ପାଇଁ ଏଠାରେ ହୋଇଥାଏ ମାଷ୍ଟରପ୍ଲାନ। ଛୋଟାର ଭଙ୍ଗା ଯାଇଥିବା ଏହି ଘରର ମୂଲ୍ୟ ୨କୋଟି ହେବ। ଅଧିକାଂଶ ଘରେ ଏସି ଲାଗିଥିବାବେଳେ ବିଳାସବ୍ୟସନ ସାମଗ୍ରୀ ଥିଲା, ଯାହା ଉଭାନ ହୋଇଯାଇଥିଲା। ପରିସରରେ ସୁଇମିଂପୁଲ ରହିଥିଲା। ଏପରିକି ହେଲିପ୍ୟାଡ୍ ପାଇଁ ମଧ୍ୟ ସେଠାରେ ବ୍ୟବସ୍ଥା ହେଉଥିବା ଦେଖିବାକୁ ମିଳିଥିଲା।

ଅନ୍ୟପକ୍ଷରେ ଛୋଟା କେତେଜଣ ରାଜନେତାଙ୍କ ସହଯୋଗରେ ଓକିଲଙ୍କୁ ବିପୁଳ ଟଙ୍କା ଦେଇ ଜାମିନରେ ଯିବାକୁ ଉଦ୍ୟମ କରିଥିଲେ। ତେବେ ଏହାପୂର୍ବରୁ ତାଙ୍କର ୩ଜଣ ସହଯୋଗୀ ଧରାପଡ଼ିବା ପରେ ସବୁ ସ୍ୱପ୍ନ ଫସର ଫାଟିଥିଲା। ଏହି ସହଯୋଗୀଙ୍କ ନିକଟରୁ ମଧ୍ୟ ୩୫ଲକ୍ଷ ଟଙ୍କାର ବ୍ରାଉନସୁଗାର, ବନ୍ଧୁକ, ଗୁଳି, କାର୍ ଜବତ କରାଯାଇଛି। ଛୋଟାର ରିମାଣ୍ଡ ଶେଷ ହେବା ପରେ ଏସ୍‌ଟିଏଫ୍ ପ୍ରଥମେ ଲେଡି ଡନ୍‌ଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ରଣନୀତି ଆପଣାଇବ ବୋଲି ଜଣାପଡିଛି।

## ବ୍ରାଉନ୍‌ସୁଗାର ବେପାର: ମହିଳାଙ୍କ ସମେତ ୫ ଧରାପଡ଼ିଲେ

ଜଟଣୀ,୧୮।୭(ଡି.ଏନ.ଏ.)

ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ନୂଆଗାଁ ଅଞ୍ଚଳରୁ ଜଣେ ମହିଳା, ତାଙ୍କ ସ୍ୱାମୀ, ପୁଅ ସମେତ ୫ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଧରି ନେଇଛି। ପୋଲିସ ପ୍ରଥମେ ତାଙ୍କ ଘର ଚତୁଃପାର୍ଶ୍ୱରେ ଘେରାଉ କରି ନେଇଥିଲା। ତେବେ ଚଢ଼ାଉ ସମୟରେ କେତେଜଣ ଗ୍ରାହକ ଖସିଯାଇଛନ୍ତି। ପୋଲିସ ସେମାନଙ୍କ ବାଇକ୍‌ଗୁଡ଼ିକୁ ଥାନାକୁ ଆଣି ଅଧିକ ତଦନ୍ତ ଚଳାଇଛି।

## ଦନ୍ତାହାତୀ ୪ ଘର ଭାଙ୍ଗିଲା

ଟାଙ୍ଗୀ(କଟକ),୧୮।୭(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ବଡ଼ପୋଖରୀ ମୌଜା ଧାନବେଣୀ ଆଦିବାସୀ ବସ୍ତିର ଧୁନା ପିଙ୍ଗୁଆ, କଇରି ପିଙ୍ଗୁଆ, ରଶ୍ମି ସିଦ୍ଧୁ ଓ ନାଲୁଆ ପୂର୍ତ୍ତିଙ୍କ ଘର ଭାଙ୍ଗିଦେଇଛି। ଖାଦ୍ୟ ଅନ୍ୱେଷଣରେ ହାତୀ ଗ୍ରାମ ମୁହାଁ ହୋଇ ଫେରିଯାଇଥିବା ବନପାଳ ଚନ୍ଦ୍ରଶେଖର ଦାଶ କହିଛନ୍ତି। ସୂଚନା ଅନୁଯାୟୀ, କଟକ ବନଖଣ୍ଡ ଡାଳିଯୋଡ଼ା ରେଞ୍ଜ ଅଧୀନ ଏହି ଅଞ୍ଚଳରେ ହାତୀଙ୍କ ଉତ୍ପାତ ଦେଖିବାକୁ ମିଳିଥାଏ। ମାତ୍ର ସାମୁଦ୍ରିକ ଝଡ 'ଫନୀ' ପରେ ହାତୀପଲ ଆସିବା କମିଥିଲେ ମଧ୍ୟ ଗୋଟିଏ ଦନ୍ତା ହାତୀ ସ୍ଥାନୀୟ କାଳିଆମ୍ବା ଜଙ୍ଗଲରେ ରହୁଛି। ସଞ୍ଜ ନଇଁଲେ ବସ୍ତି ତଥା ଗାଁ ମୁହାଁ ହେଉଥିବା ବନପାଳ ଦାଶ କହିଛନ୍ତି। ସ୍ଥାନୀୟ ସମିତି ସଭ୍ୟ ରାଜେଶ ରଞ୍ଜନ ଷଡ଼ଙ୍ଗୀ କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିବା ସହ ସରକାରୀ ସହାୟତା ପ୍ରଦାନ ନିମନ୍ତେ ଦାବି କରିଛନ୍ତି।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।

- ଲେନିନ୍



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେଇ ସ୍ୱାମୀ ଗିରଫ

**କଟକ ଅଫିସ,୧୮।୭:** ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ଲାଲବାଗ ପୋଲିସ ଗୁରୁବାର ଆଲମଚାନ୍ଦ ବଜାର ସ୍ଥିତ ମିତ୍ର କଲୋନୀର ଭାଗ୍ୟଧର ସାହୁ(୪୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଭାଗ୍ୟଧର ଯୌତୁକ ଦାବିକରି ସ୍ତ୍ରୀ ମିନତୀ ସାହୁଙ୍କୁ ଦୀର୍ଘଦିନ ହେବ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ବୁଧବାର ରାତିରେ ସେ ମିନତୀଙ୍କୁ ମାଡ ମାରିଥିଲେ। ଏ ନେଇ ମିନତୀ ଗୁରୁବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ 'ସବଳ କଟକ- ସଫଳ କଟକ' ଜିଲାପାଳଙ୍କ ଆହ୍ୱାନ

**କଟକ ଅଫିସ, ୧୮।୭:** କଟକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଆସନ୍ତା ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧକ୍ଷତା କରିଥିଲେ। ଉକ୍ତ ଦିବସ ପାଳନ ଅବସରରେ କଟକ ଜିଲାକୁ ଏକ ଉତ୍କୃଷ୍ଟ ଜିଲାରେ ପରିଣତ କରିବା ପାଇଁ ବୈଠକରେ 'ସବଳ କଟକ- ସଫଳ କଟକ' ନାମରେ ଏକ କାର୍ଯ୍ୟକ୍ରମକୁ ଗ୍ରହଣ କରି ଆଗେଇ ଆସିବାକୁ ଜିଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ଏକ ଅଂଶବିଶେଷ ଭାବେ ପଞ୍ଚସଖା ନୀତିକୁ ଆପଣେଇ ଅର୍ଥାତ ପ୍ରତ୍ୟେକ ବ୍ୟକ୍ତି ଯେଉଁ କ୍ଷେତ୍ରରେ ସଫଳତା ପାଇଛି ସେହି ବ୍ୟକ୍ତି ମନ, ବାଣୀ ଓ କର୍ମରେ ନିଃସ୍ୱାର୍ଥପର ଭାବନା, ସେବା ମନୋବୃତ୍ତି ରଖି ଆଉ ୪ ଜଣ ସଫଳ ମଣିଷ ତିଆରି କରିବାକୁ ଜିଲାପାଳ କହିଛନ୍ତି। ସ୍ୱାଧୀନତା ଦିବସରେ ପ୍ରାତଃ ୪.୩୦ ମିନିଟ୍‌ରେ ସହରରେ ରାମଧୂନ ପରିବେଷଣ, ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରୀ, ୯.୧୫ରେ ବାରବାଟୀ ଷ୍ଟାଡିୟମଠାରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ଅଗଷ୍ଟ ୧୧, ୧୨ ତାରିଖ ଅପରାହ୍ନ ୩ଟା ଏବଂ ୧୩ ତାରିଖ ସକାଳ ୭.୩୦ରେ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହେବ। ଅଗଷ୍ଟ ୧, ୨, ୩, ୫, ୬ ତାରିଖରେ ସ୍କୁଲ ଓ କଲେଜସ୍ତରରେ ଚିତ୍ରାଙ୍କନ, ଓଡିଆ ବକ୍ତୃତା, ଦେଶାତ୍ମବୋଧ ସଙ୍ଗୀତ, ପ୍ରବନ୍ଧ, ଓଡ଼ିଆ ଓ ଇଂଲିଶ ବିକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ । ସ୍ୱାଧୀନତା ଦିବସ ଅବସରରେ ମହାନଗର ନିଗମ ପକ୍ଷରୁ ସହରର ପ୍ରବେଶ ପଥରେ ତୋରଣ ଓ ପ୍ରମୁଖ କୀର୍ତ୍ତିସ୍ଥଳକୁ ଆଲୋକମାଳାରେ ସଜ୍ଜିତ କରାଯିବା ପାଇଁ ବୈଠକରେ ସ୍ଥିର ହୋଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ଷଡଙ୍ଗୀ ସ୍ୱାଧୀନତା ଦିବସରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏହି ବୈଠକରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଶ୍ରୀକାନ୍ତ ତରାଇ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦୁଲ ଅଖତର, ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର, ଜିଲାସ୍ତରୀୟ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ।

■ ବ୍ରାଉନସୁଗାର ବ୍ୟବସାୟ ରୋକିବାକୁ ପୋଲିସର ନାହିଁ ଆନ୍ତରିକତା

# ମହିଳା ଘେରିଲେ ଏସ୍‌ପିଙ୍କ କାର୍ଯ୍ୟାଳୟ

**ଖୋର୍ଦ୍ଧା ଅଫିସ,୧୮।୭**



ସ୍ୱପ୍ନେଶ୍ୱରସାହିର ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

■ ଘରକୁ ଫେରିବା ବେଳକୁ ଚାଲିଥିଲା ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ

■ ଡେରିରେ ପୋଲିସ ଆସିବାରୁ ସ୍ୱପ୍ନେଶ୍ୱରସାହିରେ ଉତ୍ତେଜନା

ବ୍ରାଉନସୁଗାର (ପାଉ) ବ୍ୟବସାୟ ରୋକିବା ଓ ସୁରକ୍ଷା ଯୋଗାଇ ଦେବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ସହର ୬ନଂ. ୱାର୍ଡ ସ୍ୱପ୍ନେଶ୍ୱରସାହିର ମହିଳାମାନେ ଖୋର୍ଦ୍ଧା ଆଦର୍ଶ ଥାନାଠାରୁ ସହଯୋଗ ପାଇଲେ ନାହିଁ। ପ୍ରତିବାଦରେ ଗୁରୁବାର ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ତେବେ ଏସ୍‌ପିଙ୍କଠାରୁ ପ୍ରତିଶ୍ରୁତି ପାଇ ମହିଳାମାନେ ଘରକୁ ଫେରିଥିଲେ। ହେଲେ ଘରକୁ ଫେରିବା ବେଳକୁ ଗାଁ ଦାଣ୍ଡରେ ଚାଲିଥିଲା ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ। ଗାଁର ମହିଳାମାନେ ଘଟଣା ସମ୍ପର୍କରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସକୁ ଅବଗତ କରାଇଥିଲେ। ହେଲେ ପୋଲିସ ଆସିବାରେ ଦେଢଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ପରେ ମହିଳାମାନେ ଉତ୍ତେଜିତ ହୋଇ ୪ ଜଣ ଅସାମାଜିକ ଯୁବକଙ୍କୁ କାବୁ କରି ଅଟକ ରଖିଥିଲେ। ତେବେ ବିଳମ୍ବରେ ପୋଲିସ ଆସି ଅଟକମାନଙ୍କୁ ନିଜ ହେପାଜତକୁ ନେବାକୁ ଉଦ୍ୟମ କରିଥିଲା। ମହିଳାମାନେ ପୋଲିସର କାର୍ଯ୍ୟକଳାପରେ ଅସନ୍ତୋଷ ବ୍ୟକ୍ତ କରି ଅଟକମାନଙ୍କୁ ହସ୍ତାନ୍ତର କରୁ ନ ଥିଲେ। କିଛି ସମୟ ପୋଲିସ ଓ ମହିଳାଙ୍କ ମଧ୍ୟରେ ବାଦାନୁବାଦ ଚାଲିଥିଲା। ପରେ ପୋଲିସ ଅଟକମାନଙ୍କୁ ନିଜ ହେପାଜତକୁ ଆଣି ତଦନ୍ତ କରୁଛି।

ଅଭିଯୋଗ ଅନୁସାରେ, ସ୍ୱପ୍ନେଶ୍ୱରସାହିରେ ଚାଲିଛି ବେଆଇନ ବ୍ରାଉନସୁଗାର କାରବାର। ନିଶା ଖାଇବାକୁ ଏଠାରେ ଦିନରାତି ଭିଡ ଜମୁଛି। ପ୍ରତିଦିନ ଛୋଟ ବଡ ଗଣ୍ଡଗୋଳ, ମାରପିଟ ଚାଲିଛି। ସାହିର ପିଲାମାନେ ମଧ ନିଶା କବଳରେ ପଡି ସାରିଲେଣି। ବ୍ରାଉନସୁଗାର କାରବାରକୁ ବନ୍ଦ କରିବାକୁ ସାହିର ମହିଳାମାନେ ବୁଧବାର ସନ୍ଧ୍ୟାରେ ଖୋର୍ଦ୍ଧା ଆଦର୍ଶ ଥାନା ଘେରିଥିଲେ। ପୋଲିସଠାରୁ ଆଶ୍ୱସନା ପାଇ ମହିଳାମାନେ ଘରକୁ ଫେରିଥିଲେ। ହେଲେ ସାହିକୁ ପୋଲିସ ଗଲେନି କି ପାଟ୍ରୋଲିଂ ଗାଡି ବି ଗଡଲାନି। ନିଶା ବ୍ୟବସାୟ ଓ ସେବନକାରୀ ଅଧିକ ଉତ୍ପାତ କଲେ। ପୋଲିସରେ ଅଭିଯୋଗ କଲେ କିଛି ସୁଫଳ ମିଳିବନି କହିଲେ। ବରଂ ପୋଲିସ ଆସିବନି କହି ପାଉ ବ୍ୟବସାୟୀମାନେ ମହିଳାଙ୍କ ଉପରେ ଦାଉ ସାଧିଲେ। ଚାନ୍ଦା ପୋଲିସଙ୍କ ମୁହଁବନ୍ଧା କରି ଦେଇଛି ବୋଲି କହିଥିଲେ। ଏଭଳିସ୍ଥଳେ ମହିଳାମାନେ ଗୁରୁବାର ମଧ୍ୟାହ୍ନରେ ପ୍ଲାକାର୍ଡ ଧରି ବିକ୍ଷୋଭ କଲେ। ଜିଲାପାଳ ନ ଥିବାରୁ ମହିଳାମାନେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯାଇ ଧାରଣା ଦେଇଥିଲେ। ପାଉ ବ୍ୟବସାୟ ନେଇ ଜଣେ ଆନ୍ଦୋଳନରତ ମହିଳା ନାଁ ଗୋପନ ରଖି କହିଛନ୍ତି, ପରିଚୟ ଦେଲେ ଜୀବନ ପ୍ରତି ବିପଦ ରହୁଛି। ବିଭିନ୍ନ ସମୟରେ ପୋଲିସ ତାଙ୍କ ସାହିକୁ ଯାଇଛି। ବ୍ୟବସାୟ ବନ୍ଦ କରିବାକୁ ନୁହେଁ ଚାନ୍ଦା ଆଦାୟ କରିବାକୁ। ପୋଲିସର ଏତାଦୃଶ କାର୍ଯ୍ୟକଳାପ ଦେଖି ସାହିର ଲୋକ ପାଉ ନେଇ ଅଭିଯୋଗ କରି ସୁଫଳ ନ ପାଇ ଚୁପ ରହିଥିଲେ। ବୁଧବାର ଅଭିଯୋଗ ପରେ ପୋଲିସ ପାଉ ବ୍ୟବସାୟୀଙ୍କୁ ଧରିବାରେ ଆଗ୍ରହ ପ୍ରକାଶ କଲାନାହିଁ। ଏଣୁ ପାଉ ବ୍ୟବସାୟୀ ଯାହା କହୁଥିଲେ ଏବଂ ଆମ୍ଭେମାନେ ପୋଲିସର ଲାଞ୍ଛୁଆ କାର୍ଯ୍ୟକଳାପ ଦେଖି ସାରି ଥିବାରୁ ଭରସା ହରାଇଲୁ ବୋଲି କହିଛନ୍ତି। ଅନ୍ୟ ଜଣେ ମହିଳା କହିଛନ୍ତି, ସାହିରେ ନିଶାମୁକ୍ତ ବାତାବରଣ ସୃଷ୍ଟି କରିବାକୁ ମହିଳାମାନେ ଚାହୁଁଛନ୍ତି। ଏହାରି ପଛରେ ପୁରୁଷମାନଙ୍କର ମଧ୍ୟ ସହଯୋଗ ରହିଛି। ତେବେ ଲାଭ ଅଧିକ ଥିବାରୁ ପାଉ ବ୍ୟବସାୟୀମାନେ ଗାଁରେ ଶାନ୍ତ ପରିବେଶ ବଜାୟ ରଖିବାକୁ ଚାହୁଁନାହାନ୍ତି। ପୋଲିସ ଓ ଅବକାରୀ ବିଭାଗ ଅପରାଧୀଙ୍କ ସହ ହାତ ମିଳାଇଥିବାରୁ ଲୋକଙ୍କ ଭରସା ତୁଟି ଚାଲିଛି। ପ୍ରଶାସନ ଓ ରାଜନେତା ମଧ୍ୟ ଏଥିରେ ସାମିଲ ରହି ନୀରବଦ୍ରଷ୍ଟା ସାଜିଥିବାରୁ ନିଶା କବଳରେ ଖୋର୍ଦ୍ଧା ଜିଲାର ବାସିନ୍ଦାଙ୍କ ଜୀବନ ଦୁର୍ବିଷହ ହୋଇ ପଡିଲାଣି।



ରେଲୱେ ବୋର୍ଡ ପାସେଞ୍ଜର ସର୍ଭିସ କମିଟିର ସଦସ୍ୟମାନେ ରେଳଷ୍ଟେଶନ ପରିଦର୍ଶନ କରୁଛନ୍ତି।

### କଟକ ଷ୍ଟେଶନ ବୁଲିଲା ପାସେଞ୍ଜର ସର୍ଭିସ କମିଟି

**କଟକ ଅଫିସ,୧୮।୭:** ରେଲୱେ ବୋର୍ଡର ପାସେଞ୍ଜର ସର୍ଭିସ କମିଟି ପକ୍ଷରୁ ଗୁରୁବାର କଟକ ରେଳଷ୍ଟେଶନ ସ୍ଥିତି ଅନୁଧ୍ୟାନ କରାଯାଇଛି। ଏହି କମିଟିର ୬ ଜଣିଆ ଟିମ୍ ଗତ ୧୬ରେ ଓଡ଼ିଶା ଗସ୍ତରେ ଆସିଛନ୍ତି। ପୂର୍ବରୁ ଉକ୍ତ ଟିମ୍ ଭୁବନେଶ୍ୱର, ଖୋର୍ଦ୍ଧାରୋଡ ଓ ପୁରୀ ଷ୍ଟେଶନ ନିରୀକ୍ଷଣ କରିଥିଲେ। ଗୁରୁବାର କଟକ ଏବଂ ଭଦ୍ରକ ନିକଟସ୍ଥ କେନ୍ଦୁଆପଦା ଷ୍ଟେଶନ ବୁଲି ଦେଖିବା ପରେ ରେଳଯାତ୍ରୀମାନଙ୍କଠାରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ତେବେ ମୁଖ୍ୟତଃ ଷ୍ଟେଶନ ପରିସରରେ ଫୁଡ୍‌ଷ୍ଟଲ୍, ପାନୀୟଜଳ, ପରିମଳ ଆଦି ଉପରେ ଉକ୍ତ ଟିମ୍ ଗୁରୁତ୍ୱ ଦେଇଥିଲା। ଶୁକ୍ରବାର ଏହି ଟିମ୍ ଭଦ୍ରକ ରେଳଷ୍ଟେଶନ ନିରୀକ୍ଷଣରେ ଯିବ।

■ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

**କଟକ ଅଫିସ,୧୮।୭**

ମୟୂରଭଞ୍ଜ ମାଇନର ଇରିଗେଶନ ଡିଭିଜନର ସହକାରୀ ନିର୍ବାହୀଯନ୍ତ୍ରୀ ହୃଦେଶ୍ୱର ବେହେରାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ପକ୍ଷରୁ ଗୁରୁବାର ବେହେରାଙ୍କ ଘର, ଅଫିସ ସମେତ ମୋଟ ୬ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ ବେହେରାଙ୍କ ବାରିପଦା ସହରରେ ଥିବା ଆବାସିକ ୩ ମହଲା କୋଠା, କପ୍ତିପଦାଠାରେ ଥିବା ଘର, ଭୁବନେଶ୍ୱର ନୟାପଲ୍ଲୀଠାରେ ଥିବା ଫ୍ଲାଟ୍, ବାରିପଦାସ୍ଥିତ ଅଫିସ, ବାଙ୍ଗିରିପୋଷି ଥାନା ଅଧୀନ ଚନ୍ଦନପୁର ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘର ଓ ବାରିପଦା ସଦର ଥାନା ଅନ୍ତର୍ଗତ ଅସିତା ଗ୍ରାମରେ ଥିବା ଆଦିକନ୍ଦ ଶଙ୍ଖୁଆଙ୍କ ଘରକୁ ଭିଜିଲାନ୍ସ ଯାଞ୍ଚ କରିଛି। ଉପରୋକ୍ତ ସ୍ଥାନଗୁଡ଼ିକୁ ଯାଞ୍ଚ କରାଯିବା ପରେ ମୋଟ ୧ କୋଟି ୬୪ ଲକ୍ଷ ୨ହଜାର ୯୮୪ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମ୍ପତ୍ତି ବେହେରା ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ଭିଜିଲାନ୍ସ ପକ୍ଷରୁ ସମ୍ପତ୍ତିଗୁଡ଼ିକର ମୂଲ୍ୟ ଆକଳନ କରାଯାଇଛି। ଏହି ଅନୁଯାୟୀ, ବାରିପଦାଠାରେ ଥିବା ତିନିମହଲା କୋଠାର ମୂଲ୍ୟ ୮୮ ଲକ୍ଷ ୮୫ହଜାର ୩୦୭ ଟଙ୍କା ଓ ଭୁବନେଶ୍ୱର ଫ୍ଲାଟକୁ ୨୮ ଲକ୍ଷ ୯୭ହଜାର ୮୪୩ ଟଙ୍କାରେ ଆକଳନ କରାଯାଇଛି। ସେହିପରି ଭୁବନେଶ୍ୱର, ବାରିପଦା ଓ ଉଦଳାଠାରେ ବେହେରାଙ୍କର ୧୪ଟି ପ୍ଲଟ ରହିଛି। ଉକ୍ତ ପ୍ଲଟ ସମୂହର ମୂଲ୍ୟ ୧୭ ଲକ୍ଷ ୧୩ହଜାର ୨୫୭ ଟଙ୍କା ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ବିଭିନ୍ନ ବ୍ୟାଙ୍କରେ ବେହେରାଙ୍କର ୯ ଲକ୍ଷ ୯୭ହଜାର ୮୮୫ ଟଙ୍କା ଜମା ଥିବାବେଳେ ଏଲ୍‌ଆଇସି ପଲିସି ବାବଦରେ ୯ ଲକ୍ଷ ୧୮ହଜାର ୨୮୧ ଟଙ୍କା ଜମାଥିବା ଭିଜିଲାନ୍ସ କହିଛି। ବେହେରାଙ୍କ ଘରୁ ୨ ଲକ୍ଷ ୨୩ହଜାର ୬୮୨ ଟଙ୍କା ମୂଲ୍ୟର ସୁନାଗହଣା, ୧ ଲକ୍ଷ ୨୯ହଜାର ୮୫୯ ଟଙ୍କାର ଦୁଇଟି ବାଇକ୍ ଓ ନଗଦ ୨୪,୭୦୦ ଟଙ୍କା ଭିଜିଲାନ୍ସ ଠାବ କରିଛି। ସେହିପରି ବେହେରାଙ୍କ ଘରୁ ୬ ଲକ୍ଷ ୧୨ହଜାର ୧୬୦ ଟଙ୍କା ମୂଲ୍ୟର ଆସବାବପତ୍ର ଭିଜିଲାନ୍ସ ଯାଞ୍ଚ ସମୟରେ ଠାବ ହୋଇଛି।

# ରୋଡ୍ ଡିଭାଇଡର ଉପରେ ମାଡ଼ିଗଲା ବସ୍

ବେପରୁଆ ଚାଳନା



ରୋଡ଼ ଡିଭାଇଡର ଉପରକୁ ମାଡ଼ିଯାଇଥିବା ବସ୍।

**କଟକ ଅଫିସ,୧୮।୭**

କ୍ୟାଣ୍ଟନ୍‌ମେଣ୍ଟ ଥାନା ଅଧୀନ ଡିଅରପାର୍କ ସମ୍ମୁଖରେ ମୋ ବସ୍ (ନଂ.ଓଡିଶା-ଭି୫୪୩୨) ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗାଡି ଡ୍ରାଇଭର ହେମନ୍ତ ବେହେରା ଓ କଣ୍ଡକ୍ଟର ଆହତ ହୋଇଛନ୍ତି। ବେପରୁଆ ଗାଡ଼ି ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ବସ୍‌ଟି ଚହଟା ପଟରୁ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ଆଡକୁ ଆସୁଥିବାବେଳେ ଭାରସାମ୍ୟ ହରାଇ ଡିଅର ପାର୍କ ସମ୍ମୁଖ ରାସ୍ତାରେ ଥିବା ଡିଭାଇଡର ଉପରେ ମାଡିଯାଇଥିଲା। ପରେ ଏକ ବଡ ଗଛକୁ ଭାଙ୍ଗି ପ୍ରାୟ ୧୫ରୁ ୨୦ ଫୁଟ ଯାଏ ଘୋଷାଡି ହୋଇଯାଇଥିଲା। ଦୁର୍ଘଟଣାରେ ଡିଭାଇଡରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ବସ୍‌ର ସମ୍ମୁଖ କାଚ ଭାଙ୍ଗିଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିତଦନ୍ତଆରମ୍ଭକରିଛି।

# ଖ୍ରୀଷ୍ଟ କଲେଜର ବାର୍ଷିକ ଉତ୍ସବ

**କଟକ ଅଫିସ,୧୮।୭**

ଖ୍ରୀଷ୍ଟ କଲେଜର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସିଦ୍ଧାର୍ଥ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନୁପମ ପାତ୍ର ଓ ସମ୍ମାନିତ ଅତିଥି ଭାବେ ବିକାଶ ଚନ୍ଦ୍ର ରାଉତ ଯୋଗଦେଇଥିଲେ। ଏହି ଅବସରରେ କଳା ବିଭାଗର ଶ୍ରେଷ୍ଠ ସ୍ନାତକ ଭାବେ ହିନ୍ଦୀ ବିଭାଗର ଚିନ୍ମୟ କୁମାର ମହାନ୍ତି, ବିଜ୍ଞାନ ବିଭାଗର ଶ୍ରେଷ୍ଠ ସ୍ନାତକ ଭାବେ ରସାୟନ ବିଜ୍ଞାନର ଛାତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ଓ ବାଣିଜ୍ୟ ବିଭାଗର ଶ୍ରେଷ୍ଠ ସ୍ନାତକ ଭାବେ ଆକାଉଣ୍ଟିଂର ଛାତ୍ର ହିତାଂଶୁ ବିଶ୍ୱାସଙ୍କୁ ସ୍ୱତନ୍ତ୍ର ମଡେଲ ପ୍ରଦାନ କରାଯଇଥିଲା। ଏଥିସହିତ ବିଭିନ୍ନ କ୍ଷେତ୍ରରେ କୃତକାର୍ଯ୍ୟ ହୋଇଥିବା ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆଦ୍ୟାଶା ମହାନ୍ତି, ଇତିଶ୍ରୀ ପୃଷ୍ଟି, ରୂପାଲି ସାହୁ, ସୋମାଳିକା ସାହୁ, ଡ. ସଞ୍ଜୁ ଶର୍ମା ଉତ୍ସବ ପରିଚାଳନା କରିଥିବାବେଳେ ଅଧ୍ୟାପିକା ସୁଚେତା ରାଉତ ଧନ୍ୟବାଦ ଦେଇଥିଲେ।

# ଉଠାଦୋକାନୀଙ୍କଠାରୁ ଜରିମାନା ଆଦାୟ

**କଟକ ଅଫିସ,୧୮।୭**

**ସିଏମ୍‌ସି ପକ୍ଷରୁ ପାର୍କିଂ ସ୍ଥାନରେ ଚଢାଉ**

ସହରରେ ଦିନକୁ ଦିନ ପାର୍କିଂ ସମସ୍ୟା ବଢିବାରେ ଲାଗିଛି। ବିଶେଷକରି ଓଏମ୍‌ପି ଛକଠାରୁ ବାଦାମବାଡ଼ି, ମଙ୍ଗଳାବାଗ, ରାଣୀହାଟ, ଏସ୍‌ସିବି ଅଞ୍ଚଳରେ ରାସ୍ତା ଜାମ୍ ରହୁଥିବାରୁ ଦୀର୍ଘ ସମୟ ଯାନବାହାନ ଅଟକି ରହୁଛି। ଏହାର ସମାଧାନ ପାଇଁ ପ୍ରଶାସନ ଓ କଟକ ମହାନଗର ନିଗମ(ସିଏମ୍‌ସି) ନିକଟରେ ସହରବାସୀ ଅଭିଯୋଗ କରିଥିଲେ। ଫଳରେ ଗୁରୁବାର ସିଏମ୍‌ସି ପକ୍ଷରୁ ବାଦାମବାଡ଼ି, ବଜ୍ରକବାଟି, ଚାନ୍ଦିନୀଚୌକ, ରାଣୀହାଟ, ତେଜେଶ୍ୱର ଛକଠାରୁ ଏସ୍‌ସିବି ମେଡିକାଲ, ମ୍ୟୁନିସିପାଲ ମାର୍କେଟ ସମ୍ମୁଖ ମାଳିସାହିଗଡ଼ାଠାରେ ବେଆଇନ ଭାବେ ପାର୍କିଂସ୍ଥାନରେ ଉଠା ଦୋକାନ କରିଥିବା ବ୍ୟବସାୟୀଙ୍କଠାରୁ ୧୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନ୍ୟପକ୍ଷରେ ଯେଉଁ ଜାଗାରେ ପାର୍କିଂ ଲାଇସେନ୍ସ ନେଇନାହାନ୍ତି ସେଠାକାର ପାର୍କିଂ ଦାୟିତ୍ୱରେ ଥିବା କମିଟି ମେମ୍ବର ସହ କଥା ହୋଇ ଖୁବ୍‌ଶୀଘ୍ର ଲାଇସେନ୍ସ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଚଢାଉବେଳେ ସିଏମ୍‌ସି ସେକ୍ରେଟାରୀ ଲତାଶ୍ରୀ ବାଗ୍, ଡେପୁଟି କମିଶନର ଦେବାଶିଷ ନାୟକ, ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଇନ୍‌ଚାର୍ଜ ପ୍ରଭାକର ସାହୁଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ଏସ୍‌ସିବି ମେଡିକାଲରେ ୬ ଡେଙ୍ଗୁ ରୋଗୀ

**କଟକ ଅଫିସ,୧୮।୭**

ଏସ୍‌ସିବି ମେଡିକାଲରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଗୁରୁବାର ସନ୍ଧ୍ୟା ମେଡିକାଲରେ ମୋଟ ୬ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣ ୱାର୍ଡରେ ଓ ଜଣେ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ଅନ୍ୟପକ୍ଷରେ ଗୁରୁବାର ମେଡିକାଲରେ ମୋଟ୍ ୪୮ ଜଣ ରୋଗୀଙ୍କ ରକ୍ତ ପରୀକ୍ଷା କରାଯାଇଥିବାବେଳେ ସେଥିମଧ୍ୟରୁ ୩ ଜଣଙ୍କ ରକ୍ତରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ପଜିଟିଭ ରୋଗୀଙ୍କ ମଧ୍ୟରେ କଟକ ସହରର ୨ଜଣ ଓ ଭଦ୍ରକର ଜଣେ ରୋଗୀ ଅଛନ୍ତି। ସହରରୁ ଚିହ୍ନଟ ହୋଇଥିବା ୨ ଜଣ ରୋଗୀଙ୍କ ଘର ଜଗତ୍‌ପୁର ଓ ବିଡ଼ାନାସୀ ଅଞ୍ଚଳରେ ବୋଲି ଜଣାପଡ଼ିଛି।

# ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କୁ ଭେଟିଲେ ନେତା, ମନ୍ତ୍ରୀ





ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ବିଧାୟକ ମହମ୍ମଦ ମୋକିମ୍ ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଭେଟୁଛନ୍ତି।

**କଟକ ଅଫିସ,୧୮।୭**

ଏସ୍‌ସିବି ମେଡିକାଲ ମେଡିସିନ ଆଇସିୟୁରେ ଚିକିତ୍ସିତ ହେଉଥିବା ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କ ପାଖକୁ ନେତା, ମନ୍ତ୍ରୀଙ୍କ ସୁଅ ଛୁଟିଛି। ଗୁରୁବାର ଅପରାହ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏସ୍‌ସିବ ମେଡିକାଲକୁ ଆସି ପଦ୍ମଶ୍ରୀ ରାଓଙ୍କୁ ଭେଟିବା ସହିତ ତାଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଡାକ୍ତରମାନଙ୍କଠାରୁ ପଚାରି ବୁଝିଥିଲେ। ଏହାପରେ ସନ୍ଧ୍ୟାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ଏସ୍‌ସିବି ମେଡିକାଲକୁ ଯାଇ ପଦ୍ମଶ୍ରୀ ରାଓଙ୍କୁ ଭେଟିଥିଲେ। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଥିବା ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତି କହିଛନ୍ତି।

■ ଖବରଦାତାଙ୍କୁ ଗାଳିଗୁଲଜ ଘଟଣା

# କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କଲା ଜିଲା ସାମ୍ବାଦିକ ସଂଘ

**କଟକ ଅଫିସ,୧୮।୭**



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କେନ୍ଦ୍ରାପଡା ଜିଲା ବାରିମୂଳ ହେଲିପ୍ୟାଡଠାରେ ବୁଧବାର ଜଣେ ଖବରଦାତା କ୍ୟାମେରାରେ ଫଟୋ ଉଠାଉଥିବାବେଳେ ଏସ୍‌ପି ନୀତିଶେଖର ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିବା ପାଇଁ ହାତ ଉଠାଇଥିଲେ। ତେଣୁ ଏସ୍‌ପିଙ୍କ ଏଭଳି ଆଚରଣକୁ କଟକ ଜିଲା ସାମ୍ବାଦିକ ୟୁନିୟନ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ଏ ନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କଟକ ଜିଲା ସାମ୍ବାଦିକ ୟୁନିୟନର ସଭ୍ୟମାନେ ପ୍ରତିବାଦ ସ୍ୱରୂପ କଳାବ୍ୟାଜ୍ ପିନ୍ଧି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଜରିଆରେ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ, ପୋଲିସ ଅଧିକାରୀଙ୍କ ବିରୋଧରେ ତୁରନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ସର୍ବୋପରି ଗୃହ ବିଭାଗ କାର୍ଯ୍ୟରତ ଖବରଦାତାଙ୍କ ସୁରକ୍ଷା ପାଇଁ ପ୍ରତି ଜିଲାର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ୟୁନିୟନର ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ଦାବିପତ୍ର ଦେବା ସମୟରେ ଉପସଭାପତି ବିଭୂତି ଦାଶ, ସାଧାରଣ ସମ୍ପାଦକ ଅଜୟ କୁମାର ଦାସ, ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ଜେନା, ଜଗନ୍ନାଥ ରାଉତ, ଗୌତମ ପଣ୍ଡା, ନାରାୟଣ ସିହ୍ନା, ଶ୍ରୀରାମ ରାୟ, ରମାକାନ୍ତ ମେହେର, ସନ୍ତୋଷ ମାହାନା, ଜୟନ୍ତ ଦାଶ, ବାବୁଲା ପାତ୍ରଙ୍କ ସମେତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପାଟକୁରା ନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କେନ୍ଦ୍ରାପଡା ଜିଲା ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ଖବରେ ସଂଗ୍ରହ ପାଇଁ ବାରିମୂଳ ହେଲିପ୍ୟାଡଠାରେ ଖବରଦାତାଙ୍କ ଭିଡ ଲାଗିଥିଲା। ଖବରଦାତା ଅଜେଶ ମଲ୍ଲିକ କ୍ୟାମେରାରେ ଫଟୋ ଉଠାଉଥିବାବେଳେ ଏସ୍‌ପି ତାଙ୍କୁ ବାରଣ କରିବାକୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏସ୍‌ପି ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିବା ପାଇଁ ହାତ ଉଠାଇଥିଲେ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ। - ଆଇନଷ୍ଟାଇନ



## ସଂକ୍ଷେପରେ

### ମୋବାଇଲ ଚୋରି ଅଭିଯୋଗରେ ଜଣେ ଗିରଫ

**ଭୁବନେଶ୍ୱର,୧୮।୭(ବ୍ୟୁରୋ):** ଭୁବନେଶ୍ୱର ରେଳ ଷ୍ଟେଶନର ପ୍ଲାଟଫର୍ମ ନଂ. ୬ରେ ପୂର୍ବାହ୍ନରେ ମୋବାଇଲ ଚୋରି ଅଭିଯୋଗରେ ଜିଆରପି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସୁରଞ୍ଜନ ନାୟକ। ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୧ଟା୧୫ ମିନିଟ୍‌ରେ ନିରଞ୍ଜନ ଦାସ କାଉଣ୍ଟରରେ ଟିକଟ କାଟୁଥିବା ବେଳେ ସୁରଞ୍ଜନ ତାଙ୍କ ମୋବାଇଲ, ପର୍ସ କୌଶଳକ୍ରମେ ଚୋରି କରି ନେଇ ଯାଇଥିଲେ। ନିରଞ୍ଜନ ଜାଣିବା ପରେ ଆରପିଏଫରେ ଅଭିଯୋଗ କରିଥିଲେ। ଆରପିଏଫର ସ୍ପେଶାଲ ଟାସ୍କ ଫୋର୍ସ ଚୋରି ହେବାର ଅଳ୍ପ ସମୟ ଭିତରେ ଅଭିଯୁକ୍ତଙ୍କ ଧରିଥିଲେ। ପରେ ଜିଆରପି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ନିରଞ୍ଜନଙ୍କୁ ଜବତ ଚୋରି ଜିନିଷ ଫେରାଇ ଦେଇଛି।

### ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖ ପାର୍କିଂ ସ୍ଥଳରେ ମୀନାବଜାର
### ବିଭିନ୍ନ ମହଲରେ ବିରୋଧ



**ପୁରୁଣା ଭୁବନେଶ୍ୱର,୧୮।୭ (ଡି.ଏନ.ଏ.):** ଆଗକୁ ଶ୍ରାବଣ ମାସର ପ୍ରଥମ ସୋମବାର ପାଳିରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠରେ ହଜାର ହଜାର କାଉଡ଼ିଆ ଜଳ ଲାଗି କରିବେ। ଏଥିଲାଗି ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ପର୍ବ ଜୋରସୋର ଆଗେଇ ଚାଲିଛି। କାଉଡ଼ିଆମାନଙ୍କର ଭିଡ଼କୁ ଲକ୍ଷ୍ୟ କରି କମିଶନରେଟ୍ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପୋଲିସ ଫୋର୍ସ ନିୟୋଜିତ ହେବେ। ହେଲେ ଏଭଳି ସମୟରେ ମନ୍ଦିର ସମ୍ମୁଖରେ ଥିବା ପାର୍କିଂ ସ୍ଥଳରେ କେହି ମୀନାବଜାର ପକେଇବାକୁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଗୁରୁବାର ଏଠାରେ ବିଭିନ୍ନ ଦୋଳି ପୋତା ହେବା ସହ ଅନ୍ୟାନ୍ୟ ସରଞ୍ଜାମ ପ୍ରସ୍ତୁତ ହୋଇଥିବା ଦେଖି ବିଭିନ୍ନ ମହଲରେ ବିରୋଧ କରାଯାଇଥିଲା। ତେବେ ପାର୍କିଂ ସ୍ଥଳକୁ ଲାଗି ଲିଙ୍ଗରାଜ ଥାନା ରହିଛି। ଆଗକୁ ଠାକୁରଙ୍କ କାଉଡିଆମାନଙ୍କ ଜଳଯାତ୍ରା ଥିବାବେଳେ କିଭଳି କେଉଁ ପରିପ୍ରେକ୍ଷୀରେ କମିଶନରେଟ୍ ପୋଲିସ ପକ୍ଷରୁ ଅନୁମତି ଦିଆଗଲା ତାହାକୁ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ ଉଠାଇଛନ୍ତି। ତେଣୁ ଘଟଣାକୁ ଗୁରୁତର ଭାବେ ବିଚାରକୁ ନେଇ ମୀନା ବଜାର ପକେଇବା ପୂର୍ବରୁ ଟ୍ରାଫିକ୍ ନିୟନ୍ତ୍ରଣ ପ୍ରତି ଦୃଷ୍ଟି ଦେବାର ଥିଲା ବୋଲି ସଞ୍ଜୟ ସାହୁ, ବେଣୁଧର ସାହୁ, ସୁରେଶ ବାରିକ ପ୍ରମୁଖ ବିରୋଧ କରିବା ସହ କହିଛନ୍ତି।

### ଲୁଟ୍ ବେଳେ ବାଇକ୍ ପଡ଼ିଗଲା
### ଲୁଟେରା ଲୁଟ୍ ସାମଗ୍ରୀ, ବାଇକ୍ ଛାଡ଼ି ଫେରାର

**ଖୋର୍ଦ୍ଧା ଅଫିସ/ଯାଁଳା,୧୮।୭(ଡି.ଏନ.ଏ.):** ଜଟଣୀ ଥାନା ଯାଁଳା ଫାଣ୍ଡି ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର କେ.କେ. ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ରାତି ୮ଟାରେ ଲୁଟ୍ ବେଳେ ବାଇକ୍‌ରୁ ଦୁଇଜଣ ଲୁଟେରା ଖସି ପଡିଥିଲେ। ସେମାନେ ପଲସର ବାଇକ୍ (ନଂଓଡି୦୨ ଏଆର ୯୭୭୮) ଓ ଲୁଟ୍ ସାମଗ୍ରୀ ଛାଡି ଫେରାର ହୋଇଯାଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ଲୁଟେରାଙ୍କ ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ପୁରୀ ଜିଲା ଗଡିଶାଗୋଦା ଥାନା ମଇନ୍ଦିପୁର ଗାଁର ପ୍ରଶାନ୍ତ ଦାସ ସ୍ତ୍ରୀ ସ୍ୱାଗତିକାଙ୍କ ସହ ବାଇକ୍ (ନଂ. ଓଡି୦୨ଏ ଏକ୍ସ ୭୪୮୧) ଯୋଗେ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ। ପଛପାଖରୁ ଏକ କଳାରଙ୍ଗର ପଲ୍‌ସରରେ ଦୁଇଜଣ ଦୁର୍ବୃତ୍ତ ପ୍ରଶାନ୍ତଙ୍କ ସ୍ତ୍ରୀଙ୍କ ହାତରୁ ଭ୍ୟାନିଟି ବ୍ୟାଗକୁ ଛଡାଇ ନେଇଥିଲେ। ତେବେ ବାଇକ୍‌ର ବେଗ ଦ୍ରୁତ ଥିବାରୁ ଭ୍ୟାନିଟ୍ ଛଡାଇବା ସମୟରେ ଲୁଟେରା ପଡିଯାଇଥିଲେ। ସେ ସମୟରେ ପ୍ରଶାନ୍ତ ଓ ସ୍ତ୍ରୀ ଚୋର ଚୋର ବୋଲି ଚିତ୍କାର କରିଥିଲେ। ସେମାନଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଯିବାରୁ ଲୁଟେରା ଦ୍ୱୟ ଗହୀର ମଧକୁ ଅନ୍ଧାରରେ ଦୌଡି ପଳାଇ ଯାଇଥିଲେ।

# ଉଠାଦୋକାନୀଙ୍କ କବ୍‌ଜାରେ ଫୁଟ୍‌ପାଥ୍

**ଭୁବନେଶ୍ୱର,୧୮।୭(ବ୍ୟୁରୋ)**



ୟୁନିଟ୍-୧ ରାସ୍ତାକଡ଼ରେ ଗଢ଼ିଉଠିଥିବା ଉଠାଦୋକାନ।

- ବାରମ୍ବାର ଉଚ୍ଛେଦ ପରେ ବି ଚେତୁନାହାନ୍ତି
- ହାତ ଟେକି ଦେବାକୁ ବସିଲାଣି ଏନ୍‌ଫୋର୍ସମେଣ୍ଟ ଟିମ୍

ରାଜଧାନୀର ଫୁଟପାଥ୍‌ଗୁଡ଼ିକ ପଥଚାରୀ ଏବଂ ସାଇକେଲ ଚାଳକଙ୍କ ପାଇଁ ଉଦ୍ଦିଷ୍ଟ। କେହି ବି ଫୁଟପାଥ୍ ଉପରେ ଦୋକାନ କରି କିମ୍ବା ଗାଡ଼ି ପାର୍କିଂ କରି ତାହାକୁ ଜବରଦଖଲ କରିପାରିବେ ନାହିଁ। ଯିଏ ଜବରଦଖଲ କରିବେ ତାଙ୍କୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ଏନଫୋର୍ସମେଣ୍ଟ ଟିମ୍ ଉଚ୍ଛେଦ କରିବ ବୋଲି ବିଏମ୍‌ସି-ବିଡିଏ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏହା କେବଳ ତୁଚ୍ଛା ଘୋଷଣା ବୋଲି ଏବେ ସହରରେ ଆଲୋଚନା ହେଉଛି। ଅଧିକାଂଶ ସ୍ଥାନରେ ଫୁଟ୍‌ପାଥ୍‌କୁ ଉଠାଦୋକାନୀ କବ୍‌ଜା କରିଥିଲେ ମଧ୍ୟ ଏହା ଏନଫୋର୍ସମେଣ୍ଟ ଟିମ୍‌କୁ ଦେଖାଯାଉନାହିଁ। ଅନ୍ୟପଟେ ଏନଫୋର୍ସମେଣ୍ଟ ଟିମ୍ ବିଭିନ୍ନ ବସ୍ତି ଓ କ୍ଲବକୁ ଉଚ୍ଛେଦ କରିବାରେ ଲାଗିପଡ଼ିଛି। ମାତ୍ର ପ୍ରକୃତ ସମସ୍ୟା ପ୍ରତି ଆଖି ବୁଜି ଦେଇଛି।

ୟୁନିଟ-୧ ହାଟ ନିକଟ ଫୁଟ୍‌ପାଥ୍‌କୁ ଏବେ ସେଠାକାର ଫଳ ଦୋକାନୀ ଅଧା ମାଡ଼ି ବସିଥିବାବେଳେ ଆଉ ଅଧାକ ସ୍ଥାନରେ ବାଇକ୍ ପାର୍କିଂ ହେଉଛି। ସେହିପରି କେତେଜଣ ଉଠାବ୍ୟବସାୟୀ ମଧ୍ୟ ଫୁଟ୍‌ପାଥ୍ ଉପରେ ପସରା ମେଲାଇଛନ୍ତି। କେହି ପଞ୍ଜୁରୀ ବିକୁଛି ତ ଆଉ କିଏ ରଶି। ସବୁ ସାମଗ୍ରୀ ଫୁଟପାଥ ଉପରେ ହିଁ ରହୁଛି। ତେଣୁ ପଥଚାରୀଙ୍କ ପାଇଁ ଜାଗା ନାହିଁ। ସେହିପରି ଭୁବନେଶ୍ୱର ମଧ୍ୟ ବିଧାୟକ ତଥା ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନାଙ୍କ ଘର ସମ୍ମୁଖ ଫୁଟପାଥ୍ କଥା ନ କହିବା ଭଲ। ଏଠାରେ ଫୁଟପାଥ୍ ଓ ରାସ୍ତା ସବୁ ଜବରଦଖଲ। ୟୁନିଟ-୧ରେ ଚାରା ଏବଂ ବେଡଶିଟ୍ ବ୍ୟବସାୟୀଙ୍କ ଅକ୍ତିଆରରେ ଫୁଟପାଥ୍ ରହିଛି। କେତେକ ସ୍ଥାନରେ ଡ୍ରେନ୍ ଉପରେ ଠେଲାଗାଡ଼ିରେ ଟିଫିନ୍ ଷ୍ଟଲ ଖୋଲଯିବା ସହ ପରିବା ବେପାର ଚାଲିଛି। ଏଜିରୁ ରାଜମହଲ ଆସିବା ରାସ୍ତାରେ ବେଡ଼ସିଟ, ଗଦି, କସ୍‌ମେଟିକ୍ସ ଆଦି ବ୍ୟବସାୟୀମାନେ ଫୁଟପାଥକୁ ନିଜ ଘର କରିସାରିଲେଣି। ଫୁଟ୍‌ପାଥ୍‌ରେ ରୋଷେଇ କରିବାଠୁ ଆରମ୍ଭ କରି ରାତିରେ ଖଟିଆ ପକାଇ ଶୋଉଥିବା ଦେଖିବାକୁ ମିଳିଛି। ଦୁର୍ଘଟଣା ପ୍ରତି ବି ସେମାନଙ୍କର ଭୟ ନାହିଁ। ବାରମ୍ବାର ଉଚ୍ଛେଦ କଲା ପରେ ଉଠାଦୋକାନୀମାନେ ପୁନର୍ବାର ସେହି ଜାଗା ମାଡ଼ିବସୁଛନ୍ତି। ଏ ନେଇ ବିଡିଏ ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି କହିଛନ୍ତି, ଫୁଟପାଥ୍ ଯେପରି ଦଖଲ ନ ହେବ ସେଥିପାଇଁ ବିଏମ୍‌ସି-ବିଡିଏର ଏନଫୋର୍ସମେଣ୍ଟ ଟିମ୍ ଉଚ୍ଛେଦ କରିଥିଲା। ଏବେ ମଧ୍ୟ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ବାରମ୍ବାର ଉଚ୍ଛେଦ କଲା ପରେ ବି ଯଦି ଲୋକେ ସଚେତନ ନ ହେବେ ତାହେଲେ ଯେତେ ଉଚ୍ଛେଦ କଲେ କିଛି ଲାଭ ନାହିଁ। ଜବରଦଖଲ ହେବା ପରେ ତା'କୁ ନଜର ରଖିବା ପାଇଁ ସ୍ପେଶାଲ ଜଏଣ୍ଟ ସ୍କାଡ୍ ଗଠନ କରାଯାଇଛି। ଯାହାକି ଶିଶୁ ଭବନରୁ ବାଣୀବିହାର ଛକ, ଏଜିଠାରୁ ରାଜମହଲ, ନନ୍ଦନକାନନଠାରୁ ଜୟଦେବ ବିହାର ପର୍ଯ୍ୟନ୍ତ ଫୁଟପାଥ୍ ଉପରେ ନଜର ରଖିବ।

## ୨୫କୁ ଘୁଞ୍ଚିଲା ଆମ ପୋଲିସ ସମିତି ବୈଠକ

**କଟକ ରୋଡ,୧୮।୭(ଡି.ଏନ୍.ଏ.)**

**ଯୋଗଦେଲେନି ଅଧା ସଦସ୍ୟ**

ରାଜଧାନୀର କେତେକ ଥାନାରେ ଆରମ୍ଭ ହୋଇଛି ଆମ ପୋଲିସ ସମିତି ବୈଠକ। ଏଭଳି କ୍ରମରେ ଗୁରୁବାର ଲକ୍ଷ୍ମୀସାଗର ଥାନାରେ ଆମ ପୋଲିସ ସମିତି ବୈଠକ ଆରମ୍ଭ ହୋଇଥିଲା। ରାତି ପ୍ରାୟ ୮ଟାରେ ଆରମ୍ଭ ହୋଇଥିବା ଏହି ବୈଠକରେ ଜୋନ-୪ ଏସିପି ଅମରେନ୍ଦ୍ର ପଣ୍ଡା, ଥାନା ଅଧିକାରୀ ଦୟାନିଧି ନାୟକଙ୍କ ସହ ପୋଲିସ ସମିତିର ସଭ୍ୟ ଯୋଗଦେଇଥିଲେ। ସବୁଠାରୁ ଗୁରୁତର କଥା ହେଉଛି ଯେ, ପୋଲିସ ସମିତିରେ ସଭ୍ୟ ହୋଇଥିବା ୨୪ ସଦସ୍ୟଙ୍କ ମଧ୍ୟରୁ ୧୨ଜଣ ଯୋଗଦେଇଥିଲେ। ଅଧା ସଦସ୍ୟ ଯୋଗଦେବା ନେଇ ଉପସ୍ଥିତ ପୋଲିସ ଅଧିକାରୀଙ୍କ ଚିନ୍ତା ବଢାଇଥିଲା। ଯେତିକି ସଦସ୍ୟ ଥିଲେ ସେମାନଙ୍କ ମଧ୍ୟରେ ଥାନା ଅଞ୍ଚଳରେ ଘଟୁଥିବା ଦୁଇଟି ପ୍ରମୁଖ ସମସ୍ୟା ନେଇ ଆଲୋଚନା ହୋଇଥିଲା। ମୁଖ୍ୟତଃ ଥାନା ଅଞ୍ଚଳରେ ବଢୁଥିବା ଚୋରା ନିଶା ବ୍ୟବସାୟ ଓ ରାତ୍ରିକାଳୀନ ପାଟ୍ରୋଲିଂ ସୁଚାରୁରୂପେ ହେଉ ନ ଥିବା ଯୋଗଦେଇଥିବା ଅଳ୍ପସଂଖ୍ୟକ ସଦସ୍ୟ ମତବ୍ୟକ୍ତ କରିଥିବା ଜଣାପଡିଛି। ତେବେ ଗୋଟିଏ ପଟରେ ପୋଲିସ ସମିତି ବୈଠକ ମାଧ୍ୟମରେ ଲୋକଙ୍କ ମତାମତ ଲୋଡିବା ଜରୁରୀ ଥିବାବେଳେ କିଭଳି ଅଧିକ ସଂଖ୍ୟକ ସଭ୍ୟ ଆଗାମୀ ବୈଠକରେ ଯୋଗଦେବେ ସେ ନେଇ ବିଭିନ୍ନ ଅଞ୍ଚଳରୁ ସଦସ୍ୟ ଖୋଜିବା ପାଇଁ ପୋଲିସ ପ୍ରକ୍ରିୟା ଆରମ୍ଭ କରିଛି। ଆସନ୍ତା ୨୫ ତାରିଖରେ ଏକ ପୂର୍ଣ୍ଣ ସଦସ୍ୟତା ବୈଠକ ଥାନାରେ ଅନୁଷ୍ଠିତ ହେବ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

## ଭୁବନେଶ୍ୱର ରେଳ ଷ୍ଟେଶନରେ ନୂଆ ଫୁଡ୍ ପ୍ଲାଜା




**ଭୁବନେଶ୍ୱର, ୧୮।୭(ବ୍ୟୁରୋ)**

ଭୁବନେଶ୍ୱର ରେଳ ଷ୍ଟେଶନ ୬ ନମ୍ବର ପ୍ଲାଟଫର୍ମରେ ଦ୍ୱିତୀୟ ଫୁଡ୍ ପ୍ଲାଜା ଶୁଭାରମ୍ଭ ହୋଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ, ରେଳପଥର ପ୍ରମୁଖ ବାଣିଜ୍ୟିକ ପ୍ରବନ୍ଧକ ଅଜୟ କୁମାର ବେହେରା ଓ ପ୍ରମୁଖ ପରିଚାଳନା ପ୍ରବନ୍ଧକ ଦେବରାଜ ପଣ୍ଡା ନୂଆ ଫୁଡ୍ ପ୍ଲାଜାର ଉନ୍ମୋଚନ କରିଛନ୍ତି। ପୂର୍ବରୁ ଏକ ନମ୍ବର ପ୍ଲାଟଫର୍ମରେ ଏକ ଫୁଡ୍ ପ୍ଲାଜା ରହିଥିଲା। ୬ ନମ୍ବର ପ୍ଲାଟଫର୍ମ ଉପରେ ନିର୍ଭର କରୁଥିବା ଯାତ୍ରୀ ପୂର୍ବରୁ ଖାଇବା ପାଇଁ ଏକ ନମ୍ବର ପ୍ଲାଟଫର୍ମ କିମ୍ବା ଷ୍ଟେଶନ ବାହାର ଦୋକାନ ଉପରେ ନିର୍ଭର କରୁଥିଲେ। ଏହାଦ୍ୱାରା ଯାତ୍ରୀଙ୍କୁ ସୁବିଧା ମିଳିବ। ୧୫୬୦ ବର୍ଗ ଫୁଟ ପରିମିତ ସ୍ଥାନରେ ନିର୍ମିତ ମଲ୍ଟି କୁଜିନ ଫୁଡ ପ୍ଲାଜାରେ ପ୍ରାୟ ୫୦ ଜଣ ଯାତ୍ରୀ ଏକକାଳୀନ ଖାଦ୍ୟ ଖାଇପାରିବେ। ଏଥିରେ ଶୀତତାପ ନିୟନ୍ତ୍ରିତ ହଲ୍ ସହିତ ମ୍ୟୁଜିକ ପ୍ରଣାଳୀ, ଟିଭି, ସିସିଟିଭି ସୁବିଧା ରହିଛି। ଯାତ୍ରୀମାନେ ଖରାବେଳ ଓ ରାତ୍ରି ଭୋଜନ (ଉଭୟ ଉତ୍ତର ଓ ଦକ୍ଷିଣ ଭାରତୀୟ ଖାଦ୍ୟ ସହିତ ଚାଇନିଜ) ସହିତ ଜଳଖିଆ, ଚକୋଲେଟ, ଆଇସକ୍ରିମ, ଚା ଓ କଫି ଏବଂ ଫଳରସ ପାଇପାରିବେ। ଏହା ଚବିଶ ଘଣ୍ଟା ଖୋଲା ରହିବ। ଟ୍ରେନ୍‌ଗୁଡିକର ଆଗମନ ଓ ପ୍ରସ୍ଥାନ ପାଇଁ ମଧ୍ୟ ଯାତ୍ରୀ ସୂଚନା ପ୍ରଣାଳୀ ଏଥିରେ ଉପଲବ୍ଧ କରାଯାଇଛି।

■ ଅନନ୍ତ ବାସୁଦେବ ମନ୍ଦିର ପରିସରରେ ବେଆଇନ ନିର୍ମାଣ

## ବିରୋଧ କରିବାରୁ ଏଏସ୍‌ଆଇ କର୍ମଚାରୀଙ୍କୁ ନାଲିଆଖି

**ପୁରୁଣା ଭୁବନେଶ୍ୱର,୧୮।୭ (ଡି.ଏନ.ଏ.)**



ମନ୍ଦିର ପରିସରରେ ବେଆଇନ ଭାବେ ପିଣ୍ଡି ତିଆରି କରାଯାଉଛି।

ଏକାମ୍ର କ୍ଷେତ୍ରର ବିଭିନ୍ନ ମଠ ମନ୍ଦିର ନିକଟରେ ବେଆଇନ ଭାବେ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ପରିପ୍ରେକ୍ଷୀରେ ଐତିହ୍ୟ ଅନନ୍ତବାସୁଦେବ ମନ୍ଦିର ମଧ୍ୟ ବେଆଇନ ନିର୍ମାଣ ଓ ଜବରଦଖଲରୁ ବର୍ତ୍ତି ନାହିଁ। ଏଠାରେ ପ୍ରସାଦ ପ୍ରସ୍ତୁତ ହେବା ସହ ମହିଳାମାନଙ୍କର ସୁଦଶା ବ୍ରତରେ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥାଏ। ଏବେ ଏହି ମନ୍ଦିରର ପୁନରୁଦ୍ଧାର ଏବଂ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ପୂର୍ବତନ ପର୍ଯ୍ୟଟନ ମନ୍ତ୍ରୀ କୋଟି କୋଟି ଟଙ୍କାର ଯୋଜନାର ଶୁଭାରମ୍ଭ କରିଥିଲେ। ମାତ୍ର କେତେଜଣ ସେବାୟତଙ୍କ ମନମୁଖି ଏବଂ ଲାଭଖୋର ମନବୃତ୍ତ ପାଇଁ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସଆଇ)ର ଗାଇଡ଼ ଲାଇନ ବିରୋଧରେ କାମ କରୁଛନ୍ତି। ଏଥିପାଇଁ ଅନେକ ସମୟରେ ବିଶୃଙ୍ଖଳା ଦେଖାଦେଉଛି। ଗୁରୁବାର ମନ୍ଦିର ପରିସରରେ ଏକ ପିଣ୍ଡି ନିର୍ମାଣ କରାଯାଉଥିଲା। ବାଲି ସିମେଣ୍ଟରେ ଏହି ପିଣ୍ଡିକୁ ନିର୍ମାଣ କରିବା ସମୟରେ ଏଏସଆଇଖବର ପାଇ ବିରୋଧ କରିଥିଲା। ଘଟଣାସ୍ଥଳରେ କର୍ମଚାରୀମାନେ ପହଞ୍ଚିବାରୁ ନିର୍ମାଣ କରୁଥିବା କେତେଜଣ ବ୍ୟକ୍ତି ଓଲଟା ଗାଳିଗୁଲଜ କରିବା ସହ ନାଲି ଆଖି ଦେଖାଇଥିଲେ। ଭୟରେ କର୍ମଚାରୀମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ଏହାର ସୁଯୋଗ ହାତଛଡ଼ା ନ କରି ସେମାନେ ନିର୍ମାଣକାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ବିଭାଗୀୟ ଅଧିକାରୀ ନାଚାର ହୋଇ କେବଳ ତରବରିଆ ଭାବେ ବିଭିନ୍ନ ବିଭାଗକୁ ଘଟଣା ସମ୍ବନ୍ଧରେ ପତ୍ର ଲେଖି ହାତ ଟେକି ବସିଛନ୍ତି।

ବେଆଇନ ସମ୍ବନ୍ଧରେ ଖୋର୍ଦ୍ଧା ଜିଲାପାଳ, କମିଶନରେଟ୍ ପୋଲିସର ଡ଼ିସିପି, ଏଏସଆଇର ସୁପରିଣ୍ଟେଣ୍ଡେଣ୍ଟ, ଆଇଆଇସି ଲିଙ୍ଗରାଜ ଥାନା ପ୍ରମୁଖଙ୍କୁ ପତ୍ର ଲେଖା ଯାଇଥିବା ଏଏସ୍‌ଆଇର ସଂରକ୍ଷଣ ଅଧୀକ୍ଷକ ତୈଲୋକ୍ୟ ନାଥ କହିଛନ୍ତି। ପ୍ରଶାସନ ଏଭଳି ଘଟଣାରେ ନୀରବ ରହିବା ନେଇ ଅତୀତରେ ଐତିହ୍ୟ ଶିଶୁପାଳଗଡ଼ ପ୍ରାୟତଃ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲି ଯାଇଛି। ଏ ନେଇ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କୁହନ୍ତି, ଅନନ୍ତ ବାସୁଦେବ ମନ୍ଦିରରେ ବେଆଇନ ଭାବେ ନିର୍ମାଣ କାର୍ଯ୍ୟ ହେବା ନେଇ ମୋ ପାଖରେ ଖବର ନାହିଁ। ସେହିଭଳି ସାମାଜିକ କର୍ମୀ ଭୀଷ୍ମ ନାରାୟଣ ନାୟକ କୁହନ୍ତି, ଏଭଳି ଆଇନ ବିରୋଧ ଘଟଣା ନିନ୍ଦନୀୟ। ଏଥିପ୍ରତି ପ୍ରଶାସନ ସଚେତନ ହେବା ଉଚିତ୍। ନଚେତ୍ ଆଗାମୀ ଦିନରେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରାଯିବ। ବିରଷ୍ଠ ଆଇନଜୀବୀ ଅରୁଣ ମହାପାତ୍ର କୁହନ୍ତି, ଏଏସଆଇର ଗାଇଡ଼ ଲାଇନ ଅନୁଯାୟୀ, କୀର୍ତ୍ତିରାଜ ଥିବା ସ୍ଥାନର ୨୦୦ମିଟର ଦୂରରେ ନିସିଦ୍ଧାଞ୍ଚଳରେ କୌଣସି ନିର୍ମାଣ ଆଇନତଃ ଦଣ୍ଡନୀୟ। ଏହା ପୁଣି ମନ୍ଦିର ପରିସରରେ ନିର୍ମାଣ ହେବା ସମସ୍ତଙ୍କୁ ଚକିତ କରିଛି। ଏଥିରେ ପ୍ରଶାସନର ହାତ ରହିଛି। ଯଦି ଏହା କେହି କରୁଥାଏ ଏଏସଆଇ ତା'ର ଗାଇଡ଼ଲାଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ।

## ନୟାପଲ୍ଲୀରେ ଚାରା ରୋପଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୮।୭(ବ୍ୟୁରୋ)**

ନୟାପଲ୍ଲୀ ବ୍ରିଟ କଲୋନୀ ଡେଭେଲପମେଣ୍ଟ କମିଟି ପକ୍ଷରୁ କଲୋନୀସ୍ଥିତ ପାର୍କ ନଂ.୧ ଓ ୨ ରେ ବୃକ୍ଷରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୧୫୦ଟି ଚାରାରୋପଣ କରାଯାଇଥିଲା। କମିଟିର ସଭାପତି ଅନାଦି ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଗାମୀଦିନରେ ମଧ୍ୟ କମିଟି ପକ୍ଷରୁ ଏହିଭଳି ଚାରାରୋପଣ କରାଯାଇ କଲୋନୀକୁ ସବୁଜ ଓ ସୁନ୍ଦର କରାଯିବ ବୋଲି ସେ କହିଥିଲେ। ଡିଏଫଓ ଅଶୋକ ମିଶ୍ର ସହାୟତାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ନୟାପଲ୍ଲୀ ବ୍ରିଟ କଲୋନୀର ବହୁ କର୍ମକର୍ତ୍ତା ଯୋଗ ଦେଇଥିବା ବେଳେ କମିଟିର ସାଧାରଣ ସମ୍ପାଦକ ସନାତନ ସାହୁ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ନିଶା ବେପାରୀଙ୍କ ବେଆଇନ ଦୋକାନ ଉଚ୍ଛେଦ କରିବ ବିଡିଏ: ଡିସିପି

**ଭୁବନେଶ୍ୱର, ୧୮।୭(ବ୍ୟୁରୋ)**

ରାଜଧାନୀର ବିଭିନ୍ନ ସରକାରୀ ସ୍ଥାନକୁ ଜବରଦଖଲ କରି ବେଆଇନ ନିଶା କାରବାର ଚାଲୁଛି। ବିଭିନ୍ନ ଦୋକାନ ଖୋଲି ସେଥିରେ ନିଶାଦ୍ରବ୍ୟ ବ୍ୟବସାୟ କରାଯାଉଛି। ସେହି ଦୋକାନଗୁଡିକ ଚିହ୍ନଟ କରି ତାହାକୁ ଉଚ୍ଛେଦ କରିବା ପାଇଁ ବିଏମସିକୁ ଚିଠି କରାଯାଇଛି। ସପ୍ତାହକ ମଧ୍ୟରେ ୩୦ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଜେଲ ପଠାଇ ଦିଆଯାଇଯାଇଛି। ନିଶା କାରବାରରେ ସଂପୃକ୍ତ ପେସାଦାର ବେପାରୀଙ୍କ ଉପରେ ୧୧୦ ଦଫା ଲଗାଯିବ ବୋଲି ଭୁବନେଶ୍ୱର ଡିସିପି ଅନୁପ ସାହୁ କହିଛନ୍ତି।

ଡିସିପି ସାହୁ କହିଛନ୍ତି, ଅନେକ ଶିକ୍ଷା ଅନୁଷ୍ଠାନ ଓ ସରକାରୀ ସ୍ଥାନରେ ନିଶା କାରବାରରେ ସଂପୃକ୍ତ ଅଭିଯୁକ୍ତମାନେ ବେଆଇନ ଭାବେ ଘର କରି ଓ କ୍ୟାବିନ ପକାଇ ବେପାର ଚଳାଇଛନ୍ତି। ସେମାନେ ଗିରଫ ହୋଇ ଜେଲରୁ ଫେରିବା ପରେ ପୁଣି ସେଠାରେ କାରବାର ଚଳାଉଛନ୍ତି। ତେଣୁ ଆଗକୁ ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେମାନଙ୍କ ଦୋକନଗୁଡିକୁ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ସମ୍ପୂର୍ଣ୍ଣ ଉଚ୍ଛେଦ କରିବ। ଏଥିସହ ଯୁବପିଢି ଓ ଛାତ୍ରୀଛାତ୍ର ବ୍ରାଉନସୁଗାର ନିଶା କବଳରୁ ଦୂରେଇ ରହିବା ନେଇ ରାଜଧାନୀରେ ଏହି ସ୍ୱତନ୍ତ୍ର ଚଢାଉ କାର୍ଯ୍ୟକ୍ରମ ଜାରି ରହିବ। ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ନେଇ ପୋଲିସ କମିଶନରଙ୍କୁ ଆଉ ତିନୋଟି ପ୍ରସ୍ତାବ ଦିଆଯାଇଥିବାବେଳେ ଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ଡିସିପି କହିଛନ୍ତି।

## ବରିଷ୍ଠ ନାଗରିକ ସଂଘର ଚାରା ରୋପଣ

**ଭୁବନେଶ୍ୱର, ୧୮।୭(ବ୍ୟୁରୋ)**

ଶୈଳଶ୍ରୀବିହାର ବରିଷ୍ଠ ନାଗରିକ ସଂଘ 'ସ୍ୱାଭିମାନ' ପକ୍ଷରୁ ସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଗତ ମଙ୍ଗଳବାର ଫେଜ-୭ ପାର୍କ ପରିସର ସଫେଇ, ଚାରା ରୋପଣ କରାଯାଇଥିଲା। ଏଥିରେ ବିଏମ୍‌ସି ଯୁଗ୍ମ କମିଶନର ପ୍ରମୋଦ କୁମାର ପୃଷ୍ଟି, ପୂର୍ବତନ କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ୱେଲଫେୟାର ଆସୋସିଏଶନ ସଭାପତି ସଞ୍ଜୀବ ବାରିକ, ସମ୍ପାଦକ ଗୋପାଳକୃଷ୍ଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ଧନୁଆ ନଦୀରେ ସେତୁ ନିର୍ମାଣ ଦାବିରେ ବିକ୍ଷୋଭ



ଅଞ୍ଚଳବାସୀ ପ୍ଲାକାର୍ଡ ଧରି ବିକ୍ଷୋଭ କରୁଛନ୍ତି।

**ବାଲିଅନ୍ତା,୧୮।୭(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ଅଧୀନ ବଇଁତୁଆ କାଜ ତଳ ରାସ୍ତା ଧନୁଆ ନଦୀ ଉପରେ ଏକ ସେତୁ ନିର୍ମାଣ ଦାବି ନେଇ ଗୁରୁବାର ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବିକ୍ଷୋଭ କରାଯାଇଛି। ଏଥିରେ ପଟୁପଡା ସାନ-ବଇତୁଆଁ, ବୁଢାଲୋ, ମଣ୍ଡାଗଡ, ଅରିଙ୍ଗଳ ଶାସନ ଆଦି ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହୋଇ କାଜ ନିକଟରେ ପ୍ଲାକାର୍ଡ ଧରି ସେତୁ ନିର୍ମାଣ ଦାବିରେ ବିକ୍ଷୋଭ କରିଥିଲେ। ବନ୍ୟା ସମୟରେ ଧନୁଆ ନଦୀରେ ବନ୍ୟାଜଳ ପ୍ରବେଶ କଲେ ସ୍ଥାନୀୟ ଲୋକେ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଆନ୍ଦୋଳନକାରୀ କହିଥିଲେ। ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନର ଏଥିପ୍ରତି ନଜର ଦେଉ ନ ଥିବା ବେଣୁଧର ପରିଡା, ପ୍ରକାଶ ବେଦାନ୍ତ, ଜିତେନ୍ଦ୍ର ଜେନା, ଭାଗ୍ୟଦର ସାହୁ ଓ କବିରାଜ ସାହୁ ପ୍ରମୁଖ କହିଛନ୍ତି।

## ଅସରାଏ ବର୍ଷାରେ ସହରାଞ୍ଚଳ ରାସ୍ତାରେ ବନ୍ୟା

**କଟକ ରୋଡ,୧୮।୭(ଡି.ଏନ୍.ଏ.)**



ରାସ୍ତାରେ ବର୍ଷା ଓ ଡ୍ରେନ୍ ପାଣି ଜମି ରହିଛି।

- ଚେଇଁ ଶୋଇଛି ପୂର୍ତ୍ତ ବିଭାଗ
- ବର୍ଷା ପରେ ଯାତାୟାତ ପାଇଁ ଲୋକେ ହନ୍ତସନ୍ତ

ରାଜଧାନୀରେ ଅସରାଏ ବର୍ଷାରେ ଅଧିକାଂଶ ଅଞ୍ଚଳ ଜଳମଗ୍ନ ହେଉଛି। ସ୍ମାର୍ଟ ସିଟି ଘୋଷଣା ହେବା ସତ୍ତ୍ୱେ କେତେକ ସ୍ଥାନରେ ସୃଷ୍ଟି ହେଉଥିବା ଏଭଳି ପରିସ୍ଥିତି ନିୟନ୍ତ୍ରଣ ହୋଇପାରୁନି। ସହରର ପ୍ରମୁଖ ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଭୁବନେଶ୍ୱର ମହାନଗର ନିଗମ (ବିଏମସି), ପୂର୍ତ୍ତ ଓ ଜାତୀୟ ରାଜପଥ ବିଭାଗ ଅଧୀନରେ ଥିଲେ ମଧ୍ୟ ଏହି ୩ ବିଭାଗ ଅଧିକାରୀ ସବୁ ଜାଣି ନୀରବ ରହୁଛନ୍ତି। ଏଭଳି ଘଟଣାକ୍ରମେ କଳ୍ପନା ଛକଠାରୁ ରସୁଲଗଡ଼ ରାସ୍ତା ଅବସ୍ଥା ବର୍ଷା ପରେ ସଙ୍ଗିନ ହେଉଛି। ସ୍ଥାନୀୟ ଲକ୍ଷ୍ମୀସାଗର ଛକ, ବମିଖାଲ, ରସୁଲଗଡ଼ ହାଟ ନିକଟରେ ବର୍ଷା ପାଣି ଜମି ରହୁଛି। ପ୍ରାୟ ୧୧ବର୍ଷ ପୂର୍ବେ ଏହି ରାସ୍ତା ଦାୟିତ୍ୱ ଜାତୀୟ ରାଜପଥ ବିଭାଗ ହାତରେ ନ୍ୟସ୍ତ ଥିଲା। ଉକ୍ତ ସମୟରେ ପ୍ରାୟ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ସମ୍ପ୍ରସାରଣ ସହ ରାସ୍ତା ମଧ୍ୟ ଚଉଡ଼ା କରାଯାଇଥିଲା। ଏତେ ଅର୍ଥ ବ୍ୟୟ ପରେ ଉକ୍ତ ସ୍ଥାନଗୁଡ଼ିକରେ କୌଣସି ପରିବର୍ତ୍ତନ ଘଟିନାହିଁ। ଅସରାଏ ବର୍ଷାରେ ଲକ୍ଷ୍ମୀସାଗର ଟ୍ରାଫିକ ଛକରେ ବର୍ଷା ପାଣି ସାଙ୍ଗକୁ ଡ୍ରେନ ପାଣି ମିଶି ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁନି। ଅନ୍ୟପକ୍ଷରେ ଉକ୍ତ ପ୍ରାୟ ୫କିଲୋମିଟର ରାସ୍ତାର ଦାୟିତ୍ୱ ରାଜପଥ ବିଭାଗ ଠାରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ସହରାଞ୍ଚଳ ରାସ୍ତା ଭାବେ ଏହାକୁ ନାମିତ କରାଯାଇଥିବା ବେଳେ ଏହି ରାସ୍ତା ତଦାରଖ ଦାୟିତ୍ୱ ପୂର୍ତ୍ତ ବିଭାଗ ୩ ନିର୍ବାହୀ ଯନ୍ତ୍ରୀଙ୍କ ହାତରେ ରହିଛି। ରାସ୍ତାର କେତେକ ସ୍ଥାନରେ କେବୁଲ ବିଛାଯିବା ପରେ ଖୋଳାଯାଇଥିବା ରାସ୍ତା ମରାମତି ନ ହେବା ଫଳରେ ବର୍ଷା ପରେ ଲୋକେ ଉକ୍ତ ଖାଲରେ ପଡ଼ି ଦୁର୍ଘଟଣାର ଶିକାର ହେବା ନିତିଦିନିଆ ଘଟଣା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସୁଗମନାଗମନ ପାଇଁ ବହୁ ଅର୍ଥ ରାସ୍ତା ମରାମତିରେ ଖର୍ଚ୍ଚ ହେଉଥିଲେ ମଧ୍ୟ ବର୍ଷା ପରେ ଏକ ପ୍ରମୁଖ ରାସ୍ତାରେ ପାଣି ଜମି ଲୋକଙ୍କୁ ଅସୁବିଧା ସୃଷ୍ଟି ହେବା ସହ ଟ୍ରାଫିକ ସମସ୍ୟା ମଧ୍ୟ ଗୁରୁତର ହେଉଛି। ଘଟଣା ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ-୧ ସୂର୍ଯ୍ୟନାରାୟଣ ମିଶ୍ର କୁହନ୍ତି, ଲକ୍ଷ୍ମୀସାଗର ଛକରେ ପାଣି ଜମିବା ନେଇ ଖବରପାଇବା ପରେ ବୁଧବାର ଉକ୍ତ ସ୍ଥାନ ଅନୁଧ୍ୟାନ କରିଛି। ଛକ ନିକଟରେ ଥିବା ଡ୍ରେନ ନଂ-୫ ସଙ୍କୁଚିତ ହେବା ସହ ଛକ ଉପରେ ରାସ୍ତା ସମତୁଲ ନ ଥିବା ହେତୁ ପାଣି ଜମୁଛି। ଏନେଇ ସହକାରୀ ଯନ୍ତ୍ରୀଙ୍କୁ କିଭଳି ଏଠାରେ ପାଣି ନ ଜମିବ ସେ ନେଇ କାମ ଆରମ୍ଭ କରିବା ପାଇଁ କହିଛି। ଅନ୍ୟପକ୍ଷରେ ନିର୍ମାଣ ହୋଇଥିବା ମେଡିଆନରେ କେତୋଟି ହୋଲ କରାଗଲେ ଜଳ ନିଷ୍କାସନ ଅସୁବିଧା ହେବ ନାହିଁ ବୋଲି କହିଛନ୍ତି।

ପାକିସ୍ତାନରେ ଖଲିସ୍ତାନ ଆତଙ୍କବାଦୀ ସକ୍ରିୟ ଥିବା ଜଣାପଡ଼ିଛି। କର୍ତ୍ତାରପୁର କରିଡ଼ର ସମ୍ପର୍କିତ ଆଲୋଚନା ବେଳେ ଭାରତ ପାକିସ୍ତାନକୁ ଏନେଇ ୨୩ ପୃଷ୍ଠା ଡୋଜିୟର ପ୍ରଦାନ କରିଛି। ଶିଖ୍ ଭକ୍ତଙ୍କୁ ଟାର୍ଗେଟ କରିବା ଲାଗି ପାକିସ୍ତାନରେ ଖଲିସ୍ତାନ ଆତଙ୍କବାଦୀ କାୟାବିସ୍ତାର କରୁଥିବା ଘଟଣା ଚିନ୍ତା ବଢ଼ାଇ ଦେଇଛି। ଖଲିସ୍ତାନ ଆତଙ୍କବାଦୀମାନେ ପାକିସ୍ତାନରେ ସାମରିକ ପ୍ରଶିକ୍ଷଣ ନେଉଥିବା ଘଟଣା ଭାରତ ଜଣାଇବା ସହ ଏହା ଉପରେ ପଦକ୍ଷେପ ନେବାକୁ କହିଛି।





## ସଂକ୍ଷେପରେ

### ରାଜ୍ୟ ସଭାରେ ଉଠିଲା ଆଇକନିକ ପର୍ଯ୍ୟଟନସ୍ଥଳୀରେ ଓଡ଼ିଶାକୁ ସ୍ଥାନ ନ ମିଳିବା ପ୍ରସଙ୍ଗ

**ଭୁବନେଶ୍ୱର,୧୮।୭(ବ୍ୟୁରୋ):** ନିକଟରେ ଉପସ୍ଥାପିତ ହୋଇଥିବା କେନ୍ଦ୍ରୀୟ ବଜେଟରେ ଦେଶର ୧୭ଟି ପର୍ଯ୍ୟଟନସ୍ଥଳୀକୁ ବିଶ୍ୱସ୍ତରୀୟ କରିବାକୁ ଘୋଷଣା କରାଯାଇଥିଲା। ହେଲେ ତନ୍ମଧ୍ୟରେ ଓଡ଼ିଶାର କୌଣସି ପର୍ଯ୍ୟଟନସ୍ଥଳୀକୁ ସ୍ଥାନ ମିଳି ନ ଥିଲା। ଏହାକୁ ନେଇ ରାଜ୍ୟରେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିଜେଡି ପକ୍ଷରୁ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଗୁରୁବାର ଏହି ପ୍ରସଙ୍ଗ ଉଠାଇଛନ୍ତି। ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ- କୋଣାର୍କର ସୂର୍ଯ୍ୟମନ୍ଦିର, ଚିଲିକା ହ୍ରଦ, ଭିତରକନିକା ଜାତୀୟ ଉଦ୍ୟାନ, ଶିମିଳିପାଳ ଜାତୀୟ ଉଦ୍ୟାନ ଏବଂ ଡାଇମଣ୍ଡ ବୌଦ୍ଧ ତ୍ରିକୋଣୀୟ ମଧ୍ୟରୁ ଅନ୍ୟୂନ ୨ଟିକୁ ବିଶ୍ୱସ୍ତରୀୟ ପରିଣତ କରିବା ପାଇଁ ଘୋଷିତ ତାଲିକାରେ ଯୋଡିବାକୁ ସସ୍ମିତ କହିଥିଲେ। କିଛିଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମାନ ପ୍ରସଙ୍ଗରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ।

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ୍ ସ୍ଥାପନ ଲାଗି ସୁରେଶଙ୍କ ଦାବି



**ନୂଆଦିଲ୍ଲୀ,୧୮।୭:** ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଲାଗି ବରଗଡ଼ ଭାଜପା ଏମ୍‌ପି ସୁରେଶ ପୂଜାରୀ ଗୁରୁବାର ଲୋକ ସଭାରେ ଦାବି ଉପସ୍ଥାପନ କରିଛନ୍ତି। ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ପଶ୍ଚିମ ଓଡିଶା ଜନସାଧାରଣଙ୍କର ଦୀର୍ଘଦିନର ଦାବି। ଏଥିପାଇଁ ଅନେକ ଥର ସେମାନେ ଆନ୍ଦୋଳନ କଲେଣି ବୋଲି ଶୂନ୍ୟକାଳରେ ପୂଜାରୀ କହିଥିଲେ। ହାଇକୋର୍ଟରେ ମାମଲା ଦାଏର କରିବା ଲାଗି ପଶ୍ଚିମ ଓଡ଼ିଶାବାସୀଙ୍କୁ ଦୀର୍ଘପଥ ଅତିକ୍ରମ କରିବା ସହ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ପଶ୍ଚିମାଞ୍ଚଳରେ ହାଇକୋର୍ଟ ବେଞ୍ଚ ସ୍ଥାପନ ସପକ୍ଷରେ ରାଜ୍ୟ ସରକାର ଅଛନ୍ତି ଓ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖିଛନ୍ତି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ମଧ ଦାବିକୁ ସମର୍ଥନ କରିଛନ୍ତି। ତେଣୁ କେନ୍ଦ୍ର ସରକାର ସ୍ଥାୟୀ ବେଞ୍ଚ୍ ସ୍ଥାପନ ଦିଗରେ ପଦକ୍ଷେପ ନେବାକୁ ପୂଜାରୀ ଦାବି କରିଥିଲେ। ଅନ୍ୟପକ୍ଷରେ ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ ଅର୍ଥବିଲ୍ ସମ୍ପର୍କିତ ଆଲୋଚନାରେ ଭାଗ ନେଇ ନ୍ୟୁଜପ୍ରିଣ୍ଟ ଆମଦାନି ଉପରେ ସୀମାଶୁଳ୍କ ହ୍ରାସ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ସୀମାଶୁଳ୍କ ବୃଦ୍ଧି କ୍ଷୁଦ୍ର ଓ ମଧ୍ୟମ ଖବରକାଗଜଗୁଡ଼ିକ ଉପରେ ବୋଝ ପାଲଟିବ ବୋଲି ଭର୍ତ୍ତୃହରି କହିଥିଲେ।

### ଜ୍ୱାଇଁଙ୍କୁ ଶ୍ୱଶୁରଙ୍କ ଛୁରାମାଡ଼

**ଦିଗପହଣ୍ଡି,୧୮।୭(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଦିଗପହଣ୍ଡି ପୁଞ୍ଜିକର୍ୟାଁ ଛକ ନିକଟରେ ଗୁରୁବାର ରାତି ପ୍ରାୟ ସାଢ଼େ ୧୦ଟାରେ ଜ୍ୱାଇଁଙ୍କୁ ଶ୍ୱଶୁର ଛୁରାମାଡ କରିଛନ୍ତି। ଆହତ ଯୁବକ ଜଣକ ହେଲେ ଦିଗପହଣ୍ଡି ଥାନା କଲ୍ୟାଣପୁର ଗ୍ରାମର ସଞ୍ଜୟ ଗୌଡ। ସଞ୍ଜୟ ରାସ୍ତା ଉପରେ ଠିଆହୋଇଥିବାବେଳେ ତାଙ୍କ ଶ୍ୱଶୁର ସେଠାରେ ପହଞ୍ଚି ତାଙ୍କ ପେଟ ଓ ମୁଣ୍ଡକୁ ଛୁରିରେ ଅତର୍କିତ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ ଗୋଡାଇବାରୁ ସେ ବିଲରେ ଦୌଡି ପଳାଇ ଯାଇଥିବା ଜଣାପଡିଛି। ସ୍ଥାନୀୟ ଲୋକେ ସଞ୍ଜୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ରିପୋର୍ଟ ହୋଇ ନ ଥିବା ଆଇଆଇସି ଗୌରାଙ୍ଗ ଚରଣ ସାହୁ କହିଛନ୍ତି। ସଞ୍ଜୟ ଜୁନ ୩୦ରେ ତାଙ୍କ ଗ୍ରାମର ଜୟନ୍ତୀ ଗୌଡଙ୍କୁ କାଶୀ ବିଶ୍ୱନାଥ ଶୈବପୀଠରେ ଉଭୟ ପରିବାର ଏବଂ ବନ୍ଧୁବର୍ଗଙ୍କ ଉପସ୍ଥିତିରେ ବିବାହ କରିଥିଲେ। ବିବାହର କିଛି ଦିନ ପରେ ସେ ସ୍ତ୍ରୀଙ୍କ ସହ ଦିଗପହଣ୍ଡି ପୁଞ୍ଜିକର୍ୟାଁ ଛକ ନିକଟରେ ଭଡ଼ାଘରେ ରହୁଥିଲେ। କ'ଣ ପାଇଁ ତାଙ୍କ ଶ୍ୱଶୁର ସଞ୍ଜୟଙ୍କୁ ଆକ୍ରମଣ କରିଛନ୍ତି ତାର କାରଣ ଜଣା ପଡି ନ ଥିବା ପୋଲିସ କହିଛି।

## ଭାଇକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଲେ ଭଉଣୀ

# ଶ୍ମଶାନରେ ପୋତା ହୋଇଥିବା ମୃତଦେହ କଢାଗଲା

**ଉମରକୋଟ, ୧୮।୭ (ଡି.ଏନ.ଏ)**

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅନ୍ତର୍ଗତ ବୁର୍ଜା ପଞ୍ଚାୟତର ପଦିଆଗୁଡା ଗ୍ରାମର କିଶୋର ମାଝି(୧୮)ଙ୍କ ଗତ ୨ଦିନ ତଳେ ମୃତ୍ୟୁ ଘଟିଥିଲା। ସାପ କାମୁଡାରେ ତାଙ୍କର ମୃତ୍ୟୁ ହୋଇଛି ବୋଲି ପରିବାର ଲୋକ କହି ଗାଁ ଶ୍ମଶାନରେ ପୋତି ଦେଇଥିଲେ। ତେବେ କିଶୋରଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ଭଉଣୀ ଥାନାରେ ଅଭିଯୋଗ କରିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ଗୁରୁବାର ଶ୍ମଶାନରୁ ମୃତଦେହ କାଢିଥିଲା। ପରେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ ପଠାଇଥିଲା।

ପଦିଆଗୁଡା ଗ୍ରାମର କିଶୋର ମାଝି ମା', ବାପା ଛେଉଣ୍ଡ। ସେ ବଡବାପା ରାମ ମାଝିଙ୍କ ଘରେ ରହିଆସୁଥିଲେ। ୨ ଦିନ ତଳେ ତାଙ୍କର ମୃତ୍ୟୁ ଘଟିଥିଲା। ସାପ କାମୁଡାରେ କିଶୋରଙ୍କ ମୃତ୍ୟୁ ହୋଇଥିବା ରାମ କହିଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ତାଙ୍କ ମୃତଦେହ ଶ୍ମଶାନରେ ପୋତି ଦିଆଯାଇଥିଲା। କିନ୍ତୁ ଘଟଣାର ଗୋଟିଏ ଦିନ ପରେ କିଶୋରଙ୍କ ବଡଭଉଣୀ କିସନ୍ତି ମାଝି ଉମରକୋଟ ଥାନାରେ ଅଭିଯୋଗ କରିଥିଲେ ଯେ ତାଙ୍କ ଭାଇଙ୍କୁ ହତ୍ୟା କରାଯାଇଛି। ରାମ ଓ ତାଙ୍କ ଦୁଇ ପୁଅ ବିନାୟକ ଓ ସଞ୍ଜିବ ମିଶି ସୋମବାର ରାତିରେ ବିଭିନ୍ନ ମାରଣାସ୍ତ୍ର ସାହାଯ୍ୟରେ ଭାଇ କିଶୋରଙ୍କୁ ଆକ୍ରମଣ କରିଥିଲେ। ଫଳରେ ଭାଇର ମଙ୍ଗଳବାର ସକାଳେ ମୃତ୍ୟୁ ହୋଇଥିଲା। ଜମିବାଡି ଘଟଣାକୁ ଭିତ୍ତିକରି ତାଙ୍କୁ ମାରି ଦିଆଯାଇଛି ବୋଲି କିସନ୍ତି ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଉମରକୋଟ ଆଇଆଇସି ଉମେଶ ଚନ୍ଦ୍ର ସାହୁ ସ୍ଥାନୀୟ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଧର୍ମରାଜ ମାଝିଙ୍କ ଉପସ୍ଥିତିରେ ଶ୍ମଶାନରେ ପୋତା ଯାଇଥିବା ମୃତଦେହକୁ କାଢି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପୁଣି ଆଣି ସେହି ସ୍ଥାନରେ ପୋତା ଯାଇଥିଲା। ଘର ଲୋକଙ୍କ କହିବା ଅନୁଯାୟୀ କିଶୋର ଓ ତାଙ୍କର ଜଣେ ସାଙ୍ଗ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ କିଶୋରଙ୍କ ସାଙ୍ଗ ଗୋଡରେ ଏକ ସାପ ଗୁଡାଇ ହୋଇଯାଇଥିଲା। ଏହି ସାପକୁ କିଶୋର ବାହାର କରି ନିଜ ପକେଟରେ ରଖି ଘରକୁ ଆସିଥିଲେ। ଘରେ ବଡବାପା ରାମ ଏହା ଦେଖି କିଶୋରଙ୍କୁ ଗୋଟିଏ ଚାପୁଡା ମାରିଥିଲେ। କିଶୋରଙ୍କ ପକେଟରେ ଥିବା ସାପ କାମୁଡାରେ ତାଙ୍କର ମୃତ୍ୟୁ ହୋଇଛି। ଅନ୍ୟପକ୍ଷେ ଗ୍ରାମବାସୀ ଏ ଘଟଣାରେ ମୁହଁ ଖୋଲୁ ନାହାନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ ଏତଲାକୁ ଭିତ୍ତି କରି ପ୍ରାଥମିକ ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ। ମୃତଦେହ କାଢିବା ସମୟରେ ଘର ଲୋକ ଓ ଗ୍ରାମବାସୀ ସାହାଯ୍ୟ କରି ନଥିଲେ। ବରଂ ପରିବାର ଲୋକ ଘରେ ତାଲା ପକାଇ କୁଆଡେ ଲୁଚି ପଳାଇ ଯାଇଥିଲେ।

### ଜୁନିୟର କର୍ମଚାରୀଙ୍କୁ ୧ ଲକ୍ଷ ଲେଖାଏ ବୋନସ୍ ଦେଲା ୱିପ୍ରୋ

**ବେଙ୍ଗାଲୁରୁ,୧୮।୭:** ଦେଶର ଅନ୍ୟତମ ପ୍ରମୁଖ ଆଇଟି କମ୍ପାନୀ ୱିପ୍ରୋ ଲିମିଟେଡ ଏହାର ଜୁନିୟର କର୍ମଚାରୀଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ବୋନସ୍ ପ୍ରଦାନ କରିଛି। ୱିପ୍ରୋରେ ନିଜର କ୍ୟାରିୟର ଆରମ୍ଭ କରିଥିବା ଏବଂ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ରହିଛି ସେମାନଙ୍କୁ କମ୍ପାନୀ ଏହି ବୋନସ୍ ଦେଇଛି। କମ୍ପାନୀ ଗତ କିଛିବର୍ଷ ହେବ ଏହି ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ ଯୋଜନା ଆପଣାଇଛି। କମ୍ପାନୀର ହ୍ୟୁମାନ ରିସୋର୍ସେସ୍ ଡିପାର୍ଟମେଣ୍ଟ ଅଧ୍ୟକ୍ଷ ସୌରଭ ଗୋଭିଲ କହିଛନ୍ତି, ଏହାକୁ ରିଟେନ୍ସନ ବୋନସ୍ କୁହାଯାଉଛି ଏବଂ ଏହା ଏକ ବର୍ଷ ପାଇଁ କାର୍ଯ୍ୟକାରୀ ହୋଇଥାଏ। ୩ରୁ ୪ ବର୍ଷର ଅଭିଜ୍ଞତା ଥିବା କର୍ମଚାରୀଙ୍କୁ ୧୦% ଏବଂ ଅଧିକ ଦରମା ଏବଂ ଡିଜିଟାଲ ସ୍କିଲ୍ ଥିବା କର୍ମଚାରୀଙ୍କୁ ସିଙ୍ଗଲ ଡିଜିଟ୍‌ରୁ ଡବଲ ଡିଜିଟ କରାଯାଇଛି।

## ଓଡ଼ିଶାରେ ଷ୍ଟିଲ୍ ହବ୍ ପ୍ରତିଷ୍ଠା ନେଇ ରୋଡ୍‌ମ୍ୟାପ୍
## ବିଭାଗୀୟ ଅଧିକାରୀଙ୍କ ସହ ଧର୍ମେନ୍ଦ୍ରଙ୍କ ଆଲୋଚନା

**ନୂଆଦିଲ୍ଲୀ,୧୮।୭:** ଓଡ଼ିଶାରେ ଷ୍ଟିଲ୍ ହବ୍ ପ୍ରତିଷ୍ଠା ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ବିଭାଗୀୟ ଅଧିକାରୀଙ୍କ ସହ ବୈଠକରେ ବସି ଆଲୋଚନା କରିଛନ୍ତି। ଖଣିଜ ସମ୍ପଦରେ ଭରା ଓଡ଼ିଶାରେ ଏକ ଷ୍ଟିଲ୍ ହବ୍ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ବିଚାର କରୁଛି ବୋଲି ସେ ନିଜ ଟୁଇଟ୍‌ରେ ଜଣାଇଛନ୍ତି।

ଓଡ଼ିଶାକୁ ଇସ୍ପାତ କ୍ଷେତ୍ରରେ ଦେଶର ଆଗଧାଡିର ରାଜ୍ୟ ଭାବେ ଗଢ଼ି ତୋଳିବା ଲାଗି ଗତମାସରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ଫଳରେ ଗୁରୁବାର କେନ୍ଦ୍ରମନ୍ତ୍ରୀ ଏ ବିଷୟ ଆଗେଇ ନେଇଥିଲେ ବୋଲି ଇସ୍ପାତ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଓଡ଼ିଶାରେ ଟାଟା ଷ୍ଟିଲ୍, ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ ଭଳି ବୃହତ ଇସ୍ପାତ ଉତ୍ପାଦକ ଉପସ୍ଥିତ ଥିବାରୁ ହବ୍ ପ୍ରତିଷ୍ଠା ନେଇ ଆଲୋଚନା ଆଗେଇବା ବିଶେଷ ଗୁରୁତ୍ୱ ବହନ କରୁଛି ବୋଲି ସେ କହିଛନ୍ତି। ଅନ୍ୟ ଏକ ଟୁଇଟ୍ କରି ପ୍ରଧାନ ଜଣାଇଛନ୍ତି ଯେ, କଞ୍ଚା ମାଲ୍, ଖଣି ଲିଜ୍ ଲାଇସେନ୍ସ ଅବଧି ଶେଷ ହୋଇଯିବା ଆଦିକୁ ନେଇ ସେକେଣ୍ଡାରୀ ଷ୍ଟିଲ ସେକ୍ଟର ସମ୍ମୁଖୀନ ହେଉଥିବା ବାଧାଗୁଡ଼ିକୁ ଦୂର କରିବା ଉଦ୍ଦେଶ୍ୟରେ ସମସ୍ତ ପକ୍ଷଙ୍କ ସହ ତାଙ୍କର ଆଲୋଚନା ହୋଇଛି। ଷ୍ଟିଲ୍ ସେକ୍ଟରରେ କାର୍ଯ୍ୟରତ ସହାୟକ ଉଦ୍ୟୋଗକୁ ସହାୟତା ପ୍ରଦାନ ଲାଗି ଖଣିଜ ସମ୍ପଦ ଭରା ରାଜ୍ୟଗୁଡ଼ିକୁ ଅନ୍ତର୍ଜାତୀୟ ହବ୍ ଭାବେ ଗଢ଼ିତୋଳିବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନ ପୂର୍ବରୁ କହିଥିଲେ। ଷ୍ଟିଲ୍ ସେକ୍ଟର ସରକାରଙ୍କ ପ୍ରାଥମିକତା ବୋଲି ଇସ୍ପାତ ମନ୍ତ୍ରୀ ଭାବେ ଦାୟିତ୍ୱ ନେବା ଅବସରରେ ପ୍ରଧାନ ଉଲ୍ଲେଖ କରିଥିଲେ। ଏହି ବୈଠକରେ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଫଗନ ସିଂ କୁଲସ୍ତେ, ବିଭାଗୀୟ ସଚିବ ବିନୟ କୁମାର, ଯୁଗ୍ମ ସଚିବ ପୁନୀତ କନସଲ୍‌ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

## ବାଣିଜ୍ୟ ବିବାଦ ସମାଧାନ ଲାଗି ଆମେରିକା ଯିବେ ଗୋୟଲ

**ନୂଆଦିଲ୍ଲୀ,୧୮।୭**

କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ ଆସନ୍ତା ମାସରେ ଆମେରିକା ଯିବେ। ୱାଶିଂଟନରେ ପହଞ୍ଚିବା ପରେ ଆମେରିକା ବାଣିଜ୍ୟ ପ୍ରତିନିଧି(ୟୁଏସ୍‌ଟିଆର୍) ମୁଖ୍ୟ ରବର୍ଟ ଲାଇଟହାଇଜରଙ୍କୁ ସେ ଭେଟିବେ। ଦୁଇ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ବାଣିଜ୍ୟ ବିବାଦର ସମାଧାନ ଏହି ବୈଠକର ମୁଖ୍ୟ ପ୍ରସଙ୍ଗ ହେବ ବୋଲି ଗୁରୁବାର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଗୋୟଲ ଅଗଷ୍ଟ ୭,୮ ଓ ୯ରେ ତାଙ୍କର ସମକକ୍ଷଙ୍କ ସହ ଦୁଇ ଦେଶର ବାଣିଜ୍ୟ ନେଇ ଆଲୋଚନା କରିବେ। ଆମେରିକା ଓ ଭାରତ ବିଭିନ୍ନ ସାମଗ୍ରୀ ଉପରେ ଟାରିଫ ବୃଦ୍ଧି କରିଥିବାରୁ ଦୁଇଦେଶର ବାଣିଜ୍ୟକୁ ନେଇ ଏବେ ମତଭେଦ ସୃଷ୍ଟି ହୋଇଛି। ଏହି କାରଣରୁ ଗୋୟଲଙ୍କ ବୈଠକ ବେଶ୍ ଗୁରୁତ୍ୱ ବହନ କରୁଛି।

## ସ୍କ୍ରାପ୍‌ରେ ୭୦ ଫୁଟର ଗିଟାର

**ବ୍ରହ୍ମପୁର ଅଫିସ,୧୮।୭**

ଆବର୍ଜନା ତଥା ସ୍କ୍ରାପ୍ ସାମଗ୍ରୀରୁ ବହୁ କ୍ଷୁଦ୍ର ଓ ବୃହତ୍ ମଡେଲ ପ୍ରସ୍ତୁତ କରି ସାରା ଭାରତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବ୍ରହ୍ମପୁର ଆଇଟିଆଇ। ୩୨ ଫୁଟ ଉଚ୍ଚତା ମଧ୍ୟରେ ବିଭିନ୍ନ ସ୍କ୍ରାପ୍ ତଥା ଆବର୍ଜନାରେ ପେଡିଏଟର, ମାଛ, ହରିଣ, ଜିରାଫ ପ୍ରଭୃତି ବୃହତ୍‌କାୟ ମଡେଲ ନିର୍ମାଣ କରି ଏହି ଅନୁଷ୍ଠାନ ରାଜ୍ୟ ଓ ଜାତୀୟସ୍ତରରେ ପୁରସ୍କୃତ ସହ ପ୍ରଶଂସିତ ହୋଇଛି। ଏବେ ଅନୁଷ୍ଠାନର ଫିଟର, ଇଲେକ୍ଟ୍ରିସିଆନ, ପ୍ଲମ୍ବର, ପେଣ୍ଟର, ୱେଲଡର ଟ୍ରେଡର ଛାତ୍ରୀଛାତ୍ରମାନେ ପ୍ରସ୍ତୁତ କରିଥିବା ୭୦ ଫୁଟ ଉଚ୍ଚତାର ଗିଟାରକୁ ନେଇ ପୁଣି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ୭୦ ଫୁଟ ଉଚ୍ଚତା ଓ ୨୫ ଫୁଟ ଓସାର ନିର୍ମିତ ଏହି ଗିଟାରକୁ ଗୁରୁବାର ଅନୁଷ୍ଠାନ କ୍ୟାମ୍ପସ ପରିସରରେ ସ୍ଥାପନ କରାଯାଇଛି। ଏହାର ଓଜନ ପ୍ରାୟ ୮ ଟନରୁ ଊର୍ଦ୍ଧ୍ୱ ରହିଛି। ଏହାକୁ ପ୍ରସ୍ତୁତି ପାଇଁ ପ୍ରାୟ ୪ ମାସରୁ ଅଧିକ ସମୟ ଲାଗିଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ତେବେ ପ୍ରଥମ ଥର ପାଇଁ ଏହି ମଡେଲଟି ଗୋଲଡେନ ବୁକ ଅଫ ୱାର୍ଲ୍ଡ ରେକର୍ଡ ଅଥବା ଲିମ୍‌କା ବୁକ ଅଫ୍ ରେକର୍ଡ୍ସରେ ସ୍ଥାନୀତ ହେବା ନେଇ ଆଶା ରହିଥିବା ଅନୁଷ୍ଠାନ ଅଧ୍ୟକ୍ଷ ରଜତ ପାଣିଗ୍ରାହୀ ସୂଚନା ଦେଇଛନ୍ତି।



ଗିଟାର ମଡେଲକୁ କ୍ରେନ ସାହାଯ୍ୟରେ ଅନୁଷ୍ଠାନ ପରିସରରେ ସ୍ଥାପନ କରାଯାଉଛି।

# ସ୍ୱାମୀଙ୍କ ମୃତ୍ୟୁର ୩ ମାସ ପରେ ସ୍ତ୍ରୀ ଆଣିଲେ ହତ୍ୟା ଅଭିଯୋଗ

**ବରଗଡ଼ ଅଫିସ/ପଦ୍ମପୁର, ୧୮।୭ (ଡି.ଏନ.ଏ.):** ମୃତ୍ୟୁ ପରେ ପାରମ୍ପରିକ ରୀତିନୀତିରେ ମୃତଦେହ ସଂସ୍କାର କରାଯାଇଥିଲା। ମାତ୍ର ଏହାର ୩ ମାସ ପରେ ଅର୍ଥାତ୍ ଗୁରୁବାର ମୃତକଙ୍କ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କୁ ମଦରେ ବିଷ ଦେଇ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାଟିତଳୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଛି। ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ଅମାମୁଣ୍ଡା ଗ୍ରାମରେ ଏହି ଘଟଣା ଘଟିଛି।

ସୂଚନା ଅନୁସାରେ, ଗତ ଏପ୍ରିଲ ୧୭ତାରିଖରେ ଅମାମୁଣ୍ଡା ଗ୍ରାମର ଉଦୟ ତାଣ୍ଡି(୬୦) ଝାଡ଼ାବାନ୍ତି ହୋଇ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ତା'ପରଦିନ ଅର୍ଥାତ୍ ୧୮ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ପରିବାର ଲୋକେ ବିଧିମତେ ମୃତଦେହ ମାଟିତଳେ ପୋତି ସଂସ୍କାର କରିଥିଲେ। ଘଟଣାର କିଛିଦିନ ପରେ ଗ୍ରାମର ଜଣେ ଯୁବକ ତାଙ୍କ ଘରକୁ ଆସି ଉଦୟଙ୍କୁ ବିଷ ମିଶା ମଦ ପିଆଇ ମାରି ଦେଇଥିବା କହିବା ସହିତ ସେଥିରେ ସମ୍ପୃକ୍ତ ଲୋକଙ୍କ ନାମ ପ୍ରକାଶ କରିଥିଲେ। ଘଟଣାଟି ପ୍ରଘଟ ହେବା ପରେ ଗ୍ରାମରେ ଏକ ସଭା ହୋଇଥିଲା ଏବଂ ସଭାର ନିଷ୍ପତ୍ତିକ୍ରମେ ମୃତ ଉଦୟଙ୍କ ସ୍ତ୍ରୀ ଇଲା ମେଲଛାମୁଣ୍ଡା ଥାନାରେ ଏତଲା ଦେଇଥିଲେ। ଏହାପରେ ମେଲଛାମୁଣ୍ଡା ପୋଲିସ ଏକ ମାମଲା(ନଂ.୯୧/୧୯) ରୁଜୁ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ଏ ନେଇ ଇଲା କହିଛନ୍ତି, ଉକ୍ତ ଘଟଣା ପ୍ରଘଟ ହେବା ପରେ ଭୟଭୀତ ହୋଇ ପରିବାର ଲୋକେ ଥାନାରେ ଏତଲା ଦେଉ ନ ଥିଲେ। ମାତ୍ର ତାଙ୍କ ସ୍ୱାମୀଙ୍କୁ ବିଷ ଦେଇ ହତ୍ୟା କରାଯାଇଥିବାରୁ ସେ ନିଜେ ଥାନାକୁ ଆସି ଏତଲା ଦେଇଥିବା କହିଛନ୍ତି। ସେହିପରି ପୂର୍ବ ଶତ୍ରୁତା ଯୋଗୁ ତାଙ୍କ ବାପାଙ୍କୁ ଯୋଜନାବଦ୍ଧ ଭାବେ ବିଷ ଦେଇ ହତ୍ୟା କରାଯାଇଛି ବୋଲି ଉଦୟଙ୍କ ପୁଅ ଜିତ୍ ଅଭିଯୋଗ କରିଛନ୍ତି। ଏ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ପଦ୍ମପୁର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ପ୍ରକାଶ କରିଛନ୍ତି।

## ପୂର୍ବ ଶତ୍ରୁତାରୁ ଘରୁ ଟାଣି ଆଣି ହତ୍ୟା

**ଠାକୁରମୁଣ୍ଡା,୧୮।୭(ଡି.ଏନ୍.ଏ.):** ମୟୁରଭଞ୍ଜ ଜିଲା ମହୁଲଡିହା ଥାନା ଅନ୍ତର୍ଗତ ନଦା ଗ୍ରାମରେ ବୁଧବାର ରାତିରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଂଘବଦ୍ଧ ଆକ୍ରମଣକାରୀମାନେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ଘରୁ ଟାଣିଆଣି ଗଳାକାଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣକ ସେହି ଗ୍ରାମର ନାରାୟଣ ପାତ୍ର (୫୫) ବୋଲି ଜଣାପଡିଛି। ପୋଲିସ ସୂତ୍ରରୁ ପ୍ରକାଶଯେ, ନାରାୟଣ ଗାଁର କିଛି ଲୋକଙ୍କ ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ କରିଥିଲେ। ନିର୍ମାଣ ଶ୍ରମିକଙ୍କୁ ମଜୁରୀ ଦେଇ ବୁଧବାର ରାତି ୮ଟାରେ ଘରକୁ ଚାଲି ଚାଲି ଆସୁଥିବା ବେଳେ ଘର ଠାରୁ କିଛି ଦୂରରେ ଛକି ରହିଥିବା ୪/୫ ଜଣ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ପ୍ରାଣ ବିକଳରେ ସେ ଘରକୁ ପଳାଇ ଯାଇଥିଲେ ମଧ୍ୟ ଆକ୍ରମଣକାରୀମାନେ ତାଙ୍କୁ ଘରୁ ଟାଣି ଆଣି ଧାରୁଆ ଅସ୍ତ୍ରରେ ତାଙ୍କ ବେକକୁ କାଟି ଖସିପକାଇ ଥିଲେ। ଫଳରେ ଘଟଣାସ୍ଥଳରେ ନାରାୟଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପୁଅ ଏନେଇ ମହୁଲଡ଼ିହା ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ. ୨୮/୧୯) ରୁଜୁ ହୋଇଛି। ଏହି ଘଟଣାରେ ସେହି ଗ୍ରାମର ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସୂଚନା ଦେଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ୧୬ ଡିଏସ୍‌ପି ର୍‍ୟାଙ୍କର ଅଧିକାରୀଙ୍କ ଏଏସ୍‌ପି ର୍‍ୟାଙ୍କକୁ ପଦୋନ୍ନତି

**କଟକ ଅଫିସ, ୧୮।୭**

ଓଡ଼ିଶା ପୋଲିସରେ କାର୍ଯ୍ୟରତ ୧୬ ଡିଏସ୍‌ପି (ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ ପୋଲିସ) ର୍‍ୟାଙ୍କର ଅଧିକାରୀଙ୍କର ଏଏସ୍‌ପି (ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ) ର୍‍ୟାଙ୍କକୁ ପଦୋନ୍ନତି ହୋଇଛି। ଏ ନେଇ ବିଧିବଦ୍ଧ ଭାବେ ଓଡ଼ିଶା ପୋଲିସ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ନାରାୟଣ ମହାନ୍ତିଙ୍କୁ କ୍ରାଇମବ୍ରାଞ୍ଚ କମ୍ୟୁନିକେଶନ ବିଭାଗର ଅତିରିକ୍ତ ଏସ୍‌ପି ଭାବେ ପଦୋନ୍ନତି ମିଳିଛି। ଇଓଡବ୍ଲ୍ୟୁର ଡିଏସ୍‌ପି ଶିବରାମ ସାହୁଙ୍କୁ କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି, ବେତନଟୀ ଏସ୍‌ଡିପିଓ ଗୋବିନ୍ଦ ଚରଣ ସେଠୀଙ୍କୁ ବାଲେଶ୍ୱର ଆଇୟୁସିଏଡବ୍ଲ୍ୟୁର ଅତିରିକ୍ତ ଏସ୍‌ପି, ପିପିଆଇର ଡିଏସ୍‌ପି ଦୀପକ ରଥଙ୍କୁ ବାଲେଶ୍ୱର ଇଆର୍ ଅତିରିକ୍ତ ଏସ୍‌ପି, ଗୋଇନ୍ଦା ବିଭାଗ ଡିଏସ୍‌ପି ଭବାନୀ ଶଙ୍କର ମିଶ୍ରଙ୍କୁ ଭୁବନେଶ୍ୱର ଗୋଇନ୍ଦା ବିଭାଗର ଅତିରିକ୍ତ ଏସ୍‌ପି, ସୁବର୍ଣ୍ଣପୁର ହେଡକ୍ୱାର୍ଟର ଡିଏସ୍‌ପି ଆନ୍ଥୋନି ତିର୍କୀଙ୍କୁ ସୁବର୍ଣ୍ଣପୁର ଅତିରିକ୍ତ ଏସ୍‌ପି, କ୍ରାଇମବ୍ରାଞ୍ଚ ଡିଏସ୍‌ପି ପ୍ରଶାନ୍ତ ମିଶ୍ରଙ୍କୁ ବ୍ରହ୍ମପୁର ଆଇୟୁସିଏଡବ୍ଲ୍ୟୁର ଅତିରିକ୍ତ ଏସ୍‌ପି, ବରଗଡ଼ ଆଇୟୁସିଏଡବ୍ଲ୍ୟୁର ଡିଏସ୍‌ପି ନଗେନ୍ଦ୍ର ପ୍ରସାଦ ନାୟକଙ୍କୁ ଢେଙ୍କାନାଳ ଅତିରିକ୍ତ ଏସ୍‌ପି, ବ୍ରହ୍ମପୁର ଆଇୟୁସିଏଡବ୍ଲ୍ୟୁର ଅତିରିକ୍ତ ଏସ୍‌ପି ମାୟାଧର ସେଠୀଙ୍କୁ ଖୋର୍ଦ୍ଧା ଆଇୟୁସିଏଡବ୍ଲ୍ୟୁର ଅତିରିକ୍ତ ଏସ୍‌ପି, ସମ୍ବଲପୁର ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରାଣାଙ୍କୁ ବରଗଡ଼ ଅତିରିକ୍ତ ଏସ୍‌ପି, ଗଞ୍ଜାମ ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡାଙ୍କୁ କମିଶନରେଟ ପୋଲିସର ଅତିରିକ୍ତ ଡିସିପି, କମିଶନରେଟ ପୋଲିସର ଅତିରିକ୍ତ ଡିସିପି ତପସ୍ୱିନୀ ଆରୁଖଙ୍କୁ ଓଏଚ୍‌ଆର୍‌ସି ଅତିରିକ୍ତ ଏସ୍‌ପି, ଗଜପତି ଅତିରିକ୍ତ ଏସ୍‌ପି ଇମ୍‌ତିଆଜ ଆଲାମଙ୍କୁ କୋରାପୁଟ ଏସ୍‌ଡବ୍ଲ୍ୟୁଆର୍‌ର ଅତିରିକ୍ତ ଏସ୍‌ପି, ଢେଙ୍କାନାଳ ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନଙ୍କୁ କୋରାପୁଟ ଆଇୟୁସିଏଡବ୍ଲ୍ୟୁ ଅତିରିକ୍ତ ଏସ୍‌ପି, ମୟୂରଭଞ୍ଜ ଅତିରିକ୍ତ ଏସ୍‌ପି ଜୟାରାମ ଶତପଥୀଙ୍କୁ ଯାଜପୁର ଆଇୟୁସିଏଡବ୍ଲ୍ୟୁର ଅତିରିକ୍ତ ଏସ୍‌ପି, ରାଉରକେଲା ଅତିରିକ୍ତ ଏସ୍‌ପି ପ୍ରଶାନ୍ତ ମହାପାତ୍ରଙ୍କୁ ଶ୍ରୀଜଗନ୍ନାଥ ମନ୍ଦିର ସୁରକ୍ଷା ବିଭାଗର ଅତିରିକ୍ତ ଏସ୍‌ପି ଭାବେ ପଦୋନ୍ନତି ମିଳିଛି।

## ତଦନ୍ତରେ ସଫଳତା ପାଇଥିବା ୪୦ ଆଇଓ ସମ୍ବର୍ଦ୍ଧିତ



କ୍ରାଇମ ବ୍ରାଞ୍ଚ ସମ୍ମିଳନୀ କକ୍ଷରେ ଡିଜିପି ଡ. ଆର୍.ପି. ଶର୍ମା ଓ ବରିଷ୍ଠ ଅଧିକାରୀଙ୍କ ଗହଣରେ ଉପସ୍ଥିତ ସମ୍ବର୍ଦ୍ଧିତ ହୋଇଥିବା ପୋଲିସ ଅଧିକାରୀମାନେ।

**କଟକ ଅଫିସ,୧୮।୭**

କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ କ୍ଷେତ୍ରରେ ସଫଳତା ପାଇଥିବା ୪୦ ଜଣ ତଦନ୍ତକାରୀ ଅଧିକାରୀ(ଆଇଓ)ଙ୍କୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ବଳାତ୍କାର, ହତ୍ୟା ଭଳି ଜଘନ୍ୟ ଆପରାଧିକ ମାମଲାରେ ଠିକ୍ ତଦନ୍ତ କରିଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛ। ସମ୍ବର୍ଦ୍ଧିତ ହୋଇଥିବା ଅଫିସରମାନେ ହେଲେ କୋରାପୁଟ ଏସ୍‌ପି କନୱାର ବିଶାଳ ସିଂ, କ୍ରାଇମବ୍ରାଞ୍ଚ ଏସ୍‌ପି ମଡକର ସନ୍ଦୀପ ସମ୍ପତ୍ତ, ଏସ୍‌ଟିଏଫ୍‌ର ଡିଏସ୍‌ପି ପ୍ରିୟରଞ୍ଜନ ଶତପଥୀ, ଏଚ୍‌ଆରପିସି ଡିଏସ୍‌ପି ରଞ୍ଜିତ୍ ନାୟକ, ମୟୂରଭଞ୍ଜ ଜିଲା ଉଦଳା ଏସ୍‌ଡିପିଓ ସ୍ୱପ୍ନା ରଞ୍ଜନ ମହାପାତ୍ର। ସେହିପରି ଇନ୍ସପେକ୍ଟର ର୍‍ୟାଙ୍କର କମିଶନରେଟ୍ ପୋଲିସ ଭୁବନେଶ୍ୱରର ଗିରିଜା ଶଙ୍କର ଚକ୍ରବର୍ତ୍ତୀ, ନୟାଗଡ ପୋଲିସ ଜିଲାର ନିରଞ୍ଜନ ଧୀର, ଦେଓଗଡର ସୁରେନ୍ଦ୍ର ନାୟକ, ବୌଦ୍ଧର ଗୋପୀନାଥ ପ୍ରଧାନ, ଭୁବନେଶ୍ୱର ଭିଜିଲାନ୍ସ ସେଲ୍‌ର ରୂପାଧର ନାୟକ, କନ୍ଧମାଳର ପି. ଶ୍ୟାମସୁନ୍ଦର ରାଓ, କଟକ ଭିଜିଲାନ୍ସ ଡିଭିଜନର ଅନୁପମା ସାହୁ, ରାଉରକେଲା ଭିଜିଲାନ୍ସର ରୀତାଞ୍ଜଳି ପ୍ରଧାନ, ମାଲକାନଗିରିର ରଞ୍ଜନ ସାହୁ, ନୂଆପଡାର ସୁଧୀର ସାହୁ, ଜଗତ୍‌ସିଂହପୁର ରଜନୀକାନ୍ତ ମିଶ୍ର, ମୟୂରଭଞ୍ଜର ମୁକ୍ତି କୁମାର କୁଲୁ, ବଲାଙ୍ଗୀରର ସଂଗ୍ରାମ କିଶୋର ପଟ୍ଟନାୟକ, ପୁରୀର ଅଭିମନ୍ୟୁ ନାୟକ, ଅନୁଗୋଳର ପ୍ରୀତିମଞ୍ଜରୀ ମେଣ୍ଡୁଲି, କେନ୍ଦୁଝରର ମାନସ ରଞ୍ଜନ ବାରିକ, କୋରାପୁଟର ଗୌରହରି ସାହୁ, ରାୟଗଡାର ସୁଙ୍କାନୀ ସାହୁ, କମିଶନରେଟ ପୋଲିସ କଟକର ଅନୀତା ସାହୁ, ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ସରିତା ତ୍ରିପାଠୀ, ରାଉରକେଲାର ସନ୍ତୋଷ ଜେନା, କମିଶନରେଟ ପୋଲିସ ଭୁବନେଶ୍ୱରର ଜୟଦେବ ବିଶ୍ୱଜିତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ସେହିପରି ଏସ୍‌ଆଇ ର୍‍ୟାଙ୍କର ଯାଜପୁରର ଜିନିମା ସାମଲ, ଅନୁଗୋଳର ଯୁଗୋଳ କିଶୋର ଦାସ, ଗଜପତିର ଆଲୋକ ରଞ୍ଜନ ଜଗଦଲ, ଦେଓଗଡର ସଞ୍ଜୀବ ରଣଭିଁଶା, ଇଓଡବ୍ଲ୍ୟୁର ସୁଶାନ୍ତ ବଢେଇ, ଗଞ୍ଜାମର ସୁଶାନ୍ତ ପ୍ରଧାନ, ବାଲେଶ୍ୱରର ମନୋରମା ବାରିକ, ନୂଆପଡାର ସଦାନନ୍ଦ ନାୟକ, ଗଞ୍ଜାମର ବିଘୁଟି ମହାନ୍ତି, ଭଦ୍ରକର ସୁଜାତା ଖମାରି, କେନ୍ଦୁଝରର ପ୍ରତିଭା ମଞ୍ଜରୀ ସାହୁ, ବାଲେଶ୍ୱରର ପ୍ରଶାନ୍ତ ଜେନା, କେନ୍ଦ୍ରାପଡାର ତ୍ରିଲୋଚନ ବେହେରା ସମ୍ବର୍ଦ୍ଧିତ ହୋଇଛନ୍ତି। କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରତିବର୍ଷ ଏଭଳି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେଉଛି। ଏହାଦ୍ୱାରା ଆଇଓମାନଙ୍କର ତଦନ୍ତକ୍ଷେତ୍ରରେ ଆଗ୍ରହ ବଢିବ ବୋଲି ଡିଜିପି କହିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ, ଆଇଜି ଅରୁଣ ବୋଥ୍ରା ଉପସ୍ଥିତ ଥିଲେ।

## ସ୍କୁଲ ପରିସରରେ ମାଡ଼

# ଛାତ୍ରଙ୍କ ଆତ୍ମହତ୍ୟା ଉଦ୍ୟମ

ଯୋଡ଼ା,୧୮।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରର ଏକ ସ୍କୁଲ ପରିସରରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ବୁଧବାର ଏକ ଦମ୍ପତି ସର୍ବସମ୍ମୁଖରେ ନିସ୍ତୁକ ପିଟିଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ସେ ବିଷ ପିଇ ଦେଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ଯୋଡ଼ା ଥାନାରେ ଛାତ୍ରଙ୍କ ବାପା ଗୁରୁବାର ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗକାରୀଙ୍କ ପୁଅ ନବମ ଶ୍ରେଣୀରେ ପଢ଼ନ୍ତି। ବୁଧବାର ଅପରାହ୍ନରେ ସ୍କୁଲ ଛୁଟି ହୋଇଥିଲା। ପୁଅ ଘରକୁ ଆସିବାକୁ ସ୍କୁଲ ପରିସରରେ ଠିଆ ହୋଇଥିବାବେଳେ ଯୋଡ଼ା ସିଗ୍ରିଗେଶନ କ୍ୟାମ୍ପର ଏକ ଦମ୍ପତି ସେଠାରେ ପହଞ୍ଚି ଉକ୍ତ ଛାତ୍ରଙ୍କୁ ଚପଲରେ ପିଟି ଗୋଇଠା, ବିଧା ମାରିଥିଲେ। ଛାତ୍ର ଜଣଙ୍କ ଖସି ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଏହି ଦମ୍ପତି ତାଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟି ସ୍କୁଲ ଭିତରକୁ ନେଇଯାଇଥିଲେ। ସେଠାରେ ଜଣେ ଶିକ୍ଷକ ସେମାନଙ୍କୁ ବାରଣ କରିବାରୁ ସେମାନେ ଶିକ୍ଷକଙ୍କୁ ମଧ୍ୟ ଠେଲାପେଲା କରିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ସ୍କୁଲରେ ଥିବା କେତେଜଣ ଅଭିଭାବକ, ସ୍କୁଲ ଭ୍ୟାନ ଡ୍ରାଇଭର ପ୍ରତିବାଦ କରିଥିଲେ ହେଁ ସେମାନେ କାହା କଥା ଶୁଣି ନ ଥିଲେ। ଶେଷରେ ସମ୍ପୃକ୍ତ ଛାତ୍ରଙ୍କୁ ସ୍କୁଲ ଶିକ୍ଷକମାନେ ଘରେ ଆଣି ଛାଡ଼ିଥିଲେ। ଛାତ୍ର ଜଣଙ୍କ କାନ୍ଦି କାନ୍ଦି ସମସ୍ତ ଘଟଣା ତାଙ୍କ ମା'ଙ୍କୁ ଜଣାଇଥିଲେ। ଏହାର କିଛି ସମୟ ପରେ ସମ୍ପୃକ୍ତ ଛାତ୍ର ମାନସିକ ଭାରସାମ୍ୟ ହରାଇ ଘରେ ଥିବା ବିଷ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଟାଟାଷ୍ଟିଲ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏବେ ତାଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ଆଇସିୟୁରେ ଚିକିତ୍ସା କରାଯାଉଛି। ଏହି ସବୁ ଘଟଣା ପାଇଁ ଅଭିଯୋଗକାରୀ ସ୍କୁଲର ଅଧ୍ୟକ୍ଷଙ୍କୁ ମଧ୍ୟ ଦାୟୀ କରିଛନ୍ତି। ଏ ସମ୍ପର୍କରେ ସ୍କୁଲର ପ୍ରିନ୍ସିପାଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସେ ହାଇଦ୍ରାବାଦରେ ଅଛନ୍ତି। ଉକ୍ତ ଘଟଣା ସମ୍ପର୍କରେ ସେ ଅବଗତ ଅଛନ୍ତି। ଖୁବ ଶୀଘ୍ର ଏନେଇ ସେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଫୋନ ମାଧ୍ୟମରେ ଜଣାଇଛନ୍ତି। ବଡ଼ବିଲ ଏସ୍‌ଡିପିଓ ଦିଲୀପ କୁମାର ବାଗ କହିଛନ୍ତି, ପୋଲିସ ତଦନ୍ତ ଆରମ୍ଭ କରିଛି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଡବ୍ଲ୍ୟୁଓଡିସି କାର୍ଯ୍ୟାଳୟ

# ପଶ୍ଚିମ ଓଡ଼ିଶା ସ୍ଥାନାନ୍ତର ନ ହେବା ନେଇ ଉଦ୍‌ବେଗ

ଭୁବନେଶ୍ୱର,୧୮।୭(ବ୍ୟୁରୋ)

- ଯୋଜନା ଓ ସଂଯୋଜନା ବିଭାଗ ଖର୍ଚ୍ଚଦାବି ଆଲୋଚନା
- ବିଧାୟକ ହାତପାଣ୍ଠି ବୃଦ୍ଧି ପାଇଁ ଦାବି
- ଅନେକ ଯୋଜନାରେ ଅଧିକ ଅର୍ଥ ପାଇଁ ପ୍ରସ୍ତାବ

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି)ର ମୁଖ୍ୟାଳୟ ପଶ୍ଚିମ ଓଡ଼ିଶାକୁ ସ୍ଥାନାନ୍ତରିତ ହୋଇପାରିଲା ନାହିଁ। ଦକ୍ଷ ଲୋକଙ୍କୁ ଅଧ୍ୟକ୍ଷ କରିବା ବଦଳରେ ହାରିଥିବା ଅଥବା ଦଳୀୟ ଟିକେଟ୍‌ରୁ ବଞ୍ଚିତ ହୋଇଥିବା ନେତାଙ୍କୁ ସେହି ପଦପଦବୀରେ ଥଇଥାନ କରାଯାଉଛି। ପରିଷଦକୁ ଅଧିକ ପରିମାଣରେ ଅର୍ଥ ଦିଆଯାଉ ନାହିଁ ବୋଲି ଯୋଜନା ଓ ସଂଯୋଜନା ବିଭାଗ ଖର୍ଚ୍ଚଦାବି ଆଲୋଚନା ସମୟରେ ଏକାଧିକ ସଦସ୍ୟ ମତ ରଖିଥିଲେ। ସେହିପରି ବିଧାୟକମାନଙ୍କୁ ମିଳୁଥିବା ହାତପାଣ୍ଠିକୁ କୋଟିଏ ଟଙ୍କାରୁ ବୃଦ୍ଧି କରାଯାଇ ଅନ୍ୟୁନ ୨କୋଟି କିମ୍ବା ୫ କୋଟି କରାଯାଉ ବୋଲି ମତ ପ୍ରକାଶ ପାଇଛି।

ଆଲୋଚନାକୁ ଆରମ୍ଭ କରି ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ କହିଥିଲେ ଯେ, ବିଜୁ କେବିକେ ଯୋଜନାର ଅନୁଦାନ ୧୨୦ କୋଟିରୁ ୧୫୦ କୋଟି ଟଙ୍କାକୁ ବୃଦ୍ଧି କରାଯାଉ। ସେହିପରି ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠିର ଅନୁଦାନ ବୃଦ୍ଧି ପାଇଁ ସାମଲ ମତ ରଖିଥିଲେ। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ, ଯୋଜନା ଓ ସଂଯୋଜନା ବିଭାଗରେ ପ୍ରକୃତ କାର୍ଯ୍ୟ ଅପେକ୍ଷା କାଗଜପତ୍ର କାମ ଅଧିକ କରାଯାଉଛି। ହୀରାକୁଦ ବିସ୍ଥାପିତଙ୍କୁ ଏ ଯାଏ ଥଇଥାନ କରାଯାଇ ପାରିଲା ନାହିଁ। ସ୍ଥିର ସରକାର ଥାଇ ଏପରି ନ ହୋଇପାରିବା ଦୁର୍ଭାଗ୍ୟଜନକ। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କଥା ସେମିତି ଶୁଣିଆସୁଛୁ, ହେଲେ ପ୍ରକଳ୍ପ କାର୍ଯ୍ୟ ସରୁ ନାହିଁ। ରେଳପଥ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ହୋଇପାରୁ ନାହିଁ, ତେଣୁ କି ବିଭାଗ ଇଏ ବୋଲି ନରସିଂହ ପ୍ରଶ୍ନ କରିଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟାଳୟ ପଶ୍ଚିମ ଓଡ଼ିଶାକୁ ସ୍ଥାନାନ୍ତରିତ ନ ହେବା ନେଇ ସେ ଉଦ୍‌ବେଗ ମଧ୍ୟ ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନାକୁ ନରସିଂହ ସମାଲୋଚନା କରିବା ସହ ପ୍ରକଳ୍ପ ବାବଦକୁ ନିର୍ଦ୍ଦିଷ୍ଟ ବ୍ୟୟବରାଦ ରଖିବା ପାଇଁ କହିବା ସହ ତାହାକୁ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ବଣ୍ଟନ ପାଇଁ ନରସିଂହ ମତ ରଖିଥିଲେ। ବିଜେଡି ବିଧାୟକ ପ୍ରମୋଦ ମଲ୍ଲିକ ଡବ୍ଲ୍ୟୁଓଡିସିର ମୁଖ୍ୟାଳୟ ନେଇ ସହମତି ହେବା ଉପରେ ଗୁରୁତ୍ୱ ଦେଇଥିଲେ। ନୃସିଂହ ସାହୁ କେତେକ ପ୍ରସ୍ତାବ ରଖିବା ସହ ରାଜ୍ୟ ସରକାରଙ୍କ ଯୋଜନାକୁ ପ୍ରଶଂସା କରିଥିଲେ। ଏହା ପରେ ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀ କହିଥିଲେ ଯେ, ଉପକୂଳ ଓଡ଼ିଶାର ଗୋଟିଏ ଗୋଟିଏ ଜିଲାର ବଜେଟ ସହ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବଜେଟ ସମାନ ରହୁଛି। ସହଜରେ ପରିଷଦ ଅର୍ଥକୁ ବାଟମାରଣା କରାଯାଉଛି। ବିଧାୟକ ନ ଚାହିଁଲେ ବି ଠିକାଦାରଟିଏ ଅର୍ଥ ମଞ୍ଜୁର କରେଇ କାର୍ଯ୍ୟ ହାସଲ କରିପାରୁଛି ବୋଲି ଅଧିରାଜ କହିଥିଲେ। ଏହା ପରେ ମୀନାକ୍ଷୀ ମହନ୍ତ, ମୌଷଧୀ ବାଗ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ଏହା ପରେ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଥିଲେ ଯେ, କୌଣସି ଯୋଜନା ଗାଇଡଲାଇନ ଅନୁଯାୟୀ କାର୍ଯ୍ୟକାରୀ ହେଉନାହିଁ। ଡବ୍ଲ୍ୟୁଓଡିସି ସରକାରୀ ଦଳର ଥଇଥାନ କେନ୍ଦ୍ର ପାଲଟିଛି। ସରକାର ସେଠି ଦକ୍ଷ ଲୋକଙ୍କୁ ନିଯୁକ୍ତି କରନ୍ତୁ ବୋଲି ସାଲୁଜା ମନ୍ତବ୍ୟ ରଖିଥିଲେ। ଏହା ପରେ ଅନନ୍ତ ଦାସ କିଛି ପ୍ରସ୍ତାବ ରଖିବା ସହ ବିଧାୟକ ପାଣ୍ଠି ବୃଦ୍ଧି ନେଇ ମତ ରଖିଥିଲେ। ପରେ ପଏଣ୍ଟ ଅଫ୍ ଅର୍ଡର ଜରିଆରେ କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି କହିଥିଲେ ଯେ, ଯାଜପୁର ଜିଲାର ନଗଡା ପରି ଅବିଭକ୍ତ କୋରାପୁଟ ଏବଂ ଗଜପତି ଜିଲାରେ ଅନେକ ଗାଁ ରହିଛି। ସେଠାରେ ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗ ହୋଇପାରୁ ନାହିଁ। ଆଜିର ସମୟରେ ବାର୍ଷିକ କୋଟିଏ ଟଙ୍କା ବିଧାୟକ ପାଣ୍ଠି ବାବଦରେ କିଛି ନୁହେଁ, ତେଣୁ ଏହାକୁ ଅନ୍ୟୁନ ୫ କୋଟି ଟଙ୍କାକୁ ବୃଦ୍ଧି କରାଯାଉ।

## ଭାଜପା ସଦସ୍ୟତା ଅଭିଯାନ କର୍ମଶାଳା

ଭୁବନେଶ୍ୱର, ୧୮।୭ (ବ୍ୟୁରୋ)

ଗତ ଜୁଲାଇ ୬ରୁ ଦେଶବ୍ୟାପୀ ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସମାନ ଭାବେ ଓଡ଼ିଶାରେ ମଧ୍ୟ ଦଳର ଏହି କାର୍ଯ୍ୟକ୍ରମ ଚାଲିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଦଳର ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଯୁବ ମୋର୍ଚ୍ଚାର ସଦସ୍ୟତା ଅଭିଯାନ କର୍ମଶାଳା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଆଗାମୀ ଦିନରେ ରାଜ୍ୟର ଯୁବତୀଯୁବକଙ୍କ ସହ ନୂତନ ଭୋଟରଙ୍କୁ ନେଇ ସଦସ୍ୟତା ଅଭିଯାନକୁ ଆହୁରି ସୁଦୃଢ କରାଯିବ ବୋଲି ଏହି କର୍ମଶାଳାରେ ଆଲୋଚନା କରାଯାଇଛି। ଏହି ଅଭିଯାନରେ ସମାଜର ବିଭିନ୍ନ ବର୍ଗର ଯୁବପିଢ଼ିଙ୍କୁ ସଦସ୍ୟ କରି ଭାଜପାକୁ ସର୍ବବ୍ୟାପି- ସର୍ବସ୍ପର୍ଶୀ କରିବାର ଲକ୍ଷ୍ୟ ସ୍ଥିର କରାଯାଇଛି ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି।

## ଥାନାବାବୁଙ୍କୁ ଲାଞ୍ଚ ଯାଚିବା ମହଙ୍ଗା ପଡ଼ିଲା

# ଭାଇକୁ ମୁକୁଳାଇବାକୁ ଯାଇ ସମ୍ପର୍କୀୟ ଭାଇ ଗିରଫ

ବରଗଡ଼ ଅଫିସ/ ସୋହେଲା,୧୮।୭

ଭାଇକୁ ମୁକୁଳାଇବାକୁ ସେ ଥାନାକୁ ଯାଇଥିଲେ। ଏଥିପାଇଁ ସେ ଥାନା ଆଇଆଇସିଙ୍କୁ ୧ ଲକ୍ଷ ଟଙ୍କା ଲାଞ୍ଚ ଦେବାକୁ ଉଦ୍ୟମ କରିଥିଲେ। ହେଲେ ଭାଇକୁ ମୁକୁଳାଇବା ବଦଳରେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ରାମକୃଷ୍ଣ ସେଠ। ତାଙ୍କୁ ସମ୍ବଲପୁର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ଅଧିକାରୀମାନେ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବନାବିରା ଗ୍ରାମର ଚୂଡ଼ାମଣି ସେଠ ବେଆଇନ ଭାବେ ଏସକଫ୍ (କଫ୍ ସିରପ) ବିକ୍ରି କରୁଥିବା ବେଳେ ଗୁରୁବାର ପୂର୍ବାହ୍ନ ୯ଟା ୪୫ରେ ସୋହେଲା ଥାନା ପୋଲିସ ତାଙ୍କୁ ଗିରଫ କରିଥିଲା। ଘଟଣାସ୍ଥଳରୁ ୩୦୦ ବୋତଲ ଏସକଫ୍ ପୋଲିସ ଜବତ କରିଥିଲା। ଦିନପ୍ରାୟ ୧୦ଟାରେ ଚୂଡ଼ାମଣିଙ୍କ ସମ୍ପର୍କୀୟ ଭାଇ ରାମକୃଷ୍ଣ ଥାନାରେ ପହଞ୍ଚିଥିଲେ। ଚୂଡ଼ାମଣିଙ୍କୁ ଛାଡ଼ିଦେବା ପାଇଁ ଆଇଆଇସି ନିର୍ମଳ କୁମାର ମହାପାତ୍ରଙ୍କୁ ୧ଲକ୍ଷ ଟଙ୍କା ଲାଞ୍ଚ ଯାଚିଥିଲେ। ହେଲେ ଚୂଡ଼ାମଣିଙ୍କ ବିରୋଧରେ ଦଫା ୨୭୨, ୨୭୩, ୨୭୪/୨୭୫କ୍ରମେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରାଯାଇଥିବାରୁ ଆଉ ଛାଡ଼ିବା ସମ୍ଭବ ନୁହେଁ ବୋଲି ଆଇଆଇସି ମହାପାତ୍ର ରାମକୃଷ୍ଣଙ୍କୁ କହିଥିଲେ। ଏହାସତ୍ତ୍ୱେ ରାମକୃଷ୍ଣ ଆଇଆଇସି ମହାପାତ୍ରଙ୍କୁ ସେଭଳି ଅର୍ଥ ଯାଚି ଚୂଡ଼ାମଣିଙ୍କୁ ଛାଡ଼ିଦେବା ପାଇଁ ଅନୁରୋଧ କରିଥିଲେ।



ରାମକୃଷ୍ଣ ସେଠ।

ଆଇଆଇସି ମହାପାତ୍ର ଏ ନେଇ ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ଜଣାଇଥିଲେ। ଏସ୍‌ପିଙ୍କ ପରାମର୍ଶକ୍ରମେ ସେ ଏ ସମ୍ପର୍କରେ ଭିଜିଲାନ୍ସକୁ ଅବଗତ କରିଥିଲେ। ଏହାପରେ ଭିଜିଲାନ୍ସ ଟିମ୍ ଲାଞ୍ଚ ଯାଚୁଥିବା ରାମକୃଷ୍ଣଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ଅପରାହ୍ନ ପ୍ରାୟ ୩ଟାରେ ଆଇଆଇସି ମହାପାତ୍ର ନିଜ ସରକାରୀ କ୍ୱାର୍ଟର୍ସରେ ଥିବାବେଳେ ରାମକୃଷ୍ଣ ୪୦ହଜାର ଟଙ୍କା ଧରି ତାଙ୍କ ପାଖରେ ପହଞ୍ଚିଥିଲେ। ୪୦ହଜାର ଟଙ୍କା ଦେଇ ବାକି ୬୦ହଜାର ଟଙ୍କା ସନ୍ଧ୍ୟା ସୁଦ୍ଧା ଦେବେ ବୋଲି ସେ ଆଇଆଇସି ମହାପାତ୍ରଙ୍କୁ କହିଥିଲେ। ପୂର୍ବ ଯୋଜନା ଅନୁଯାୟୀ, ବରଗଡ଼ ଭିଜିଲାନ୍ସ ଡିଏସ୍‌ପି ବି. କେ. ନାୟକଙ୍କ ନେତୃତ୍ୱରେ ଛପି ରହିଥିବା ଭିଜିଲାନ୍ସ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରି ରାମକୃଷ୍ଣଙ୍କୁ ଗିରଫ କରିଥିଲେ। ଜେରା ସମୟରେ ସମ୍ପର୍କୀୟ ଭାଇଙ୍କୁ ମୁକୁଳାଇବା ପାଇଁ ରାମକୃଷ୍ଣ ଆଇଆଇସି ମହାପାତ୍ରଙ୍କୁ ୪୦ହଜାର ଟଙ୍କା ଲାଞ୍ଚ ଯାଚିଥିବା ସ୍ୱୀକାର କରିଛନ୍ତି। ଏହାପରେ ତାଙ୍କୁ ଗିରଫ କରାଯିବା ସହିତ ଲାଞ୍ଚ ଟଙ୍କା ଜବତ କରାଯାଇଥିବା ଭିଜିଲାନ୍ସ ଅଧିକାରୀମାନେ କହିଛନ୍ତି।

## ଗୁଣପୁର-ଥେରୁବାଲି ରେଳପଥ: ଏମ୍‌ପିଙ୍କ ପ୍ରଶ୍ନର ଜବାବ ରଖିଲା ରେଳ ମନ୍ତ୍ରଣାଳୟ

# ୫୦% ଅର୍ଥ ସହ ଜମି ଯୋଗାଉ ରାଜ୍ୟ

ଗୁଣପୁର,୧୮।୭(ଡି.ଏନ.ଏ.)

୨୦୧୭-୧୮ ସାଧାରଣ ବଜେଟରେ ଗୁଣପୁର-ଥେରୁବାଲି ରେଳପଥ ସ୍ଥାନ ପାଇଥିଲା। ୪୭ ବର୍ଷ ପରେ ଏହି ଦାବି ପୂରଣ ହେବାରୁ ଗୁଣପୁର ଅଞ୍ଚଳରେ ଖୁସିର ଲହରି ଖେଳି ଯାଇଥିଲା। ୭୯.୧୫ କିମି ରେଳପଥ ନିମନ୍ତେ ୯୩୫.୭୨ କୋଟି ବ୍ୟୟବରାଦ କରାଯାଇଥିଲା। ବର୍ତ୍ତମାନ ଏହି ରେଳପଥ ପାଇଁ ଅର୍ଥର ଅଭାବ ରହିଛି। ରାଜ୍ୟ ସରକାର ମାଗଣା ଜମି ଯୋଗାଇବା ସହ ୫୦% ଅର୍ଥ ଯୋଗାଇଲେ ଗୁଣପୁର-ଥେରୁବାଲି ରେଳପଥ କାର୍ଯ୍ୟ ହୋଇ ପାରିବ ବୋଲି ରେଳ ମନ୍ତ୍ରଣାଳୟ କହିଛି। ଗତ ୨ରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ରେଳପଥର ଅଗ୍ରଗତି ନେଇ ଲୋକ ସଭାରେ ପ୍ରଶ୍ନ ଉଠାଇଥିଲେ। ଏହାର ଉତ୍ତରରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଉପରୋକ୍ତ ଜବାବ ବୁଧବାର ଦିଆଯାଇଛି। ରାଜ୍ୟ ଏବଂ କେନ୍ଦ୍ର ସରକାର ଏହାକୁ ଅଗ୍ରାଧିକାର ଏବଂ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ଗୁଣପୁର-ଥେରୁବାଲି ମଧ୍ୟରେ ନୂତନ ରେଳପଥ ନିର୍ମାଣ ସହ ଗୁଣପୁର-ନୌପଡା ରେଳପଥର ଭିତ୍ତିଭୂମି ବିକାଶ ହେବ ବୋଲି ୨୦୧୭-୧୮ ସାଧାରଣ ବଜେଟରେ ଘୋଷଣା ହୋଇଥିଲା। ଏଥିପାଇଁ ସବୁଜ ସଙ୍କେତ ମିଳିବା ସହ ଏହାର ନିର୍ମାଣ ପାଇଁ ୯୩୫.୭୨ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିଲା। ବର୍ତ୍ତମାନ ଡିପିଆର୍ ( ଡିଟେଲ ପ୍ରୋଜେକ୍ଟ ରିପୋର୍ଟ) ପରେ ଏହାର ଖର୍ଚ୍ଚ ବଢି ୧୨୩୭.୭୪ କୋଟି ଟଙ୍କା ହୋଇଛି। ଏହି ରେଳପଥ କୁଜେନ୍ଦ୍ରୀ, ପେଣକାମ, ଦେଉଳା, ରାମନାଗୁଡା ଏବଂ ବାଙ୍କିଲି, କୋଡାଭଡା ଦେଇ ଯିବ। ଏଥିମଧ୍ୟରେ ୮ଟି ବୃହତ୍ ବ୍ରିଜ୍, ୧୧୩ଟି ଛୋଟ ବ୍ରିଜ୍, ଗୋଟିଏ ଓଭର ବ୍ରିଜ୍,୩ଟି ରୋଡ ତଳ ବ୍ରିଜ୍ ଏବଂ ୫୬ଟି ଲେଭଲ କ୍ରସିଂ ପଡିବ। ଏଥିଲାଗି ୫୫୯ ହେକ୍ଟର ଜମି ଆବଶ୍ୟକ ରହିଛି। ଏହାଦ୍ୱାରା ଦାମନଯୋଡିରୁ ଅନୁଗୋଳ ମଧ୍ୟରେ ଆଲୁମିନା ପରିବହନରେ ସୁବିଧା ହେବା ସହ ୧୫୦ କିମି ଦୂରତା କମିବ। ଭବିଷ୍ୟତରେ ଜଗଦଲପୁର ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ, ପୁରୀ-ଅହମ୍ମଦାବାଦ, ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟି ତଥା କେତୋଟି ପାସେଞ୍ଜର ଟ୍ରେନ ଏହି ରେଳପଥ ଦେଇ ଯାତାୟାତ ହୋଇପାରିବ। ହେଲେ ରେଳ ମନ୍ତ୍ରଣାଳୟ ଏଥିଲାଗି ଅର୍ଥର ଅଭାବ ରହିଥିବା କହିଛି। ରାଜ୍ୟ ସରକାର ମାଗଣା ଜମି ସହ ୫୦ ପ୍ରତିଶତ ଅର୍ଥ ବିନିଯୋଗ କରିବାକୁ କୁହାଯାଇଛି। ଏହା ରାଜ୍ୟ ସରକାରଙ୍କ ଜବାବ ଅପେକ୍ଷାରେ ରହିଛି ବୋଲି ଏମ୍‌ପିଙ୍କ ପ୍ରଶ୍ନରେ ରେଳ ମନ୍ତ୍ରଣାଳୟ ଉତ୍ତର ରଖିଛି। ୨୦୦୬ ଅଗଷ୍ଟରେ ସର୍ଭେ ହୋଇ ୨୩୨.୩୭ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିଲା। ପରେ ଏହାର ଅଟକଳ ମୂଲ୍ୟ ବୃଦ୍ଧି ପାଇ ୯୩୫.୭୨ କୋଟି ଟଙ୍କାରେ ପହଞ୍ଚିଥିଲା। ଏହି ପ୍ରକଳ୍ପ କାର୍ଯ୍ୟ ୨୦୨୩ ସୁଦ୍ଧା ସରିବା ଲକ୍ଷ୍ୟ ରଖାଯାଇଥିଲା। ଗୁଣପୁର-ନୌପଡ଼ା ରେଳପଥ ବ୍ରଡ଼ଗେଜ ହେବା ପରେ ୨୦୧୧ରେ ପ୍ରଥମ ଥର କରି ଗୁଣପୁରରୁ ପୁରୀକୁ ରେଳ ଚଳାଚଳ ଆରମ୍ଭ ହୋଇଥିଲା। ସେହି ସମୟରେ ରାୟଗଡା ଜିଲା ଗୁଣପୁର ସହ ଗଜପତି ଜିଲା ପାଇଁ ଏହା ଗମନାଗମନର ମୁଖ୍ୟ ମାର୍ଗ ରହିଥିଲା। ଏହି ରେଳପଥର ବିକାଶ ପାଇଁ ୧୯୭୦ରୁ ଗୁଣପୁରରୁ ଥେରୁବାଲିକୁ ସଂଯୋଗ ପାଇଁ ଦାବି ହୋଇଆସୁଥିଲା।

# ଆଶ୍ରମ ସ୍କୁଲରେ ଛାତ୍ରୀଙ୍କୁ ଅସଦାଚରଣ

କେନ୍ଦୁଝର,୧୮।୭ (ସ୍ୱ.ପ୍ର.): କେନ୍ଦୁଝର କାଞ୍ଜିପାଣିରେ ଥିବା ଆଶ୍ରମ ସ୍କୁଲରେ ଛାତ୍ରୀମାନଙ୍କୁ ନିର୍ଯାତନା ଦିଆଯିବା ସହ ଅସଦାଚରଣ କରାଯାଉଛି। ପ୍ରଧାନଶିକ୍ଷକ ଅଧିକାଂଶ ସମୟରେ ଛାତ୍ରୀମାନଙ୍କୁ ନିଜର ବ୍ୟକ୍ତିଗତ କାମରେ ଲଗାଉଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଭିତ୍ତି କରି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏନେଇ କାଞ୍ଜିପାଣି ଥାନାରେ ଏକ ମାମଲା (ନଂ.୪୧/୨୦୧୯) ରୁଜୁ ହୋଇଛି। ଅଭିଯୁକ୍ତ ପ୍ରଧାନଶିକ୍ଷକ ଅର୍ଜୁନ କୁମାର ମହନ୍ତଙ୍କୁ ପୋଲିସ ଗିରଫ କରି ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ପୋଲିସ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି। ଆଦିବାସୀ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ଉକ୍ତ ସ୍କୁଲରେ ଏପରି ଘଟଣା ପଦାକୁ ଆସିବା ପରେ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ସିବିଆଇ ଏସ୍‌ପି ହେଲେ ସୁଧା ସିଂ

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ତଥା ଜଗତ୍‌ସିଂହପୁର ଏସ୍‌ପି ସୁଧା ସିଂ କେନ୍ଦ୍ରୀୟ ଡେପୁଟେଶନରେ ଯାଇଛନ୍ତି। ତାଙ୍କୁ ସିବିଆଇ ଏସ୍‌ପି ଭାବେ ନବନିଯୁକ୍ତି ମିଳିଛି। ଏହି ଦାୟିତ୍ୱରେ ସେ ୪ବର୍ଷ ରହିବେ ବୋଲି ଜଣାପଡିଛି। ଡେପୁଟେଶନରେ ଯିବା ପାଇଁ ତାଙ୍କୁ ରାଜ୍ୟ ସରକାର ଅନୁମତି ଦେଇଥିଲେ। ୨୦୦୬ ବ୍ୟାଚର ଏହି ଆଇପିଏସ୍ ଅଫିସର ପୂର୍ବରୁ ଭିଜିଲାନ୍ସ ଏସ୍‌ପି ଭାବେ ଦାୟିତ୍ୱ ତୁଲାଇଥିଲେ। ତେବେ ତାଙ୍କ ସ୍ଥାନରେ ଜଗତ୍‌ସିଂହପୁରର ନୂଆ ଏସ୍‌ପି ଭାବେ କାହାକୁ ନିଯୁକ୍ତି ମିଳିନି। ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡିଛି।

## ସୀମାନ୍ତରେ ଲାଲ୍‌ବାହିନୀର ହିଂସା

# ଇନ୍‌ଫର୍ମର ସନ୍ଦେହରେ ୨ଜଣଙ୍କୁ ହତ୍ୟା

ମାଲକାନଗିରି/ଚିତ୍ରକୋଣ୍ଡା, ୧୮।୭(ସ୍ୱ.ପ୍ର./ଡି.ଏନ୍.ଏ.)

ସୀମାନ୍ତ ଆନ୍ଧ୍ରରେ ବୁଧବାର ରାତିରେ ବର୍ବରୋଚିତ ହିଂସାକାଣ୍ଡ ଘଟାଇଛନ୍ତି ମାଓବାଦୀ। ପୋଲିସ ଇନ୍‌ଫର୍ମର ସନ୍ଦେହରେ ୨ ଜଣଙ୍କୁ ଘରୁ ଡାକି ନେଇ ଅତି ନିର୍ମମ ଭାବରେ ହତ୍ୟା କରିଛି ଲାଲବାହିନୀ। ଏଥିସହ ଅନ୍ୟ ଜଣେ ଗ୍ରାମବାସୀଙ୍କୁ ନିସ୍ତୁକ ମାଡ଼ ମାରିଥିବା ସୂଚନା ମିଳିଛି। ମୃତକମାନେ ହେଲେ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଜିଲା ଚିତାପାଲି ଥାନା ଅଧୀନ ଭୀରାଭରମ ଗ୍ରାମର ପାଙ୍ଗି ସାତିବାବୁ, ଗାମେଲା ଭାସ୍କର।

ପ୍ରକାଶ ଯେ, ବୁଧବାର ବିଳମ୍ବିତ ରାତିରେ ୨୦ରୁ ଊର୍ଦ୍ଧ୍ୱ ମାଓବାଦୀ ଭୀରାଭରମ ଗାଁରେ ପଶିଥିଲେ। ପାଙ୍ଗି ସାତିବାବୁ, ଗାମେଲା ଭାସ୍କର ଓ ପାଙ୍ଗି ଲିଙ୍ଗାଙ୍କୁ ଘରୁ ଉଠାଇ ଆଣିବା ସହ ଗାଁ ମଝିରେ ସମସ୍ତଙ୍କୁ ନିସ୍ତୁକ ମାଡ ମାରିଥିଲେ। ସେମାନଙ୍କୁ ଛାଡିଦେବା ପାଇଁ ପରିବାରବର୍ଗ ନେହୁରା ହୋଇଥିଲେ ମଧ୍ୟ ମାଓବାଦୀମାନେ କିଛି ଶୁଣି ନ ଥିଲେ। ପରେ ପାଙ୍ଗି ସାତିବାବୁ ଓ ଭାସ୍କରଙ୍କୁ ଅତି ନିକଟରୁ ଗୁଳିକରି ହତ୍ୟା କରିଥିଲେ ମାଓବାଦୀ। କିନ୍ତୁ ପାଙ୍ଗି ଲିଙ୍ଗାଙ୍କୁ



- ଅନ୍ୟ ଜଣେ ଗ୍ରାମବାସୀଙ୍କୁ ନିସ୍ତୁକ ମାଡ଼
- ଘଟଣାସ୍ଥଳରେ ମାଓବାଦୀ ପୋଷ୍ଟର

ମାଡ଼ ମାରି ଛାଡି ଦେଇଥିଲେ। ପରେ ତେଲୁଗୁ ଭାଷାରେ ଲିଖିତ କେତେକ ପୋଷ୍ଟର ଲଗାଇ ମାଓବାଦୀମାନେ ସେଠାରୁ ଚାଲିଯାଇଥିଲେ। ପୋଲିସ ଇନ୍‌ଫର୍ମର ସନ୍ଦେହରେ ସେମାନଙ୍କୁ ହତ୍ୟା କରାଯାଇଛି ବୋଲି ଘଟଣାସ୍ଥଳରେ ଲଗାଯାଇଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ଏହାକୁ ନେଇ ସମ୍ପୃକ୍ତ ଗ୍ରାମରେ ଭୟର ବାତାବରଣ ଦେଖାଦେଇଛି। ଚିତାପାଲି ଥାନା ପୋଲିସ ଗାଁରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

OFFICE OF THE PRINCIPAL, S.B.R.G. WOMEN'S COLLEGE, BERHAMPUR, GANJAM

No.1369 **QUOTATION CALL NOTICE** Date: 17.07.19

Sealed quotations are invited from registered mans Service providing firms for supply of lady Security personnel to be engaged in the S.B.R.G. Women's College ladies Hostel. The Sealed Quotation should reach the undersigned on or before 24.07.2019 positively. For details contact office of the Superintendant, S.B.R.G. Women's College, Hostel Berhampur.

Sd./- Principal

**ଆସିକା ବ୍ଲକ୍‌ରେ ବିହନ ବିଶୋଧନ ଅଭିଯାନ ଖରିଫ୍-୨୦୧୯**

ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ୍ ଯୋଜନା ୨୦୧୮-୧୯ ମାଧ୍ୟମରେ ଚଳିତ ଖରିଫ୍ ଋତୁରେ ଆସିକା ବ୍ଲକ୍‌ର ନିମ୍ନଲିଖିତ ଗ୍ରାମରେ ଜୁଲାଇ ୦୭ ତାରିଖଠାରୁ ଅଦ୍ୟାବଧି ବିହନ ବିଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଉକ୍ତ କାର୍ଯ୍ୟକ୍ରମରେ ବିହନ ବିଶୋଧନ ପ୍ରଣାଳୀ ସମ୍ବନ୍ଧରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅବଗତ କରାଇବା ସହିତ ତାଲିମ୍ ଓ ବିହନ ବିଶୋଧନ ପ୍ରଣାଳୀ ପ୍ରଦର୍ଶନ କରାଯାଉଅଛି। ଏହି ଅଭିଯାନରେ ସାମିଲ ହୋଇ ନିଜ ନିଜ ବିହନକୁ ବୁଣିବା ବା ତଳି ପକାଇବା ପୂର୍ବରୁ ବିଶୋଧନ କରି ଫସଲକୁ ରୋଗପୋକ ଦାଉରୁ ସୁରକ୍ଷିତ ରଖିବା ନିମନ୍ତେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ। ଗ୍ରାମର ନାମ: ପଥରା, ଖଣ୍ଡଦେଉଳୀ, ବାବନପୁର, ମଙ୍ଗଳପୁର, ବାଲିସିରା, ଆମ୍ବପୁଆ, କେ.ନୁଆପଲ୍ଲୀ, ରାଙ୍କୁଡ଼ା, ଅଡ଼ଭାଗ, ହୁମୁକି, ସାନଖୋଲି।

ସହକାରୀ କୃଷି ଅଧିକାରୀ, ଆସିକା (ଗଞ୍ଜାମ)

ODISHA TOURISM DEVELOPMENT CORPORATION LIMITED
(A GOVT. OF ODISHA UNDERTAKING
PANTHANIVAS (OLD BLOCK): LEWIS ROAD: BHUBANESWAR-14
INVITATIONS FOR BIDS (IFB)

NOTICE INVITATION FOR BIDS (NIFB)
e-Procurement Notice No. BP -I/03/2019-20 dt.17.07.2019

1. Nature of Work : Furnishin wor & Electrical work
2. Total No.of Works : 2 Nos.
3. Value of Works : Rs. 24.94 lakhs to 39.44 lakhs
4. Bid Security : 1% of the amount put to tender
5. Class of Contractor : C, B & H.T Electrical Contractor
6. Period of Completion: 1 (One) months to 6(Six) months
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of opening of Tender |
|---|---|---|---|---|
| Executive Engineer, B.P.Division No. I, OTDC Ltd. | BP-I/03/2019-20 dt. 17.07.2019 | From 19.07.2019 | To 29.07.2019 | 11.30 Hours of dt.30.07.2019 in the office of the Executive Engineer B.P. Division No.I), OTDC Ltd, Bhubaneswar |

Further details can be seen from the Govt. Website www.tenderodisha.gov.in

No. CAD-205

Sd/- Executive Engineer
B.P.Division No. I

37002/11/0004/1920

ଜିଲ୍ଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ, ସୁନ୍ଦରଗଡ଼
DISTRICT MINERAL FOUNDATION, SUNDARGARH
(1st Floor, DMF Office), District Rural Development Agency
Email: dmfsundergarh@gmail.com, Sundargarh-770001
Tel./Fax No. 06622-273846

No. 356/(DMF) Dated 18.07.2019

**EXPRESSION OF INTEREST**

The Collector and Chairperson, District Mineral Foundation, Sundargarh invites Expression of Interest (EoI) from the Chartered Accountants empanelled with C&AG (Comptroller and Auditor General of India) for statutory Audit of District Mineral Foundation, Sundargarh for the financial year 2018-19.

Interested CA firms are requested to download the EoI documents from the website www.sundergarh.nic.in. Last date of receipt of EoI documents is 29.07.2019 upto 5.30 PM. Bid documents are to be submitted by Speed Post / Registered Post (India Post) only.

*Sd./- Collector & Chairperson*
*DMF, Sundargarh*

**Capital Region Urban Transport**
Block-1, 2nd Floor, BMC Bhawani Mall, Saheed Nagar Bhubaneswar ,
E-mail: crutbbsr@gmail.com, Phone No. 0674- 2395155

Notice No. 1442/CRUT Date. 18/07/2019

**EXPRESSION OF INTEREST (EOI)**
**FOR EMPANELMENT OF AGENCIES**
**FOR COLLECTION OF FARE BOX REVENUE FROM THE CITY BUS SERVICES OPERATED BY CAPITAL REGION URBAN TRANSPORT (CRUT)**

1. Capital Region Urban Transport (CRUT) invites interested agencies for the above mentioned purpose. Please refer the EOI document for details.
2. The EOI document shall be available from **19/07/2019** onwards in following web portals: www.capitalregiontransport.in, www.bda.in & www.bmc.gov.in. **Any further intimation (i.e. Corrigendum/ Addendum/ Responses to the queries/ Clarifications) shall be uploaded in the above websites only.**
3. Applicants are required to submit duly filled Proposal as per the prescribed formats on or before **17/08/2019 by 4:00 PM**. The Proposals received shall be opened at **5:00 PM** on **17/08/2019**.
4. A pre-bid meeting shall be organised for the same on **31/07/2019 at 4:00 PM** in Conference Hall of CRUT.
5. In case of any queries/clarifications, please contact: 0674-2395155 or e-mail at crutbbsr@gmail.com
6. CRUT reserves the right to accept or reject bid process without assigning any reasons thereof.

Sd/-
Managing Director
Capital Region Urban Transport

ODISHA STATE ROAD TRANSPORT CORPORATION
(A GOVT. OF ODISHA UNDERTAKING)
PARIBAHAN BHAWAN
SACHIBALAYA MARG,P.O.-ASHOK NAGAR
CAD-208 BHUBANESWAR-751009

EXPRESSION OF INTEREST(EOI) FOR GST AUDIT
No 8190 /OSRTC/TZE(A)-33/19/DT.18.07.2019

OSRTC invites 'Expression of Interest (EOI) from Service Providers towards empanelment for supply of man power as and when required by OSRTC.

The EOI documents and further details regarding requirement of man power and terms & conditions, please visit our website: www.osrtc.in

Sd/-
F.A. & Chief Accounts Officer,
OSRTC, Bhubaneswar.

38002/11/0001/1920



**ସଦ୍ୟସମାପ୍ତ ଆଇସିସି ବିଶ୍ୱକପ୍ ସବୁ ଦୃଷ୍ଟିକୋଣରୁ ଐତିହାସିକ ସାବ୍ୟସ୍ତ ହୋଇଛି। କ୍ରିକେଟର ଜନକ କୁହାଯାଉଥିବା ଇଂଲଣ୍ଡ ପ୍ରଥମଥର ପାଇଁ ଟାଇଟଲ ଜିତିବାକୁ ସକ୍ଷମ ହୋଇଛି। ସେହିପରି ଗତଥରର ରନର୍ସଅପ୍ ନ୍ୟୁଜିଲାଣ୍ଡ ପୁଣି ଥରେ ଅଳ୍ପକେ ଫାଇନାଲରେ ପରାସ୍ତ ହୋଇଛି। ବିଶ୍ୱକପ୍‌ର ଦୃଢ଼ ଦାବିଦାର କୁହାଯାଉଥିବା ଭାରତ ଓ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ଫାଇନାଲର ରୋମାଞ୍ଚ ବିଶ୍ୱବ୍ୟାପୀ କ୍ରିକେଟପ୍ରେମୀଙ୍କୁ ବେଶ୍ ଆମୋଦିତ କରିଥିଲା।**



# ନୂଆ ଚାମ୍ପିୟନ



ନିର୍ମଳ କୁମାର ମିଶ୍ର

କ୍ରିକେଟ୍ ଜଗତକୁ ମିଳିଛି ନୂଆ ବିଶ୍ୱ ଚାମ୍ପିୟନ। ଦୀର୍ଘ ୪୪ବର୍ଷ ପରେ କ୍ରିକେଟ୍‌ର ସୃଷ୍ଟିକର୍ତ୍ତା ଇଂଲଣ୍ଡର ସ୍ୱପ୍ନ ସାର୍ଥକ ହୋଇଛି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଏକଦିବସୀୟ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣରେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଅନଲକି ନ୍ୟୁଜିଲାଣ୍ଡକୁ ଏକ ଉତ୍କଣ୍ଠାପୂର୍ଣ୍ଣ ତଥା ରୋମାଞ୍ଚକ ଫାଇନାଲ ମ୍ୟାଚରେ ହରାଇ ଚାମ୍ପିୟନ ହୋଇ ଇତିହାସ ସୃଷ୍ଟି କରିଛି। ସବୁ ଦୃଷ୍ଟିକୋଣରୁ ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ ଟାଇଟଲର ଦୃଢ଼ ଦାବିଦାର ରୂପେ ଗଣାଯାଉଥିବା ଶକ୍ତିଶାଳୀ ଇଂଲଣ୍ଡ ମ୍ୟାଚ୍ ଟାଇ, ସୁପର ଓଭର ଟାଇ ହେବା ସହିତ ତାର ଇନିଂସରେ ଅପେକ୍ଷାକୃତ ଅଧିକ ୨୬ଟି ବାଉଣ୍ଡରି ମାରିଥିବାରୁ ଚାମ୍ପିୟନ ହୋଇଛି। ଅନ୍ୟପଟେ ନ୍ୟୁଜିଲାଣ୍ଡ ପୂରା ଇନିଂସ ଅବସରରେ ୧୭ଟି ବାଉଣ୍ଡରିରେ ସୀମିତ ରହିଥିବାରୁ ଟାଇଟଲ ମୁକାବିଲାରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। କ୍ରିକେଟ୍‌ର ମକ୍କା ରୂପେ ପରିଚିତ ଲର୍ଡ୍ସ ଗ୍ରାଉଣ୍ଡରେ ଫାଇନାଲ ମ୍ୟାଚ ଦେଖୁଥିବା ଦର୍ଶକ ଏବଂ ସମଗ୍ର ବିଶ୍ୱର କ୍ରିକେଟ୍ ପ୍ରେମୀମାନେ ଏହି ରୋମାଞ୍ଚକ ମ୍ୟାଚ ଦେଖି ଆତ୍ମବିଭୋର ହୋଇଛନ୍ତି। ନାଟକୀୟ ମୁହୂର୍ତ୍ତରେ ପରିପୂର୍ଣ୍ଣ ଏହି ହାଇପ୍ରୋଫାଇଲ୍ ମ୍ୟାଚରେ ଶେଷରେ କ୍ରିକେଟ୍‌ର ବିଜୟ ହୋଇଛି। ପଏଣ୍ଟ ଟେବୁଲରେ ୩ୟ ଏବଂ ୪ର୍ଥ ସ୍ଥାନରେ ଥିବା ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବା ଆଶ୍ଚର୍ଯ୍ୟଜନକ ଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଚାମ୍ପିୟନ ହେବାର ଦୃଢ଼ଦାବିଦାର ଟିମ୍ ଇଣ୍ଡିଆ ଏବଂ ଅଷ୍ଟ୍ରେଲିଆ ଦଳ ସମାନ ଅବସ୍ଥାରେ ଫାଇନାଲ ଟିକେଟ ହାସଲ କରିବାରେ ବିଫଳ ହୋଇଥିଲେ। ଷଷ୍ଠ ଟାଇଟଲ ଲକ୍ଷ୍ୟରେ ଥିବା ଅଷ୍ଟ୍ରେଲିଆ ଏବଂ ତୃତୀୟ ଟାଇଟଲ ଲକ୍ଷ୍ୟରେ ଥିବା ଟିମ୍ ଇଣ୍ଡିଆକୁ ନିଜର ଗେମ ପ୍ଲାନ୍‌ରେ ତ୍ରୁଟି ଯୋଗୁଁ ନିରାଶ ହେବାକୁ ପଡ଼ିଛି। ଚାମ୍ପିୟନ ଇଂଲଣ୍ଡକୁ ୪୦ଲକ୍ଷ ଆମେରିକୀୟ ଡଲାର ମିଳିଥିବା ବେଳେ ରନର୍ସଅପ୍ ନ୍ୟୁଜିଲାଣ୍ଡକୁ ୨୦ଲକ୍ଷ ଡଲାର ମିଳିବା ସହିତ ମୋଟ ୧ କୋଟି ଡଲାରର ପୁରସ୍କାର ରାଶି ଆଇସିସି ଦ୍ୱାରା ପ୍ରଦାନ କରାଯାଇଛି।

ଲିଗ୍ ପର୍ଯ୍ୟାୟରୁ ଆରମ୍ଭ କରି ସେମିଫାଇନାଲ ପର୍ଯ୍ୟନ୍ତ ପଏଣ୍ଟ ଟେବୁଲରେ ନିଜର ଆଧିପତ୍ୟ ବିସ୍ତାର କରିଥିବା ୪ଟି ଦଳ ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ପରିଶେଷରେ ସେମିଫାଇନାଲ ଖେଳିଥିଲେ। ପଏଣ୍ଟ ଓ ନେଟ୍ ରନ୍‌ରେଟ୍ ଦୃଷ୍ଟିରୁ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିଲା। ପ୍ରଥମ ସେମିଫାଇନାଲରେ ଶକ୍ତିଶାଳୀ ଏବଂ ଚାମ୍ପିୟନ ହେବାର ଦୃଢ଼ ଦାବିଦାର ଭାରତକୁ ଏକ ରୋମାଞ୍ଚକର ମ୍ୟାଚରେ ହରାଇ ନ୍ୟୁଜିଲାଣ୍ଡ ଫାଇନାଲରେ ପ୍ରବେଶ କରିଥିଲା, ଫଳରେ ବିଶ୍ୱକପ୍‌ର ଆକର୍ଷଣରେ ଅବନତି ପରିଲକ୍ଷିତ ହୋଇଥିଲା। ସେହିପରି ଇଂଲଣ୍ଡ ଦଳ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିବା ଦ୍ୱାରା ସମଗ୍ର କ୍ରିକେଟ୍ ଜଗତ ଏକ ନୂତନ ଚାମ୍ପିୟନ ପାଇବାର ପଥ ପରିଷ୍କାର ହୋଇଥିଲା। ଫଳରେ ଦୁଇ ଦଳ ଫାଇନାଲରେ ଏକ ରୋମାଞ୍ଚକର ମ୍ୟାଚ ଖେଳିବା ସହିତ ସମଗ୍ର କ୍ରିକେଟ୍ ଜଗତର ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହେଲେ। ଅନଲକି ନ୍ୟୁଜିଲାଣ୍ଡ ଅଳ୍ପକେ ଟାଇଟଲ ଦୌଡ଼ରୁ ବଞ୍ଚିତ ହୋଇଥିଲେ ମଧ୍ୟ ସମଗ୍ର ବିଶ୍ୱର କ୍ରିକେଟ୍ ପ୍ରେମୀଙ୍କ ହୃଦୟ ଜିତିବାକୁ ସକ୍ଷମ ହୋଇଛି।

ଭାରତ ବିଶ୍ୱକପର ତୃତୀୟ ଥର ଚାମ୍ପିୟନ ହେବା ପାଇଁ ଦୃଢ଼ ଦାବିଦାର ରହିଥିବା ବେଳେ ଦୁର୍ବଳ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହେବାକୁ କ୍ରୀଡ଼ାପ୍ରେମୀ, ପୁରାତନ ଖେଳାଳିମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଅଭ୍ୟାସ ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହେବାର ଚାପ ସହିତ ଗ୍ରୁପ ପର୍ଯ୍ୟାୟରେ ବର୍ଷାଯୋଗୁଁ ପଏଣ୍ଟ ଭାଗ କରିବା ବେଶ ମହଙ୍ଗା ପଡ଼ିବା ସହିତ ପୁନର୍ବାର ସେମିଫାଇନାଲରେ ନ୍ୟୁଜିଲାଣ୍ଡର ଗେମ୍‌ପ୍ଲାନକୁ ଠିକ୍ ରୂପେ ବୁଝି ନ ପାରିବା ଯୋଗୁଁ ଭାରତକୁ ବହୁମୂଲ୍ୟ ଦେବାକୁ ହେଲା। ସେମିଫାଇନାଲ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁକାବିଲା। ଏହି ମ୍ୟାଚରେ ହିସାବ ଅଲଗା ଏବଂ ଚାପ ମଧ୍ୟ ଭିନ୍ନ ହୋଇଥାଏ। ଟିମ୍‌ଇଣ୍ଡିଆ ଯଦିଓ ଫାଇନାଲ ଖେଳିବାରୁ ବଞ୍ଚିତ ହେଲା ତଥାପି ଯଶପ୍ରୀତ ବୁମରାଙ୍କ ବୋଲିଂ ଏବଂ ହିଟ୍‌ମ୍ୟାନ ରୋହିତ ଶର୍ମାଙ୍କ ବ୍ୟାଟିଂ ବେଶ୍ ଆକର୍ଷଣୀୟ ତଥା ପ୍ରଶଂସନୀୟ ହୋଇଥିଲା। ବିଶ୍ୱକପରେ ଗୋଟିଏ ସଂସ୍କରଣରେ ୫ଟି ଶତକ ହାସଲ କରି ରୋହିତ ସର୍ବାଧିକ ୬୪୮ରନ୍ କରିବା ବେଶ୍ ଉଲ୍ଲେଖନୀୟ ଘଟଣା ଥିଲା। ଫାଇନାଲରେ ଇଂଲଣ୍ଡର ଷ୍ଟାର ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ମ୍ୟାନ ଅଫ୍ ଦି ମ୍ୟାଚ ହେବା ସହିତ ନ୍ୟୁଜିଲାଣ୍ଡର ଅଧିନାୟକ କେନ୍ ଉଇଲିୟମସନ୍ ୪ର୍ଥ ସର୍ବାଧିକ ସ୍କୋର ୫୭୮ ରନ୍ ସହିତ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସେହିପରି ଅଷ୍ଟ୍ରେଲିଆର ଷ୍ଟାର ବୋଲର ମିଚେଲ ଷ୍ଟାର୍କ ସର୍ବାଧିକ ୨୭ଟି ଉଇକେଟ୍ ନେଇ ସର୍ବାଗ୍ରେ ରହିଛନ୍ତି।

ଚଳିତ ବିଶ୍ୱକପ୍‌ରେ ସର୍ବାଧିକ ୪ଟି ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଏହା ଏକ ରେକର୍ଡ ସାବ୍ୟସ୍ତ ହେବା ସହିତ ପଏଣ୍ଟ ଟେବୁଲରେ ତା'ର ପ୍ରଭାବ ଦେଖିବାକୁ ମିଳିଥିଲା। ନଚେତ୍ ସେମିଫାଇନାଲ ଲାଇନ୍ ଅପ୍‌ର ରୂପରେଖ ନିଶ୍ଚିତ ଭାବେ ଅଲଗା ହୋଇଥାନ୍ତା। ଚଳିତ ବିଶ୍ୱକପ୍‌ରେ ୨ଟି ହ୍ୟାଟ୍ରିକ୍ ହୋଇଥିବା ବେଳେ ଆଫଗାନିସ୍ତାନ ବିପକ୍ଷରେ ଭାରତର ମହମ୍ମଦ ସାମି ଏବଂ ନ୍ୟୁଜିଲାଣ୍ଡ ଟ୍ରେଣ୍ଟ ବୋଲ୍ଟ ଅଷ୍ଟ୍ରେଲିଆ ବିପକ୍ଷରେ ଏହି ସଫଳତା ଅର୍ଜନ କରିଥିଲେ।

ପ୍ରଥମରୁ ଇଂଲଣ୍ଡ ଏଣ୍ଡ ୱେଲସ୍ କ୍ରିକେଟ୍ ବୋର୍ଡ (ଇସିବି) ତରଫରୁ ବିଶ୍ୱକପ୍‌ରରେ ଅଧିକାଂଶ ମ୍ୟାଚରେ ଗୋଟିଏ ଦଳ ୫୦୦ରୁ ଅଧିକ ରନ ହେବ ବୋଲି ଦାବି କରାଯାଇଥିଲା। ତେବେ କୌଣସି ମ୍ୟାଚରେ ଗୋଟିଏ ଦଳ ୫୦୦ରନ୍ ଅତିକ୍ରମ କରିବା ଦେଖାଯାଇ ନ ଥିଲା। ଟୁର୍ନାମେଣ୍ଟ ସର୍ବାଧିକ ଦଳୀୟ ସ୍କୋର ୩୯୭ ରନ୍ ରହିଥିଲା। ସେହିପରି ଇଂଲଣ୍ଡ ପିଚ୍‌ଗୁଡ଼ିକରେ ଅଭୂତପୂର୍ବ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ଅଧିକାଂଶ ପିଚ୍‌ରେ ଘାସ ନଥିବା ବେଳେ ସେଗୁଡ଼ିକ ସ୍ଲୋ ଏବଂ ଶୁଖିଲା ରହିଥିଲା। ସୁଇଙ୍ଗ୍ କଣ୍ଡିଶନ ରହିଥିବା ବେଳେ ବଲ ସୁଇଙ୍ଗ୍ କରିବାର ଆଦୌ ଦେଖାଯାଇ ନ ଥିଲା। ମ୍ୟାଚ ସମୟରେ ପିଚ୍‌ଗୁଡ଼ିକ ଶୁଖିଲା ଯୋଗୁଁ ଧୂଳି ଉଡ଼ୁଥିବାର ଲକ୍ଷ୍ୟ କରାଯାଇଥିଲା। ସମସ୍ତ ପେଶ୍ ବୋଲରମାନଙ୍କୁ ସ୍ଲୋ ବାଉନସର ବୋଲି ମନେ କରି ପ୍ରତିପକ୍ଷ ବ୍ୟାଟସମ୍ୟାନ ସମସ୍ୟାରେ ପଡ଼ିଥିଲେ।

ଏଥର ବିଶ୍ୱକପ୍‌ରେ ୨୭ ଥର ୩୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ ବିଭିନ୍ନ ଦଳ ପକ୍ଷରୁ କରାଯାଇଥିଲା। ଇଂଲଣ୍ଡ ୬ଥର ୩୦୦ରୁ ଅଧିକ ରନ୍ ଅତିକ୍ରମ କରିଛି। ଆଫଗାନିସ୍ତାନ ବିପକ୍ଷରେ ଇଂଲଣ୍ଡ ୬ ଉଇକେଟ ହରାଇ ୩୯୭ ରନ ସଂଗ୍ରହ କରିଥିଲା। ଏହା ବିଶ୍ୱକପ୍‌ର ସର୍ବୋଚ୍ଚ ଦଳୀୟ ସ୍କୋର ସାବ୍ୟସ୍ତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରନର୍ସଅପ୍ ନ୍ୟୁଜିଲାଣ୍ଡ କୌଣସି ଦଳ ବିପକ୍ଷରେ ୩୦୦ ରନ୍ କରି ନ ଥିଲା। ତେବେ ନ୍ୟୁଜିଲାଣ୍ଡର ସର୍ବାଧିକ ସ୍କୋର ୨୯୧ ରନ୍ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ରହିଛି। ଚଳିତ ବିଶ୍ୱକପ୍‌ର ୪୮ଟି ମ୍ୟାଚରେ ମୋଟ ୨୯ଟି ଶତକ ବିଭିନ୍ନ ଦଳର ଖେଳାଳିମାନଙ୍କ ଦ୍ୱାରା ଅର୍ଜନ କରାଯାଇଛି। ଅଷ୍ଟ୍ରେଲୀୟ ବିସ୍ଫୋରକ ଓପନର ଡେଭିଡ୍ ୱାର୍ନର ବାଂଲାଦେଶ ବିପକ୍ଷରେ ସର୍ବାଧିକ ୧୬୬ରନ୍‌ର ଶତକୀୟ ପାଳି ଖେଳିଥିଲେ। ଇଂଲଣ୍ଡର ଅଧିନାୟକ ଇଅନ ମୋର୍ଗାନ୍ ଗୋଟିଏ ଇନିଂସରେ ୧୭ଟି ଛକା ମାରି ୧୪୮ରନ୍ କରିବା ମଧ୍ୟ ଏକ ରେକର୍ଡ ଅଟେ। ଏଥି ସହିତ ଇଂଲଣ୍ଡ ତରଫରୁ ବିଭିନ୍ନ ବ୍ୟାଟ୍ସମ୍ୟାନ ୭ଟି ଶତକ ଚଳିତ ବିଶ୍ୱକପ୍‌ରେ ହାସଲ କରିଥିବା ବେଳେ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ୩୫୩ଟି ଛକା ବିଭିନ୍ନ ମ୍ୟାଚରେ ମରା ଯାଇଛି। ୧୦ଜଣ ବୋଲର ଗୋଟିଏ ଇନିଂସ୍‌ରେ ୫ରୁ ଊର୍ଦ୍ଧ୍ୱ ଉଇକେକେଟ୍ ନେଇଛନ୍ତି। ବିଶ୍ୱକପ୍‌ର ଅନ୍ୟଏକ ବିଶେଷତ୍ୱ ହେଲା ଯେ ବିଭିନ୍ନ ଦେଶର ଅନେକ ଷ୍ଟାର ଖେଳାଳି କ୍ରିକେଟ୍‌କୁ ଅଲବିଦା କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଦକ୍ଷିଣ ଆଫ୍ରିକାର ଇମ୍ରାନ୍ ତାହିର, ଜେପି ଡୁମିନି, ପାକିସ୍ତାନର ସୋଏବ ମଲ୍ଲିକ୍, ଶ୍ରୀଲଙ୍କାର ଲସିଥ୍ ମାଲିଙ୍ଗା ଏବଂ ବାଂଲାଦେଶର ମଶ୍ରାଫି ମୋର୍ତ୍ତାଜା। ଏପରି କି ଭାରତର ଅଭିଜ୍ଞ ଉଇକେଟ୍‌କିପର ମହେନ୍ଦ୍ର ସିଂ ଧୋନୀଙ୍କ ନାମ ମଧ୍ୟ ଏହି ତାଲିକାରେ ରହିଛି। ତେବେ ଅଦ୍ୟାବଧି ଧୋନୀ ଏ ବିଷୟରେ ନୀରବ ରହିଛନ୍ତି। ଭାରତ ସେମିରେ ପରାସ୍ତ ହୋଇ ବିଦାୟ ନେଇଥିଲେ ମଧ୍ୟ ଯଶପ୍ରୀତ୍ ବୁମରା ବୋଲିଂରେ ଏବଂ ହିଟ୍ ମ୍ୟାନ୍ ରୋହିତ ଶର୍ମା କ୍ରିକେଟ୍ ପ୍ରେମୀମାନଙ୍କ ହୃଦୟ ଜିଣିବାକୁ ସକ୍ଷମ ହୋଇଛନ୍ତି।

## ଆଇସିସି ବିଶ୍ୱକପ୍

ତାରିଖ: ୩୦ ମେ'ରୁ ୧୪ ଜୁଲାଇ
ଆୟୋଜକ: ଇଂଲଣ୍ଡ
ଚାମ୍ପିୟନ: ଇଂଲଣ୍ଡ
ରନର୍ସଅପ୍: ନ୍ୟୁଜିଲାଣ୍ଡ
ଦଳ: ୧୦
ମ୍ୟାଚ୍: ୪୮
ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ: କେନ୍ ୱିଲିୟମସନ
ମ୍ୟାନ୍ ଅଫ୍ ଦି ଫାଇନାଲ: ବେନ୍ ଷ୍ଟୋକ୍ସ
ସର୍ବାଧିକ ରନ: ରୋହିତ ଶର୍ମା (୬୪୮)
ସର୍ବାଧିକ ଉଇକେଟ: ମିଚେଲ ଷ୍ଟାର୍କ (୨୭)

## ପୁରସ୍କାର ରାଶି

(ଆମେରିକୀୟ ଡଲାର)
ଚାମ୍ପିୟନ: ୪, ୦୦୦,୦୦୦
ରନର୍ସଅପ୍: ୨,୦୦୦,୦୦୦
ସେମିରେ ହାରିଥିବା ଦଳ: ୮,୦୦,୦୦୦

# ଶିଖରରେ ସିମୋନା



ସିମୋନା ହାଲେପ ରୋମାନିଆର ପ୍ରଥମ ମହିଳା ଖେଳାଳି ଭାବେ ୱିମ୍ବେଲଡନ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ୨୭ ବର୍ଷୀୟା ହାଲେପ ଫାଇନାଲରେ ଅଭିଜ୍ଞ ଆମେରିକୀୟ ତାରକା ସେରେନା ୱିଲିୟମ୍ସଙ୍କୁ ପରାସ୍ତ କରି ବାଜି ମାରିଛନ୍ତି। ଏଥିସହିତ ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ବିଶ୍ୱ ରେକର୍ଡ ସମକକ୍ଷ ଲକ୍ଷ୍ୟରେ ଥିବା ସେରେନାଙ୍କ ଆଶା ଧୂଳିସାତ୍ ହୋଇଛି।

ରୋମାନିଆର ସାଇମୋନା ହାଲେପ ଏଥର ୱିମ୍ବେଲଡ଼ନ ଟାଇଟଲ ହାସଲ କରି ବିରଳ ସଫଳତା ହାସଲ କରିଛନ୍ତି। ବର୍ଷର ଏହି ହାଇପ୍ରୋଫାଇଲ ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବେଲଡ଼ନ ଫାଇନାଲରେ ହାଲେପ ୩୭ ବର୍ଷୀୟା ଆମେରିକାର ସେରେନା ଉଇଲିୟମ୍ସଙ୍କୁ ପରାସ୍ତ କରିଛନ୍ତି। ଏଥିସହିତ ରୋମାନିଆର ପ୍ରଥମ ମହିଳା ଖେଳାଳିଭାବେ ସେ ଏହି ଟାଇଟଲ ଅର୍ଜନ କରିଛନ୍ତି। ପୂର୍ବରୁ ସେରେନା ଏହି ଟୁର୍ନାମେଣ୍ଟରେ ୭ଥର ଟାଇଟଲ ହାସଲ କରିଥିଲେ। ସେରେନାଙ୍କୁ ଚକ୍‌ମା ଦେଇ ହାଲେପ୍ ଦ୍ୱିତୀୟଥର ପାଇଁ ଗ୍ରାଣ୍ଡସ୍ଲାମ ଟାଇଟଲ ଅର୍ଜନ କରିଛନ୍ତ। ଏହା ପୂର୍ବରୁ ଗତବର୍ଷ ସେ ଫ୍ରେଞ୍ଚ୍ ଓପନ ଟାଇଟଲ ହାସଲ କରି କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଅର୍ଜନ କରିଥିଲେ। ଫାଇନାଲରେ ସେରେନାଙ୍କୁ ମାତ୍ର ୫୬ ମିନିଟ୍‌ରେ ୬-୨,୬-୨ ସିଧାସଳଖ ସେଟ୍‌ରେ ହରାଇ ବାଜି ମାରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ କରି ଟାଇଟଲ ଜିତିଥିବାରୁ ହାଲେପଙ୍କୁ ରୋମାନିଆର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କୁ 'ଷ୍ଟାର ଅଫ୍ ରୋମାନିଆ' ପ୍ରଦାନ କରାଯାଇଥିବା ବେଳେ ଅର୍ଥୋଡକ୍ସ ଚର୍ଚ୍ଚ ତାଙ୍କୁ ପାଟ୍ରିଆର୍ଚିଆଲ କ୍ରସ୍ ପ୍ରଦାନ କରିଛି।

ସେରେନା ଫାଇନାଲ ମ୍ୟାଚ୍ ଜିତିଥିଲେ ବିଶ୍ୱରେକର୍ଡର ସମକକ୍ଷ ହୋଇଥାନ୍ତେ। ସଫଳ ହୋଇଥିଲେ ୩୭ ବର୍ଷୀୟା ସେରେନା ଅଷ୍ଟ୍ରେଲିଆର କିମ୍ବଦନ୍ତୀ ମହିଳା ଖେଳାଳି ମାର୍ଗାରେଟ କୋର୍ଟଙ୍କ ସର୍ବକାଳୀନ ରେକର୍ଡ ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟ ହାସଲ ରେକର୍ଡର ସମକକ୍ଷ ହୋଇଥାନ୍ତେ।

ରୋମାନିଆର ଅନ୍ୟତମ ପୁରାତନ ତଥା ଐତିହାସିକ ସହର କଷ୍ଟାନା ବା ଟୋମିସ୍ ସହରରେ ହାଲେପ ଜନ୍ମଗ୍ରହଣ କରିଥିଲେ। ମାତ୍ର ୪ବର୍ଷରୁ ସେ ଟେନିସ ଖେଳିବା ଆରମ୍ଭ କରିଥିଲେ। ୬ବର୍ଷରେ ସେ ସବୁଦିନ ଅଭ୍ୟାସ କରୁଥିଲେ। ଟେନିସ କ୍ୟାରିୟରକୁ ଆଗକୁ ବଢ଼ାଇବା ପାଇଁ ସେ ବୁକାରେଷ୍ଟକୁ ସ୍ଥାନାନ୍ତର ହୋଇଥିଲେ। ବେଲଜିୟମର ଜଷ୍ଟିନ୍ ହେନିନ୍ ଓ ରୋମାନିଆର ପୂର୍ବତନ ଟେନିସ ଖେଳାଳି ଅଣ୍ଡ୍ରେଇ ପାଭେଲଙ୍କୁ ସେ ତାଙ୍କର ଆଦର୍ଶ ଖେଳାଳି ରୂପେ ବିବେଚନା କରନ୍ତି। ୫ ଫୁଟ ୬ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ହାଲେପ ଡାହାଣ ହାତରେ ମୁଖ୍ୟତଃ ଟେନିସ ଖେଳିଥାନ୍ତି। ତେବେ ବ୍ୟାକ୍‌ହ୍ୟାଣ୍ଡ ଶଟ୍ ଖେଳିବା ବେଳେ ସେ ଦୁଇହାତରେ ଶଟ୍ ଖେଳିଥାନ୍ତି। ସିଙ୍ଗଲ୍ସ କ୍ୟାରିୟରରେ ତାଙ୍କର ସଫଳତା ହାର ୭୦.୧ ପ୍ରତିଶତ ରହିଛି। ୪୮୬ଟି ସିଙ୍ଗଲ୍ସ ମ୍ୟାଚ୍ ଜିତିଥିବା ବେଳେ ୨୦୭ଟି ମ୍ୟାଚ୍‌ରେ ସେ ପରାଜୟ ବରଣ କରିଛନ୍ତି। କ୍ୟାରିୟରରେ ସେ ମୋଟ ଉପରେ ୧୯ଟି ଡବ୍ଲ୍ୟୁଟିଏ ଟାଇଟଲ ଅର୍ଜନ କରିଛନ୍ତି। ସେହିପରି ସେ ୬ଟି ଆଇଟିଏଫ୍ ଟାଇଟଲ ମଧ୍ୟ ଜିତିଛନ୍ତି। ବର୍ତ୍ତମାନ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ରେ ହାଲେପ ୪ ନମ୍ବର ସ୍ଥାନରେ ରହିଛନ୍ତି। ତେବେ ୨୦୧୭ ଅକ୍ଟୋବର ୯ ତାରିଖରେ ସେ ନଂ ୧ ସ୍ଥାନ ହାସଲ କରିଥିଲେ। ଗ୍ରାଣ୍ଡସ୍ଲାମରେ ତାଙ୍କର ପ୍ରଦର୍ଶନ ସେତେଟା ଉତ୍ସାହଜନକ ନ ଥିଲେ ମଧ୍ୟ ସେ ୱିମ୍ବେଲଡ଼ନ ସହ ଗତ ବର୍ଷ ଫ୍ରେଞ୍ଚ୍ ଓପନ୍ ଟାଇଟଲ ଜିତିଥିଲେ। ସେହିପରି ୨୦୧୮ ଅଷ୍ଟ୍ରେଲିଆନ୍ ଓପନ୍‌ର ଫାଇନାଲରେ ପ୍ରବେଶ କରିଥିଲେ। ଏହାପୂର୍ବରୁ ସେ ୨୦୧୫ରେ ବର୍ଷର ଅନ୍ତିମ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ।

ଡବଲ୍ସରେ ତାଙ୍କର ସଫଳତା ହାର ୫୦ ପ୍ରତିଶତ ରହିଛି। ସେ ଗୋଟିଏ ଡବ୍ଲ୍ୟୁଟିଏ ଡବଲ୍ସ ଟାଇଟଲ ଜିତିଥିବା ବେଳେ ୪ଟି ଆଇଟିଏଫ୍ ଟାଇଟଲ ମଧ୍ୟ ହାସଲ କରିଛନ୍ତି। ଗ୍ରାଣ୍ଡସ୍ଲାମ ମହିଳା ଡବଲ୍ସରେ ଅବଶ୍ୟ ସେ ସେତେଟା ସଫଳତା ହାସଲ କରିପାରି ନାହାନ୍ତି। ୨୦୧୫ରେ ୟୁଏସ୍ ଓପନ ମିକ୍ସଡ ଡବଲ୍ସରେ ସେ କ୍ୱାଟର୍ର ଫାଇନାଲରେ ପ୍ରବେଶ କରିଥିଲେ। ୨୦୧୪-୧୫ରେ ହାଲେପ ଡବ୍ଲ୍ୟୁଟିଏ ମୋଷ୍ଟ ପପୁଲାର ଅଫ୍ ଦି ଇୟର ପୁରସ୍କାର ହାସଲ କରିଥିଲେ। ୨୦୧୭, ୨୦୧୮ରେ ସେ ଡବ୍ଲ୍ୟୁଟିଏ ଫ୍ୟାନ ଫେଭରାଇଟ ସିଙ୍ଗଲ୍ସ ପ୍ଲେୟାର ବିବେଚିତ ହୋଇଥିଲେ। ସେହିପରି ୨୦୧୮ରେ ସେ ଡବ୍ଲ୍ୟୁଟିଏ ପ୍ଲେୟାର ଅଫ୍ ଦି ଇୟର ଭାବେ ପୁରସ୍କୃତ ହୋଇଥିଲେ। ରୋମାନିଆର ତୃତୀୟ ମହିଳା ଖେଳାଳି ଭାବେ ସେ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ର ଟପ୍ ୧୦ରେ ପ୍ରବେଶ କରିଥିଲେ। ସେ ମଧ୍ୟ ଇଏସ୍‌ପିଏନ୍‌ର ମୋଷ୍ଟ ଡୋମିନାଣ୍ଟ ଟେନିସ ଖେଳାଳି ଭାବେ ବିବେଚିତ ହୋଇଥିଲେ। ହାଲେପଙ୍କ ପିତା ଜଣେ ଲିଗ୍ ସ୍ତରୀୟ ଫୁଟବଲ ଖେଳାଳିଥିଲେ। ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସେ ଜଣେ ବଡ଼ ପ୍ରଶଂସିକା।

## ସଂକ୍ଷେପରେ......

ଦେଶ: ରୋମାନିଆ
ଜନ୍ମ: ୨୭ ସେପ୍ଟେମ୍ବର ୧୯୯୧
ବୟସ: ୨୭
କୋଚ୍: ଡାରେନ କାହିଲ (୨୦୧୬-୨୦୧୮), ଡାନିଏଲ ଡୋବ୍ରେ (୨୦୧୯)
ଉଚ୍ଚତା: ୫ ଫୁଟ ୬ ଇଞ୍ଚ୍
ଏବେକାର ର୍‍ୟାଙ୍କିଙ୍ଗ: ନମ୍ବର ୪
ଉଚ୍ଚତମ ର୍‍ୟାଙ୍କିଙ୍ଗ୍: ନଂ ୧ (୯ ଅକ୍ଟୋବର, ୨୦୧୭)
ଫ୍ରେଞ୍ଚ୍ ଓପନ ଚାମ୍ପିୟନ: ୨୦୧୮
ୱିମ୍ବେଲଡ଼ନ ଚାମ୍ପିୟନ: ୨୦୧୯
ସିଙ୍ଗଲ୍ସ ଟାଇଟଲ: ୧୯ ଡବ୍ଲ୍ୟୁଟିଏ, ୬ ଆଇଟିଏଫ୍

## ପ୍ରଥମ

ନ୍ୟୁଜିଲାଣ୍ଡକୁ ଭଣ୍ଡେଇ ଇଂଲଣ୍ଡ
ମୁଣ୍ଡକୁ ପକାଇ ମୁଣ୍ଡ
ଚୌରାଳିଶ ବର୍ଷ ପରେ ୱାର୍ଲ୍ଡକପ୍
କ୍ରିକେଟରେ ହେଲା ଷଣ୍ଢ
ବିରାଟ ବାହିନୀ ଭାଣ୍ଡ
ସେମିରେ ଟୁ ଫର୍ଟି କରିପାରିଲାନି
ତମ୍ପ ହୋଇ ହେଲା ଧଣ୍ଡ।।।୧

ବିଶ୍ୱକପ୍ ଫାଇନାଲରେ ପ୍ରଥମ
ସୁପର ଓଭର ଏଇ
ୱାର୍ଲ୍ଡକପ୍ କ୍ରିକେଟ ଇତିହାସରେ ଏ
ଫାଇନାଲ ମ୍ୟାଚ୍ ଟାଇ
ଫାଷ୍ଟଥର ପୁଣି ସୁପର ଓଭର
ଟାଇ ଲେଖିରଖ ଭାଇ
ୱିଲିୟମସନ ଶୋଇ
କହେ ଭାଗ୍ୟସାଥ ଦେଉନି ହାରୁଛୁ
ଫାଇନାଲ ଦି' ଥର ଯାଇ।।।୨



ୱିନରକୁ ଟ୍ରଫି ସହ କ୍ୟାଶମନି
ସାଢ଼େ ଅଠେଇଶ କୋଟି
ରନର୍ସଅପ୍‌କୁ ଅଧା ଏ ଟଙ୍କାର
ଗିଫ୍ଟ ପୁଣି ପେଟିପେଟି
ସୁନା ପାଲଟିଲା ମାଟି
ଯୁଦ୍ଧ ବେଳେ ଟିମ୍ ଶୌଚାଳୟ ଯାଏ
ଲିଷ୍ଟ ରହିଅଛି ବେଟି।।।୩
–ସୁବାସ ଚନ୍ଦ୍ର ପ୍ରଧାନ

स्ମାର୍ଟଫୋନ ଇନ୍‌ଷ୍ଟଲେଶନ କ୍ଷେତ୍ରରେ ଏଣ୍ଟରଟେନମେଣ୍ଟ ଆପ୍ ଭାବେ ହଟ୍‌ଷ୍ଟାର ୪୯ ବଜାର ଅଂଶ ସହ ସର୍ବାଗ୍ରେ ରହିଛି।
-ଫୈଜଲ କାଉସା, ଟେକ୍‌ଏଆର୍‌ସି ପ୍ରତିଷ୍ଠାତା



ନୂଆ ଡାଇରେକ୍ଟ ଟ୍ୟାକ୍ସ କୋଡ୍ ନେଇ ଗଠିତ ଟାସ୍କଫୋର୍ସ ଚଳିତ ମାସ ସୁଦ୍ଧା ସେମାନଙ୍କର ରିପୋର୍ଟ ଦେବ।
-ନିର୍ମଳା ସୀତାରାମନ୍, କେନ୍ଦ୍ର ଅର୍ଥମନ୍ତ୍ରୀ



## ସଂକ୍ଷେପରେ

### ପାର୍ଲାମେଣ୍ଟରେ ଉପସ୍ଥାପନ ହେବ ଆଇବିସି ସଂଶୋଧନ ବିଲ୍

ନୂଆଦିଲ୍ଲୀ,୧୮-୭: କେନ୍ଦ୍ର ସରକାର ସୋମବାର ପାର୍ଲାମେଣ୍ଟରେ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ ସଂଶୋଧନ ବିଲ୍ ଉପସ୍ଥାପନ କରିବେ ବୋଲି କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ପ୍ରକାଶ କରାଯାଇଛି। ବିଲ୍‌ରେ ହୋଇଥିବା ସଂଶୋଧନ ବର୍ତ୍ତମାନ ଚାଲୁଥିବା ସମସ୍ତ ଆଇବିସି ମାମଲାରେ କାର୍ଯ୍ୟକାରୀ ହେବ। ସେହିପରି ବିଚାରାଧୀନ ଥିବା ସମସ୍ତ ମାମଲାରେ ମଧ ସଂଶୋଧନ ଲାଗୁ ହେବ। ଆଇବିସି ବିଲ୍‌ର ୭ ଧାରାରେ ୮ ସଂଶୋଧନ କରାଯାଇଛି। ଏହି ସଂଶୋଧନ ଯୋଗୁ ଏକାଧିକ ଋଣ ପ୍ରଦାନକାରୀ ଥିବା ଅବସ୍ଥାରେ ଭୋଟିଂରେ ଦେଖାଦେଉଥିବା ବାଧା ଦୂର ହେବ। ବୁଧବାର କେନ୍ଦ୍ର କ୍ୟାବିନେଟ ଆଇବିସି ସଂଶୋଧନ ବିଲ୍‌କୁ ଅନୁମୋଦନ କରିଥିଲେ।

### ଭାରତର ଜିଡିପି ଅନୁମାନ ୭%କୁ ହ୍ରାସ କଲା ଏଡିବି

ନୂଆଦିଲ୍ଲୀ,୧୮-୭: ଏସିଆନ ଡେଭଲପ୍‌ମେଣ୍ଟ ବ୍ୟାଙ୍କ(ଏଡିବି) ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ଅଭିବୃଦ୍ଧି ହାର ଅନୁମାନକୁ ୭.୨ରୁ ୭%କୁ ହ୍ରାସ କରିଛି। ଗୁରୁବାର ଏଡିବି ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଛି ଯେ, ବିକଶିତ ଦେଶଗୁଡ଼ିକର ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଇବା କାରଣରୁ ଭାରତର ଜିଡିପି ଅନୁମାନ କମାଯାଉଛି। ଏହାସତ୍ତ୍ୱେ ଭାରତ ବିଶ୍ୱର ସର୍ବାଧିକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବେ ଆଗେଇ ଯିବ ବୋଲି ଏଡିବି କହିଛି। ଅର୍ଥନୀତି ଅଭିବୃଦ୍ଧି କ୍ଷେତ୍ରରେ ଏହା ଚାଇନାଠାରୁ ଆଗରେ ରହିବ।

### ଭାରତନେଟ୍ ପ୍ରକଳ୍ପକୁ ୨୦,୪୩୧ କୋଟି

ନୂଆଦିଲ୍ଲୀ,୧୮-୭: କେନ୍ଦ୍ର ସରକାର ଭାରତନେଟ୍ ପ୍ରକଳ୍ପ ଲାଗି ଅଦ୍ୟାବଧି ୨୦,୪୩୧ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ଏହି ଅର୍ଥ ବ୍ୟୟ କରି ଦେଶର ୨.୫ ଲକ୍ଷ ଗ୍ରାମ ପଞ୍ଚାୟତକୁ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ ନେଟ୍‌ୱାର୍କ ସହ ଯୋଡାଯିବ ବୋଲି ସରକାର ପ୍ରକାଶ କରିଛନ୍ତି। ଟେଲିକମ୍ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଗୁରୁବାର ରାଜ୍ୟ ସଭାରେ ଏକ ଲିଖିତ ଜବାବରେ କହିଛନ୍ତି ଯେ, ଦୁଇଟି ପର୍ଯ୍ୟାୟର ଭାରତନେଟ୍ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ମୋଟ ୪୫ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପ୍ରକଳ୍ପ ଅଧୀନରେ ଦେଶର ୨.୫ ଲକ୍ଷ ଗ୍ରାମ ପଞ୍ଚାୟତକୁ ୱାଇ-ଫାଇ ଅଥବା ଅନ୍ୟ କୌଣସି ଉଚିତ୍ ବ୍ରଡବ୍ରାଣ୍ଡ ଟେକ୍ନୋଲୋଜି,ଇଣ୍ଟରନେଟ ସେବା ସହ ଯୋଡାଯିବ।

### ଡିଜିଟାଲ ଟ୍ରାଞ୍ଜାକ୍‌ଶନ ୫୧% ବୃଦ୍ଧି

ନୂଆଦିଲ୍ଲୀ,୧୮-୭: ଦେଶରେ ଡିଜିଟାଲ ଟ୍ରାଞ୍ଜାକ୍‌ଶନ ୨୦୧୮-୧୯ରେ ୫୧% ବୃଦ୍ଧି ପାଇ ୩,୧୩୩.୫୮ କୋଟି ଟଙ୍କାରେ ପହଞ୍ଚିଛି ବୋଲି ସରକାର ଗୁରୁବାର ପାର୍ଲାମେଣ୍ଟରେ ପ୍ରକାଶ କରିଛନ୍ତି। ରାଜ୍ୟ ସଭାରେ ବିଭିନ୍ନ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷର ପ୍ରଥମ ମାସରେ ଡିଜିଟାଲ ଟ୍ରାଞ୍ଜାକ୍‌ଶନ ପ୍ରାୟ ୩୧୩ କୋଟି ଟଙ୍କାରେ ଛୁଇଁଛି। ତେବେ ବିକଳ୍ପ ଦେୟ ପ୍ରଦାନ ନେଇ ଶିକ୍ଷା ପ୍ରତିଷ୍ଠାନ ତଥା ପଲିସି ଇନ୍‌ଷ୍ଟିଚ୍ୟୁଶନ ସହ ସରକାରଙ୍କ କୌଣସି ପ୍ରକାର ସହଯୋଗ ହେବାର ସମ୍ଭାବନା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ବନ୍ଦ ହୋଇଯିବ ଗରିବ ରଥ ଏକ୍ସପ୍ରେସ

ନୂଆଦିଲ୍ଲୀ,୧୮-୭



**ଶସ୍ତାରେ ଏସି ଟ୍ରେନ ଯାତ୍ରା ସୁବିଧା ଶେଷ**
- ଗରିବ ରଥ ସ୍ଥାନରେ ଗଡ଼ିବ ସୁପରଫାଷ୍ଟ ଏକ୍ସପ୍ରେସ
- ଟ୍ରେନରେ ୧୨ ସ୍ଥାନରେ ୧୬ ଡବା ଲାଗିବ
- ଭଡ଼ା ବଢ଼ିଲା
- ଏସି ସହ ସ୍ଲିପର, ସାଧାରଣ ବଗି ରହିବ
- ରକ୍ଷଣାବେକ୍ଷଣ ଖର୍ଚ୍ଚ ଅଧିକ ଯୋଗୁ କ୍ଷତି ବୃଦ୍ଧି
- ଏବେ ଚାଲୁଛି ୨୬ ଯୋଡା ଟ୍ରେନ
- ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ

ଗରିବଙ୍କୁ ଶସ୍ତାରେ ଏସି ଟ୍ରେନରେ ଯାତ୍ରା କରିବାର ଆନନ୍ଦ ଦେବା ଲାଗି ତତ୍କାଳୀନ ରେଳମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ପକ୍ଷରୁ ଗରିବ ରଥ ଏକ୍ସପ୍ରେସ୍‌କୁ ଆରମ୍ଭ କରାଯାଇଥିଲା। ବର୍ତ୍ତମାନର ଏନ୍‌ଡିଏ ୨.୦ ସରକାର ଏହାକୁ ବନ୍ଦ କରିଦେବେ। ପ୍ରଥମ ପଦକ୍ଷେପ ସ୍ୱରୂପ ୨ଟି ଟ୍ରେନ୍‌କୁ ସୁପରଫାଷ୍ଟ ଟ୍ରେନରେ ପରିବର୍ତ୍ତନ କରାଯାଇସାରିଲାଣି।

ପୂର୍ବତନ ରେଳମନ୍ତ୍ରୀ ଲାଲୁ ଯାଦବଙ୍କ ଦ୍ୱାରା ୨୦୦୬ରେ ଆରମ୍ଭ କରାଯାଇଥିବା ଗରିବ ରଥ ଏକ୍ସପ୍ରେସ୍‌କୁ ବନ୍ଦ କରିବା ଲକ୍ଷ୍ୟରେ ରେଳ ମନ୍ତ୍ରଣାଳୟ କାଠଗୋଦାମ-ଜମ୍ମୁତ ୱି ଏବଂ କାଠଗୋଦାମ-କାନପୁର ସେଣ୍ଟ୍ରାଲ ଗରିବରଥ ଏକ୍ସପ୍ରେସକୁ ଚଳିତ ମାସ ୧୬ରୁ ବଦଳାଇଦେଇଛି। ଅର୍ଥାତ ଏହି ରୁଟ୍‌ରେ ଗରିବ ରଥର ଶସ୍ତା ଯାତ୍ରା ବନ୍ଦ ହୋଇଯାଇଛି। ଏବେ ମେଲ୍ ଅଥବା ଏକ୍ସପ୍ରେସ ଟ୍ରେନ ଚଳାଚଳ ଏହି ରୁଟ୍‌ରେ ଆରମ୍ଭ ହୋଇଛି । ଗରିବ ରଥ ଏକ୍ସପ୍ରେସରେ ପୂର୍ବରୁ ୧୨ ଡବା(ସମସ୍ତ ଏସି) ଥିଲା ବେଳେ ଏବେ ନୂଆ ସୁପରଫାଷ୍ଟ ଟ୍ରେନରେ ୧୬ ଡବା ଲଗାଯାଇଛି। ନୂଆ ବ୍ୟବସ୍ଥାରେ ଗୋଟିଏ ବର୍ଗଙ୍କୁ ସୁବିଧା ମିଳିବାକୁ ଯାଉଥିବା ବେଳେ ଅନ୍ୟ ଏକ ବର୍ଗ ସମ୍ପୂର୍ଣ୍ଣ ଏସି ସୁବିଧା ହରାଇବାକୁ ଯାଉଛନ୍ତି। ଏଥିରେ ଜେନେରାଲ, ସ୍ଲିପର ଓ ଏସି କୋଚ୍ ରହିଛି। ଏଥିସହିତ ରେଳ ମନ୍ତ୍ରଣାଳୟ ଟ୍ରେନ ଭଡା ମଧ ବଢ଼ାଇ ଦେଇଛନ୍ତି। ପୂର୍ବରୁ କାଠଗୋଦାମ-ଜମ୍ମୁତ ୱି ଗରିବ ରଥରେ ଏସି କୋଚ୍ ଭଡା ୭୫୫ ଟଙ୍କା ଥିଲା, ଯାହା ଏବେ ସୁପରଫାଷ୍ଟ ହେବା କାରଣରୁ ୧୦୭୦ ଟଙ୍କାକୁ ବୃଦ୍ଧିପାଇଛି। ଏହି ଟ୍ରେନର ସ୍ଲିପର କୋଚ୍‌ର ଭଡା ୩୯୦ ଟଙ୍କା ରଖାଯାଇଛି। ସେହିପରି କାଠଗୋଦାମ-କାନପୁର ଗରିବ ରଥର ଏସି ଭଡାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହା ୬୭୫ ଟଙ୍କାରେ ଅପରିବର୍ତ୍ତିତ ରହିଛି। ଏହାର ସ୍ଲିପର କୋଚ୍ ଭଡ଼ା ୨୫୦ ଟଙ୍କା ଧାର୍ଯ୍ୟ ହୋଇଛି। ଗରିବ ରଥର ଡବା ନିର୍ମାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଅର୍ଥାତ୍ ବର୍ତ୍ତମାନ ଚାଲୁଥିବା ସମସ୍ତ ଡବା ପ୍ରାୟ ୧୩ରୁ ୧୪ ବର୍ଷ ପୁରୁଣା। ପୁରୁଣା ଡବାଗୁଡ଼ିକର ରକ୍ଷଣାବେକ୍ଷଣ ଖର୍ଚ୍ଚ ଅଧିକ ହେଉଥିବାରୁ ରେଳୱେ ଦୈନନ୍ଦିନ କ୍ଷତି ବଢ଼ିବାରେ ଲାଗିଛି। ଏଣୁ ଏହି ବଗି ସ୍ଥାନରେ ଏବେ ନୂଆ ତଥା ଅତ୍ୟାଧୁନିକ ଡବା ନିର୍ମାଣ ହେଉଛି। ଏହି କାରଣରୁ ଗରିବ ରଥର ଡବାଗୁଡ଼ିକୁ ଏବେ ମେଲ୍ ଅଥବା ଏକ୍ସପ୍ରେସ୍‌ରେ ବଦଳାଯାଉଛି। ଏହି କାର୍ଯ୍ୟ ଇତିମଧ୍ୟରେ ଆରମ୍ଭ ହୋଇଗଲାଣି। ଦେଶରେ ଏବେ ପ୍ରାୟ ୨୬ ଯୋଡା ଗରିବ ରଥ ଏକ୍ସପ୍ରେସ ଟ୍ରେନ ଚାଲୁଛି। ଯାହାକୁ ପର୍ଯ୍ୟାୟକ୍ରମେ ବନ୍ଦ କରିଦିଆଯିବ ଏବଂ ଏହା ସ୍ଥାନରେ ସୁପରଫାଷ୍ଟ ଟ୍ରେନ ଚାଲିବ। ଲାଲୁ ଯାଦବଙ୍କ ଦ୍ୱାରା ଗରିବ ରଥ ପ୍ରଚଳନ ନେଇ ଘୋଷଣା ହେବା ପରେ ମଧ୍ୟବିତ୍ତ ଶ୍ରେଣୀ ଏହାକୁ ସ୍ୱାଗତ କରିଥିଲେ। କାରଣ ଅଳ୍ପ ଭଡାରେ ଏସି ଟ୍ରେନରେ ଯାତ୍ରା କରିବାର ସ୍ୱପ୍ନ ସେତେବେଳେ ସାକାର ହୋଇଥିଲା। ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ ପ୍ରଚଳନ ଯୋଗୁ ଏଣିକି ମଧ୍ୟବିତ୍ତଙ୍କୁ ଅଧିକ ଭଡା ଗଣିବାକୁ ହେବ। ଗରିବ ରଥ ସର୍ବାଧିକ ୧୪୦କିମି ବେଗରେ ଗତି କରିବାରେ ସକ୍ଷମ ଥିଲାବେଳେ ଏହାର ସମସ୍ତ ଡବା ଥାର୍ଡ ଏସିଯୁକ୍ତ ଥିଲା। କିନ୍ତୁ ଏହାର ଭଡା ସାମାନ୍ୟ ଥାର୍ଡ ଏସିଯୁକ୍ତ ଟ୍ରେନ ତୁଳନାରେ ୪୦ ପ୍ରତିଶତ କମ ରହିଛି। ଉଦାହରଣ ସ୍ୱରୂପ ଆନନ୍ଦବିହାର ଠାରୁ ପାଟନା ଜଙ୍କ୍‌ଶନ ଗରିବ ରଥ ଟ୍ରେନର ଭଡା ପ୍ରାୟ ୯୦୦ ଟଙ୍କା ହୋଇଥିବା ବେଳେ ଏହି ରୁଟ୍‌ରେ ମେଲ୍ ଏକ୍ସପ୍ରେସ୍ ଟ୍ରେନର ଏସି-୩ କ୍ଲାସ୍‌ର ଭଡା ୧୩୦୦ ଟଙ୍କା ରହିଛି। ଅର୍ଥାତ୍ ପ୍ରାୟ ୪୦୦ ଟଙ୍କା ଫରକ ରହିଛି। ଯାତ୍ରୀଙ୍କୁ ଖାଦ୍ୟପେୟ ଓ ବେଡ୍ ରୋଲ୍ ଲାଗି ସ୍ୱତନ୍ତ୍ର ଭାବେ ଅର୍ଥ ପ୍ରଦାନ କରିବାକୁ ପଡୁଛି। ଗୋଟିଏ ବେଡ୍ ରୋଲ ପାଇଁ ଯାତ୍ରୀଙ୍କ ଠାରୁ ୨୫ ଟଙ୍କା ଆଦାୟ କରାଯାଉଛି। ଏଥିରେ ଗୋଟିଏ ତକିଆ, ଗୋଟିଏ କମ୍ବଳ ଓ ଦୁଇଟି ଚାଦର ଦିଆଯାଉଛି। ପ୍ରଥମ ଗରିବ ରଥ ଏକ୍ସପ୍ରେସ ଟ୍ରେନ ସହର୍ସା-ଅମୃତସର ମଧ୍ୟରେ ଚାଲିଥିଲା। ଏହାକୁ ୨୦୦୬ ଅକ୍ଟୋବର ୫ରେ ତତ୍କାଳୀନ ରେଳମନ୍ତ୍ରୀ ଲାଲୁ ଯାଦବ ପ୍ରଚଳନ କରିଥିଲେ।

# ବଜାଜର ନୂଆ ପ୍ଲାଟିନା, ସିଟି ୧୧୦



ଭୁବନେଶ୍ୱର, ୧୮-୭

ବଜାଜ ଅଟୋ ପକ୍ଷରୁ ନୂଆ ପ୍ଲାଟିନା ୧୧୦ ଏଚ୍-ଗିୟର ଏବଂ ସିଟି ୧୧୦ ମଡେଲ ବଜାରକୁ ଆସିଛି। ହାଇୱେ ରାଇଡିଂକୁ ନଜରରେ ରଖି ନୂଆ ପ୍ଲାଟିନାକୁ ପ୍ରସ୍ତୁତ କରାଯାଇଛି। ଏଥିରେ ଡିଜିଟାଲ କନସୋଲ ଏବଂ ଗିୟରସିଫ୍ଟ ଗାଇଡ ସ୍ଥାନିତ ହୋଇଛି। ସେହିଭଳି ଗ୍ରାହକମାନେ ଆଣ୍ଟି ସ୍କିଡ ବ୍ରେକିଂ ସିଷ୍ଟମ, କମ୍ଫରଟେକ ଟେକ୍ନୋଲୋଜି, ନାଇଟ୍ରକ୍ସ ଏସ୍‌ଓଏସ୍ ସସ୍‌ପେନ୍‌ଶନ, ବ୍ରଡର ରବର ଫୁଟପ୍ୟାଡ୍, ଲମ୍ବା ସିଟ୍,ଟ୍ୟୁବଲେସ ଟାୟାର, ୩ଡି ଲୋଗୋ, ନୂଆ ଡେକାଲ ଭଳି ଅନ୍ୟ ଫିଚର ପାଇପାରିବେ। ଏହାର ଡ୍ରମ ଭାରିଆଣ୍ଟ ବଜାର ଦର ୫୩,୩୭୬ ଟଙ୍କା ଏବଂ ଡିସ୍କ ଭାରିଆଣ୍ଟ ବଜାର ଦର ୫୫,୩୭୩ ଟଙ୍କା ରହିଛି। ଇବୋନି ବ୍ଲାକ ସହ ବ୍ଲୁଡେକାଲ , ଇବୋନି ବ୍ଲାକ ସହ ରୟାଲ ବରଗଣ୍ଡି ଡେକାଲ ଏବଂ କକଟେଲ ୱାଇନ ରେଡ ରଙ୍ଗରେ ଆସୁଛି। ଏହି ମଡେଲଟିରେ ଗ୍ରାହକ ଆରାମ, ମାଇଲେଜ, ପିକଅପ୍ ଏବଂ ଷ୍ଟାଇଲ ପାଇପାରିବେ ବୋଲି କମ୍ପାନୀର ମୋଟର ସାଇକେଲ ବାଣିଜ୍ୟ ସଭାପତି ସାରଙ୍ଗ କନାଦେ କହିଛନ୍ତି।

ସେହିଭଳି ନୂଆ ସିଟି ୧୧୦ ଏଣ୍ଟ୍ରି ଲେଭଲ ମୋଟର ସାଇକେଲ କ୍ଷେତ୍ରରେ ବେଷ୍ଟ ଭାଲ୍ୟୁ ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାର ଏକ୍ସ ଶୋ'ରୁମ୍ ଦିଲ୍ଲୀ ମୂଲ୍ୟ ୩୭,୯୯୭ ଟଙ୍କା ରହିଛି। ଏଥିରେ ୧୧୫ ସିସି ଡିଟିଏସ୍‌ଆଇ ଇଞ୍ଜିନ, ଉନ୍ନତ ମାଇଲେଜ, ଉନ୍ନତ ଗ୍ରାଉଣ୍ଡ କ୍ଲିୟରାନ୍ସ, ଦୃଢ କ୍ରାସ୍ ଗାର୍ଡ ସହ ଉନ୍ନତ ବୈଶିଷ୍ଟ୍ୟ ରହିଛି। ଏହାର କିକ୍ ଷ୍ଟାର୍ଟ ଭାରିଆଣ୍ଟ ମୂଲ୍ୟ ୩୭,୯୯୭ ଟଙ୍କା ହୋଇଥିବା ବେଳେ ଇଲେକଟ୍ରିକ ଷ୍ଟାର୍ଟ ବଜାର ଦର ୪୪,୪୮୦ ଟଙ୍କା ରହିଛି। ମେଟ ଅଲିଭ୍ ଗ୍ରୀନ ସହ ହଳଦୀ ରଙ୍ଗର ଡେକାଲ୍ସ, ଗ୍ଲସି ଇବୋନି ବ୍ଲାସ ସହ ନୀଳ ଡେକାଲ୍ସ, ଗ୍ଲସ୍ ଫ୍ଲେମ ରେଡ୍ ସହ ବ୍ରାଇଟ ରେଡ ଡେକାଲ୍ସ ରଙ୍ଗରେ ଏହା ଆସୁଛି। ଗ୍ରାହକ ଏହି ମଡେଲରେ ଗୁଣବତ୍ତା ସହ ଶକ୍ତି,ମାଇଲେଜ ଏବଂ ଆକର୍ଷଣୀୟ ମୂଲ୍ୟ ଲାଭ କରିପାରିବେ ବୋଲି କନାଦେ କହିଛନ୍ତି।

## ରେଲୱେ ବୋର୍ଡରେ ଯୋଗଦେଲେ ପୂର୍ଣ୍ଣେନ୍ଦୁ ମିଶ୍ର

ଭୁବନେଶ୍ୱର, ୧୮-୭ (ବ୍ୟୁରୋ)



ରେଲୱେ ବୋର୍ଡ ଯାତାୟାତ ସଦସ୍ୟ (ମେମ୍ବର ଟ୍ରାଫିକ) ଭାବେ ପୂର୍ଣ୍ଣେନ୍ଦୁ ମିଶ୍ର ଯୋଗ ଦେଇଛନ୍ତି। ସେ ଭୁବନେଶ୍ୱର ବାସିନ୍ଦା ଅଟନ୍ତି। ଏହା ପୂର୍ବରୁ ସେ କଲିକତାଠାରେ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ ଏବଂ ସ୍ୱଳ୍ପ ସମୟ ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଛନ୍ତି । ୧୯୮୨ ମସିହାରେ ସେ ଭାରତୀୟ ରେଳବାଇ ଟ୍ରାଫିକ ସେବାରେ ଯୋଗ ଦେଇଥିଲେ। ରେଲୱେ ଯାତାୟାତ ପରିଚାଳନାରେ ସେ ଦୀର୍ଘ ଦିନର ଅଭିଜ୍ଞତା ହାସଲ କରିଛନ୍ତି। ସେହିଭଳି ରେଳବାଇ ବୋର୍ଡ ନିରାପତ୍ତା ଉପଦେଷ୍ଟା ଏବଂ କର୍ପୋରେଟ କମ୍ୟୁନିକେଶନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ରାୟପୁର ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଓ ମୁମ୍ବାଇସ୍ଥିତ ପଶ୍ଚିମ ରେଳପଥର ପ୍ରମୁଖ ପରିଚାଳନା ପ୍ରବନ୍ଧକ ଭାବେ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସେ ଏପରି ସ୍ଥିତିରେ ରେଳବାଇ ବୋର୍ଡରେ ନିର୍ଣ୍ଣାୟକ ପଦବୀରେ ଯୋଗଦାନ କରିଛନ୍ତି ଯେତେବେଳେ ବହୁ ଗୁରୁତ୍ୱ ବହନ କରୁଥିବା ପ୍ରକଳ୍ପଗୁଡ଼ିକର ନିର୍ମାଣ ଓ ସମାପ୍ତ ଅଥବା କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି। ରେଳପଥରେ ଭିତ୍ତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ନିମନ୍ତେ ପୂର୍ବତଟ ରେଳପଥ ସହିତ ଏହି ଅଞ୍ଚଳରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଅଂଶୀଦାର ବା ସହଭାଗୀ ଉପଭୋକ୍ତା ଏବଂ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷାକରି ପ୍ରକଳ୍ପଗୁଡ଼ିକୁ ଆଗେଇ ନେବା ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବ ବୋଲି ଆଶା କରାଯାଉଛି।

## ଫେବୃୟାରୀରେ ମାଲ୍ୟାଙ୍କ ପ୍ରତ୍ୟର୍ପଣ ମାମଲାର ଶୁଣାଣି

ନୂଆଦିଲ୍ଲୀ,୧୮-୭

ଆସନ୍ତାବର୍ଷ ଫେବୃୟାରୀ ୧୧ରୁ ତିନିଦିନ ଧରି ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ପ୍ରତ୍ୟର୍ପଣ ମାମଲାର ଶୁଣାଣି କରାଯିବ ବୋଲି ବ୍ରିଟେନ ହାଇକୋର୍ଟ ପକ୍ଷରୁ ଗୁରୁବାର ପ୍ରକାଶ କରାଯାଇଛି। ଏଥିପୂର୍ବରୁ ଚଳିତ ମାସ ୨ରେ ଲଣ୍ଡନ ହାଇକୋର୍ଟ ମାଲ୍ୟାଙ୍କ ପ୍ରତ୍ୟର୍ପଣ ବିରୋଧରେ ଆଗତ ଅପିଲକୁ ଗ୍ରହଣ କରି ସମ୍ପୂର୍ଣ୍ଣ ଶୁଣାଣି ପାଇଁ ଅନୁମତି ଦେଇଛନ୍ତି। ହାଇକୋର୍ଟରୁ ମାଲ୍ୟାଙ୍କୁ ଆଶ୍ୱସ୍ତି ମିଳି ନ ଥିଲେ ତାଙ୍କୁ ତୁରନ୍ତ ଭାରତକୁ ପ୍ରତ୍ୟର୍ପଣ କରାଯାଇଥାନ୍ତା। କିଙ୍ଗଫିଶର ଏୟାରଲାଇନ୍ସର ପ୍ରମୋଟରଙ୍କୁ ପୂର୍ବରୁ ପଳାତକ ଆର୍ଥିକ ଅପରାଧୀ ଭାବେ ଘୋଷଣା କରାଯାଇସାରିଛି। ମାଲ୍ୟା ମଧ ଏହାକୁ ଚ୍ୟାଲେଞ୍ଜ କରି ବମ୍ବେ ହାଇକୋର୍ଟରେ ଅପିଲ କରିଛନ୍ତି, ଯାହାର ଶୁଣାଣି ଆରମ୍ଭ ହୋଇଛି। ସୂଚନାଥାଉ କି, ଭାରତର ଏକାଧିକ ବ୍ୟାଙ୍କରୁ ପ୍ରାୟ ୯ହଜାର କୋଟି ଟଙ୍କା ନେଇ ମାଲ୍ୟା ବ୍ରିଟେନ ପଳାଇଥିଲେ। ତାଙ୍କ ବିରୋଧରେ ମନିଲଣ୍ଡରିଂ ଅଭିଯୋଗ ହୋଇଛି।

# କିଆ ସେଲ୍‌ଟସର ବୁକିଂ ଆରମ୍ଭ

**ଦିନକରେ ୬ ହଜାର ୟୁନିଟ ଟପିଲା**

ନୂଆଦିଲ୍ଲୀ,୧୮-୭



କିଆ ମୋଟର୍ସର ନୂଆ ମଡେଲ ସେଲ୍‌ଟସର ବୁକିଂ ଆରମ୍ଭ ହୋଇଛି। ପ୍ରଥମ ଦିନରେ କମ୍ପାନୀ ଏହି ମଡେଲର ୬,୦୪୬ ୟୁନିଟ୍ ଲାଗି ବୁକିଂ ହାସଲ କରିଛି। ଭାରତୀୟ ଅଟୋମୋବାଇଲ ଇଣ୍ଡଷ୍ଟ୍ରି ଲାଗି ଏହା ଏକ ରେକର୍ଡ। ଏହି ରେକର୍ଡ ବ୍ରାଣ୍ଡ ପ୍ରତି ଗ୍ରାହକଙ୍କ ଭଲ ପାଇବା ଦର୍ଶାଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ମଙ୍ଗଳବାର କମ୍ପାନୀର ଅନ୍‌ଲାଇନ ସାଇଟ ୨ ଲକ୍ଷ ହିଟ୍ ହାସଲ କରିଥିବା ବେଳେ ଦିନକରେ ୧୬୨୮ ଅନଲାଇନ ବୁକିଂ ଆସିଛି। କିଆ ମୋଟର୍ସ ଇଣ୍ଡିଆ ଦେଶର ୧୬୦ ଡିଲରଶିପରେ ସେଲଟସ୍ ଲାଗି ପ୍ରିବୁକିଂ ଗ୍ରହଣ କରୁଛି।

ଗ୍ରାହକଙ୍କଠାରୁ ଏଭଳି ରେସପନ୍ସ ଲାଭ କରି ଅତ୍ୟନ୍ତ ଖୁସି ବୋଲି କିଆ ମୋଟର୍ସ ଇଣ୍ଡିଆର ସେଲ୍‌ସ ମାର୍କେଟିଂ ଉପସଭାପତି ତଥା ମୁଖ୍ୟ ମନୋହର ଭଟ୍ଟ କହିଛନ୍ତି। ଭାରତୀୟ ଗ୍ରାହକଙ୍କୁ ସର୍ବୋତ୍ତମ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଯୋଗାଣ ନେଇ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ଏହା ବିଏସ୍-୬ ଇଞ୍ଜିନ ଯୁକ୍ତ ମଧ୍ୟମବର୍ଗ ଏସ୍‌ୟୁଭି, ପେଟ୍ରୋଲ ଏବଂ ଡିଜେଲ ଭାରିଆଣ୍ଟରେ ଆସୁଛି। ସମସ୍ତ ପାୱାର ଟ୍ରେନରେ ଏହାର ମାନୁଆଲ ଏବଂ ଅଟୋମେଟିକ ବିକଳ୍ପ ଉପଲବ୍ଧ କରାଯାଉଛି। ଭାରତରୁ ଏହି ମଡେଲଟି ବିଶ୍ୱ ବଜାରରେ ପ୍ରବେଶ କରିଛି। ଡିଜାଇନ,ଗୁଣବତ୍ତା ଏବଂ ବିଶ୍ୱସ୍ତରୀୟ ବୈଶିଷ୍ଟ୍ୟ ଦୃଷ୍ଟି କୋଣରୁ ଏହା ଗ୍ରାହକଙ୍କ ଧ୍ୟାନ ଆକର୍ଷଣ କରିଛି। ଗ୍ରାହକଙ୍କ ଆକାଂକ୍ଷା ଏହାକୁ ବହୁପ୍ରତୀକ୍ଷିତ କାର ଭାବେ ରୂପାନ୍ତରିତ କରିଛି। ଏହା ଟେକ୍ ଲାଇନ ଏବଂ ଜିଟି ଲାଇନ ଭଳି ୨ ଟ୍ରିମରେ ଆସିଛି।

**ମଡେଲର ଅନ୍ୟ ପ୍ରମୁଖ ଫିଚର**
- ୮.୦ ହେଡ ଅପ୍ ଡିସ୍‌ପ୍ଲେ
- ୧୦.୨୫ ଏଚ୍‌ଡି ଟଚ୍‌ସ୍କ୍ରିନ
- ହାଇଟେକ ସାଉଣ୍ଡମୋଡ ଲ୍ୟାମ୍ପ,ରିୟର ଶେଡ୍ କର୍ଟେନ
- ୩୬୦ ଡିଗ୍ରୀ ଭିୟୁ ମନିଟର,ବ୍ଲାଇଣ୍ଡ ସ୍ପଟ ମନିଟରିଂ
- ୱାର୍ଲଡ ଫାଷ୍ଟ କନେକ୍ଟ ଏୟାର ପ୍ୟୁରିଫାୟର
- ୟୁଭିଓ କନେକ୍ଟ ସିଷ୍ଟମ, ୱେରଲେସ୍ କମ୍ୟୁନିକେଶନ
- ୮ ସ୍ପିକର ବୋସ୍ ହାଇଫାଇ ସିଷ୍ଟମ

# ୪ଜି ସେବା ପାଇଁ ବିଏସ୍‌ଏନ୍‌ଏଲ୍‌ର ଯୋଜନା



ଭୁବନେଶ୍ୱର, ୧୮-୭ (ବ୍ୟୁରୋ)

ଚଳିତ ବର୍ଷ ଶେଷ ସୁଦ୍ଧା ସାରା ଦେଶରେ ୪-ଜି ଇଣ୍ଟରନେଟ ସେବା ଯୋଗାଣ ଲାଗି ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ଯୋଜନା ରଖିଛି। ଏପରି ସ୍ଥିତିରେ ଓଡ଼ିଶାରେ କମ୍ପାନୀ ସେବା ଯୋଗାଣ ଲାଗି ମଧ ଲକ୍ଷ୍ୟ ରଖିଛି। ଏଥିପାଇଁ ରାଜ୍ୟରେ ପ୍ରାୟ ୫୦୦ କୋଟି ଟଙ୍କା ନିବେଶ ହୋଇପାରେ ବୋଲି ବିଏସ୍‌ଏନ୍‌ଏଲ୍ ଓଡ଼ିଶା ସର୍କଲ ସିଜିଏମ୍ ଉଦୟ ଶଙ୍କର ପଣ୍ଡା ଗୁରୁବାର କହିଛନ୍ତି। ଏଠାରେ ଅନୁଷ୍ଠିତ ଏକ ଖବରଦାତା କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ, ଆଗାମୀ ଦିନରେ ଅଲ୍ଟ୍ରା ହାଇସ୍ପିଡ୍ ୫-ଜି ସେବା ଯୋଗାଣ ଦିଗରେ କାର୍ଯ୍ୟକ୍ରମ ହାତକୁ ନିଆଯିବ। କମ୍ପାନୀ କେତେକ ଅଂଶୀଦାରଙ୍କ ସହ ଚୁକ୍ତି କରିଛି। ଏହି ଅବସରରେ ଭୁବନେଶ୍ୱରରେ ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ଆଧାର ସେବା କେନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଛନ୍ତି। ରାଜ୍ୟର କମନ ସର୍ଭିସ ସେଣ୍ଟରଗୁଡିକରେ ଏଭଳି ୯୫ ସେଣ୍ଟର ଆଧାର ସେବା ପ୍ରଦାନ କରାଯିବ। ସାରା ଦେଶରେ ୩୦୦୦ ସେଣ୍ଟରରେ ଏହି ସେବା ପ୍ରଦାନ ନେଇ ଯୋଜନା ରଖାଯାଇଛି। ଏଥିପାଇଁ ୯୦ କୋଟି ଟଙ୍କା ଖର୍ଚ୍ଚ ହେବ। ଓଡ଼ିଶାରେ ୩ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ରାଜ୍ୟରେ ଥିବା କମ୍ପାନୀର ଆସେଟ ମନେଟାଇଜେଶନ ନେଇ ପ୍ରସ୍ତାବ ରହିଥିବା ପଣ୍ଡା କହିଛନ୍ତି।

## ଏୟାର ଇଣ୍ଡିଆ ବିକ୍ରି ମନ୍ତ୍ରିଗୋଷ୍ଠୀର ନେତୃତ୍ୱ ନେବେ ଅମିତ୍ ଶାହ

ନୂଆଦିଲ୍ଲୀ,୧୮-୭

କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଏୟାର ଇଣ୍ଡିଆ ବିକ୍ରି(ପୁଞ୍ଜି ପ୍ରତ୍ୟାହାର) ସଂକ୍ରାନ୍ତ ପୁନର୍ଗଠିତ ମନ୍ତ୍ରିଗୋଷ୍ଠୀର ନେତୃତ୍ୱ ନେବେ। ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଏଥିରୁ ହଟାଇ ଦିଆଯାଇଛି। ଗୁରୁବାର ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଏହି ମନ୍ତ୍ରିଗୋଷ୍ଠୀ ଏୟାର ଇଣ୍ଡିଆକୁ ବିକ୍ରି କରିବାର ପନ୍ଥାପଦ୍ଧତି ନିର୍ଦ୍ଧାରଣ କରିବେ। ଏହି ଗୋଷ୍ଠୀରେ ୪ କେନ୍ଦ୍ରମନ୍ତ୍ରୀ ଶାହ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ବାଣିଜ୍ୟ ଏବଂ ରେଳମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ରହିଛନ୍ତି। ସୂଚନାଥାଉ କି, ୨୦୧୭ ଜୁନ୍‌ରେ ପ୍ରଥମ ମନ୍ତ୍ରିଗୋଷ୍ଠୀ ଗଠନ କରାଯାଇଥିଲା। ଏହାକୁ ଏୟାର ଇଣ୍ଡିଆ ସ୍ୱତନ୍ତ୍ର ବିକଳ୍ପ ବ୍ୟବସ୍ଥା (ଏଆଇଏସ୍‌ଏମ୍) ନାମ ଦିଆଯାଇଥିଲା।

# ଓଡ଼ିଶାରେ ଏମ୍‌ଏସ୍‌ଏମ୍‌ଇକୁ ଋଣ ପ୍ରଦାନ ହାର ନଗଣ୍ୟ

ନୂଆଦିଲ୍ଲୀ, ୧୮-୭



- ଗୁଜରାଟ ବେଷ୍ଟ ପରଫରମର
- ମାର୍କେଟ ସାଇଜରେ ମହାରାଷ୍ଟ୍ର ଆଗରେ
- ବଜାର ଅଭିବୃଦ୍ଧିରେ ଆନ୍ଧ୍ରପ୍ରଦେଶ ଶୀର୍ଷରେ

ନିଯୁକ୍ତି ସୃଷ୍ଟିରେ ଅଣୁ,କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏହି ଶିଳ୍ପର ଅଭିବୃଦ୍ଧି ଲାଗି ବ୍ୟାଙ୍କ ଏବଂ ବିତ୍ତ ପ୍ରତିଷ୍ଠାନଗୁଡିକର ଋଣ ପ୍ରଦାନ ଧାରାରେ ଉନ୍ନତି ହେବାର ଆବଶ୍ୟକତା ରହିଛି। ଏପରି ସ୍ଥିତିରେ ଓଡ଼ିଶାରେ କ୍ଷୁଦ୍ରଶିଳ୍ପକୁ ଋଣ ପ୍ରଦାନ ହାର ନଗଣ୍ୟ ରହିଥିବା ଏକ ରିପୋର୍ଟରୁ ଜଣାପଡିଛି। ଓଡ଼ିଶା ସମେତ ବିହାର ଏବଂ ଉତ୍ତରପ୍ରଦେଶର ସ୍ଥିତି ପ୍ରାୟ ସମାନ ରହିଥିବା ଟ୍ରାନ୍ସୟୁନିୟନ ସିବିଲ-ସିଡବି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହା ସାମ୍ନାକୁ ଆସିଛି। ଏହି ରାଜ୍ୟଗୁଡିକରେ ଋଣ ପ୍ରଦାନ ନେଇ ପର୍ଯ୍ୟାପ୍ତ ସୁଯୋଗ ରହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ରାଜ୍ୟ ସ୍ତରରେ ଏମ୍‌ଏସ୍‌ଏମ୍‌ଇଗୁଡିକରେ ରହିଥିବା ସୁଯୋଗ ଏବଂ ସମସ୍ୟାକୁ ରିପୋର୍ଟରେ ଅନୁଧ୍ୟାନ କରାଯାଇଛି। କ୍ଷୁଦ୍ର ଶିଳ୍ପକୁ ଋଣ ପ୍ରଦାନ କଥା ବିଚାର କଲେ ଏହି ଶୃଙ୍ଖଳାରେ ଗୁଜରାଟ ବେଷ୍ଟ ପରଫରମର ରହିଛି। ସେହିଭଳି ବଜାର ଅଂଶକୁ ଧରିଲେ ମହାରାଷ୍ଟ୍ର ସର୍ବୋଚ୍ଚ ସ୍ଥାନ ହାସଲ କରିଛି। ଏମ୍‌ଏସ୍‌ଏମ୍‌ଇ ବଜାର ଅଭିବୃଦ୍ଧିରେ ଆନ୍ଧ୍ରପ୍ରଦେଶ ସର୍ବୋଚ୍ଚ ସ୍ଥାନ, ଏନ୍‌ପିଏ ହାର କମ୍ ରଖିବା ଦିଗରେ ଗୁଜରାଟ ପ୍ରମୁଖ ଏବଂ କ୍ଷୁଦ୍ର ଶିଳ୍ପ ସ୍କୋର ଗୁଣବତ୍ତା କ୍ଷେତ୍ରରେ ଦିଲ୍ଲୀ ଅଗ୍ରଣୀ ରହିଛି। ଏମ୍‌ଏସ୍‌ଏମ୍‌ଇ ଅଭିବୃଦ୍ଧି ଏହି ସମୟରେ ୧୨.୪% ରହିଛି। ଗତ ୫ ବର୍ଷରେ ଦେଶର ମୋଟ ଋଣ ଅଭିବୃଦ୍ଧି ୧୩.୩% ବୃଦ୍ଧି ଘଟି ୨୫୩ ଲକ୍ଷ କୋଟି ଟଙ୍କା ରହିଛି। ବାଣିଜ୍ୟିକ ଋଣ ପ୍ରଦାନ ଅଭିବୃଦ୍ଧି ଲକ୍ଷ୍ୟସାଧନ ହେଉଥିବା ବେଳେ ଏନ୍‌ପିଏ କମୁଥିବାରୁ ଏହା କ୍ଷୁଦ୍ର ଶିଳ୍ପ ଲାଗି ଲାଭକାରୀ ବୋଲି ସିଡ୍‌ବି ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ମୁସ୍ତାଫା କହିଛନ୍ତି।

“ମୁଁ ଚର୍ମ କର୍କଟ ରୋଗରେ ପୀଡ଼ିତ ଥିଲେ ମଧ୍ୟ ଆସନ୍ତା ମାସରେ ହେବାକୁ ଥିବା ଆଶେସ ସିରିଜ ବେଳକୁ କମେଣ୍ଟ୍ରି ଦେବା ପାଇଁ ଫିଟ୍ ହୋଇଯାଇଥିବି ।
–ଇଆନ ଚାପେଲ, ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ



“ନଭେମ୍ବରରେ ଟୋକିଓ ଅଲିମ୍ପିକ କ୍ୱାଲିଫାୟର୍ସ ଫାଇନାଲ ରାଉଣ୍ଡ ପୂର୍ବରୁ ଆସନ୍ତା ୩ ମାସ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।
–ମନପ୍ରୀତ ସିଂ, ଭାରତୀୟ ହକି ଦଳ ଅଧିନାୟକ









କଟକରେ ଚାଲିଥିବା ରାଜ୍ୟ ଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍‌ରେ ଗୁରୁବାର ମହିଳା ବିଭାଗରେ ଭାରତର ଅର୍ଚ୍ଚନା କାମାଥ ଓ ମାଲେସିଆର ଟି ଆଇ ଜିନ୍ ଏବଂ ପୁରୁଷ ବିଭାଗରେ ଶ୍ରୀଲଙ୍କାର ମିଳିନ୍ଦା ଲଖିଥା ଓ ଭାରତର ମାନବ ଠକ୍କରଙ୍କ ମଧ୍ୟରେ ମୁକାବିଲା ।

## ସଂକ୍ଷେପରେ

### ପି.ଟି. ଉଷା ଆଇଏଏଏଫ୍‌ର ଭେଟେରାନ ପିନ୍ ମନୋନୀତ

ନୂଆଦିଲ୍ଲୀ,୧୮।୭(ପିଟି): ଦେଶର ଟ୍ରାକ୍ ଓ ଫିଲ୍ଡ କିମ୍ବଦନ୍ତୀ ପି.ଟି. ଉଷାଙ୍କୁ ଅନ୍ତର୍ଜାତୀୟ ଆସୋସିଏଶନ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ (ଆଇଏଏଏଫ୍)ର ଭେଟେରାନ ପିନ ଭାବେ ମନୋନୀତ କରାଯାଇଛି। ଉଷା ଭାରତର ଅନ୍ୟତମ ଶ୍ରେଷ୍ଠ ଧାବିକା। ଟ୍ରାକ୍‌ରେ ଚମକପ୍ରଦ କ୍ୟାରିୟର ଯୋଗୁ ତାଙ୍କୁ କୁଇନ୍ ଅଫ ଟ୍ରାକ୍ ଓ ଫିଲ୍ଡ କୁହାଯାଉଥିଲା। ୧୦୦ ମିଟର, ୨୦୦ମି., ୪୦୦ ମି. ଦୌଡ଼, ୪୦୦ ମି. ବାଧା ଦୌଡ଼ ଓ ୪ ଗୁଣା ୪୦୦ ରିଲେ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୯୮୫ରେ ଜାକର୍ତ୍ତାଠାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ଅର୍ଜନ କରିଥିଲେ। ୫୫ ବର୍ଷୀୟା ପୂର୍ବତନ ଧାବିକାଙ୍କୁ ଜାକର୍ତ୍ତାଠାରେ ଆସନ୍ତା ସେପ୍ଟେମ୍ବରରେ ହେବାକୁ ଥିବା ପୁରସ୍କାର ବିତରଣ ଉତ୍ସବକୁ ଆମନ୍ତ୍ରଣ କରାଯାଇଛି। ୫୨ତମ ଆଇଏଏଏଫ୍ କଂଗ୍ରେସ ବୈଠକ ବେଳେ ହେବାକୁ ଥିବା ପୁରସ୍କାର ବିତରଣ ଉତ୍ସବରେ ଯୋଗଦେବା ଆମନ୍ତ୍ରଣ ପାଇବା ମୋ ପାଇଁ ଖୁସିର ବିଷୟ। ଉଲ୍ଲେଖଥାଉ କି, ୧୯୮୪ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ପ୍ରଥମ ଭାରତୀୟ ଭାବେ ୪୦୦ ମି. ବାଧା ଦୌଡ଼ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିବା ଉଷାଙ୍କ କ୍ୟାରିୟରର ସବୁଠୁ ସ୍ମରଣୀୟ ସଫଳତା। ସେଠାରେ ଏକ ସେକେଣ୍ଡରୁ ଆହୁରି କମ୍ ସମୟରେ ସେ ବ୍ରୋଞ୍ଜ ପଦକ ହାତଛଡ଼ା କରିଥିଲେ।

### ହଲ୍ ଅଫ୍ ଫେମ୍ ଓପନରୁ ରାମକୁମାର ବିଦା

ନ୍ୟୁପୋର୍ଟ(ୟୁଏସ୍‌ଏ),୧୮।୭(ପିଟି)-ଏଠାରେ ଚାଲିଥିବା ହଲ୍ ଅଫ୍ ଫେମ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ରାଉଣ୍ଡରୁ ରାମକୁମାର ରମାନାଥନ ସିଧାସଳଖ ସେଟ୍‌ରେ ଫ୍ରାନ୍ସର ଉଗୋ ହମବର୍ଟଙ୍କଠାରୁ ପରାଜୟ ବରଣ କରିଛନ୍ତି। ଗତବର୍ଷ ଏଠାରେ ରନର୍ସଅପ୍ ହୋଇଥିବା ରାମକୁମାର ୬(୫)-୭, ୦-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଏହି ପରାଜୟ ତାଙ୍କ ର୍‌ୟାଙ୍କିଙ୍ଗ୍‌କୁ ନିଶ୍ଚିତ ପ୍ରଭାବିତ କରିବ। ବର୍ତ୍ତମାନ ଏଟିପି ର୍‌ୟାଙ୍କିଙ୍ଗ୍‌ର ୧୩୪ତମ ସ୍ଥାନରେ ଥିବା ରମାନାଥନ ୧୮୧ତମ ମାନ୍ୟତାକୁ ଖସି ଯାଇପାରନ୍ତି। ଅନ୍ୟପକ୍ଷରେ ଭେଟେରାନ ଲିଆଣ୍ଡର ପେସ ଓ ତାଙ୍କ ନ୍ୟୁଜିଲାଣ୍ଡ ସାଥୀ ମାର୍କସ ଡାନିଏଲ ପୁରୁଷ ଡବଲ୍ସ ବର୍ଗରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପେସ ଓ ଡାନିଏଲ ୨-୬, ୬-୨, ୧୦-୫ ସେଟ୍‌ରେ ଅଷ୍ଟ୍ରେଲିଆର ଲୁକ ସାଭିଲେ ଓ ମ୍ୟାକ୍ସ ପରସେଲଙ୍କୁ ହରାଇଛନ୍ତି। ଇଣ୍ଡୋ-ନ୍ୟୁଜିଲାଣ୍ଡ ଯୋଡ଼ି ପରବର୍ତ୍ତୀ ରାଉଣ୍ଡରେ ମାଥ୍ୟୁ ଇବଡେନ ଓ ରବର୍ଟ ଲିଣ୍ଡଷ୍ଟଟଙ୍କୁ ଭେଟିବେ।

# ରାଜ୍ୟ ଟିଟିର ସ୍ରଷ୍ଟା ଏବେ ଅଲୋଡ଼ା

## ଗ୍ୟାଲେରିରେ ସନ୍ନ୍ୟାସୀ ବେଶରେ ସୁଢ଼ଳ

କଟକ ଅଫିସ,୧୮।୭

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଛି ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ପ୍ରତିଯୋଗିତା। ଗ୍ୟାଲେରିର ୯ନଂ ବ୍ଲକର ଶେଷ ଚେୟାରରେ ବସିଥାନ୍ତି ଜଣେ ବ୍ୟକ୍ତି, ଯାହାଙ୍କର ବେଶଭୂଷା ଷ୍ଟାଡିୟମର କ୍ରୀଡ଼ା ମାହୋଲକୁ ଆଦୌ ସୁହାଉ ନ ଥାଏ। ମୁଣ୍ଡରେ କପଡ଼ା ବାନ୍ଧିବା ସହ ଗେରୁଆ ବସ୍ତ୍ର ପରିଧାନ କରିଥାନ୍ତି ସେ। ମୁହଁରେ ଦାଢ଼ି ରଖିଥିବା ଏହି ବ୍ୟକ୍ତିଙ୍କୁ ଯିଏ ବି ଦେଖିବ ଜଣେ ସନ୍ନ୍ୟାସୀ ବୋଲି ହିଁ ଅନୁମାନ କରିବ। ହେଲେ ତାଙ୍କ ନିକଟକୁ ଯିବା ବେଳେ ସେ ହଠାତ୍ ଇଂରାଜୀରେ କଥାବାର୍ତ୍ତା କରିବା ଆରମ୍ଭ କରିଥିଲେ। ଏପରିକି ଖେଳାଳିମାନେ ଭଲ ଖେଳିପାରୁନାହାନ୍ତି ବୋଲି ମଧ୍ୟ ସେ କହିଥିଲେ। ତାଙ୍କ ପରିଚୟ ଜାଣିବାକୁ ଚେଷ୍ଟା କରିବା ବେଳେ ଯାହା ଜଣାପଡ଼ିଲା ତାହା ଚକିତ କରିଥିଲା। ଏହି ବ୍ୟକ୍ତି ଜଣଙ୍କ ଥିଲେ ରାଜ୍ୟ ଟେବୁଲ ଟେନିସ କ୍ରୀଡ଼ାର ସ୍ରଷ୍ଟା, ରାଜ୍ୟ ମହିଳା କ୍ରିକେଟର ଜନକ, ରାଜ୍ୟ ଟେବୁଲ ଟେନିସ କ୍ରୀଡ଼ାର ପୂର୍ବତନ ସମ୍ପାଦକ, ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆର ପୂର୍ବତନ ଟେକ୍ନିକାଲ କମିଟି ଅଧ୍ୟକ୍ଷ ସୁଢ଼ଳ ମହାନ୍ତି। ରାଜ୍ୟ କ୍ରୀଡ଼ା ଜଗତର ବେତାଜ ବାଦଶାହା ବୋଲି ସୁଢ଼ଳ କ୍ରୀଡ଼ା ସଙ୍ଗଠକମାନଙ୍କ ମଧ୍ୟରେ ପରିଚିତ ।

୮୨ ବର୍ଷରେ ପଦାର୍ପଣ କରିସାରିଥିବା ଏହି କ୍ରୀଡ଼ା ସଙ୍ଗଠକଙ୍କର ଏପରି ଅବସ୍ଥା ଦୁଃଖଦାୟକ ମଧ୍ୟ ଥିଲା। ପରିଣତ ବୟସରେ ଠିକରେ ସେ ଚଲାବୁଲା କରି ପାରୁନାହାନ୍ତି। ହେଲେ ଟେବୁଲ ଟେନିସ ଟୁର୍ଣ୍ଣାମେଣ୍ଟ ଦେଖିବାକୁ ସେ ରାଜ୍ୟର ସବୁ ଭେନ୍ୟୁରେ ପହଞ୍ଚନ୍ତି। ତାଙ୍କ ସହ କିଛି ସମୟର କଥାବାର୍ତ୍ତାରୁ ଜଣାପଡ଼ିଥିଲା ଯେ, ସେ ଏକ ଦୀକ୍ଷା ନେଇଛନ୍ତି। ଏହି ଦୀକ୍ଷା ଅନୁସାରେ ତାଙ୍କୁ ଗୋଟିଏ ସ୍ଥାନରେ ରହିବା ବାରଣ ହୋଇଛି। ଏଣୁ ସେ କେତେବେଳେ ଗଡ଼ଗଡ଼େଶ୍ୱର ମନ୍ଦିରରେ ତ କେତେବେଳେ ଚହଟା ଘାଟ ପାଖରେ। ଏ ପରିକି ଷ୍ଟେଶନ ବାରଣ୍ଡାରେ ମଧ୍ୟ ଜୀବନଯାପନ କରୁଛନ୍ତି। ଇଂଲିଶରେ ପ୍ରଗାଢ଼ ଜ୍ଞାନ ଥିବା ସୁଢ଼ଳଙ୍କ ଘର ହେଉଛି ସୁକିନ୍ଦା ଅଞ୍ଚଳରେ। କ୍ରୀଡ଼ା ପ୍ରତି ଆଗ୍ରହ ଥିବା ଯୋଗୁ ସତୁରୀ ଦଶକରେ ସେ ଏହି ଦୁନିଆରେ ପାଦ ଥାପିଥିଲେ। କଟକରେ ଟେବୁଲ ଟେନିସ ଖେଳ ଆରମ୍ଭ କରିବା କ୍ଷେତ୍ରରେ ଯେଉଁ କେତେଜଣ ବ୍ୟକ୍ତିବିଶେଷଙ୍କ ନାମ ଆସେ, ସେମାନଙ୍କ ମଧ୍ୟରେ ସୁଢ଼ଳ ଅନ୍ୟତମ। ଏପରି କି ସୁଢ଼ଳଙ୍କ ପ୍ରଚେଷ୍ଟାରେ ଭାରତ–କୋରିଆ ବିପକ୍ଷ ଟିଟି ଟୁର୍ଣ୍ଣାମେଣ୍ଟ କଟକରେ କରାଯାଇଥିଲା। ପରେ ମହିଳା କ୍ରିକେଟ ମଧ୍ୟ ସୁଢ଼ଳଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା। ୧୯୯୦ ପରଠାରୁ ସୁଢ଼ଳଙ୍କୁ ଷ୍ଟାଡିୟମରେ ଦେଖିବାକୁ ମିଳୁନି ବୋଲି ଜଣେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ କହିଛନ୍ତି। ସେ ଏ କଥା ବି କହିଥିଲେ, ସୁଢ଼ଳଙ୍କ ସ୍ୱାଭିମାନ ହିଁ ତାଙ୍କୁ ସନ୍ନ୍ୟାସୀ କରିବାକୁ ବାଧ୍ୟ କରିଛି । ସୁଢ଼ଳ କାହା ଆଗରେ ମୁଣ୍ଡ ନୁଆଁଉ ନ ଥିଲେ। ପରବର୍ତ୍ତୀ ସମୟରେ ଯେଉଁମାନେ କ୍ରୀଡ଼ା ସଙ୍ଗଠକ ଭାବେ ଆଗକୁ ଆସିଥିଲେ ସେମାନଙ୍କ ସହ ସୁଢ଼ଳଙ୍କର ଆଚରଣ ଖାପ ଖାଉ ନ ଥିଲା। ସଚ୍ଚୋଟ କାର୍ଯ୍ୟ ଯୋଗୁ ସୁଢ଼ଳ ଅନେକ ବିରୋଧର ସମ୍ମୁଖୀନ ହୋଇଥିଲେ। ମିଶନ ସ୍କୁଲରେ ଟେବୁଲ ପକାଇ ଟିଟି ଟୁର୍ଣ୍ଣାମେଣ୍ଟ ଏହି ବ୍ୟକ୍ତି ଜଣଙ୍କ ଆରମ୍ଭ କରିଥିଲେ। ଦିନେ ସନ୍ଧ୍ୟାରେ ସୁଢ଼ଳଙ୍କୁ କିଛି କ୍ରୀଡ଼ା ସଙ୍ଗଠକ ନିର୍ଦ୍ଧୁମ ମାଡ଼ ମାରିଥିଲେ ବୋଲି ମଧ୍ୟ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଜଣଙ୍କ କହିଛନ୍ତି। ହେଲେ ସୁଢ଼ଳଙ୍କ ଉପରେ ହୋଇଥିବା ଅନ୍ୟାୟର ସାକ୍ଷୀ କେହି ବି ଜଣେ ନାହାନ୍ତି। ସେବେଠାରୁ ସୁଢ଼ଳ କ୍ରୀଡ଼ା ଦୁନିଆରୁ ଦୂରେଇ ଯାଇଛନ୍ତି ବୋଲି ସେ କୁହନ୍ତି ।



ଅନ୍ୟପକ୍ଷରେ ଗୁରୁବାର ସୁଢ଼ଳ ଷ୍ଟାଡିୟମରେ ପହଞ୍ଚି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ାଙ୍କୁ ଭେଟିବାକୁ ଯାଇଥିଲେ। ଗେଟ୍ ପାଖରେ ପୋଲିସମାନେ ତାଙ୍କୁ ଭିତରକୁ ଯିବାକୁ ଦେଇ ନ ଥିଲେ। ରବୀନ୍ଦ୍ର ଘଟଣା ସମ୍ପର୍କରେ ଜାଣି ତୁରନ୍ତ ଆସି ତାଙ୍କର ଖାଦ୍ୟପେୟ, ମ୍ୟାଚ୍ ଦେଖିବାର ବ୍ୟବସ୍ଥା କରିବା ସହ ଯିବା ପାଇଁ ଗାଡ଼ି ଭଡ଼ା ମଧ୍ୟ କରିଦେଇଥିବା ଦେଖିବାକୁ ମିଳିଥିଲା ।

■ ରାଜ୍ୟଗୋଷ୍ଠୀ ଟିଟି ସେମିଫାଇନାଲ

# ମହିଳା, ପୁରୁଷ ବିଭାଗରେ ଭାରତର ପ୍ରତିଦ୍ୱନ୍ଦ୍ୱୀ ସିଙ୍ଗାପୁର

କଟକ ଅଫିସ,୧୮।୭

ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା ୨୧ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ମହିଳା ବିଭାଗ ସେମିରେ ସିଙ୍ଗାପୁରକୁ ଭେଟିବ ଭାରତ। ଅନ୍ୟ ସେମିଫାଇନାଲରେ ଇଂଲଣ୍ଡ ଓ ନାଇଜେରିଆ ମଧ୍ୟରେ ମୁକାବିଲା ହେବ। ସେହିପରି ପୁରୁଷ ବିଭାଗ ସେମିଫାଇନାଲରେ ମଧ୍ୟ ଭାରତର ପ୍ରତିଦ୍ୱନ୍ଦ୍ୱୀ ସିଙ୍ଗାପୁର। ଅନ୍ୟ ସେମିରେ ଇଂଲଣ୍ଡ ଓ ମାଲେସିଆ ପରସ୍ପରକୁ ଭେଟିବେ।

ଗୁରୁବାର ଅନୁଷ୍ଠିତ ସୁପର ଏଇଟ୍ ମୁକାବିଲାରେ ଭାରତର ଦୁଇଟି ଯାକ ବିଭାଗର ଦଳ ଚମତ୍କାର ପ୍ରଦର୍ଶନ କରିବା ସହ ସହଜ ବିଜୟ ହାସଲ କରିଥିଲେ। ସୁପର ଏଇଟ୍‌ରେ ଭାରତ ପୁରୁଷ ଦଳ ଏଫ ଗ୍ରୁପରେ ସ୍ଥାନ ପାଇଥିଲା। ପ୍ରଥମ ରାଉଣ୍ଡରେ ଦଳ ଶ୍ରୀଲଙ୍କାକୁ ୩–୦ ସେଟରେ ପରାସ୍ତ କରିଥିଲା। ଏ ଅମଲ ରାଜ, ଜି ସାଥିୟାନ ଓ ମାନବ ଠକ୍କର ଭାରତ ପକ୍ଷରୁ ଏହି ରାଉଣ୍ଡରେ ପ୍ରତିନିଧିତ୍ୱ କରୁଥିଲେ। ଏ. ଅମଲ ରାଜ, ଅଚନ୍ତ ଶରଥ କମଲ ଓ ହରମିତ ଦେଶାଇଙ୍କ ନେତୃତ୍ୱରେ ଭାରତ ଦ୍ୱିତୀୟ ରାଉଣ୍ଡରେ ମାଲେସିଆକୁ ମଧ୍ୟ ୩–୦ ସେଟରେ ହରାଇଥିଲା। ସୁପର ଏଇଟରେ ଭାରତୀୟ ମହିଳା ଦଳ ମଧ୍ୟ ଗ୍ରୁପ–ଏଫରେ ସ୍ଥାନ ପାଇଥିଲା। ମାଧୁରିକା ପାଟେକର, ଅର୍ଚ୍ଚନା କାମଥ ଓ ଆହିକା ମୁଖାର୍ଜୀ ପ୍ରଥମ ରାଉଣ୍ଡରେ ୱେଲସକୁ ୩–୦ ସେଟରେ ପରାସ୍ତ କରିଥିଲେ। ଏହି ରାଉଣ୍ଡରେ ମାଧୁରିକା ପାଟେକରଙ୍କର ୱେଲସର ଖେଳାଳି ଚାରଲୋଟ କ୍ୟାରେଙ୍କ ସହ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ହୋଇଥିଲା। ଦ୍ୱିତୀୟ ରାଉଣ୍ଡରେ ଭାରତ ୩–୦ ସେଟରେ ମାଲେସିଆକୁ ପରାସ୍ତ କରିଛି। ଅର୍ଚ୍ଚନା କାମଥ, ମାଧୁରିକା ପାଟେକର ଓ ମନିକା ବାତ୍ରା ଦ୍ୱିତୀୟ ରାଉଣ୍ଡରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।




ଶଟ୍ ଖେଳିବା ଅବସରରେ ଭାରତର ତାରକା ଖେଳାଳି ଅଚନ୍ତ ଶରଥ କମଲ।

# ୩ ବର୍ଷ ବ୍ୟବଧାନରେ ଡୁରାଣ୍ଡ କପ୍

କୋଲକାତା, ୧୮।୭

ବିଶ୍ୱର ୩ୟ ତଥା ଏସିଆର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୨୯ତମ ସଂସ୍କରଣ ଅଗଷ୍ଟ ୨ରୁ ସ୍ଥାନୀୟ ସଲ୍ଟଲେକ୍ ଷ୍ଟାଡିୟମଠାରେ ଆରମ୍ଭ ହେବ। ଉଦ୍‌ଘାଟନୀ ଦିବସରେ କୋଲକାତାର ଦୁଇ ଜଣାଶୁଣା କ୍ଲବ ମୋହନ ବାଗାନ ଓ ମହମ୍ମଡାନ ସ୍ପୋର୍ଟିଂ ପରସ୍ପରକୁ ଭେଟିବେ। ତିନି ବର୍ଷର ବ୍ୟବଧାନ ପରେ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ପୁଣିଥରେ ଆରମ୍ଭ ହୋଇଛି। ଶେଷଥର ପାଇଁ ୨୦୧୬ରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ନେରୋକା ଏଫ୍‌ସିକୁ ପରାସ୍ତ କରି ଆର୍ମି ଗ୍ରୀନ୍ ଟାଇଟଲ୍ ବିଜୟୀ ହୋଇଥିଲା। ଚଳିତଥର ଆଇ–ଲିଗ୍ ଓ ଆଇଏସ୍‌ଏଲ୍‌କୁ ମିଶାଇ ମୋଟ୍ ୧୬ ଟିମ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଚାମ୍ପିୟନ ଦଳକୁ ୪୦ ଲକ୍ଷ ଏବଂ ରନର୍ସଅପ୍ ଦଳକୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିଭଳି ସେମିଫାଇନାଲରୁ ବିଦାୟ ନେଇଥିବା ଦୁଇ ଦଳ ୫ ଲକ୍ଷ ଲେଖାଏ ଟଙ୍କା ପାଇବେ। ୧୮୮୮ରେ ପ୍ରଥମଥର ଲାଗି ଆର୍ମି କପ୍ ଭାବେ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା। ପରେ ଏଥିରେ ଅନ୍ୟସବୁ କ୍ଲବକୁ ଖେଳିବାର ସୁଯୋଗ ମିଳିଥିଲା।

# ଚୟନ କମିଟି ବୈଠକ ଘୁଞ୍ଚିଲା

## ୱେଷ୍ଟଇଣ୍ଡିଜ ଟୁର୍

ନୂଆଦିଲ୍ଲୀ, ୧୮।୭ (ପି.ଟି.)

ୱେଷ୍ଟଇଣ୍ଡିଜ ଟୁର୍ ପାଇଁ ଭାରତୀୟ କ୍ରିକେଟ ଦଳ ମନୋନୟନ ଲାଗି ହେବାକୁଥିବା ସିଲେକ୍ସନ କମିଟି ବୈଠକକୁ ସ୍ଥଗିତ ରଖାଯାଇଛି। ସମ୍ପାଦକଙ୍କ ପରିବର୍ତ୍ତେ ପ୍ୟାନେଲର ଚେୟାରମ୍ୟାନଙ୍କ ଆବାହକତ୍ୱରେ ଏହି ବୈଠକ ହେବ ବୋଲି ପ୍ରଶାସକ କମିଟି(ସିଓଏ)ର ନିର୍ଦ୍ଦେଶ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକ ପ୍ରକୃତରେ ଶୁକ୍ରବାର ବସିବାର ଥିଲା। ମାତ୍ର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନୂଆ ସମ୍ବିଧାନ ଅନୁସାରେ ନିୟମରେ ପରିବର୍ତ୍ତନ କରାଯାଇଛି। ଏଥିଲାଗି ଆଇନଗତ କାଗଜପତ୍ର ପ୍ରସ୍ତୁତ ହେବା ଦରକାର। ଖେଳାଳିମାନଙ୍କ ଫିଟ୍‌ନେସ୍ ରିପୋର୍ଟ ମଧ୍ୟ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଉପଲବ୍ଧ ହେବ। ବୈଠକଟି ଶନିବାର କିମ୍ବା ରବିବାର ହେବ। ପୁନଶ୍ଚ ନିୟମ ଅନୁସାରେ ବୈଠକ ଲାଗି ଅଧିନାୟକଙ୍କ ଉପଲବ୍ଧି ସମ୍ପର୍କରେ ବିସିସିଆଇର କ୍ରିକେଟ ଅପରେଶନ୍ସ ଟିମ୍ ଚେୟାରମ୍ୟାନଙ୍କୁ ଅବଗତ କରାଇବା ଆବଶ୍ୟକ ବୋଲି ବିସିସିଆଇର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ପୂର୍ବରୁ ପ୍ରଶାସକ କମିଟି ଏକ ୪ ଦଫା ସମ୍ବଳିତ ନିର୍ଦ୍ଦେଶାବଳୀ ଜାରିକରିଛି। ତଦନୁସାରେ ସମ୍ପାଦକ ଅମିତାଭ ଚୌଧାରୀ ସିଲେକ୍ସନ କମିଟି ବୈଠକରେ ବସିପାରିବେ ନାହିଁ। ଏହାଛଡ଼ା କ୍ରିକେଟ ସମ୍ପର୍କିତ କୌଣସି ନିଷ୍ପତ୍ତି ଲାଗି ତାଙ୍କ ଅନୁମୋଦନର ଆବଶ୍ୟକ ପଡ଼ିବ ନାହିଁ।

# ନିଶାମଙ୍କ ଛକା ସମୟରେ ଚାଲିଗଲା କୋଚ୍‌ଙ୍କ ଜୀବନ

ଅକ୍‌ଲାଣ୍ଡ, ୧୮।୭ (ପି.ଟି.)

ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଆଇସିସି ବିଶ୍ୱକପ୍‌ର ରୋମାଞ୍ଚକଭରା ଫାଇନାଲରେ ଉଭୟ ମ୍ୟାଚ୍ ଓ ସୁପର ଓଭର ଟାଇ ରହିବା ପରେ ଅଧିକ ବାଉଣ୍ଡାରୀ ଭିତ୍ତିରେ ଇଂଲଣ୍ଡକୁ ଚାମ୍ପିୟନ ଘୋଷିତ କରାଯାଇଥିଲା। ତେବେ ସୁପର୍ ଓଭରରେ ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୧୬ ରନର ଟାର୍ଗେଟ୍‌କୁ ପିଛା କରୁଥିବାବେଳେ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ଜିମ୍ମି ନିଶାମ ଏକ ଛକା ମାରିଥିଲେ। ନିଶାମଙ୍କ ଏହି ଛକା ସମୟରେ ତାଙ୍କ ପିଲାଦିନର ହାଇସ୍କୁଲ ଶିକ୍ଷକ ତଥା କୋଚ୍ ଡେଭିଡ୍ ଗର୍ଡନଙ୍କ ହାର୍ଟ ଆଟାକ୍‌ରେ ଜୀବନ ଚାଲିଯାଇଥିବା ଘଟଣା ଏବେ ଜଣାପଡ଼ିଛି। ଗର୍ଡନଙ୍କ ଝିଅ ଲିଓନି ଏ ସମ୍ପର୍କରେ କହିଛନ୍ତି ଯେତେବେଳେ ସୁପର୍ ଓଭରରେ ନ୍ୟୁଜିଲାଣ୍ଡ ୧୬ ରନର ଟାର୍ଗେଟ୍‌କୁ ପିଛା କରୁଥିଲା ବାପା ସେତେବେଳେ ହସ୍ପିଟାଲ ବେଡ୍‌ରେ ରହିଥିଲେ। ନିଶାମ ସୁପର୍ ଓଭରର ୨ୟ ବଲ୍‌ରେ ଏକ ଛକା ମାରିଥିଲେ। ସେହି ସମୟରେ ପିତାଙ୍କ ଦେହାନ୍ତ ହୋଇଥିଲା। ‘ଜଣେ ନର୍ସ ସୁପର୍ ଓଭର ସମୟରେ ଆସି କହିଥିଲେ ତାଙ୍କ ବାପାଙ୍କ ହୃତ୍‌ସ୍ପନ୍ଦନ ବଦଳୁଛି। ବୋଧ ହୁଏ ନିଶାମଙ୍କ ଛକା ପରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି’ ବୋଲି ଏକ ଗଣମାଧ୍ୟମକୁ ସାକ୍ଷାତକାର ଅବସରରେ ଲିଓନି ଏହା ପ୍ରକାଶ କରିଛନ୍ତି। ଏହି ଘଟଣାରେ କୋଚ୍ ଗର୍ଡନଙ୍କୁ ନିଶାମ ଗୁରୁବାର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ‘ଡେଭିଡ୍ ଗର୍ଡନ, ମୋ ହାଇସ୍କୁଲ ଶିକ୍ଷକ, କୋଚ୍, ବନ୍ଧୁ। ଏହି ଖେଳ ପ୍ରତି ଆପଣଙ୍କ ଅଗାଧ ଭଲ ପାଇବା ଥିଲା। ଯେଉଁମାନେ ଆପଣଙ୍କ ତତ୍ତ୍ୱାବଧାନରେ ଖେଳିଛନ୍ତି ସେମାନେ ସମସ୍ତେ ଭାଗ୍ୟବାନ। ଆଶା କରୁଛି ଆପଣ ସେଥିଲାଗି ଗର୍ବ ଅନୁଭବ କରୁଥିବେ। ଏତେସବୁ ଦେଇଥିବାରୁ ଆପଣଙ୍କୁ ଧନ୍ୟବାଦ। ସ୍ୱର୍ଗରେ ଆପଣଙ୍କ ଆତ୍ମାକୁ ଶାନ୍ତି ମିଳୁ’ ବୋଲି ନିଶାମ ତାଙ୍କ ଟୁଇଟର୍ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି।



ଜିମ୍ମି ନିଶାମ ଓ ଡେଭିଡ୍ ଗର୍ଡନ

# କଟକ ସାଇ ହଷ୍ଟେଲରୁ ଭଲିବଲ ବାଦ୍

## ୧୨ ଓଡ଼ିଆ ଖେଳାଳିଙ୍କୁ ଝାଡ଼ଖଣ୍ଡ ପଠାଯିବ

କଟକ ଅଫିସ,୧୮।୭

ରାଜ୍ୟ ଭଲିବଲ କ୍ରୀଡ଼ା ପ୍ରତି ଘନେଇଛି ବଡ଼ ଧରଣର ସଙ୍କଟ। ଓଡ଼ିଶାକୁ ଭାରତୀୟ କ୍ରୀଡ଼ାର କେନ୍ଦ୍ରସ୍ଥଳ ବୋଲି ବିବେଚନା କରାଯାଉଥିବା ବେଳେ ଭଲିବଲ ଭଳି ଏକ ଅଲିମ୍ପିକ କ୍ରୀଡ଼ାକୁ କଟକ ସାଇ ହଷ୍ଟେଲରୁ ବାଦ ଦେବା ପାଇଁ ଏବେ ନିର୍ଦ୍ଦେଶ ଆସିଛି। ଦେଶର ୨୮ଟି ସାଇ ହଷ୍ଟେଲ ଏହି ନିର୍ଦ୍ଦେଶନାମାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ପ୍ରତ୍ୟେକ ସାଇ ହଷ୍ଟେଲରେ ଅତିକମରେ ୨ଟି ଓ ଅତିବେଶିରେ ୩ଟି କ୍ରୀଡ଼ାକୁ ସାମିଲ କରାଯିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ତେବେ କଟକ ସାଇ ହଷ୍ଟେଲରୁ ଭଲିବଲ କ୍ରୀଡ଼ାକୁ ଉଠାଇ ଦିଆଗଲେ ଏହା ରାଜ୍ୟ ଭଲିବଲର ବିକାଶରେ ବଡ଼ ଧରଣର ପ୍ରଭାବ ପକାଇବ ବୋଲି ଖେଳାଳିମାନେ କହିଛନ୍ତି। ଗତ କିଛିବର୍ଷ ହେବ ରାଜ୍ୟ ଭଲିବଲ ବିକାଶର ପଥରେ ରହିଛି। ଏଣୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଉକ୍ତ ନିଷ୍ପତ୍ତିକୁ ଗ୍ରହଣ କରିବା ରାଜ୍ୟ ଭଲିବଲ ଖେଳାଳିଙ୍କ ପାଇଁ ସହଜ ହୋଇନି। ଏପରିକି ଏବେ କଟକ ସାଇ ହଷ୍ଟେଲରେ ରହୁଥିବା ୧୨ଜଣ ଅନ୍ତେବାସୀଙ୍କୁ ଝାଡ଼ଖଣ୍ଡ ସାଇ ହଷ୍ଟେଲକୁ ପଠାଇ ଦେବାକୁ କୁହାଯାଇଛି।

ଗତ କିଛି ମାସ ପୂର୍ବେ ନୂଆଦିଲ୍ଲୀଠାରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସାଇ ହଷ୍ଟେଲଗୁଡ଼ିକୁ ନୂତନ ଢ଼ଙ୍ଗରେ କାର୍ଯ୍ୟକାରୀ କରିବା ନେଇ ନିଷ୍ପତ୍ତି ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ ବୈଠକରେ କୁହାଯାଇଥିଲା ଯେ, ପ୍ରତ୍ୟେକ ରାଜ୍ୟର ସାଇ ହଷ୍ଟେଲରେ ୨ରୁ ୩ଟି କ୍ରୀଡ଼ାକୁ ରଖାଯିବ। କେଉଁ କ୍ରୀଡ଼ାକୁ ବାଦ ଦିଆଯିବ ସେ ନେଇ ମତାମତ ମଧ୍ୟ ନିଆଯାଇଥିଲା। କଟକ ସାଇ ହଷ୍ଟେଲରେ ମୋଟ ୪ଟି କ୍ରୀଡ଼ା ରହିଛି। ଏହା ହେଲା ଆଥଲେଟିକ, ବାସ୍କେଟବଲ, ଫୁଟବଲ ଓ ଭଲିବଲ। ଭଲିବଲକୁ ବାଦ ଦେଇ ଉପରୋକ୍ତ ଅନ୍ୟ ତିନି କ୍ରୀଡ଼ା ସୁରକ୍ଷିତ ରହିଛି। ଗତ ୩ବର୍ଷ ତଳେ ଭଲିବଲ ସାଇ ହଷ୍ଟେଲ ସହ ଯୋଡ଼ି ହୋଇଥିଲା। କଟକ ସାଇ ହଷ୍ଟେଲରେ ୧୦୧ଜଣ ଅନ୍ତେବାସୀ ରହିବା ନିମନ୍ତେ ବ୍ୟବସ୍ଥା ହୋଇଛି। ଏହି ୧୦୧ଜଣ ପ୍ରାଧିକରଣର ରେସିଡେନ୍ସିଆଲ ନିୟମ ଅନୁଯାୟୀ ଅବସ୍ଥାପିତ ହୋଇଛନ୍ତି, ଯେଉଁମାନେ ଏଠାରେ ରହିବା ସହ ଖେଳିବାର ସୁଯୋଗ ପାଇବେ। ପୂର୍ବରୁ କଟକ ସାଇ ହଷ୍ଟେଲରେ ନନ–ରେସିଡେନ୍ସିଆଲ ବ୍ୟବସ୍ଥା ମଧ୍ୟ ଥିଲା। ଯେଉଁ ନିୟମ ଅନୁଯାୟୀ, ଖେଳାଳିମାନେ ଘରେ ରହି ହଷ୍ଟେଲର ଦକ୍ଷ କୋଚ୍‌ଙ୍କ ପାଖରେ ପ୍ରଶିକ୍ଷଣ ନେଇ ପାରିବେ। କିଛି ବର୍ଷ ହେବ ଏଠାରୁ ନନ–ରେସିଡେନ୍ସିଆଲ ବ୍ୟବସ୍ଥାକୁ ଉଠାଇ ଦିଆଯାଇଛି। ଭଲିବଲକୁ ବାଦ ଦେବା ପାଇଁ ନିର୍ଦ୍ଦେଶ କରାଯିବା ପରେ ମଧ୍ୟ ୧୦୧ଜଣ ଖେଳାଳି ରହିବେ ବୋଲି ସ୍ପଷ୍ଟ କରାଯାଇଛି। ହେଲେ ନିୟମରେ ଏକ ପରିବର୍ତ୍ତନ ଆସିଛି। ବାଳିକା ଓ ବାଳକ ଖେଳାଳି ସମାନ ସଂଖ୍ୟାରେ ରଖିବାକୁ ପ୍ରାଧିକରଣ ନିର୍ଦ୍ଦେଶ ଦେଇଛି। ହେଲେ ଭଲିବଲ ଖେଳକୁ ବାଦ ଦେବା ପଛରେ ଭଲିବଲ କୋଚ୍ ଓ ପ୍ରାଧିକରଣର ଅଧିକାରୀଙ୍କ ମଧ୍ୟରେ ବିବାଦ ହିଁ କାରଣ ବୋଲି ରାଜ୍ୟ ଭଲିବଲ ସଂଘର ଜଣେ ପୂର୍ବତନ କର୍ମକର୍ତ୍ତା କହିଛନ୍ତି। ରାଜ୍ୟ ଭଲିବଲ ସଂଘର ସମ୍ପାଦକ ଡ. ଗଗନେନ୍ଦୁ ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ଭଲିବଲକୁ ସାଇ ହଷ୍ଟେଲରୁ ଉଠାଇ ଦିଆଗଲେ ରାଜ୍ୟ ଭଲିଭଲ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ଉପରେ ପ୍ରଭାବ ପଡ଼ିବ। ଏହି ନିଷ୍ପତ୍ତିକୁ ଆମେ ବିରୋଧ କରୁ ବୋଲି ଗଗନେନ୍ଦୁ କହିଥିଲେ।



ବ୍ରିଟିଶ ବକ୍ସର ଅମିର ଖାଁଙ୍କ ସହିତ ଲଢେଇ ପାଇଁ ଭୟ କରୁଛି ବୋଲି ଯାହା କୁହାଯାଉଛି ଠିକ୍ ନୁହେଁ, ଚ୍ୟାଲେଞ୍ଜ ଲାଗି ମୁଁ ପ୍ରସ୍ତୁତ।
–ବିଜେନ୍ଦର ସିଂ, ଭାରତୀୟ ପ୍ରଫେସନାଲ ବକ୍ସର



ବାଉଣ୍ଡାରି ସଂଖ୍ୟା ଭିତ୍ତିରେ ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍ ଫାଇନାଲରେ ପରାଜୟଜନିତ କଷ୍ଟ ଭୁଲିବା ଲାଗି ଅତିକମ୍‌ରେ ୨ବର୍ଷ ଲାଗିବ।
–ଟ୍ରେଣ୍ଟ ବୋଲ୍ଟ, ନ୍ୟୁଜିଲାଣ୍ଡ ପେସ୍ ବୋଲର

## ସଂକ୍ଷେପରେ

### ହିରୱାନୀ ମହିଳା ଦଳର ସ୍ପିନ୍ ବୋଲିଂ ପରାମର୍ଶଦାତା



ନୂଆଦିଲ୍ଲୀ, ୧୮।୭ (ପି.ଟି.): ପୂର୍ବତନ ଭାରତୀୟ କ୍ରିକେଟର ତଥା ଜାତୀୟ କ୍ରିକେଟ୍ ଏକାଡେମୀ (ଏନ୍‌ସିଏ) ସ୍ପିନ କୋଚ୍ ନରେନ୍ଦ୍ର ହିରୱାନୀଙ୍କୁ ଗୁରୁବାର ନୂଆ ଦାୟିତ୍ୱ ମିଳିଛି। ସେ ଭାରତୀୟ ମହିଳା କ୍ରିକେଟ୍ ଦଳର ସ୍ପିନ ବୋଲିଂ ପରାମର୍ଶଦାତା ଭାବେ ନିଯୁକ୍ତି ପାଇଛନ୍ତି। ଫଳରେ ଆସନ୍ତା ସେପ୍ଟେମ୍ବରରୁ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯିବାକୁ ଥିବା ଦ୍ୱିପାକ୍ଷିକ ସିରିଜରେ ସେ ଭାରତୀୟ ଦଳ ସହ ରହିବା ସ୍ପଷ୍ଟ ହୋଇଛି। ୫୦ ବର୍ଷ ବୟସ ଏହି ପୂର୍ବତନ ଲେଗ୍-ସ୍ପିନର ଜାତୀୟ ଦଳ ପକ୍ଷରୁ ୧୭ ଟେଷ୍ଟ ଓ ୧୮ ଦିନିକିଆ ମ୍ୟାଚ୍ ଖେଳି ଯଥାକ୍ରମେ ୬୬ ଓ ୨୩ ଉଇକେଟ୍ ଅକ୍ତିଆର କରିଛନ୍ତି। ଦଳରେ ଅଧିକ ସ୍ପିନର ରହିଥିବାରୁ ଜଣେ ସ୍ପିନ ବୋଲିଂ କୋଚ୍‌ଙ୍କ ଆବଶ୍ୟକତା ରହିଛି ବୋଲି ନିକଟରେ ଭାରତୀୟ ଟି୨୦ ଦଳର ଅଧିନାୟିକା ହର୍‌ମନପ୍ରୀତ୍ କୌର କହିଥିଲେ। ଭାରତୀୟ ଦଳରେ ବର୍ତ୍ତମାନ ପୁନମ ଯାଦବ, ଏକତା ବିସ୍ତ ଓ ଦୀପ୍ତି ଶର୍ମାଙ୍କ ରୂପରେ ୩ଜଣ ସ୍ପିନର ରହିଛନ୍ତି। 'ହିରୱାନୀ ଜାତୀୟ କ୍ରିକେଟ ଏକାଡେମୀ ସହ ବ୍ୟସ୍ତ ରହୁଥିବାରୁ ଏହା ଏକ ପୂର୍ଣ୍ଣକାଳୀନ ଦାୟିତ୍ୱ ନୁହେଁ। ସେ ଦଳ ସହିତ ଗସ୍ତ କରିବେ।

### ସ୍ୱଦେଶ ଫେରିଲେ ନ୍ୟୁଜିଲାଣ୍ଡ ଖେଳାଳି

ଅକ୍‌ଲାଣ୍ଡ, ୧୮।୭: ଆଇସିସି ବିଶ୍ୱକପ୍‌ର ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡ ନିକଟରୁ ବାଉଣ୍ଡାରୀ ବ୍ୟବଧାନରେ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିବା ନ୍ୟୁଜିଲାଣ୍ଡ ଦଳ ଗୁରୁବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି। ସିନିୟର ଖେଳାଳି ତଥା ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟଙ୍କ ସମେତ ଟିମ୍ ସୌଦୀ, ଅଲ୍‌ରାଉଣ୍ଡର କଲିନ୍ ଡି ଗ୍ରାଣ୍ଡହୋମ୍, ସ୍ପିନର ମିଚେଲ ସାଣ୍ଟନରଙ୍କ ସମେତ ୭ଜଣ କିୱି ଖେଳାଳି ଅକ୍‌ଲାଣ୍ଡ ବିମାନବନ୍ଦରରେ ଓହ୍ଲାଇଛନ୍ତି। 'ଏହିଭଳି ଏକ ଚମତ୍କାର ବିଶ୍ୱକପ୍ ଫାଇନାଲ ଖେଳିବା ଅଭୂତପୂର୍ବ ଅଭିଜ୍ଞତା ଥିଲା। ମ୍ୟାଚ୍‌ର ୫୦ତମ ଓଭରରେ ମୋ ବଲ୍‌ରେ ଛକା ହୋଇଥିଲା। ବେନ୍ ଷ୍ଟୋକ୍ସ ଓ ଜୋ ରୁଟ୍ ଚମତ୍କାର ପାର୍ଟନରଶିପ୍ କରିଥିଲେ। ବିଜୟୀ ଲାଗି ଇଂଲଣ୍ଡ ଦଳକୁ ଅଭିନନ୍ଦନ' ବୋଲି ବୋଲ୍ଟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଦୀର୍ଘ ୪ ମାସର ବ୍ୟବଧାନ ପରେ ମୁଁ ଘରକୁ ଫେରୁଛି। ମୋ ଡଗ୍ ସହ ପ୍ରଥମେ ସି-ବିଚ୍ ବୁଲିବାକୁ ଯିବି ବୋଲି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୭ ଉଇକେଟ୍ ନେବା ସହ ଆଇସିସି ବିଶ୍ୱକପ୍ ଟିମ୍‌ରେ ଦ୍ୱାଦଶ ଖେଳାଳି ଭାବେ ସ୍ଥାନ ପାଇଥିବା ବୋଲ୍ଟ ଏହି ଅବସରରେ ପ୍ରକାଶ କରିଛନ୍ତି।

# ମୁଖ୍ୟ ଚୟନକର୍ତ୍ତା ଡକାଇବେ କମିଟି ବୈଠକ

ନୂଆଦିଲ୍ଲୀ,୧୮।୭(ପି.ଟି.)

ଏଥର ଚୟନ କମିଟି ବୈଠକ ଡକାଇବେ ମୁଖ୍ୟ ଚୟନକର୍ତ୍ତା ବା କମିଟିର ଅଧ୍ୟକ୍ଷ। କ୍ରିକେଟ ପ୍ରଶାସକ କମିଟି (ସିଓଏ) ଏ ନେଇ ନିର୍ଦ୍ଦେଶ ଦେବା ପରେ ପୁରୁଣା ନିୟମରେ ପରବର୍ତ୍ତନ ହୋଇଛି। ପୂର୍ବରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସାଧାରଣ ସମ୍ପାଦକ ଏହି ବୈଠକ ଡକାଉଥିଲେ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଷ୍ଟିସ ଆର.ଏମ. ଲୋଧା ପ୍ୟାନେଲ ଦ୍ୱାରା ନିଆଯାଇଥିବା ସଂସ୍କାରମୂଳକ ପଦକ୍ଷେପ ସ୍ୱରୂପ ସିଓଏ ଏହି ନିୟମରେ ପରିବର୍ତ୍ତନ କରି ଚୟନ କମିଟିମୁଖ୍ୟଙ୍କୁନୂଆଦାୟିତ୍ୱପ୍ରଦାନକରିଛି।

ବିଦେଶ ଗସ୍ତ ପାଇଁ ଆଡମିନିଷ୍ଟ୍ରେଟିଭ ମ୍ୟାନେଜର ବା ପ୍ରଶାସନିକ ପ୍ରବନ୍ଧକ ଏହି

### ନିୟମ ବଦଳିଲା

ବୈଠକ ଡକାଇପାରିବେ ବୋଲି ସିଓଏ ତରଫରୁ ନିର୍ଦ୍ଦେଶ ଜାରି କରାଯାଇଛି। ଏବେଠାରୁ ବୋର୍ଡ ସମ୍ପାଦକ ଏହି ଚୟନ କମିଟି ବୈଠକ ଡକାଇପାରିବେ ନାହିଁ ବୋଲି ସ୍ପଷ୍ଟ ଭାବେ କୁହାଯାଇଛି। ଦଳ ଚୟନରେ କିମ୍ବା ଖେଳାଳି ପରିବର୍ତ୍ତନରେ ମଧ୍ୟ ସମ୍ପାଦକଙ୍କ କୌଣସି ଭୂମିକା ରହିବ ନାହିଁ ବୋଲି ସିଓଏ ସ୍ପଷ୍ଟ କରିଛି। ସିଓଏର ଏହି ନିଷ୍ପତ୍ତି ସମ୍ପାଦକଙ୍କ ସ୍ଥିତିକୁ ଦୁର୍ବଳ କରିବ। ବୋର୍ଡର ପୁରୁଣା ସମ୍ବିଧାନ ଅନୁଯାୟୀ ସମ୍ପାଦକ ହିଁ ଚୟନ କମିଟିର ବୈଠକ ଡକାଇବାର ଅଧିକାର ହାସଲ କରିଥିଲେ। ଲୋଧା ପ୍ୟାନେଲଙ୍କ ସଂସ୍କାରମୂଳକ ନୀତି ଅନୁଯାୟୀ କ୍ରିକେଟ ସମ୍ପର୍କିତ ମାମଲାରେ ସ୍ୱତନ୍ତ୍ର ଅଭିଜ୍ଞତା ଥିବା ବ୍ୟକ୍ତି ବା ସ୍ପେଶାଲିଷ୍ଟମାନେ ନିଷ୍ପତ୍ତି ନେଇପାରିବେ। ତେବେ ଯଦି ଆବଶ୍ୟକ ହୁଏ ବିଦେଶ ଗସ୍ତ ପାଇଁ ପ୍ରଶାସନିକ ପ୍ରବନ୍ଧକ ବୈଠକ ଡକାଇପାରିବେ ବୋଲି

V-GUARD
Stylish and efficient Fans.
To beat the heat. Fan
Contact : 9937038335

କୁହାଯାଇଛି। ତେବେ ନୂଆ ସମ୍ବିଧାନ ଲାଗୁ ହେବା ପରେ ମଧ୍ୟ ସମ୍ପାଦକ ପୂର୍ବପରି ଚୟନ କମିଟି ବୈଠକରେ ଯୋଗ ଦେଇପାରିବେ ବୋଲି କୁହାଯାଇଛି।

ତେବେ ବୋର୍ଡ ସମ୍ପାଦକଙ୍କୁ ଚୟନ କମିଟି ମେଲ୍ କରିବା ଜାରି ରଖିବ। ଦଳରେ କୌଣସି ପରିବର୍ତ୍ତନ କରାଗଲେ ସମ୍ପାଦକଙ୍କ ଅନୁମତି ନିଆଯାଇପାରିବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ନୂଆ ସମ୍ବିଧାନ ଅନୁସାରେ ବୋର୍ଡ କାର୍ଯ୍ୟ ଚାଲୁ ରହିବ ବୋଲି ସିଓଏ ତରଫରୁ କୁହାଯାଇଛି।

ବିଦେଶ ଗସ୍ତକୁ ବାଦ୍ ଦେଲେ ପୁରୁଷ ଦଳ ଚୟନ କମିଟି, ଜୁନିୟର ଚୟନ କମିଟି ଓ ମହିଳା ଚୟନ କମିଟି ବୈଠକ କମିଟି ଅଧ୍ୟକ୍ଷ ଡକାଇପାରିବେ। ଏହି କମିଟି ବୈଠକରେ କୌଣସି ପଦାଧିକାରୀ ବା ମୁଖ୍ୟକାର୍ଯ୍ୟ ନିର୍ବାହୀ କୌଣସି କମିଟି ବୈଠକରେ ଯୋଗ ଦେଇପାରିବେ ନାହିଁ। ତେବେ ସବୁ ବୈଠକ ବିସ୍ତୃତ ବିବରଣୀ କମିଟି ଅଧ୍ୟକ୍ଷଙ୍କୁ ନିଜ ହସ୍ତାକ୍ଷର ସହ ସମ୍ପାଦକଙ୍କୁ ଦେବାକୁ ହେବ। ଦଳରେ କୌଣସି ପରିବର୍ତ୍ତନ ବା ଚୟନ ସଂକ୍ରାନ୍ତରେ ଚୟନ କମିଟି ସ୍ୱାଧୀନ ଭାବେ ନିଷ୍ପତ୍ତି ନେଇପାରିବ ଓ ଏଥିପାଇଁ ମୁଖ୍ୟକାର୍ଯ୍ୟ ନିର୍ବାହୀଙ୍କଠାରୁ ଅନୁମତି ନେବାର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି। ମ୍ୟାଚ୍ ଦେଖିବା ପାଇଁ ଚୟନକର୍ତ୍ତାଙ୍କ ଯାତ୍ରା ସମ୍ପର୍କିତ ଓ ଅନ୍ୟାନ୍ୟ ବନ୍ଦୋବସ୍ତ ମୁଖ୍ୟକାର୍ଯ୍ୟ ନିର୍ବାହୀ କରିବେ। ତେବେ ଏ ସମ୍ପର୍କରେ ମୁଖ୍ୟକାର୍ଯ୍ୟ ନିର୍ବାହୀଙ୍କୁ ମେଲ୍ କରାଯିବାକୁ କୁହାଯାଇଛି।

### ଜୁନିୟର ଶୁଟିଂ ବିଶ୍ୱକପ୍: ସରବ୍‌ଜୋତ୍‌ଙ୍କୁ ସ୍ୱର୍ଣ୍ଣ

ସୁଲ୍(ଜର୍ମାନୀ),୧୮।୭(ପିଟି)

ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ଶୁଟିଂ ବିଶ୍ୱକପ୍‌ରେ ଭାରତୀୟ ଦଳର ସ୍ୱର୍ଣ୍ଣ ପଦକ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ଗୁରୁବାର ଅନୁଷ୍ଠିତ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସରବଜୋତ୍ ସିଂ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ପଦକ ରାଉଣ୍ଡରେ ସର୍ବାଧିକ ୨୩୯.୬ ସ୍କୋର କରିଥିଲେ। ୧୦ ମି. ଏୟାର ପିସ୍ତଲ ଇଭେଣ୍ଟରେ ଭାରତର ଦ୍ୱିତୀୟ ପଦକ। ସରବଜୋତଙ୍କ ପୂର୍ବରୁ ୧୪ ବର୍ଷୀୟା ଇଶା ସିଂ ବୁଧବାର ମହିଳା ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ। ପ୍ରତିଯୋଗିତା ଶେଷହେବାକୁ ଗୋଟିଏ ଦିନ ବାକି ଥିବାବେଳେ ଭାରତ ୯ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୪ ବ୍ରୋଞ୍ଜ ମୋଟ ୨୨ ପଦକ ସହ ତାଲିକା ଶୀର୍ଷରେ ରହିଛି।



ଜାମାଇକା ବିପକ୍ଷ ଦୃଷ୍ଟିହୀନ କ୍ରିକେଟ୍ ସିରିଜ ପାଇଁ ଭାରତୀୟ ଦଳରେ ସାମିଲ ହୋଇଥିବା ଓଡ଼ିଶାର ଦୁଇ କ୍ରିକେଟର ଜାଫର ଇକ୍‌ବାଲ ଓ ପଙ୍କଜ ଭୁଏ।

### ସ୍ୱୀକାର କଲେ ରଜାକ

ନୂଆଦିଲ୍ଲୀ, ୧୮।୭

ଆଇସିସି ବିଶ୍ୱକପ୍ ସମୟରେ ଭାରତୀୟ କ୍ରିକେଟର୍ ହାର୍ଦ୍ଦିକ ପାଣ୍ଡ୍ୟାକୁ ପ୍ରଶିକ୍ଷଣ ପ୍ରଦାନ କରିବାକୁ ଅଫର୍ କରି ଚର୍ଚ୍ଚାକୁ ଆସିଥିଲେ ପୂର୍ବତନ ପାକିସ୍ତାନ ଅଲ୍‌ରାଉଣ୍ଡର ଅବଦୁଲ ରଜାକ। ପାଣ୍ଡ୍ୟାଙ୍କୁ ପ୍ରଶିକ୍ଷଣ ଦେବା ସହ ତାଙ୍କୁ ବିଶ୍ୱର ଶ୍ରେଷ୍ଠ ଅଲ୍‌ରାଉଣ୍ଡର ବନାଇବାକୁ ଚାହୁଁଛନ୍ତି ବୋଲି ରଜାକ ବିଶ୍ୱକପ୍ ସମୟରେ କହିଥିଲେ। ଏବେ କିନ୍ତୁ ଏକ ବିବାଦୀୟ ବୟାନ ଦେଇ ବେଶ୍ ଚର୍ଚ୍ଚାକୁ ଆସିଛନ୍ତି ପାକିସ୍ତାନର ଏହି ୩୯ ବର୍ଷୀୟ ଅଲ୍‌ରାଉଣ୍ଡର। ନିକଟରେ ଏକ ଟିଭି ଶୋ' ଅବସରରେ ରଜାକ ନିଜ ବିଷୟରେ ଏମିତି କିଛି ମତ ରଖି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ବିବାହ ପରେ ୫-୬ ମହିଳାଙ୍କ ସହ ସମ୍ପର୍କ ରଖିଥିବା ନେଇ ଏକ ଟିଭି ପ୍ରୋଗ୍ରାମରେ ରଜାକ ସର୍ବସମ୍ମୁଖରେ ଏହା କହିଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ସହ ଦେଢ଼ବର୍ଷ ଧରି ସମ୍ପର୍କ ରଖିଥିବା ଏହି ପାକିସ୍ତାନ ଭେଟେରାନ କ୍ରିକେଟର୍ ସ୍ୱୀକାର କରିଛନ୍ତି। ବୈବାହିକ ଜୀବନ ଆରମ୍ଭ ହେବାପରେ ଏହା ହୋଇଥିଲା ବୋଲି ରଜାକ କହିଥିଲେ। ଏହି ଟିଭି ଶୋ'ର ଏକ ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି।

# ଅନ୍ତର୍ଜାତୀୟ କ୍ରିକେଟରୁ ଜିମ୍ବାୱେ ସସ୍‌ପେଣ୍ଡ

ଲଣ୍ଡନ, ୧୮।୭ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଗୁରୁବାର ଜିମ୍ବାୱେକୁ ଅନ୍ତର୍ଜାତୀୟ କ୍ରିକେଟରୁ ସସ୍‌ପେଣ୍ଡ କରିଛି। ଫଳରେ ଏହି ଦେଶକୁ ଆଇସିସିର କୌଣସି ଇଭେଣ୍ଟରେ ଅଂଶଗ୍ରହଣ ପାଇଁ ଅନୁମତି ମିଳିବ ନାହିଁ।

ଜିମ୍ବାୱେର ଏକ ସରକାରୀ ଏଜେନ୍ସି ସ୍ପୋର୍ଟ୍ସ ଆଣ୍ଡ୍ ରିକ୍ରିଏଶନ କମିଟି (ଏସ୍‌ଆର୍‌ସି) ଜାତୀୟ କ୍ରିକେଟ ବୋର୍ଡର ବର୍ତ୍ତମାନର ନିର୍ବାଚିତ ସଦସ୍ୟମାନଙ୍କୁ ସସ୍‌ପେଣ୍ଡ କରିଛି। ଏହା ଦ୍ୱାରା ଦେଶ ଆଇସିସିର ଧାରା ୨.୪ (ସି) ଏବଂ ଡି'ର ଉଲ୍ଲଂଘନ କରିଛି। ଜିମ୍ବାୱେ ଯେହେତୁ ଆଇସିସିର ପୂର୍ଣ୍ଣ ସଦସ୍ୟତା ଲାଭ କରିଛି, ମୁକ୍ତ ଓ ଅବାଧ ଏବଂ ଗଣତାନ୍ତ୍ରିକ ଉପାୟରେ କର୍ମକର୍ତ୍ତା ନିର୍ବାଚନ ସହ ଦେଶର କ୍ରିକେଟ ବୋର୍ଡ ଆଇସିସି ସମ୍ବିଧାନ ଅନୁସାରେ କାର୍ଯ୍ୟ କରିବା କଥା। ଏହାର କାର୍ଯ୍ୟଧାରାରେ ରାଜନୈତିକ ହସ୍ତକ୍ଷେପ ହେବା ଉଚିତ ନୁହେଁ। ଅନ୍ୟପକ୍ଷରେ ଆଇସିସି କହିଛି ନିର୍ବାଚିତ ଜିମ୍ବାୱେ କ୍ରିକେଟ ବୋର୍ଡ ଯେପରି ଆସନ୍ତା ୩ ମାସ ମଧ୍ୟରେ ପୁନଃ ଅବସ୍ଥାପିତ ହୁଏ ସେ ଦିଗରେ ଧ୍ୟାନ ଦେବା ଉଚିତ। ନିର୍ଦ୍ଦେଶକୁ ଯଦି କାର୍ଯ୍ୟକାରୀ କରାଯାଏ ତେବେ ଅକ୍ଟୋବରରେ ହେବାକୁଥିବା ବୋର୍ଡ ବୈଠକରେ ସସ୍‌ପେଣ୍ଡ ଆଦେଶକୁ ଉଠାଇ ନେବା କଥା ବିଚାର କରାଯାଇ ପାରେ।

### ଟେଷ୍ଟ ପଦାର୍ପଣ କରିବେ ରୟ



ଲଣ୍ଡନ, ୧୮।୭ (ଏଏଫ୍‌ପି)

ଇଂଲଣ୍ଡକୁ ବିଶ୍ୱକପ୍ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଷ୍ଟାର୍ ଖେଳାଳି ଜାସନ ରୟ ଟେଷ୍ଟ ପଦାର୍ପଣ କରିବାକୁ ଯାଉଛନ୍ତି। ଆୟର୍ଲାଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍ ଲାଗି ଘୋଷିତ ୧୩ ଜଣିଆ ଇଂଲଣ୍ଡ ଦଳରେ ରୟଙ୍କୁ ସ୍ଥାନ ମିଳିଛି। ଦକ୍ଷିଣ ଆଫ୍ରିକା ଜନ୍ମିତ ରୟ ବିଶ୍ୱକପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ମୋଟ୍ ୪୪୩ ରନ୍ ସଂଗ୍ରହ କରିଥିଲେ। ଏହି ପ୍ରଦର୍ଶନକୁ ଭିତ୍ତି କରି ଇଂଲଣ୍ଡ ଚୟନକର୍ତ୍ତାମାନେ ତାଙ୍କୁ ଟେଷ୍ଟ କ୍ରିକେଟ୍‌ରେ ସୁଯୋଗ ଦେଇଛନ୍ତି। ଫଳରେ ଅଗଷ୍ଟ ୧ରୁ ଏଜବାଷ୍ଟନରେ ଆରମ୍ଭ ହେବାକୁ ଥିବା ଐତିହାସିକ ଆଶେସ ଟେଷ୍ଟ ସିରିଜରେ ମଧ୍ୟ ରୟ ସ୍ଥାନ ପାଇବାର ସମ୍ଭାବନା ସୃଷ୍ଟି ହୋଇଛି। ତେବେ ଡରହାମ ଦ୍ରୁତ ବୋଲର ମାର୍କ ଉଡ୍ ଆଘାତଜନିତ ସମସ୍ୟା ଲାଗି ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ସେହିଭଳି ୫ ମ୍ୟାଚ୍‌ବିଶିଷ୍ଟ ଆଶେସ ସିରିଜର ପ୍ରାରମ୍ଭରୁ ମଧ୍ୟ କେତୋଟି ମ୍ୟାଚ୍ ସେ ଖେଳିପାରିବେ ନାହିଁ ବୋଲି ଜଣାପଡ଼ିଛି। ୱର୍କଶାୟର ଯୁବ ଦ୍ରୁତ ବୋଲର ଓଲି ଷ୍ଟୋନଙ୍କୁ ଦଳରେ ସ୍ଥାନ ମିଳିଛି। ଆୟର୍ଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଏକମାତ୍ର ଟେଷ୍ଟ ଜୁଲାଇ ୨୪ରୁ ଲର୍ଡ୍ସରେ ଆରମ୍ଭ ହେବ। ପାଞ୍ଚ ଦିବସ ପରିବର୍ତ୍ତେ ଏହା ୪ଦିନ ଖେଳାଯିବ।

**ଆୟର୍ଲାଣ୍ଡ ମ୍ୟାଚ୍ ଲାଗି ଇଂଲଣ୍ଡ ଦଳ:** ଜୋ ରୁଟ୍ (ଅଧିନାୟକ), ମୋଇନ ଅଲି, ଜିମ୍ମି ଆଣ୍ଡରସନ, ଜନି ବେୟାରଷ୍ଟୋ, ଷ୍ଟୁଆର୍ଟ ବ୍ରଡ୍, ରୋରି ବୁର୍ନ୍ସ, ସାମ୍ କୁରାନ, ଜୋ ଡେନ୍‌ଲୀ, ଲୁଇସ ଗ୍ରେଗୋରୀ, ଜ୍ୟାକ୍ ଲିଚ୍, ଜାସନ ରୟ, ଓଲି ଷ୍ଟୋନ ଓ କ୍ରିସ୍ ୱକ୍ସ।

# ସିନ୍ଧୁ କ୍ୱାର୍ଟରରେ, ଶ୍ରୀକାନ୍ତ ପରାସ୍ତ

ଜାକର୍ତ୍ତା, ୧୮।୭ (ପି.ଟି.)

ଭାରତର ଟପ୍ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପି. ଭି. ସିନ୍ଧୁ ଏଠାରେ ଚାଲିଥିବା ଇଣ୍ଡୋନେସିଆନ ଓପନ୍ ମହିଳା ସିଙ୍ଗଲ୍ସ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ କିଡାମ୍ବୀ ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସରେ ହାରିଯାଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ହଂକଂର ଏନ୍‌ଜି କାଲଙ୍ଗ ଆଙ୍ଗସଙ୍କଠାରୁ ୧୭-୨୧, ୧୯-୨୧ରେ ପରାସ୍ତ ହୋଇଛନ୍ତି। ଗୁରୁବାର ସିନ୍ଧୁ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଅଣସିଡ୍ ତଥା ଡେନମାର୍କର ମିଆ ବ୍ଲିଚଫିଲ୍‌ଡେଟ୍‌ଙ୍କୁ ୨୧-୧୪, ୧୭-୨୧, ୨୧-୧୧ରେ ହରାଇ ଦେଇଛନ୍ତି। ବିଶ୍ୱର ଏହି ୧୩ନମ୍ବର ଖେଳାଳିଙ୍କ ବିପକ୍ଷରେ ସିନ୍ଧୁଙ୍କ ତୃତୀୟ ବିଜୟ। ଭାରତୀୟ ଷ୍ଟାର ଖେଳାଳି ଏହା ପୂର୍ବରୁ ଇଣ୍ଡିଆନ ଓପନ୍ ଏବଂ ସିଙ୍ଗାପୁର ଓପନରେ ବ୍ଲିଚଫିଲ୍‌ଡେଟ୍‌ଙ୍କୁ ସିଧାସଳଖ ଗେମ୍‌ରେ ପରାସ୍ତ କରିଥିଲେ। ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୧୦୦୦ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟରଫାଇନାଲରେ ସିନ୍ଧୁ ମାଲେସିଆର ସୋନିଆ ଚେ କିମ୍ବା ଜାପାନର ତଥା ତୃତୀୟ ସିଡ୍ ନୋଜୋମି ଓକୁହାରାଙ୍କ ସହିତ ମୁକାବିଲା କରିବେ। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ୍ ଶେଟ୍ଟି ଦ୍ୱିତୀୟ ରାଉଣ୍ଡରେ ସ୍ଥାନୀୟ ଯୋଡ଼ି ମାର୍କସ ଫର୍ନାଲ୍‌ଡି ଗିଡେଅନ୍ ଏବଂ କେଭିନ୍ ସଞ୍ଜୟ ସୁକାମୁଲ୍‌ଜୋଙ୍କଠାରୁ ୧୫-୨୧, ୧୪-୨୧ ଗେମ୍‌ରେ ପରାସ୍ତ ହୋଇଯାଇଛନ୍ତି।

# କେନିଆ ଧାବିକା ୮ବର୍ଷ ବାସନ୍ଦ

ନାଇରୋବି, ୧୮।୭ (ଏଏଫ୍‌ପି)

କେନିଆର ମାରାଥନ ଧାବିକା ସାଲୋମ୍ ବିଓଟ ୮ବର୍ଷ ପାଇଁ ସସ୍‌ପେଣ୍ଡ ହୋଇଛନ୍ତି। ଦ୍ୱିତୀୟ ଥର ଡୋପ୍ ଟେଷ୍ଟରେ ଧରାପଡ଼ିଥିବାରୁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି। ଜୁନ୍‌ରେ ସାଓପଲୋ ଇଣ୍ଟରନ୍ୟାଶନାଲ ମାରାଥନରେ ଭାଗନେବା ସମୟରେ ଏହି ୩୬ ବର୍ଷୀୟା ଧାବିକାଙ୍କ ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରୁ ନିଷିଦ୍ଧ ଆନାବୋଲିକ୍ ଷ୍ଟେରଏଡ୍‌ର ମାତ୍ରା ଦେଖିବାକୁ ମିଳିଥିଲା। ପୂର୍ବରୁ ୨୦୧୨ରେ ନାଇରୋବି ମାରାଥନ ଜିତିବା ପରେ ବିଓଟ୍ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ତାଙ୍କ ସାମ୍ପଲରୁ ସମାନ ନିଷିଦ୍ଧ ଦ୍ରବ୍ୟ ଠାବ କରାଯାଇଥିଲା। ଏଥିପାଇଁ ତାଙ୍କୁ ଦୁଇବର୍ଷ ବାସନ୍ଦ ଦଣ୍ଡ ଭୋଗିବାକୁ ହୋଇଥିଲା। ବିଓଟ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୨୦୧୬ ହମବର୍ଗ ମାରାଥନରେ କରିଥିଲେ। ତାଙ୍କର ଟାଇମିଂ ୨ଘଣ୍ଟା ୩୦ ମିନିଟ୍ ଓ ୪୭ ସେକେଣ୍ଡ ରହିଥିଲା। ଡୋପିଙ୍ଗ ପାଇଁ ଲମ୍ବା ସମୟ ବାସନ୍ଦ ହେବାରେ ବିଓଟ ହେଉଛନ୍ତି କେନିଆର ତୃତୀୟ ଆଥଲେଟ୍। ଅନ୍ୟ ଦୁଇଜଣ ହେଲେ ରିଓ ଅଲିମ୍ପିକ ଚାମ୍ପିୟନ ଜେମିମା ସମ୍‌ଗଙ୍ଗ୍ ଏବଂ ଲିଲିଆନ୍ ମୋରା ମାରିଟା। ସୂଚନାଯୋଗ୍ୟ, ବିଓଟଙ୍କୁ ମିଶାଇ ଏଆଇୟୁ ଚଳିତ ବର୍ଷ ଡୋପ୍ ଅପରାଧ ପାଇଁ କେନିଆର ୧୦ ଏଲିଟ୍ ଆଥଲେଟଙ୍କୁ ସସ୍‌ପେଣ୍ଡ କରିସାରିଲାଣି।

# ମୋର୍ଗାନ, ୱିଲିୟମସନଙ୍କ ନେତୃତ୍ୱ ଦୃଷ୍ଟାନ୍ତମୂଳକ

କୁମାର ସଙ୍ଗକାରା

ଟୁର୍ନାମେଣ୍ଟ ପୂର୍ବରୁ ଯେଭଳି ଚର୍ଚ୍ଚା ଓ ଅନୁମାନ କରାଯାଉଥିଲା ଆଇସିସି ବିଶ୍ୱକପ୍ ସେଭଳି ହୋଇ ନ ଥିଲା। ବିଶ୍ୱକପ୍‌ରେ ଛକା ଓ ଚୌକାର ବର୍ଷା ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ କଥା ଅଲଗା ହୋଇଥିଲା। ଲିଗ୍ ପର୍ଯ୍ୟାୟରେ ବର୍ଷା ଓ ଖରାପ ପାଗ କାରଣରୁ କେତୋଟି ମ୍ୟାଚ୍ ପ୍ରଭାବିତ ହୋଇଥିଲା। ତେବେ ଏହା ସତ୍ତ୍ୱେ ପୂର୍ବରୁ କୌଣସି ବିଶ୍ୱକପ୍‌ର ଫାଇନାଲରେ ଏପରି ରୋମାଞ୍ଚ ଓ ଉତ୍କଣ୍ଠା ଦେଖିବାକୁ ମିଳି ନ ଥିଲା। ଏହା ଏକ ଚମତ୍କାର ଫାଇନାଲ ଥିଲା। ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ଉପସ୍ଥିତ ସବୁ ଦର୍ଶକ ଉତ୍କଣ୍ଠାର ସହିତ ମ୍ୟାଚ୍‌ର ଫଳାଫଳକୁ ଅପେକ୍ଷା କରିଥିଲେ। ପ୍ୟାଭିଲିୟନର ବେଞ୍ଚରେ ୧୯୭୫, ୧୯୭୯, ୧୯୮୩ ଓ ୧୯୯୯ ବିଶ୍ୱକପ ଦେଖିଥିବା ବୟସ୍କ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଦର୍ଶକମାନେ ପୁଣି ଥରେ ଏଭଳି ଏକ ଦମ୍‌ଦାର ମ୍ୟାଚ୍ ସମ୍ଭବତଃ ଭବିଷ୍ୟତରେ ଦେଖିବେ ନାହିଁ।

ଇଂଲଣ୍ଡ ଶେଷରେ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଥିଲା। ପ୍ରତିକୂଳ ପରିସ୍ଥିତିରେ ବୋଲରଙ୍କ ସମେତ ଦୁଇଦଳର ବ୍ୟାଟ୍ସମ୍ୟାନ କଡ଼ା ପରୀକ୍ଷାର ସମ୍ମୁଖୀନ ହୋଇଥିଲେ। ନ୍ୟୁଜିଲାଣ୍ଡ କ୍ରମାଗତ ଦ୍ୱିତୀୟଥର ପାଇଁ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ଅଳ୍ପକେ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲେ ମଧ୍ୟ ସାହସିକ ଖେଳ ପ୍ରଦର୍ଶନ କରି ନ୍ୟୁଜିଲାଣ୍ଡ ସାରା ବିଶ୍ୱର ହୃଦୟ ଜିଣିବାରେ ସଫଳ ହୋଇଥିଲା। କ୍ରମାଗତ ଦ୍ୱିତୀୟଥର ଫାଇନାଲରେ ହାରିବା ନିଶ୍ଚିତ ଭାବେ କଷ୍ଟ ଦେଇଥିବ। ଆମ ଦଳ ଶ୍ରୀଲଙ୍କା ମଧ୍ୟ ୨୦୦୭ ଓ ୨୦୧୧ ବିଶ୍ୱକପ୍ ଫାଇନାଲରେ ପରାସ୍ତ ହୋଇ ସମାନ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୋଇଥିଲା। ସେହିପରି ୨୦୦୯ ଓ ୨୦୧୨ରେ ମଧ୍ୟ ଟି୨୦ ବିଶ୍ୱକପ୍‌ରେ ଆମେ ସମାନ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୋଇଥିଲୁ। ଜଣେ ଖେଳାଳି ହିସାବରେ ଏହାକୁ ହଜମ କରିବା ନିହାତି କଷ୍ଟକର। ତେବେ ନ୍ୟୁଜିଲାଣ୍ଡ ଖେଳାଳିମାନେ ନିଜକୁ ନିଶ୍ଚିତ ଭାବେ ଦାୟୀ କରିଥିବେ। ୨୦୧୫ରେ ଅଷ୍ଟ୍ରେଲିଆର ପ୍ରଭାବ ଦେଖିବାକୁ ମିଳିଥିଲା। ତେବେ ଏଥର ନ୍ୟୁଜିଲାଣ୍ଡ ଭଲ ଖେଳି ଫାଇନାଲରେ ପ୍ରବେଶ କରିଥିଲା।

THE ULTIMATE INVERTER BATTERY
EXIDE
INVATUBULAR

ଇଂଲଣ୍ଡ ବିଜୟର ହକ୍‌ଦାର ଥିଲେ ଓ ବିଶ୍ୱକପ୍‌ର ହଟ୍ ଫେଭରାଇଟ ବିବେଚିତ ହେଉଥିଲା। ଟୁର୍ନାମେଣ୍ଟ ମଝିରେ କେତୋଟି ମ୍ୟାଚ୍‌ରେ ପରାସ୍ତ ହୋଇ ଇଂଲଣ୍ଡ ବିପଦରେ ପଡିଥିଲା। ତେବେ ଚାପରେ ଲଢୁଆ ଖେଳ ପ୍ରଦର୍ଶନ କରି ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିବାକୁ ସକ୍ଷମ ହୋଇଥିଲା। ଲଢୁଆ ଓ ସାହସିକ କ୍ରିକେଟ ଖେଳି ଇଂଲଣ୍ଡ ତା'ର ଲକ୍ଷ୍ୟ ପୂର୍ବରୁ ସ୍ଥିର କରିସାରିଥିଲା। ୨୦୧୫ ବିଶ୍ୱକପ୍‌ରେ ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡିଥିବା ଇଂଲଣ୍ଡ ଯୋଜନା ଅନୁସାରେ ଖେଳି ବିଶ୍ୱର ଶ୍ରେଷ୍ଠ ଦିନିକିଆ ଦଳ ଭାବେ ପ୍ରତିଷ୍ଠା ଲାଭ କରିଛି। ବିଶ୍ୱକପ୍‌ରେ କିପରି ଖେଳିବାକୁ ହେବ ଇଂଲଣ୍ଡ ପୂର୍ବରୁ ଠିକ୍ କରିସାରିଥିଲା। ଏଥିପାଇଁ ଅଧିନାୟକ ଓ ଖେଳାଳି ଚୟନରେ ଇଂଲଣ୍ଡ ଆଦୌ ହେଳା କରି ନ ଥିଲା।

ଆଗାମୀ ୪ ବର୍ଷରେ ଶ୍ରୀଲଙ୍କା ମଧ୍ୟ ଇଂଲଣ୍ଡର ପଥ ଅନୁସରଣ କରିବା ଉଚିତ। ଭାରତରେ ଖେଳାଯିବାକୁ ଥିବା ୨୦୨୩ ବିଶ୍ୱକପ୍ ପାଇଁ ଶ୍ରୀଲଙ୍କା ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବା ଉଚିତ। ଆଗାମୀ ବିଶ୍ୱକପ୍‌ରେ ଆମ ପାଇଁ ଅବଶ୍ୟ ଅପେକ୍ଷାକୃତ ଅଧିକ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ। ଆଗୁଆ ଯୋଜନା କରି ଆମକୁ ଏକ ଶକ୍ତିଶାଳୀ ଦଳ ଗଠନ ଉପରେ ଧ୍ୟାନ ଦେବାକୁ ହେବ। ଇଂଲଣ୍ଡର ସଫଳତା ପଛରେ ଅଧିନାୟକ ଇଅନ ମୋର୍ଗାନଙ୍କ ନେତୃତ୍ୱକୁ ଶ୍ରେୟ ଦିଆଯିବା ଉଚିତ। ଗତ ୪ ବର୍ଷରେ ଓ ବିଶ୍ୱକପ୍‌ରେ ତାଙ୍କ ନେତୃତ୍ୱ ଦୃଷ୍ଟାନ୍ତମୂଳକ ଥିଲା। ଖେଳାଳିମାନଙ୍କୁ ଆତ୍ମବିଶ୍ୱାସ ଦେବା ସହ ସ୍ୱାଧୀନତା ଦେଇଥିଲେ। ଫଳରେ ଖେଳାଳିମାନେ ମଧ୍ୟ ତାଙ୍କୁ ଯଥେଷ୍ଟ ସମ୍ମାନ ଦେବାରେ ହେଳା କରିନାହାନ୍ତି।

କେନ୍ ୱିଲିୟମସନ ମଧ୍ୟ ଜଣେ ଅସାଧାରଣ ଅଧିନାୟକ ଥିଲେ। ନ୍ୟୁଜିଲାଣ୍ଡ ତରଫରୁ ସର୍ବାଧିକ ରନ ସଂଗ୍ରହ କରି ସେ ଦଳର ଚାପକୁ ନିଜ ମୁଣ୍ଡକୁ ନେଇଥିଲେ। ଅତିସୁନ୍ଦର ଭାବେ ସେ ନେତୃତ୍ୱ ନେଇଥିଲେ। ଦଳକୁ ବିଜୟ ଦେବା ପାଇଁ ସେ ସବୁ ପ୍ରକାର ରଣନୀତି ଆପଣାଇଥିଲେ। ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ପାଇଁ ସେ ବିଶ୍ୱକପର ସବୁଠାରୁ ଯୋଗ୍ୟ ଖେଳାଳି ଥିଲେ ବୋଲି ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ।

(ଗେମ୍ ପ୍ଲାନ୍)





ଦକ୍ଷିଣ କୋରିଆର ୟେସୁଠାରେ ଚାଲିଥିବା ବିଶ୍ୱ ସନ୍ତରଣ ପ୍ରତିଯୋଗିତାର ୫ କିମି ମିକ୍ସଡ ରିଲେରେ ସ୍ୱର୍ଣ୍ଣ ପଦକ ବିଜୟୀ ଜର୍ମାନୀ ଦଳ।

### ପଞ୍ଚନାୟିକିଆ ଟ୍ରିପଲ ମର୍ଡର ଘଟଣା ସହ ଲିଙ୍କ୍ ସନ୍ଦେହ

# ଅଜୟ ମୃତ୍ୟୁ ମାମଲାର ପୁନଃ ତଦନ୍ତ ଆରମ୍ଭ

**ପୁରୀ ଅଫିସ, ୧୮।୭**

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସତ୍ୟବାଦୀ ଥାନା ଅଧୀନ ପଞ୍ଚନାୟିକିଆ ଛକରେ ଗତ ୧୫ତାରିଖ ଅପରାହ୍ନ ୪ଟାରେ ଟ୍ରିପଲ ମର୍ଡର ଘଟିଥିଲା । ସ୍ଥାନୀୟ ସଦାନନ୍ଦପୁର ଗ୍ରାମର ଦୁଇ ଭାଇ ପୂର୍ଣ୍ଣ ଓ କୃଷ୍ଣ ବେହେରା ଏବଂ ଦାଦା ପୁଅ ଭାଇ ପଞ୍ଚୁଆ ବେହେରାଙ୍କୁ ଦୁର୍ବୃତ୍ତମାନେ ଗୋଡ଼ାଇ ଗୋଡ଼ାଇ ହାଣି ହତ୍ୟା କରିଥିଲେ । ଏହି ମାମଲାରେ ପୋଲିସ ୬ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି । ଅନ୍ୟପଟେ ବିଜୟରାମଚନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ଅଜୟ ବେହେରାଙ୍କ ମୃତଦେହ ସଦାନନ୍ଦପୁର ରେଳଲାଇନ କଡ଼ରୁ ଉଦ୍ଧାର ହୋଇଥିଲା । ଏହା ରେଳ ଦୁର୍ଘଟଣା ନୁହେଁ ବରଂ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ସେତେବେଳେ ପରିବାର ଲୋକେ ଅଭିଯୋଗ ଆଣିଥିଲେ । ମାତ୍ର ପୋଲିସ ଏ ନେଇ ଚୁପ୍ ରହିଯାଇଥିଲା । ଏବେ ଉପରୋକ୍ତ ଘଟଣା ସହ ସେହି ଘଟଣାର ଲିଙ୍କ୍ ଥିବା ପୋଲିସ ସନ୍ଦେହ କରୁଛି । ତେଣୁ ଏହାର ପୁନଃ ତଦନ୍ତ ଲାଗି ପୁରୀ ପୋଲିସ ପକ୍ଷରୁ ରେଲୱେ ପୋଲିସକୁ ଚିଠି ଲେଖାଯାଇଥିଲା । ଗୁରୁବାର ଖୋର୍ଦ୍ଧାରୋଡ଼ ଜିଆର୍‌ପି ଥାନା ପକ୍ଷରୁ ଅଜୟ ମୃତ୍ୟୁ ମାମଲାର ଫାଇଲ ରି-ଓପନ କରାଯାଇଛି ।

**ଜିଲା ପୋଲିସ ଅନୁରୋଧରେ ଫାଇଲ ଖୋଲିଲା ଜିଆର୍‌ପି**

ଖୋର୍ଦ୍ଧାରୋଡ଼ ଜିଆର୍‌ପି ଥାନା ଅଧିକାରୀ ତଥା ପୁରୀ ଜିଆର୍‌ପି ଫାଣ୍ଡିର ଭାରପ୍ରାପ୍ତ ଅଧିକାରୀ ଏସ୍.କେ. ବାହିନୀପତି ଉକ୍ତ ମାମଲାର ପୁନଃ ତଦନ୍ତ ଆରମ୍ଭ କରିଛନ୍ତି । ବାହିନୀପତି କହିଛନ୍ତି, ଗତ ୨୦୧୮ ସେପ୍ଟେମ୍ବର ୧୧ ତାରିଖ ସକାଳେ ସଦାନନ୍ଦପୁର ରେଳଲାଇନ ପାର୍ଶ୍ୱରୁ ଏକ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଥିଲା । ଅଜୟଙ୍କ ଭାଇ କୃଷ୍ଣ ବେହେରା (ହତ୍ୟାକାଣ୍ଡରେ ମୃତ)ଙ୍କ ଅଭିଯୋଗ କ୍ରମେ ଖୋର୍ଦ୍ଧାରୋଡ଼ ଜିଆର୍‌ପି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୭୬/୧୮) ରୁଜୁ ହୋଇଥିଲା । ପୁରୀ ପୋଲିସ ଅନୁରୋଧ କ୍ରମେ ଗୁରୁବାର ଏହି ମାମଲାର ପୁନଃ ତଦନ୍ତ ଆରମ୍ଭ ହୋଇଛି । ଯେହେତୁ ଘଟଣା ସମ୍ବେଦନଶୀଳ ଏବଂ ଅଜୟଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି ସେହି କାରଣରୁ ମାମଲାର ପୁନଃ ତଦନ୍ତ କରାଯିବ । ରେଲୱେ ପୋଲିସର ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ଏହି ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି । ଖୁବ୍‌ଶୀଘ୍ର ପୁଣି ଥରେ ଘଟଣାସ୍ଥଳ ଅନୁଧ୍ୟାନ କରାଯିବ । ଏଥିସହ ମୃତ ଅଜୟଙ୍କ ପରିବାର ଲୋକଙ୍କୁ ଭେଟି ତଥ୍ୟ ସଂଗ୍ରହ କରାଯିବ ।

ପ୍ରକାଶ ଯେ, ସଦାନନ୍ଦପୁର ରେଳଲାଇନ କଡ଼ରୁ ୨୦୧୮ ସେପ୍ଟେମ୍ବର ୧୧ତାରିଖ ସକାଳେ ଜଣେ ଯୁବକଙ୍କ କ୍ଷତ ବିକ୍ଷତ ମୃତଦେହ ମିଳିଥିଲା । ମୃତକ ଅଜୟ ବେହେରା ବୋଲି ତାଙ୍କ ପରିବାରବର୍ଗ ଚିହ୍ନଟ କରିଥିଲେ । ଅଜୟ ସେତେବେଳେ ବିଜୟ ରାମଚନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ଥିଲେ । ସତ୍ୟବାଦୀ ଥାନା ଏବଂ ଜିଆର୍‌ପି ପୋଲିସ ଏ ନେଇ ତଦନ୍ତ କରିଥିଲା ।

ଅନ୍ୟପଟେ ଜୁଲାଇ ୧୪ତାରିଖରେ ସଦାନନ୍ଦପୁରର ପୂର୍ଣ୍ଣ ଓ କୃଷ୍ଣ, ଦାଦା ପୁଅ ଭାଇ ପଞ୍ଚୁଆଙ୍କ ହତ୍ୟା ନେଇ ତାଙ୍କ ସମ୍ପର୍କୀୟ ପ୍ରଶାନ୍ତ ବେହେରାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ସେହିପରି ଅଜୟଙ୍କୁ ହତ୍ୟା କରାଯାଇଥିବା ତାଙ୍କ ସ୍ତ୍ରୀ ଏବେ ଅଭିଯୋଗ ଆଣିଛନ୍ତି । ତେଣୁ ଉକ୍ତ ଦୁଇ ଘଟଣା ମଧ୍ୟରେ ଲିଙ୍କ୍ ନେଇ ପୋଲିସ ଅନୁଧ୍ୟାନ କରୁଛି । ଏହା ମାମଲାକୁ କେଉଁ ମୋଡ଼ ଦେଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି ।

# ଦକ୍ଷିଣ ଓଡ଼ିଶାରେ ହ୍ରାସ ପାଉଛି ମ୍ୟାଲେରିଆ

**ଭୁବନେଶ୍ୱର, ୧୮।୭(ବ୍ୟୁରୋ)**

- ଦକ୍ଷିଣ ଓଡ଼ିଶାର ୫୦୩ ଗ୍ରାମରେ ପହଞ୍ଚିଛି ଟାଟା ଟ୍ରଷ୍ଟ
- ନିୟମିତ ରୋଗୀଙ୍କ ସେବା ଉପରେ ଗୁରୁତ୍ୱ
- ୮୬ % ପରିବାରରେ ଦୀର୍ଘସ୍ଥାୟୀ ଔଷଧୀୟ ମଶାରି ବଣ୍ଟାଯାଇଛି

ଓଡ଼ିଶା ସରକାର ଓ ଟାଟା ଟ୍ରଷ୍ଟ ପକ୍ଷରୁ ଦକ୍ଷିଣ ଓଡ଼ିଶାର ୩ ଜିଲା ଓ ପାଞ୍ଚ ବ୍ଲକ୍‌ରେ ମ୍ୟାଲେରିଆ ମୂଳୋତ୍ପାଟନ କାର୍ଯ୍ୟକଳାପ ପାଇଁ ମାନବ ସମ୍ବଳ ଓ ସମନ୍ୱିତ ପ୍ରଯୁକ୍ତି ପ୍ରଦାନ କରାଯାଉଛି । ସେଗୁଡିକ ହେଲା ମୁନିଗୁଡ଼ା, ବିଷମ କଟକ, ଟିଏଚ୍ ରାମପୁର, ଲାଞ୍ଜିଗଡ଼, କୋଟଗଡ଼ ଓ ୩ ଜିଲା ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳର ୫୦୩ ଗ୍ରାମ । ଯାହାର ଫଳସ୍ୱରୂପ ୫ ବର୍ଷ ମଧ୍ୟରେ ସମ୍ପୃକ୍ତ ଅଞ୍ଚଳରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ହ୍ରାସ ପାଇଛି ବୋଲି ଗୁରୁବାର ଭୁବନେଶ୍ୱରର ଏକ ହୋଟେଲରେ ଟାଟା ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ 'ଦି ଓଡ଼ିଶା ମ୍ୟାଲେରିଆ ରାଉଣ୍ଡ ଟେବୁଲ'ରେ ପ୍ରକାଶ ପାଇଛି ।

କାର୍ଯ୍ୟକ୍ରମରେ ଲାଇଭ୍‌ଲିହୁଡ ଫାଉଣ୍ଡେଶନର ବରିଷ୍ଠ ପରିଚାଳକ ଶୁଭାଶିଷ ପଣ୍ଡା, ଟାଟା ଟ୍ରଷ୍ଟର ସ୍ୱାସ୍ଥ୍ୟ ମୁଖ୍ୟ ଡ. ଏଚ୍. ଏସ୍. ଡି. ଶ୍ରୀନିବାସ, ଡ. ପ୍ରମିଳା ବରାଳ, ଡ. ମଦନ ମୋହନ ପ୍ରଧାନ, ଡ. ଜନ୍ ଓମେନ ଓ ଡ. ଏମ୍. ପି. କାରିଆପା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦକ୍ଷିଣ ଓଡ଼ିଶାରେ ମ୍ୟାଲେରିଆ ହ୍ରାସ ନେଇ ନିଜର ମତପ୍ରକାଶ କରିଥିଲେ । ଏହି ଅବସରରେ ସେମାନେ କହିଥିଲେ, ଟ୍ରଷ୍ଟ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ମ୍ୟାଲେରିଆ ମୂଳୋତ୍ପାଟନ ପାଇଁ ଚେଷ୍ଟା କରିଛି । ଏ ନେଇ ମ୍ୟାଲେରିଆ ରିସୋର୍ସ ସେଣ୍ଟର ସ୍ଥାପନ କରିବା ଲାଗି ବିଷମକଟକର ମିତ୍ର-ଖ୍ରୀଷ୍ଟିଆନ ହସ୍ପିଟାଲ୍ ସହିତ ସହଯୋଗିତା ସ୍ଥାପନ ହୋଇଛି ।

୫ ବର୍ଷରେ ମ୍ୟାଲେରିଆ ମୃତ୍ୟୁର ଦୂରୀକରଣ ଲକ୍ଷ୍ୟ ନେଇ ଟ୍ରଷ୍ଟ ତା'ର କାର୍ଯ୍ୟ ଜାରି ରଖି ନିୟମିତ ଭାବେ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଆସୁଛି । ଲୋକଙ୍କୁ ଔଷଧ ପ୍ରଲେପନ ଦିଆ ମଶାରି ବଣ୍ଟନ କରାଯାଉଛି । ୨୦୧୫ରୁ ଟ୍ରଷ୍ଟ ଓ ଓଡ଼ିଶା ସରକାର ମିଳିତ ଭାବେ କାମ କରୁଛନ୍ତି । ତେବେ ଏ ନେଇ ୨୦୧୬ ମାର୍ଚ୍ଚ ୧୮ରେ ଓଡ଼ିଶା ସରକାରଙ୍କ ସହ ଏକ ଏମ୍‌ଓୟୁ ସ୍ୱାକ୍ଷର କରିବା ପରେ ଟାଟା ଟ୍ରଷ୍ଟ ପକ୍ଷରୁ ଦକ୍ଷିଣ ଓଡ଼ିଶାରେ ୫ ବର୍ଷ ପାଇଁ ମ୍ୟାଲେରିଆ ନିୟନ୍ତ୍ରଣ ଓ ପ୍ରତିରୋଧ ଅଭିଯାନ ଉପରେ କାର୍ଯ୍ୟ ଆରମ୍ଭ କରିଥିଲା । ଓଡ଼ିଶା ସରକାର ବିଭିନ୍ନ ପ୍ରକାର ଆବଶ୍ୟକ ଉପକରଣ ଯଥା ଡାଇଗ୍ନୋଷ୍ଟିକ୍ କିଟ୍‌ସ ଓ ଆଣ୍ଟି ମ୍ୟାଲେରିଆ ଔଷଧ ଜରିଆରେ ସହଯୋଗ ପ୍ରଦାନ କରିଥିଲେ ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।




# ୨୧ରେ ସିକନ୍ଦର ଆଲାମ୍ ସଙ୍ଗୀତ ପ୍ରତିଯୋଗିତା

**ଭୁବନେଶ୍ୱର, ୧୮।୭(ବ୍ୟୁରୋ)**

ପୁରପଲ୍ଲୀରେ ଥିବା କଳାକାର ମାନଙ୍କୁ ଲୋକଲୋଚନକୁ ଆଣିବାକୁ ଲକ୍ଷ୍ୟ ରଖି ଆୟୋଜିତ ହେଉଛି ମହମ୍ମଦ ସିକନ୍ଦର ଆଲାମ୍ ସଙ୍ଗୀତ ପ୍ରତିଯୋଗିତା । ଆସନ୍ତା ୨୧ ତାରିଖରୁ ସ୍ଥାନୀୟ ଭାରତୀୟ ବିଦ୍ୟାଭବନଠାରେ ରାଜ୍ୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା ଆରମ୍ଭ ହେବ । ଏଥିରେ ରାଜ୍ୟରୁ ପ୍ରତିଯୋଗୀ ଭାଗ ନେବେ ବୋଲି ସିକନ୍ଦର ଆଲାମ୍ ଫାଉଣ୍ଡେଶନ ପକ୍ଷରୁ ସୂଚନା ମିଳିଛି ।




*T&C apply. Ex-showroom price Odisha of TVS Radeon ES Mag BS IV Variant. Prices subject to change without prior notice. #For further details, please visit www.tvsradeon.com.
^5 year warranty without any additional charges. ##Finance at the sole discretion of the financer. TVS Showrooms are open on all Sundays.

TVS 5 YEAR WARRANTY ^ ବଢ଼ିଆ ମାଇଲେଜ୍

FOR ALL BULK/INSTITUTIONAL REQUIREMENTS PLEASE MAIL:corporate.customersupport@tvsmotor.com Authorised Main Dealers: BHUBANESWAR: Ashirbad TVS, Ph.: 7735341866, Jyote TVS, PH.: 7735180749, 3S TVS, Ph : : 8860629978. PURI: Krishna TVS, Ph.: 9861049633. CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHLOE : Sasmita TVS, Ph : 8860793803. Authorised Dealers: CRP Square, Bhubaneswar, Samir Motors, Ph.: 0674-2563343, 7537035786; Kakatpur, Manish Automobiles, Ph.: 9437112054/06758-231053; Khurda, Swastik Automobiles, Ph.: 9861128283, 06755-223244; Baghamari, Maa Mangala Automobiles, Ph.: 9238107505; Jagatpur, Sonu Motors, Ph.: 9861006854/ 9337268787; Pattamundai, Shree Durga Auto, Ph.: 9938602209;Jajpur Town, Shyama Motors, Ph.: 9438366160; Mangalpur, Sanji Motor, Ph : 9853486660; Balipatna, Rita Automobiles, Ph.: 0674-2462999, 9338200392; Khandagiri, Sai Auto World, Ph : 0674-2351766, 9338869966 (Showroom); Athagarh, Siva Motors, Ph.: 9853429148; Salepur, Sarala Motors, Ph.: 8018556514; Pipli, Jagannath Motors, Ph.: 8093219941; Delang, Ranjana Automobiles, Ph : 9090214582; Jagatsinghpur, Gita Motors, Ph.: 06724-222717, 9778802623; Raj Sunakhala, Arnapurna Motors, Ph.: 7873510025; Daspalla, Bijayalaxmi Motors, Ph.: 9437354285; Rohibank, Maa Laxmi Automobiles, Ph : 9090507765; Kalapathar, Durgananda Communication, Ph : 9776942339;Ranpur, Omm Automobiles, Ph : 9778520193; Paradip, Abhishek Motors, Ph.: 9937392207; Nuapatana, Sandeep Motors, Ph.: 9937019555; Banki, Charchika Motors, Ph.: 9937015536; Jatani, Susil Automobiles, Ph : 8093198397; Balugaon, Satya Narayan Motors, Ph : 9937886712; Singhpur, Sai Motors, Ph : 9439002157; Duburi, Jayshree Motors, Ph : 9439176344; Kujang, Iniva Motors, Ph : 9178402368; Garadpur, Swarnakanti Motors, Ph : 9178194288; Nirakarpur, J K Motors, Ph : 9658971360, 06756-252360; Trisuliya, Ideal Motors, Ph : 9437586155, Khandapada, Spandan Automobiles, Ph : 9853479471, 9937153901; Erasama, Krishna Motors, Ph : 9937084847; Krushnanandapur, Ashhad Motors, Ph : 9237066573; Niali, Bharat Automobiles, Ph : 0671-2803357, 9040091921; Puranakatak, Bhairabi Automobiles, Ph : 7873727545, 9439071610; Chandpur, Rashmi Agency, Ph : 9658866993, 9337112565, 9439333723; Sakhigopal, Jagannath Auto, Ph : 9861150706; Nimapara, Ustav Automobiles, Ph : 06758-252044, 9438742101; Konark, Konark Automobiles, Ph : 9078802288; Balichandrapur, Sarthak Motors, Ph : 9439200714; Anandpur, Adyasha Motor, Ph : 9438366880; Nachuni : Shree Traders, Ph : 9337788799, 7008225699; Laxmi Automobiles, Narasinghpur, Ph : 9238545610; Sai Motors, Marshaghai, Ph : 9938837705; Sai Damodar Associates, Kandarpur, Ph : 0671-2802345, 9090098000; Phulnakhara, Dharitree Associates Pvt Ltd., Ph : 0671-2356967, 7440037801; Kuakhia, Subas Automobiles, Ph : 8114398333; Bari, L.S.Motors, Ph : 8917596087; Balianta, Pratikshya Motors, Ph : 7328080807; Mandarbasta, Soumya Auto, Ph : 9776483333; Nischintakoili, Gopinath Automobiles, Ph : 9090889132; Chandol, S B Motors, Ph : 9437108541; Brahmabarada, Friends Automobile, Ph : 9668166377, 7008050051; Naugoan, Saitirtha Automobiles, Ph : 06724-222717, 9778802623; Balitutha, Sanjukta Motors, Ph : 8093099967, 9777773277 ; Narasinghpur, Bholeswar Motors, Ph : 9658410027 ; Balikuda, Krishna Traders, Ph : 9439370305 ; Gothopatna, Sai Laxmi Motors, Ph : 9337950051, 8249710415.




| Mega EXCHANGE Carnival | Models | Hexa | Nexon | Tiago | Tigor |
|---|---|---|---|---|---|
| | Ex-Showroom Price | ₹13.26L* | ₹6.72L* | ₹4.50L* | ₹5.70L* |
| | Maximum Benefit | ₹73,000* | ₹48,000* | ₹59,000* | ₹58,000* |

▸ 18th - 21st ଜୁଲାଇ ମଧ୍ୟରେ କମ୍ପ୍ଲିମେଣ୍ଟାରୀ କାର୍ ୱାସ୍* ▸ 18th - 21st ଜୁଲାଇ ମଧ୍ୟରେ ₹5000 ର ବୁକିଂ ଉପରେ ମାଗଣା ଆକ୍ସେସରିଜ୍*

TATA NEXON ଭାରତର ନିରାପଦ କାର ★★★★★ GLOBAL NCAP

AMT ଉପଲବ୍ଧ

100% ପର୍ଯ୍ୟନ୍ତ ଅନ୍-ରୋଡ଼ ଫଣ୍ଡିଂ ଓ ଅବଧି 84 ମାସ ପର୍ଯ୍ୟନ୍ତ* | To know more, visit http://drivethefuture.tatamotors.com | Toll free number: 18002098282 | /tatamotorsgroup /tatamotors

Special offers for Government / Corporate Employees, Police Dept., LIC Employees & Agents, Bank Employees, Government Hospital-Doctors & Staff.*

SPECIAL OFFERS FOR CSD EXCHANGE THROUGH TATA MOTORS ASSURED

Authorised Tata Motors Dealers:

BHUBANESWAR- Trupti Enterprises- 8448512636 | PURI /KENDRAPADA - Trupti Enterprises- 8448512636 | BERHAMPUR - Trupti Enterprises- 8448512636 | NAYAGARH/PARADIP- Trupti Enterprises- 8448512636 | CUTTACK/KEONJHAR/JAJPUR - Gugnani Autocars: 7303658971 | ANGUL Monalisha Motors: 7303658551 | DHENKANAL Monalisha Motors: 8448576936 | BALASORE/BHADRAK/ BARIPADA/MAYURBHANJ: Premier Motors : 9148625958. | JEYPORE- Laxmi Sales & Service- 8448576946

* Terms and Conditions Apply. Offers valid on sole discretion of TATA Motors Limited. Insurance offers are the discretion of TATA Motors Insurance and are subject to change without any prior notice. Finance offers mentioned above are solely at the discretion of the Finance Company. Offer valid on Tata Tiago, Tata Tigor, Tata Nexon and Tata Hexa. Price is Ex-Showroom Bhubaneswar.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ଚୋରା ପଥର, ବାଲି ବୋଝେଇ ଟ୍ରକ୍ ଜବତ

ଆଠଗଡ଼,୧୮।୭(ସ୍ୱ.ପ୍ର.): ଆଠଗଡ ତହସିଲ ପ୍ରଶାସନ ଦ୍ୱାରା ଗଠନ କରାଯାଇଥିବା ସ୍ୱତନ୍ତ୍ର ସ୍କ୍ୱାର୍ଡ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗୁରୁବାର ଏକ ଚୋରା ବୋଝେଇ ଟ୍ରକ ଓ ମାଙ୍କଡା ପଥର ବୋଝେଇ ଟ୍ରକକୁ ଧରିଛି। ଉଭୟ ଗାଡ଼ି ପାଇଁ ଜୋରିମାନା ଆଦାୟ କରାଯାଇଛି। ତହସିଲଦାର ତପନ ଖୁଣ୍ଟିଆ ଦୋରଡ ନିକଟରୁ ମାଙ୍କଡା ପଥର ବୋଝେଇ ଟ୍ରକକୁ ଧରିଥିବା ବେଳେ ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାହୁ ସହରର ଚାନ୍ଦବାଲି ଛକରୁ ଏକ ବାଲି ବୋଝେଇ ହାଇୱାକୁ ଧରିଥିଲେ। ଜୋରିମାନା ଆଦାୟ ପରେ ଉଭୟଗାଡିକୁ ଛାଡ଼ି ଦିଆଯାଇଛି। ପଥର ବୋଝେଇ ଟ୍ରକ ମାଲିକଙ୍କ ଠାରୁ ୨୬ ହଜାର ଏବଂ ବାଲି ବୋଝେଇ ଟ୍ରକ ମାଲିକଙ୍କ ନିକଟରୁ ୧୮ହଜାର ଟଙ୍କାର ଜୋରିମନା ଆଦାୟ କରାଯାଇଛି।

### ଖବରଦାତାଙ୍କୁ ଏସ୍‌ପିଙ୍କ ହାତ ଉଠାଇବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

ମାହାଙ୍ଗା,୧୮।୭(ସ୍ୱ.ପ୍ର.):କେନ୍ଦ୍ରାପଡ଼ା ବାରିମୂଳ ଅଞ୍ଚଳକୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଜଣେ କାର୍ଯ୍ୟରତ ଖବରଦାତାଙ୍କୁ କେନ୍ଦ୍ରାପଡ଼ା ଏସ୍‌ପି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହି ଘଟଣା ପ୍ରକାଶିତ ହେବା ପରେ ରାଜ୍ୟ ଗଣମାଧମ ପ୍ରତିନିଧଙ୍କ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି । ଏ ନେଇ ଗୁରୁବାର ମାହାଙ୍ଗା ପ୍ରେସ କ୍ଲବ ପକ୍ଷରୁ ଏକ ପ୍ରତିବାଦ ସଭା କରାଯାଇ ସମ୍ପୃକ୍ତ ଏସପିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଏହି ସଭାରେ ଦୀପକ କୁମାର ସାହୁ, ଲକ୍ଷ୍ମୀଧର ଖୁଣ୍ଟିଆ, ତାପସ ରଞ୍ଜନ ବିଶ୍ୱାଳ, ପି.କେ ବାରିକ, ଚିତ୍ତରଞ୍ଜନ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

### ଶୌଚାଳୟ କାର୍ଯ୍ୟକ୍ଷମ ନେଇ ତହସିଲ ଆଗରେ ଧାରଣା

ନିଆଳି,୧୮।୭(ଡି.ଏନ୍.ଏ.): ନିଆଳି ବଜାରରେ ଦୀର୍ଘ ୧୫ବର୍ଷରୁ ଉର୍ଦ୍ଧ୍ୱ ହେବ ନିଆଳି ପଞ୍ଚାୟତ ଓ କେନ୍ଦୁପାଟଣା କୋଅପରେଟିଭ ସୋସାଇଟି ଏକ ଶୌଚାଳୟ ନିର୍ମାଣ କରାଯାଇଥିଲା। ଦୀର୍ଘଦିନ ବିତିଯାଇଥିଲେ ମଧ ଏହି ଶୌଚାଳୟ ଜନସାଧାରଣଙ୍କ ସେବାରେ ଲାଗିପାରିଲା ନାହିଁ। ଏ ନେଇ ଗଣମାଧମରେ ଖବର ପ୍ରକାଶ ପାଇବା ସହ ଜନସାଧାରଣ ପ୍ରଶାସନର ଦୃଷ୍ଟିକୁ ଆଣିଥିଲେ ମଧ କୌଣସି ସୁଫଳ ମିଳିଲା ନାହିଁ। ଏହାର ପ୍ରତିବାଦରେ ଗୁରୁବାର ନିଆଳି ଖବରଦାତା ସଂଘ ପକ୍ଷରୁ ତହସିଲଦାର ରଞ୍ଜନ କୁମାର ଜେନାଙ୍କ ପାଖରେ ଦାବି କରାଯିବା ସହ ମହିଳା ଖବରଦାତା ମଧୁସ୍ମିତା ସାହୁ, ମା' ଘର ନିଆଳି ଶାଖାର ସଭାନେତ୍ରୀ କନକଲତା ସାହୁ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ତହସିଲଦାର ଜେନା ପହଞ୍ଚି ଆନ୍ଦୋଳନାରୀଙ୍କୁ ବୁଝାଶୁଝା କରିବା ସହିତ ଆସନ୍ତା ଅଗଷ୍ଟ ୧୫ରେ ଏହି ଶୌଚାଳୟକୁ ମରାମତି କରାଯାଇ ଜନସାଧାରଣଙ୍କ ସେବାରେ ଲଗାଯିବ ବୋଲି ପ୍ରତିଶ୍ରୁତିଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଆଲୋଚନା ବେଳେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ସିଂହ, ସାମାଜିକ କର୍ମୀ ଡ.ଚିତ୍ତରଞ୍ଜନ ମିଶ୍ର, ବାୟାଚଢେଇ ସୁରକ୍ଷା ଅଭିଯାନର ଆବାହକ ପୀତାମ୍ବର ରାଉତ, ଡ. ଅଧୀରାଜ ପରିଡା, ବରିଷ୍ଠ ନାଗରିକ ନଟବର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

■ ଆବାସ ଯୋଜନାରେ ହିତାଧିକାରୀ ଚୟନକୁ ନେଇ ଅସନ୍ତୋଷ

# ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣା

ସାଲେପୁର,୧୮।୭ (ଡି.ଏନ୍.ଏ)




ଉତ୍ତ୍ୟକ୍ତ ଲୋକେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

ସାଲେପୁର ବ୍ଲକ୍ ଅଧୀନ ସୁଦ୍ଧଖଣ୍ଡ ଗ୍ରାମପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ମୋ କୁଡ଼ିଆ ଯୋଜନାରେ ବେଆଇନ ଭାବେ ହିତାଧିକାରୀ ଚୟନ ହୋଇଛି। ଏଭଳି ଅଭିଯୋଗ କରି ଗୁରୁବାର ପଞ୍ଚାୟତର ବହୁ ଲୋକେ ସାଲେପୁର ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏନେଇ ସାଲେପୁର ବିଡିଓ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଯୋଗ୍ୟ ହିତାଧିକାରୀଙ୍କ ନାମକୁ ବାଦ ଦେଇ ଏହି ତାଲିକାରେ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ସେମାନେ ଦାବି କରିଥିଲେ। ଖବରପାଇ ସାଲେପୁର ବିଡ଼ିଓ କିଶୋର ଚନ୍ଦ୍ର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦେବାକୁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ବିକ୍ଷୋଭ ପ୍ରଦର୍ଶନ ବେଳେ ସୁଦ୍ଧଖଣ୍ଡ ପଞ୍ଚାୟତର ସମିତି ସଭ୍ୟ ବାବାଜୀ ଚରଣ ନାୟକ, ନିରଞ୍ଜନ ସ୍ୱାଇଁ, ଜୟକୃଷ୍ଣ ସାମଲ, ଲକ୍ଷ୍ମୀକାନ୍ତ ସାମଲ, ଅରକ୍ଷୀତ ସାମଲ, ଓ ସୁକାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ସମିତି ସଭ୍ୟଙ୍କ ବଳାତ୍କାର ଉଦ୍ୟମ ଅଭିଯୋଗ

ନିଶ୍ଚିନ୍ତକୋଇଲି, ୧୮।୭(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ଶୁକରପଡ଼ା ପଞ୍ଚାୟତର ସମିତି ସଭ୍ୟ ସେକ କଲାମ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ନଂ.୭୩/୧୯ ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଅଭିଯୁକ୍ତ ସମିତି ସଭ୍ୟ ଫେରାର ଥିବା ପୋଲିସ କହିଛି। ଅଭିଯୋଗ ଅନୁଯାୟୀ, ଗତ ୧୧ ତାରିଖରେ ମହିଳା ଜଣଙ୍କ ଘରେ ଶୋଇଥିଲେ। ରାତି ପ୍ରାୟ ୧୧ଟା ୩୦ରେ ସମିତି ସଭ୍ୟ କଲାମ ଝରକା ବାଟେ ଘରେ ପଶି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣଙ୍କ ଏହାର ପ୍ରତିବାଦ କରିବାରୁ ସେ ଏକ ଛୁରି ଦେଖାଇ ଭୟଭୀତ କରିଥିଲେ ଓ ଏ ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ପାଟି ଶୁଣି ଘରର ଅନ୍ୟ ସଦସ୍ୟମାନେ ଉଠିପଡିଥିଲେ। ଏହା ପରେ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ସ୍ୱାମୀ ବିଦେଶରେ ରହୁଥିବାରୁ ଘଟଣା ପରଦିନ ମହିଳା ଜଣଙ୍କ ଭୟଭୀତ ହୋଇ ନିଜ ଭାଇଙ୍କ ନିକଟକୁ ଭୁବନେଶ୍ୱର ପଳାଇଥିଲେ। ପରେ ଭାଇଙ୍କ ପରାମର୍ଶ କ୍ରମେ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ଶୁଭ୍ରାଂଶୁ ପରିଡ଼ା କହିଛନ୍ତି ଯେ, ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ ହୋଇଛି ଓ ତଦନ୍ତ ଜାରି ରହିଛି।

# ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆର୍‌ଏଏଫ୍‌ର ଫ୍ଲାଗ୍‌ମାର୍ଚ୍ଚ




ବ୍ଲକ ପରିସରରେ ଫ୍ଲାଗ୍‌ମାର୍ଚ୍ଚ କରି ଫେରୁଥିବା ରାପିଡ୍ ଆକ୍ସନ ଫୋର୍ସ।

ରଘୁନାଥପୁର,୧୮।୭ (ଡି.ଏନ୍.ଏ)

ଗୁରୁବାର ରଘୁନାଥପୁର ବ୍ଲକ ଛକଠାରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆର୍‌ଏଏଫ (ରାପିଡ ଆକ୍ସନ ଫୋର୍ସ) ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଥାନା ଆଇଆଇସି ବବିତା ଦଳାଇଙ୍କ ସହଯୋଗ ତଥା ଡେପୁଟି କମାଣ୍ଡାଣ୍ଟ ପର୍ଶୁରାମ କୁଣ୍ଡୁଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ବ୍ଲକ ଛକଠାରୁ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ଏମାନଙ୍କ ସହ ଦୁଇ ଆଇଆଇସି ତାପସ ଜୋସ ଓ ଏଲ.ବି. ସିଂ ମଧ ଉପସ୍ଥିତ ଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହା କରାଯାଇଥିବା ସୂଚନା ମିଳିଛି। ଗତ ସୋମବାରଠାରୁ ବ୍ଲକ କାର୍ଯ୍ୟାଳୟରେ ଆଇନଶୃଙ୍ଖଳାକୁ ନେଇ ଉପୁଜିଥିବା ପରିସ୍ଥିତିରେ ସୁଧାର ତଥା ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବକୁ ରୋକ ଲଗାଇବା ପାଇଁ ଏହିଭଳି ଭାବେ ସମୟୋଚିତ ପଦକ୍ଷେପ ନିଆଯାଇଥିବା କୁହାଯାଉଛି। ତେବେ ଡେପୁଟି କମାଣ୍ଡାଣ୍ଟ କୁଣ୍ଡୁ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା, ପରସ୍ପର ମଧରେ ଭାଇଚାରା ସୃଷ୍ଟି କରିବା ଓ ସର୍ବୋପରି ଜାତି, ବର୍ଣ୍ଣ ଓ ଧର୍ମକୁ ନେଇ ସୁସମ୍ପର୍କ ସୃଷ୍ଟି କରିବା ଫ୍ଲାଗମାର୍ଚ୍ଚର ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ। ଅସାମାଜିକ ବ୍ୟକ୍ତିମାନେ ଏଥିପ୍ରତି ସତର୍କ ରହିବା ସହ ସାଧାରଣ ଜନତାଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ଆମର ଲକ୍ଷ୍ୟ ବୋଲି ଆଇଆଇସି ଦଳାଇ ପ୍ରକାଶ କରିଛନ୍ତି। ଆରଏଏଫ୍ ଅଧିକାରୀଙ୍କ ସହ ଆଇଆଇସି ଦଳାଇ ବିଡିଓଙ୍କ ପ୍ରକୋଷ୍ଠକୁ ଯାଇ କିଛି ସମୟ ଆଲୋଚନା କରିଥିଲେ। ଏହାପରେ ଫ୍ଲାଗ୍‌ମାର୍ଚ୍ଚ କରି ସ୍ଥାନ ପରିତ୍ୟାଗ କରିଥିଲେ।

### ବାବାଙ୍କୁ ହତ୍ୟା ଧମକ: ଥାନାରେ ଏତଲା

ସାଲେପୁର,୧୮।୭(ଡି.ଏନ୍.ଏ)

ସାଲେପୁର ଥାନା ଛାଣିପୁର ପଞ୍ଚାୟତ ଅନ୍ତର୍ଗତ ରାମକୃଷ୍ଣପୁର ଗ୍ରାମର ହୁଙ୍କାଜୀ ମଠରେ ରହୁଥିବା ବେଣୁଧର ବାବା(୭୨)ଙ୍କୁ ହତ୍ୟା କରିବାକୁ ଧମକ ଦିଆଯାଇଛି। ଏନେଇ ଗୁରୁବାର ସାଲେପୁର ଥାନାରେ ଅଭିଯୋଗ ହୋଇଛି। ବାବା କରିଥିବା ଅଭିଯୋଗ ଅନୁଯାୟୀ, ସେ ମଠରେ ରହୁଥିବା ବେଳେ ସ୍ଥାନୀୟ ଗ୍ରାମର ଜଣେ ବ୍ୟକ୍ତି ଓ ଜଣେ ୱାର୍ଡ ସଭ୍ୟ ଆସି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଥିସହ ସେମାନେ ବାବାଙ୍କୁ ୪ ଦିନ ମଧରେ ମଠ ଛାଡି ଚାଲିଯିବାକୁ କହିଛନ୍ତି। ଏନେଇ ତାଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି ବୋଲି ବାବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହି ଘଟଣା ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ସାଲେପୁର ଥାନା ଅଧିକାରୀ ଦେବେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି ଘଟଣାର ତଦନ୍ତ କରାଯାଇ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ରାସରସିକପୁର, ଜେନାପଦାରେ ଗୋପଦ ଅଭିଯାନ

ଆଠଗଡ଼,୧୮।୭(ସ୍ୱ.ପ୍ର.)

କଟକ ଜିଲାପାଳ ଭବାନୀ ଶଙ୍କର ଚୟନିଙ୍କ ଦାରା ଆରମ୍ଭ କରାଯାଇଥିବା ଗୋପଦ ଅଭିଯାନ ଗୁରୁବାର ଆଠଗଡ ଏନ୍‌ଏସି ଅନ୍ତର୍ଗତ ୫ନଂ ୱାର୍ଡର ରାସରସିକପୁର ଅଞ୍ଚଳ ଓ ଜେନାପଦା ପଞ୍ଚାୟତରେ ପହଞ୍ଚିଥିଲା। ଏହି ଅବସରରେ ଉପଜିଲାପାଳ ଅମୀୟ କୁମାର ସାହୁଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗୀୟ ଅଧିକାରୀ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ଶୁଣିବା ସହ ଏହାର ସମାଧାନ କରିଥିଲେ। ପ୍ରଶାସନ ପକ୍ଷରୁ ୫ନଂ ୱାର୍ଡର ରାସରସିକପୁର ଅଞ୍ଚଳ ପରିଦର୍ଶନ କରାଯାଇ ଡ୍ରେନେଜ ସମସ୍ୟା, ରାସ୍ତା ଆଲୋକ ଏବଂ ନାଳରୁ ଜବର ଦଖଲ ଉଚ୍ଛେଦ ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରାଯାଇଥିଲା। ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଉପଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯାନରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ରଞ୍ଜନ ପଣ୍ଡା, କନିଷ୍ଠ ଯନ୍ତ୍ରୀ ଜୟନ୍ତ କୁମାର ଶତପଥୀ, କର୍ମଚାରୀ ସୁଶାନ୍ତ କୁମାର ବେହେରା, ପ୍ରଭାତ କୁମାର ବାରିକ, ଦିଲୀପ କୁମାର ବାରିକ ଓ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ବେହେରା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବ୍ଲକ ପ୍ରଶାସନ ପକ୍ଷରୁ ଜେନାପଦା ପଞ୍ଚାୟତ ଗସ୍ତ ସମୟରେ ବିଡିଓ ଅଜାମ୍ବର ମହାନ୍ତି ଓ ତହସିଲଦାର ତପନ କୁମାର ଖୁଣ୍ଟିଆ ପ୍ରମୁଖ ଲୋକଙ୍କ ସମସ୍ୟା ଶୁଣିଥିଲେ। ସମସ୍ୟାଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ସେମାନେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।



ଗୋପଦ ଅଭିଯାନରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

■ ଟାଙ୍ଗିଆରେ ମା'ଙ୍କୁ ହତ୍ୟା ଘଟଣା

# ଜେଲ ଗଲେ ଅଭିଯୁକ୍ତ ପୁଅ

ଚୌଦ୍ୱାର,୧୮।୭(ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅନ୍ତର୍ଗତ କଖଡି ପଞ୍ଚାୟତ ଗୋପୀନାଥପଡ଼ା ଗ୍ରାମରେ ଟାଙ୍ଗିଆରେ ମା'ଙ୍କୁ ହତ୍ୟା କରିବା ଘଟଣାରେ ଗୁରୁବାର ପୋଲିସ ଅଭିଯୁକ୍ତ ପୁଅ ପ୍ରକାଶ ପ୍ରଧାନଙ୍କୁ ଗିରଫ କରି କଟକ ଜେଏମଏଫସି କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲ ପଠାଇ ଦିଆଯାଇଛି। ଏହା ସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ ହୋଇଥିବା ଟିପିଏମ ଫାଣ୍ଡି ଅଧିକାରୀ ନୃସିଂହ ଚରଣ ସ୍ୱାଇଁ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଗତ ୧୫ତାରିଖରେ ଅଭିଯୁକ୍ତ ପ୍ରକାଶ ନିଜ ମା' ସାବି ପ୍ରଧାନଙ୍କୁ ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ଏହା ପରେ ସେ ପ୍ରଥମେ ଆଠଗଡ ଥାନା ସର୍ପେଶ୍ୱର ମନ୍ଦିର ପାଖରେ ହତ୍ୟାରେ ବ୍ୟବହୃତ ଟଙ୍ଗିଆର ବେଣ୍ଟ ଓ ଅନ୍ୟତ୍ର ଟାଙ୍ଗିଆର ଲୁହାକୁ ଫିଙ୍ଗି ଦେଇଥିଲେ। ପରଦିନ ସେ କଟକ ସଦର ଥାନାର ଉରାଳୀ ଗ୍ରାମକୁ ଯାଇଥିଲା। ସେ ଗାଡି ଡ୍ରାଇଭିଂ କରିବା ପାଇଁ ଉରାଳୀ ଗ୍ରାମର ଏକ ଗାଡି ମାଲିକ ସହିତ କଥା ହୋଇଥିଲେ। ବିନା ପରିଚୟପତ୍ରରେ ତାଙ୍କୁ କୌଣସି ମାଲିକ ଗାଡି ଚଳାଇବା ପାଇଁ ମନା କରିଦେଇଥିଲେ। ଫଳରେ ସେଠାରୁ ଫେରି ଚୌଦ୍ୱାର ଥାନା ଅନ୍ତର୍ଗତ ୫୫ନଂ. ଜାତୀୟ ରାଜପଥର ନୂଆପାଟଣା ଛକ କଫିବାର ନିକଟରେ ରହି ଅଧାରକାର୍ଡ ଘରୁ ଆଣିବା ପାଇଁ ଜଣେ ସାଙ୍ଗକୁ ପଠାଇଥିଲେ। ତାର ସାଙ୍ଗ ଗ୍ରାମକୁ ଆସି ପ୍ରକାଶର ଆଧାରକାର୍ଡ ମାଗୁଥିବା ଫାଣ୍ଡି ଅଧିକାରୀ ସ୍ୱାଇଁ ଖବରପାଇ ସଦଳବଳ ଉକ୍ତ ଗ୍ରାମକୁ ଯାଇ ପ୍ରକାଶ ସାଙ୍ଗକୁ କାବୁ କରିବା ସହ କଫିବାରରୁ ପ୍ରକାଶଙ୍କୁ ଗିରଫ କରିଥିଲେ। ସୂଚନାଥାଉକି, ଗତ ରବିବାର ସମ୍ପର୍କୀୟଙ୍କ ବିବାହ ଭୋଜିରେ ଯୋଗଦେବା ପାଇଁ ସାବି ଓ ପ୍ରକାଶ ନିକଟସ୍ଥ ଗୋପୀନାଥପଡ଼ାକୁ ଯାଇଥିଲେ। ରାତି ପ୍ରାୟ ୧୦ଟା ରେ ପ୍ରକାଶ ମଦ ପିଇବାକୁ ମା' ସାବିଙ୍କୁ ଟଙ୍କା ମାଗିଥିଲେ। ସାବି ଟଙ୍କା ନ ଦେବାରୁ ଉଭୟଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ ସାବିଙ୍କ ମୁଣ୍ଡକୁ ଆକ୍ରମଣ କରି ଫେରାର ହୋଇଯାଇଥିଲା।

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଆଠଗଡ଼,୧୮।୭(ସ୍ୱ.ପ୍ର.)

ସ୍ୱାଧୀନତା ଦିବସ ପାଳନ ପାଇଁ ଆଠଗଡ ଉପଖଣ୍ଡର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉପଜିଲାପାଳ ଅମୀୟ ସାହୁ ଅଧକ୍ଷତା କରିଥିଲେ। ବୈଠକରେ ସ୍ୱାଧୀନତା ଦିବସରେ ବିଶ୍ୱନାଥ ବିଦ୍ୟାପୀଠର ମିନି ଷ୍ଟାଡିୟମରେ ପତକା ଉତ୍ତୋଳନ ଲାଗି ସ୍ଥିର ହୋଇଥିଲା। ଏହାପୂର୍ବରୁ ଅଗଷ୍ଟ ୬ ଓ ୭ରେ ସ୍ଥାନୀୟ ବିଶ୍ୱନାଥ ବିଦ୍ୟାପୀଠରେ ସ୍କୁଲ କଲେଜ ଓ ସାଧାରଣ ଜନତାଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବା ଲାଗି ଆଲୋଚନା ହୋଇଥିଲା। ବୈଠକରେ ତପନ ଖୁଣ୍ଟିଆ, ଡାକ୍ତର ବିଜୟ କୁମାର ମିଶ୍ର, ପଦାରବିନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ପଞ୍ଚାୟତିରାଜ ମହିଳା ପ୍ରତିନିଧିଙ୍କ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର

ବାଙ୍କୀ,୧୮।୭(ବି.ପ୍ର)

ବାଙ୍କୀ ଏନ୍‌ଏସି ବନ୍ୟା ବାତ୍ୟା ଆଶ୍ରୟ ସ୍ଥଳୀର ସମ୍ମିଳନୀ ପ୍ରକୋଷ୍ଠରେ ପଞ୍ଚାୟତିରାଜ ମହିଳା ପ୍ରତିନିଧିଙ୍କ ନେତୃତ୍ୱରେ ଗୁରୁବାର ନେତୃତ୍ୱ ବିକାଶ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ରାଜ୍ୟ ଗ୍ରାମ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାଙ୍କୀ ଆଞ୍ଚଳିକ ଆଦିବାସୀ ହରିଜନ କଲ୍ୟାଣ ପରିଷଦ ପକ୍ଷରୁ ଏହାକୁ ପରିଚାଳନା କରାଯାଇଥିଲା। ଏହି ଶିବିରରେ ନରସିଂହପୁର,ଟିଗିରିଆ,ବାଙ୍କୀ ଓ ଡମପଡା ବ୍ଲକର ମହିଳା ସରପଞ୍ଚମାନେ ଯୋଗଦେଇଥିଲେ। ଏଥିରେ କେଶବ ଚନ୍ଦ୍ର ବେହେରା, କୁମର ପ୍ରଧାନ ଓ ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷକ ଅରକ୍ଷିତ ସାହୁ ଏବଂ ଲୋପାମୁଦ୍ରାବଳ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ନେତା ଓ ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ସଂଯୋଜକ ବରେନ୍ଦ୍ର ବେହେରା, ଶଶିଚାନ୍ଦ ମହାପାତ୍ର ଓ ଆଲୋକ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# କାଜିବଜାର, ବାଲୁବଜାର ଅଞ୍ଚଳ ବୁଲିଲେ ଜିଲାପାଳ

■ ଆରମ୍ଭ ହେଲା ପଞ୍ଚସଖା କାର୍ଯ୍ୟକ୍ରମ

କଟକ ଅଫିସ,୧୮।୭

**ଗୋପଦ ଅଭିଯାନ**

ଗୋପଦ ଅଭିଯାନରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନଙ୍କ ସହିତ ଗୁରୁବାର କାଜିବଜାରସ୍ଥିତ ଦୁର୍ଗାଘରଠାରେ ପହଞ୍ଚିଥିଲେ। ପ୍ରଥମେ ଜିଲାପାଳ କାଜିବଜାର ଦୁର୍ଗାମଣ୍ଡପ ଉପରେ ଲେଖା ଯାଇଥିବା କାଜିବଜାର ପୂଜା କମିଟିର ତାତ୍ପର୍ଯ୍ୟକୁ ଦର୍ଶାଇ ଏଠାରେ କିଭଳି ହିନ୍ଦୁ-ମୁସ୍‌ଲିମ ଭାଇଚାରା ବଞ୍ଚିରହିଛି ଏହାର ଏକ ଦୃଷ୍ଟାନ୍ତ ଦେଖିବାକୁ ପାଇଥିଲେ। ପରେ ବାଲୁବଜାର ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ମୌଳିକ ସମସ୍ୟା ପଚାରି ବୁଝିଥିଲେ। ରାସ୍ତାକଡ ଡ୍ରେନଗୁଡିକର ସଫେଇ ଏବଂ ପରିମଳ ବ୍ୟବସ୍ଥା ସୁଧାରିବାକୁ କଟକ ମହାନଗର ନିଗମ(ସିଏମସି)କୁ ନିର୍ଦ୍ଦେଶ ଦେଇଥିଲେ। ମେଟ୍ରୋ ଆପାର୍ଟମେଣ୍ଟରୁ ରାସ୍ତା ଏବଂ ଡ୍ରେନଗୁଡିକର ଆବଶ୍ୟକ ମରାମତି ଓ ସଫେଇ କାର୍ଯ୍ୟକୁ ତୁରନ୍ତ କରିବା, ନିକଟରେ ଥିବା ଏକ ମିଠା ଦୋକାନ ଦ୍ୱାରା ବ୍ୟବହୃତ ହେଉଥିବା ଡଷ୍ଟବିନ ଓ ପରିମଳ ବ୍ୟବସ୍ଥାର ତଦାରଖ କରି କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସିଏମସିକୁ କହିଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଦିଆଯାଇଥିବା ପାଇପ୍‌ଲାଇନଗୁଡିକର ମରାମତି ସହିତ ସିଡିଏ କର୍ମଚାରୀଙ୍କୁ ବିଭିନ୍ନ ଅଞ୍ଚଳରେ ଭଲ୍ୟୁଣ୍ଟିୟର ଭାବେ ନିୟୋଜିତ କରି ଘରକୁ ଘର ବୁଲି ଆବଶ୍ୟକ ସ୍ୱେରେଜ ଲାଇନ ସଂଯୋଗ ସମ୍ପର୍କରେ ବୁଝାଇବେ। ଜିଲାପାଳ ଏଥିପାଇଁ ଏକ ଅଭିଯାନ ଆରମ୍ଭ କରିବାକୁ ସ୍ଥିର କରିଛନ୍ତି । ପ୍ରକାଶଥାଉ କି, ଅପରାହ୍ନରେ ଜିଲାପାଳ ଚୟନୀଙ୍କ ଚିନ୍ତାଧାରା 'ସବଳ କଟକ ସଫଳ କଟକ' ଅଭିଯାନର ବାର୍ତ୍ତାକୁ ନେଇ ପଞ୍ଚସଖା ନାମରେ ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରଥମେ ଶିକ୍ଷାକୁ ଅଗ୍ରାଧିକାର ଦେଇ ଜିଲାପାଳ ସ୍ଥାନୀୟ ବୋଷ ଇଞ୍ଜିନିୟରିଂ କଲେଜଠାରେ ଛାତ୍ରୀଛାତ୍ରଙ୍କ ଗହଣରେ ପଞ୍ଚସଖାର କାର୍ଯ୍ୟକ୍ରମର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଏଥିରେ ସାମିଲ ହୋଇ ଛାତ୍ରୀଛାତ୍ରମାନେ କାର୍ଯ୍ୟ କରିପାରିଲେ, ଜୀବନରେ ନିଜ କ୍ଷେତ୍ରରେ ପାରଦର୍ଶିତା ସହିତ ଉତ୍କୃଷ୍ଟତା ଲାଭ କରିପାରିବେ ବୋଲି ଜିଲାପାଳ ମତ ରଖିଛନ୍ତି। ଏହି ସିଟିଜେନ କନେକ୍ଟ କାର୍ଯ୍ୟକ୍ରମର ଆଭିମୁଖ୍ୟ ହେଉଛି, କୌଣସି କ୍ଷେତ୍ରରେ ୫ ଜଣଙ୍କୁ ନେଇ ଏକ ଟିମ୍ ଗଠନ କରାଯିବ। ଏଥିରେ ପାରଙ୍ଗମ ଥିବା ବ୍ୟକ୍ତିଜଣଙ୍କ ସେହି କ୍ଷେତ୍ରରେ ବିଶେଷ ପାରିବାପଣିଆ ନ ଥିବା ଅନ୍ୟ ୪ ଜଣ ବ୍ୟକ୍ତିଙ୍କୁ ନେଇ କାର୍ଯ୍ୟ କରିବେ।

# ପଦ୍ମଶ୍ରୀ ରାଓଙ୍କ ପାଇଁ ଆଶା ଆଶ୍ୱାସନା ଅନୁଷ୍ଠାନ ସ୍ତବ୍ଧ

କଟକ ଅଫିସ,୧୮।୭



ଆଶା ଆଶ୍ୱାସନା ଅନୁଷ୍ଠାନ।

ପଦ୍ମଶ୍ରୀ ଡି. ପ୍ରକାଶ ରାଓ ଗତ ମଙ୍ଗଳବାର ଶାରୀରିକ ଅସୁସ୍ଥତା ଯୋଗୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେଉଥିବାବେଳେ ରାଜ୍ୟବାସୀ ଈଶ୍ୱରଙ୍କ ପାଖରେ ତାଙ୍କ ଆରୋଗ୍ୟ କାମନା କରିଛନ୍ତି। ରାଜ୍ୟ ସରକାର ମାଗଣା ଚିକିତ୍ସା ଯୋଗାଇଦେବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପଦ୍ମଶ୍ରୀଙ୍କୁ ନେଇ ବକ୍ସିବଜାର ଅଞ୍ଚଳରେ ଦୁଃଖର ବାତାବରଣ ଖେଳିଯାଇଛି। ସେ ବକ୍ସିବଜାରଠାରେ ଆଶା ଆଶ୍ୱାସନା ସେବା ଅନୁଷ୍ଠାନ ନାମରେ ଏକ ଶିକ୍ଷାନୁଷ୍ଠାନ ସ୍ଥାପନ କରି ବସ୍ତିର ଗରିବ ପିଲାମାନଙ୍କୁ ମାଗଣାରେ ପାଠ ପଢାନ୍ତି। ମଧାହ୍ନଭୋଜନର ସମସ୍ତ ଖର୍ଚ୍ଚ ମଧ ଡି. ପ୍ରକାଶ ରାଓ ବହନ କରନ୍ତି। ଏହି ଶିକ୍ଷାନୁଷ୍ଠାନରେ ୧୦ ଜଣ ଶିକ୍ଷକ ଅଛନ୍ତି। ନର୍ସରୀଠାରୁ ଆରମ୍ଭ କରି ଷ୍ଟାଣ୍ଡାର୍ଡ ୫ ପର୍ଯ୍ୟନ୍ତ ୮୦ ଜଣରୁ ଊର୍ଦ୍ଧ୍ୱ ପିଲା ପଢୁଛନ୍ତି। ତେବେ ଦୁଇଦିନ ହେବ ଗୁରୁଜୀଙ୍କ ଅନୁପସ୍ଥିତିର ପ୍ରଭାବ ଅନୁଷ୍ଠାନର ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ଉପରେ ପଡିଛି। ଏବେ ଏହି ଅନୁଷ୍ଠାନ ସ୍ତବ୍ଧ ହୋଇଯାଇଛି।

ଉକ୍ତ ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ନମିତା ଘୋଷ କୁହନ୍ତି, ପ୍ରକାଶ ଗୁରୁଜୀ ପିଲାମାନଙ୍କ ସହିତ ମିଶିବାକୁ ଭଲପାଆନ୍ତି। ଆରମ୍ଭରୁ ଶେଷ ଯାଏ ପିଲାମାନଙ୍କୁ ପାଠ ପଢାନ୍ତି। ରୋଗଶଯ୍ୟାରେ ଥାଇ ମଧ ସେ ପିଲାମାନଙ୍କ ପାଠପଢା ବିଷୟରେ ପଚାରିଥିଲେ। ସେହିପରି ବୈରାଗୀ ସାହୁ ନାମକ ଜଣେ ଅଭିଭାବକ କୁହନ୍ତି, ପ୍ରକାଶ ଗୁରୁଜୀଙ୍କର ଶାରୀରିକ ଅସୁସ୍ଥତା ଖବର ଶୁଣି ମୋ' ପରିବାରର ସଦସ୍ୟ ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି। ଛାତ୍ରୀ ଏ. ଭବାନୀ କୁହନ୍ତି, ଭଗବାନଙ୍କୁ ଡାକୁଛି ପ୍ରକାଶ ଗୁରୁଜୀ ଶୀଘ୍ର ଭଲ ହୋଇ ଆମ ପାଖକୁ ଫେରିଆସନ୍ତୁ। ଛାତ୍ର ଏନ. ମୁରଲୀ କୁହନ୍ତି, ପ୍ରକାଶ ଗୁରୁଜୀ ଜଣେ ଉତ୍ତମ ମଣିଷ। ତାଙ୍କର ପ୍ରଚେଷ୍ଟାରେ ଆଜି ଆମେ ଶିକ୍ଷା କ୍ଷେତ୍ରରେ ନାମ ଲେଖାଇ ନିଜ ଭବିଷ୍ୟତ ତିଆରି କରିବାକୁ ଯାଉଛୁ। ପ୍ରାର୍ଥନା କରୁଛି, ଭଗବାନ ଗୁରୁଜୀଙ୍କୁ ଶୀଘ୍ର ଭଲ କରିଦିଅନ୍ତୁ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ଖୋର୍ଦ୍ଧା ଜିଲାପାଳଙ୍କ ଅଚାନକ ଟାଙ୍ଗୀ ବ୍ଲକ ଗସ୍ତ

ଟାଙ୍ଗୀ (ଖୋର୍ଦ୍ଧା),୧୮।୭ (ଡି.ଏନ.ଏ.)- ଖୋର୍ଦ୍ଧା ଜିଲାପାଳ ସୀତାଂଶୁ ରାଉତ ଗୁରୁବାର ଅଚାନକ ଟାଙ୍ଗୀ ବ୍ଲକ୍‌ର ବିଭିନ୍ନ କାର୍ଯ୍ୟାଳୟ ଗସ୍ତ କରିଥିଲେ । ସେ ଟାଙ୍ଗୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ରେକର୍ଡପତ୍ର ତନଖି କରିଥିଲେ। ଏହାପରେ ସେ ଟାଙ୍ଗୀ ପ୍ରାଥମିକ ବିଦ୍ୟାଳୟକୁ ଯାଇ ମଧାହ୍ନ ଭୋଜନ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ । ଠିକ୍ ପରିମାଣର ଚାଉଳ ଦିଆ ନ ଯିବାର କିଛି ତଥ୍ୟ ପାଇବା ପରେ ମଧାହ୍ନ ଭୋଜନରେ କେତେକ ତ୍ରୁଟି ରହିଥିବା ଦେଖିବାକୁ ପାଇଥିଲେ । ମଧାହ୍ନ ଭୋଜନ ଖାଦ୍ୟ ଠିକ୍ ଭାବରେ ଦିଆ ଯାଉଛିକି ନାହିଁ ତାହା ଦେଖିବାକୁ ଟାଙ୍ଗୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କର ଏହି ଗସ୍ତ ସମୟରେ ତାଙ୍କ ସହ ବିଡିଓ ଅକ୍ଷୟ କୁମାର ରାଉତ, ତହସିଲଦାର ସୁନାସିର କିଷାନ, ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ ଓ ମଧାହ୍ନ ଭୋଜନ ଦାୟିତ୍ୱରେ ଥିବା ସହକାରୀ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଜିଲାପାଳ ଟାଙ୍ଗୀ ବ୍ଲକ୍‌ର ଅନ୍ୟାନ୍ୟ ପଞ୍ଚାୟତକୁ ଯାଇ ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ କରିଥିବା ଜଣାପଡିଛି।

### ଅନ୍‌ଲାଇନରେ ଛାତ୍ରୀଛାତ୍ରଙ୍କ ନାମଲେଖାକୁ ନେଇ ଅସନ୍ତୋଷ

ଖୋର୍ଦ୍ଧା ଅଫିସ,୧୮।୭ : ଯୁକ୍ତ ତିନି ଡିଗ୍ରୀ ମହାବିଦ୍ୟାଳୟଗୁଡିକରେ ନାମଲେଖା ପ୍ରକ୍ରିୟା ଚାଲିଛି। ଗୁରୁବାର ଅନ୍‌ଲାଇନ ମେଧା ତାଲିକା ପ୍ରକାଶ ପାଇଛି। ନାମ ଲେଖା ସମୟରେ ଅନ୍‌ଲାଇନ ମାଧ୍ୟମରେ ଆଡମିଶନ ଫି ଦାଖଲ କରିବାକୁ ଏକମାତ୍ର ବିକଳ୍ପ ରହିଛି। ତେବେ ଅଭିଭାବକ ଓ ଛାତ୍ରୀଛାତ୍ର ଏ ନେଇ ଅନଭିଜ୍ଞ ଥିବାରୁ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚଳିତବର୍ଷ ପ୍ରଥମ କରି ଅନ୍‌ଲାଇନ ଆଡମିଶନ ପ୍ରକ୍ରିୟା ଆରମ୍ଭ ହୋଇଛି। ପୂର୍ବବର୍ଷଗୁଡିକରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ମହାବିଦ୍ୟାଳୟରେ ନାମଲେଖା ପାଇଁ ଅନ୍‌ଲାଇନରେ କେବଳ ମେଧା ତାଲିକା ପ୍ରସ୍ତୁତ କରାଯାଉଥିଲା। ସେହିଭଳି ପ୍ରଥମ ଥର ନାମଲେଖା ପାଇଁ ଛାତ୍ରୀଛାତ୍ର ଜମା କରୁଥିବା ଆଡମିଶନ ଫି ଅନ୍‌ଲାଇନ ବା ଇଣ୍ଟରନେଟ ମାଧ୍ୟମରେ କରିବାକୁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି।

### ଗାଡ଼ି ଛାଡ଼ି ଗୋରୁ ବ୍ୟବସାୟୀ ଫେରାର

ଖୋର୍ଦ୍ଧା ଅଫିସ,୧୮।୭ : ବୁଧବାର ବିଳମ୍ବିତ ରାତ୍ରିରେ ବାଣପୁର ଥାନା ସାନସିରେଇପୁର ଗ୍ରାମର ପାହାଡ ପାଖରେ ଏକ ପିକ୍‌ଅପ୍ ଭ୍ୟାନରେ ୧୨ଟି ଗୋରୁ ଚାଲାଣ ହେଉଥିଲା। କେତେଜଣ ଯୁବକ ଗୋରୁ ଚାଲାଣ ଗାଡିକୁ ଅଟକାଇ ପଚରାଉଚୁରା କରିଥିଲେ। ତେବେ ଗାଡି ଚାଳକ ସମେତ ତିନି ଜଣ ମାରଣାସ୍ତ୍ର ଦେଖାଇ ଯୁବକଙ୍କୁ ଭୟଭୀତ କରାଇ ସେଠାରୁ ଦୌଡି ପଳାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଗୋରୁଙ୍କୁ ମୁକ୍ତକରିବା ସହ ଭ୍ୟାନକୁ ଜବତ କରି ଘଟଣାର ତଦନ୍ତ କରୁଛି।

### ଜିଲାସ୍ତରୀୟ କୃଷି ସଚେତନତା ତାଲିମ ଶିବିର

ଖୋର୍ଦ୍ଧା ଅଫିସ,୧୮।୭ : ଉପ କୃଷି ନିର୍ଦ୍ଦେଶକଙ୍କ ସଭାଗୃହରେ ଜିଲାସ୍ତରୀୟ କୃଷି ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉପକୃଷି ନିର୍ଦ୍ଦେଶକ ଭାସ୍କର ବାରିକ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା କୃଷି ଅଧିକାରୀ ନାରାୟଣ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଶସ୍ୟ ସଂରକ୍ଷଣ ଅଧିକାରୀ ସୁନୀଲ ଜେନା ଓ ପ୍ରଶିକ୍ଷକ ଭାବେ ଲିଟି ପଟ୍ଟନାୟକ ଯୋଗ ଦେଇ ଧାନ ଫସଲ ଓ ଡାଲି ଜାତୀୟ ଫସଲ ଉପରେ ଟିପ୍ପଣୀ ଦେଇଥିଲେ। ଖୋର୍ଦ୍ଧା, ବୋଲଗଡ ଓ ବେଗୁନିଆ ବ୍ଲକରେ କାର୍ଯ୍ୟରତ କୃଷକ ସାଥୀ, ଗ୍ରାମ୍ୟ କୃଷି କର୍ମଚାରୀ, ସହକାରୀ କୃଷି ଅଧିକାରୀ ଅଂଶଗ୍ରହଣ କରିଥିଲେ।

### ମୋବାଇଲ ଚୋରି କରି ଜଣେ ଗିରଫ

ଭୁବନେଶ୍ୱର, ୧୮।୭(ବ୍ୟୁରୋ): ଭୁବନେଶ୍ୱର ରେଳ ଷ୍ଟେଶନର ପ୍ଲାଟଫର୍ମ ନଂ. ୬ରେ ପୂର୍ବାହ୍ନରେ ମୋବାଇଲ ଚୋରି ଅଭିଯୋଗରେ ଜିଆରପି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସୁରଞ୍ଜନ ନାୟକ।

■ ଭୁବନେଶ୍ୱର, ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ଉପରେ ଚଢ଼ାଉ

# ଜଟଣୀକୁ ଗ୍ରାହକଙ୍କ ଛୁଟୁଛି ସୁଅ

## ଟେଲିଫୋନ୍‌ରେ ଚାଲିଛି କାରବାର

ଜଟଣୀ,୧୮।୭(ଡି.ଏନ.ଏ)

ଜଟଣୀ ସହର ଓ ଗ୍ରାମାଞ୍ଚଳରେ ବ୍ୟାପକ ବ୍ରାଉନ୍‌ସୁଗାର (ପାଉ) କାରବାର ଚାଲିଛି। ବିଶେଷକରି ଯୁବଗୋଷ୍ଠୀ ତା' କବଳରେ ପଡୁଥିବାରୁ ଅଭିଭାବକ ଓ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହାଛଡ଼ା ଜଟଣୀ ସହର ଓ ଚତୁଃପାର୍ଶ୍ୱରେ ଥିବା ଇଞ୍ଜିନିୟରିଂ କଲେଜର ଅନେକ ଛାତ୍ର ପାଉ ନିଶା କବଳରେ ପଡିଥିବା ଜଣାପଡିଛି। ପାଉ ଯୋଗୁ ଚୋରି, ଲୁଟ୍, ଡକାୟତି ଭଳି ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏହାକୁ ରୋକିବାରେ ପୋଲିସ ଯାହା ଯେମିତି ପଦକ୍ଷେପ ନେଉଥିବା ବେଳେ ଅବକାରୀ ବିଭାଗର ନିଷ୍କ୍ରିୟତାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। କିଛିଦିନ ହେବ କମିଶନରେଟ୍ ପୋଲିସ, ଏସ୍‌ଟିଏଫ୍ ପକ୍ଷରୁ ଭୁବନେଶ୍ୱର ଓ ଖୋର୍ଦ୍ଧାରେ ଚଢ଼ାଉ ଜୋରଦାର କରାଯାଉଛି। ଏଥିଯୋଗୁ ଜଟଣୀକୁ ସେସବୁ ଅଞ୍ଚଳର ପାଉ ଗ୍ରାହକଙ୍କ ସୁଅ ଛୁଟିବାରେ ଲାଗିଛି। ଜଟଣୀ ପୋଲିସ ମଧ୍ୟ ଚଢ଼ାଉ ଜୋରଦାର ଆରମ୍ଭ କରିଥିବାରୁ ପାଉ ବେପାରୀ ବେପାର ତରିକା ବଦଳାଇ ଦେଇଛନ୍ତି। ଟେଲିଫୋନ୍ ମାଧ୍ୟମରେ ବେପାରୀ ଓ ଗ୍ରାହକଙ୍କ ମଧ୍ୟରେ ଯୋଗାଯୋଗ ହୋଇ ନିର୍ଦ୍ଦିଷ୍ଟ ସ୍ଥାନରେ ଏହି ନିଶା ଡେଲିଭରି କରାଯାଉଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି। ନିଶା କାରବାର ଏତେ ପରିମାଣରେ ବଢ଼ିଯାଇଛି ଯାହାଦ୍ୱାରା ସ୍ଥାନୀୟ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଏହାକୁ ଦୃଷ୍ଟିରେ ରଖି ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ମହିଳାମାନେ ଆଗକୁ ବାହାରିଛନ୍ତି। ଏହି ନିଶା ବିରୋଧରେ ଅଭିଯାନ ଆରମ୍ଭ କରିଛନ୍ତି। ବିଭିନ୍ନ ସ୍ଥାନରେ ମହିଳାମାନେ ବାହାରି ନିଶା କାରବାର ହେଉଥିବା ସ୍ଥାନରେ ଚଢାଉ କରୁଛନ୍ତି। ସ୍ଥାନୀୟ କୁଦିଆରୀ ଗ୍ରାମର କେତେଜଣ ଯୁବକ କିଛିଦିନ ହେବ ନିଶା କାରବାର ହେଉଥିବା ସ୍ଥାନରେ ଚଢ଼ାଉ ଅଭିଯାନ ଆରମ୍ଭ କରିଛନ୍ତି। କେତେଜଣ ନିଶା ବେପାରୀ ଓ ଗ୍ରାହକଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଏହାର ନେତୃତ୍ୱ ନେଉଥିବା ସଂଯୋଗ ସୁନ୍ଦରରାୟ କୁହନ୍ତି, ଏହି ଅଭିଯାନ ଆରମ୍ଭ କରିବା ପରେ ନିଶା ବେପାରୀଙ୍କ ମିଥ୍ୟା ଅଭିଯୋଗ ଉପରେ ସେମାନଙ୍କ ବିରୋଧରେ ମାମଲା ଥାନାରେ ହେଉଥିବାରୁ ମନୋବଳ ହ୍ରାସ ପାଉଥିବା ସେ କହିଛନ୍ତି। ମାମଲା ରୁଜୁ ଓ ମନୋବଳ ହ୍ରାସ ସତ୍ତ୍ୱେ ତାଙ୍କର ଏହି ଅଭିଯାନକୁ ବନ୍ଦ କରାଯିବ ନାହିଁ ବୋଲି ସେ କହିଛନ୍ତି। ବୁଧବାର ସ୍ଥାନୀୟ ହରିରାଜପୁର ଓ କୁଦିଆରୀ ବଜାର ଅଞ୍ଚଳରେ କେତେଜଣ ପାଉ ସେବନକାରୀଙ୍କୁ ସ୍ଥାନୀୟ ଯୁବକମାନେ ଧରି ନିର୍ଧୂମ୍ ଛେଚା ଦେଇ ଛାଡ଼ିଥିବା ଜଣାପଡିଛି।

ଖବରଦାତାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

# ଓୟୁଜେ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର



ଖବରଦାତାମାନେ ବିଡିଓଙ୍କୁ ସ୍ମାରକପତ୍ର ଦେଉଛନ୍ତି।

ବୋଲଗଡ଼,୧୮।୭(ଡି.ଏନ.ଏ.)

-ନିର୍ବାଚନ କାର୍ଯ୍ୟ ଚାଲିଥିବାବେଳେ କେନ୍ଦ୍ରାପଡ଼ା ପାଟକୁରାଠାରେ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ଏସ୍‌ପିଙ୍କ ଦୁର୍ବ୍ୟବହାର ନେଇ ଅଭିଯୋଗ ହୋଇଛି। ଓଡ଼ିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ(ଓୟୁଜେ), ବୋଲଗଡ ବ୍ଲକ ପକ୍ଷରୁ ଉକ୍ତ ଘଟଣାର ବିରୋଧ ଓ ନିନ୍ଦା କରାଯାଇଛି । ଚତୁର୍ଥ ସ୍ତମ୍ଭର କଣ୍ଠରୋଧ ତଥା ସର୍ବ ସମ୍ମୁଖରେ ଜଣେ ଖବରଦାତାଙ୍କୁ ଅପମାନିତ କରିବା ଘଟଣାର ପ୍ରତିବାଦରେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବୋଲଗଡ଼ ବିଡିଓ ମଧୁସୂଦନ ବେହେରାଙ୍କୁ ପ୍ରଦାନ କରାଯାଇଛି। କାଶୀନାଥ ହୋତା, ଓୟୁଜେର ଖୋର୍ଦ୍ଧା ଜିଲା ସମ୍ପାଦକ ରମେଶ ରଞ୍ଜନ ସାହୁ, ଦିଲୀପ ଚୌଧୁରୀ, ସୁରେଶ ସାମନ୍ତରାୟ, ଦୀପକ ପାହାଡ଼ସିଂ ପ୍ରମୁଖ ଉପସ୍ଥିତ ଥିଲେ।

■ ନାବାଳିକା ଅପହରଣ ଘଟଣା

# ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ

## ଥାନା ଆଗରେ ପରିବାର ପକ୍ଷରୁ ଧାରଣା

ରଣପୁର/ଟାଙ୍ଗୀ, ୧୮।୭ (ସ୍ୱ.ପ୍ର./ଡି.ଏନ.ଏ.)

ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅଞ୍ଚଳରୁ ଗତ ୬ ତାରିଖରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା(୮)ଙ୍କୁ ଚକୋଲେଟ୍ ଦେବା ବାହାନାରେ ଡାକି ନେଇ ଜଣେ ଦୁର୍ବୃତ୍ତ ଅପହରଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ତେବେ ଚାନ୍ଦପୁର ଥାନାରେ ଅଭିଯୋଗ ହେବାର ୧୨ଦିନ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁନାହିଁ। ପୋଲିସର ବିଫଳତା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ତେଣୁ ଗୁରୁବାର ପୂର୍ବାହ୍ନ ୯ଟାରେ ନାବାଳିକାଙ୍କ ପରିବାର ପକ୍ଷରୁ ଚାନ୍ଦପୁର ଥାନା ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି । ୫ଘଣ୍ଟା ବିତି ଯାଇଥିଲେ ମଧ୍ୟ ଥାନା ଅଧିକାରୀ କିମ୍ବା କୌଣସି ପୋଲିସ ଧାରଣା ସ୍ଥଳକୁ ଆସି ନ ଥିଲେ । ଶେଷରେ




ଧାରଣାରେ ବସିଥିବା ଗ୍ରାମର ଲୋକମାନେ ।

ଅପରାହ୍ନ ୧ଟାରେ ପରିବାର ଲୋକେ ଧାରଣାରୁ ଉଠିଥିଲେ । ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଗ୍ରାମବାସୀଙ୍କ ସହଯୋଗକ୍ରମେ ଥାନାକୁ ଘେରାଉ କରାଯିବ ବୋଲି ପରିବାର ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ କି, ଅଭିଯୁକ୍ତ ବିଶାଖାପାଟଣାରେ ଥିବା ଖବର ପାଇ ଚାନ୍ଦପୁର ପୋଲିସ ଚଢ଼ାଉ କରିଥିବାବେଳେ ସେଠାରୁ ଦୁର୍ବୃତ୍ତ ଫେରାର୍ ହୋଇଯାଇଥିବା କୁହାଯାଇଛି। ଅଭିଯୁକ୍ତଙ୍କ ଫଟୋକୁ ନାବାଳିକାଙ୍କ ଭାଇ ଚିହ୍ନଟ କରିଥିବା ନେଇ ମଧ୍ୟ ସୂଚନା ମିଳିଛି। ଘଟଣା ରାତିରେ ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୬୯/୧୯ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଲୁଟ୍ ବେଳେ ବାଇକ୍ ପଡ଼ିଗଲା

# ଲୁଟେରା ଲୁଟ୍ ସାମଗ୍ରୀ, ବାଇକ୍ ଛାଡ଼ି ଫେରାର

ଖୋର୍ଦ୍ଧା ଅଫିସ/ଯାଁଳା, ୧୮।୭(ଡି.ଏନ.ଏ.)

ଜଟଣୀ ଥାନା ଯାଁଳା ଫାଣ୍ଡି ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର କେ.କେ. ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ରାତି ୮ଟାରେ ଲୁଟ୍ ବେଳେ ବାଇକ୍‌ରୁ ଦୁଇଜଣ ଲୁଟେରା ଖସି ପଡିଥିଲେ। ସେମାନେ ପଲସର ବାଇକ୍ (ନଂଓଡି୦୨ ଏଆର ୯୭୭୮) ଓ ଲୁଟ୍ ସାମଗ୍ରୀ ଛାଡି ଫେରାର ହୋଇଯାଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ଲୁଟେରାଙ୍କ ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ପୁରୀ ଜିଲା ଗଡିଶାଗୋଦା ଥାନା ମଇନ୍ଦିପୁର ଗାଁର ପ୍ରଶାନ୍ତ ଦାସ ସ୍ତ୍ରୀ ସ୍ୱାଗତିକାଙ୍କ ସହ ବାଇକ୍ (ନଂ. ଓଡି୦୨ଏ ଏକ୍ସ ୭୪୮୧) ଯୋଗେ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ। ପଛପାଖରୁ ଏକ କଳାରଙ୍ଗର ପଲ୍‌ସରରେ ଦୁଇଜଣ ଦୁର୍ବୃତ୍ତ ପ୍ରଶାନ୍ତଙ୍କ ସ୍ତ୍ରୀଙ୍କ ହାତରୁ ଭ୍ୟାନିଟି ବ୍ୟାଗକୁ ଛଡାଇ ନେଇଥିଲେ। ତେବେ ବାଇକ୍‌ର ବେଗ ଦ୍ରୁତ ଥିବାରୁ ଭ୍ୟାନିଟ୍ ଛଡାଇବା ସମୟରେ ଲୁଟେରା ପଡିଯାଇଥିଲେ। ସେ ସମୟରେ ପ୍ରଶାନ୍ତ ଓ ସ୍ତ୍ରୀ ଚୋର ଚୋର ବୋଲି ଚିତ୍କାର କରିଥିଲେ। ସେମାନଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଯିବାରୁ ଲୁଟେରା ଦ୍ୱୟ ଗହୀର ମଧ୍ୟକୁ ଅନ୍ଧାରରେ ଦୌଡି ପଳାଇ ଯାଇଥିଲେ।

■ ଛୋଟା ରିମାଣ୍ଡରେ ଯିବା ପରେ

# ପୂର୍ବତନ କାଉନ୍‌ସିଲର, ଖବରଦାତାଙ୍କ ବଢ଼ିଲା ଚିନ୍ତା

ଖୋର୍ଦ୍ଧା ଅଫିସ,୧୮।୭ :

କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ବ୍ରାଉନସୁଗାର ଓ ପଥର ବ୍ୟବସାୟ କରୁଥିବା ସୁଧାଂଶୁ ପରିଡା ଓରଫ ଛୋଟାଙ୍କୁ ଗୁରୁବାର ରିମାଣ୍ଡରେ ନେବା ପରେ ରିଙ୍ଗ ମାଷ୍ଟର ପୂର୍ବତନ କାଉନସିଲ୍‌ର ଓ ସହଯୋଗୀ ଖବରଦାତାଙ୍କ ଚିନ୍ତା ବଢ଼ି ଯାଇଛି। ସେହିପରି କେତେଜଣ ରାଜନେତା, ପୋଲିସ, ଅବକାରୀ ଓ ପ୍ରଶାସନିକ କର୍ମଚାରୀଙ୍କ ଚିନ୍ତା ବଢ଼ିଛି। କାଳେ ଛୋଟା ସେମାନଙ୍କ ନାମ କହିଦେବ ସେଥିପାଇଁ ପ୍ରାୟ ସମସ୍ତେ ଭୟଭୀତ ହୋଇପଡିଛନ୍ତି। ଏପଟେ ଭୟ ଘାରିଥିବାବେଳେ ସେପଟେ ପୂର୍ବତନ କାଉନ୍‌ସିଲର ଓ ଖବରଦାତାଙ୍କ ମୁହଁ ଟାଣ କଥା ଛାଡି ପାରୁନାହାନ୍ତି। ସାଧାରଣ ଲୋକ ସେମାନଙ୍କ କଥା ଶୁଣି ମଜା ଉଠାଉଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ସ୍ୱଳ୍ପଦିନ ଭିତରେ ପୂର୍ବତନ କାଉନସିଲ୍‌ର ଓ ସହଯୋଗୀ ଖବରଦାତାଙ୍କୁ ଏସ୍‌ଟିଏଫ୍ ଜେରା ହେବାର ଫାଇଲ ପ୍ରସ୍ତୁତ ଚାଲିଛି।

### କାନ୍ଥବାଡ଼ରେ ମୋବାଇଲ ନମ୍ବର

ଏସ୍‌ଟିଏଫ୍‌ର ଚଢ଼ାଉ ପରେ ଖୋର୍ଦ୍ଧାର ବରୁଣେଇସାହି, ଗୋପୀନାଥସାହିର କେତେକସ୍ଥାନ କାନ୍ଥବାଡରେ ମୋବାଇଲ ନମ୍ବର ଲେଖାଯାଇଛି। ସେବନକାରୀ ଏହି ନମ୍ବରରେ ଯୋଗାଯୋଗ କଲେ ବ୍ରାଉନସୁଗାର(ପାଉ) ପାଇପାରୁଛନ୍ତି। ବ୍ୟବସାୟ ଶେଷ ପରେ ଫୋନ ନମ୍ବରକୁ ଲିଭାଇ ଦିଆଯାଉଛି। ପ୍ରତ୍ୟହ ଅଲଗା ଅଲଗା ନମ୍ବର ରହୁଛି। ପୁଣି କୋର୍ଡ ବ୍ୟବହାର ହେଉଛି। ସେହିଭଳି ପାଉ ଦାମ ବଢ଼ି ଯାଇଛି। ପୂର୍ବରୁ ୨୫୦ ଟଙ୍କାରେ ମିଳୁଥିବା ପୁଡିଆ ଏବେ ୫୦୦ରୁ ୬୦୦ ଟଙ୍କା ହୋଇଯାଇଛି। ନିଶା କାରବାର ଉପରେ ଏସ୍‌ଟିଏଫର ଚଢ଼ାଉ ପରେ ବି ପୋଲିସ ଓ ଅବକାରୀ ବିଭାଗର ନୀରବତା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।

■ କୃଷ୍ଣପ୍ରସାଦରେ ଫନୀ କ୍ଷୟକ୍ଷତି

# ନିଜସ୍ୱ ବ୍ୟୟରେ ବିଦ୍ୟାଳୟ ମରାମତି କଲେ ଶିକ୍ଷକ

କୃଷ୍ଣପ୍ରସାଦ,୧୮।୭(ଡି.ଏନ.ଏ.)– ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ଫନୀ ବାତ୍ୟା ତାଣ୍ଡବ ଲୀଳା କରି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ କରିବା ସହ ଏହାର ମାନଚିତ୍ରକୁ ବଦଳାଇ ଦେଇଥିଲା। ଏହାଦ୍ୱାରା ବ୍ଲକର ଅନେକ ବିଦ୍ୟାଳୟ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିଲା। ତେବେ ବିଦ୍ୟାଳୟ ମରାମତି କାମ କରି ଶିକ୍ଷକମାନେ ଏବେ ହଟହଟା ହେଉଥିବା ଜଣାପଡ଼ିଛି । ବିଦ୍ୟାଳୟ ଖୋଲିବାର ଅଳ୍ପ ଦିନ ପୂର୍ବରୁ ମରାମତି କାର୍ଯ୍ୟ ଶେଷ କରିବା ପାଇଁ ବିଡିଓ ଶିକ୍ଷକମାନଙ୍କୁ ତାଗିଦ କରିଥିଲେ । ପ୍ରଶାସନ ପକ୍ଷରୁ ବ୍ଲକ ବିଭାଗୀୟ କନିଷ୍ଠ ଯନ୍ତ୍ରୀମାନଙ୍କ ଦ୍ୱାରା ମରାମତି ନିମନ୍ତେ ବ୍ୟୟ ଅଟକଳ କରାଯାଇଥିଲା । ନିଜସ୍ୱ ବ୍ୟୟରେ ଏହି କାର୍ଯ୍ୟ କରିବାକୁ ଶିକ୍ଷକମାନଙ୍କୁ ମୌଖିକ ଭାବେ ବିଡିଓ କହିଥିଲେ । କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଖର୍ଚ୍ଚ କରିଥିବା ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରଶାସନିକ ଅଧିକାରୀଙ୍କ ନିର୍ଦ୍ଦେଶ ମାନି ଶିକ୍ଷକମାନେ ନିଜ ଦରମା, ଋଣ ଆଣି ମରାମତି କାର୍ଯ୍ୟ ଶେଷ କରିଥିଲେ । କେହି କେହି ମିସ୍ତ୍ରୀ ଓ ଶ୍ରମିକଙ୍କୁ ପରେ ପାରିଶ୍ରମିକ ଦେବେ ବୋଲି କହିଥିଲେ। ତେବେ କାର୍ଯ୍ୟ ଶେଷ ହେବାର ମାସେ ବିତି ଯାଇଥିଲେ ସୁଦ୍ଧା ବିଦ୍ୟାଳୟଗୁଡ଼ିକୁ ଏ ପର୍ଯ୍ୟନ୍ତ ମରାମତି ଟଙ୍କା ପ୍ରଦାନ ନ କରିବାରୁ ଅସନ୍ତୋଷ ଦେଖାଦେଇଛି। ବକେୟା ଟଙ୍କା ପାଇବା ପାଇଁ ଦୋକାନୀ, ମିସ୍ତ୍ରୀ, ଶ୍ରମିକମାନେ ଶିକ୍ଷକଙ୍କ ଘରେ ଅପେକ୍ଷା କରି ରହିଥିବାରୁ ଏହା ଶିକ୍ଷକଙ୍କୁ ଭାରାକ୍ରାନ୍ତ କରିଛି। ଏ ସମସ୍ୟା ନେଇ କୃଷ୍ଣପ୍ରସାଦ ବିଡିଓ ଅଭିମନ୍ୟୁ ମାଝି କହିଥିଲେ ଯେ, ବକେୟା ଟଙ୍କା ଖୁବ୍ ଶୀଘ୍ର ପ୍ରଦାନ କରାଯିବ। ତେବେ ବିଡିଓ ପ୍ରତିଶ୍ରୁତି ଦେବାର ୮ ଦିନ ବିତି ଯାଇଥିଲେ ମଧ୍ୟ ବିଦ୍ୟାଳୟଗୁଡ଼ିକୁ ବକେୟା ଟଙ୍କା ମିଳି ନ ଥିବା ଜଣାପଡ଼ିଛି।

# ଦୁଇ ଭିକାରିଙ୍କଠାରୁ ଲୁଟ୍

ଖୋର୍ଦ୍ଧା ଅଫିସ,୧୮।୭

ଖୋର୍ଦ୍ଧା ଦମକଳ କେନ୍ଦ୍ର ନିକଟରେ ଦୁଇଜଣ ଭିକାରୀଙ୍କଠାରୁ ଗୁରୁବାର ମଧ୍ୟାହ୍ନରେ ୩୫୦ ଟଙ୍କା ଚୋରି ହୋଇଛି। ଜଣଙ୍କଠାରୁ ୨୦୦ ଓ ଅନ୍ୟ ଜଣଙ୍କଠାରୁ ଦେଢ଼ଶହ ଟଙ୍କା ଚୋରି ହୋଇଛି। ବ୍ରାଉନସୁଗାର ଖାଉଥିବା ଦୁଇଜଣ ଯୁବକ ଟଙ୍କା ଛଡାଇ ନେଇଥିଲେ। ଦୁଇ ଭିକାରୀ ମନଦୁଃଖରେ ଲୁଟ୍ ସମ୍ପର୍କରେ କହି ଭୋକ ଉପାସରେ ରହିବେ ବୋଲି କହିଥିଲେ।

# ମାଗଣା ସ୍ୱାସ୍ଥ୍ୟସେବା ଶିବିର



ମାଗଣା ସ୍ୱାସ୍ଥ୍ୟସେବାରେ ଉପସ୍ଥିତ ଡାକ୍ତର ଓ ରୋଗୀ।

ନିରାକାରପୁର,୧୮।୭(ଡି.ଏନ.ଏ.)– ଖୋର୍ଦ୍ଧା ଜିଲା ଓଳସିଂହ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏମ୍ସ (ଭୁବନେଶ୍ୱର) ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ଟାଙ୍ଗୀ)ର ମିଳିତ ଆନୁକୂଲ୍ୟରେ ୨ ଦିନିଆ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରେମାନନ୍ଦ ପରିଡ଼ାଙ୍କ ଆବାହକତ୍ୱରେ ଆଜେଜିତ ଶିବିରରେ ବହୁ ରୋଗୀ ମାଗଣା ସ୍ୱାସ୍ଥ୍ୟସେବା ପ୍ରାପ୍ତ କରିଥିଲେ। ପ୍ରଥମ ଦିନରେ ୨୨୩ ଜଣଙ୍କ ଡାଇବେଟିସ୍, ବ୍ଲଡ୍‌ପ୍ରେସର ଆଦି ରୋଗ ପରୀକ୍ଷା, ଚିକିତ୍ସା ଓ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଶୁକ୍ରବାର ୨ୟ ଦିବସରେ ୮ବର୍ଷରୁ କମ୍ ଶିଶୁ ଓ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ସମିତି ସଭ୍ୟା ଯଶ୍ମିତା ବରିଶଲ ଓ ସାମାଜିକ କର୍ମୀ ଦେବରାଜ ବରିଶଲ ସୂଚନା ଦେଇଛନ୍ତି।

# ମିଶନ ଆଶ୍ରାର ୧୭ତମ ପ୍ରତିଷ୍ଠା ଦିବସ




ଅତିଥିମାନେ ପ୍ରତିଷ୍ଠା ଉତ୍ସବକୁ ଉଦଘାଟନ କରୁଛନ୍ତି ।

ଯାଁଳା,୧୮।୭(ଡି.ଏନ.ଏ.)

ସ୍ୱେଚ୍ଛାସେବୀ ସଙ୍ଗଠନ ପିପୁଲ୍‌ସ ଫୋରମ୍ ଦ୍ୱାରା ପରିଚାଳିତ ଯାଁଳାସ୍ଥିତ ମିଶନ ଆଶ୍ରାର ୧୭ତମ ପ୍ରତିଷ୍ଠା ଦିବସ ବୁଧବାର ଏହାର ପରିସରରେ ପାଳିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ମଧୁମିତା ଦାସ, ମାନସିକ ରୋଗ ବିଶେଷଜ୍ଞ ପ୍ରଫେସର ଶୁଭେନ୍ଦୁ ନାରାୟଣ ମିଶ୍ର, ନିଶୀଥ ରଞ୍ଜନ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମିଶନ ଆଶ୍ରାର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ପିପୁଲ୍‌ସ ଫୋରମ୍‌ର ପ୍ରତିଷ୍ଠାତା ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମାନସିକ ବିକାରଗ୍ରସ୍ତ ଓ ସାମାଜିକ ଅନଗ୍ରସର ମହିଳାମାନଙ୍କୁ ଉଦ୍ଧାର କରି ମିଶନ ଆଶ୍ରା ପରିସରରେ ଚିକିତ୍ସା କରାଯିବା ସହ କିପରି ସେମାନଙ୍କୁ ସମାଜରେ ସ୍ୱାବଲମ୍ବୀ କରାଯାଉଛି ସେ ନେଇ ସୂଚନା ଦେଇଥିଲେ। ଏଥିସହ ସୁସ୍ଥ ହେବା ପରେ ଅନେକଙ୍କୁ ସେମାନଙ୍କ ଘରେ ଛଡ଼ା ଯାଉଥିବା ନେଇ କହିଥିଲେ। ପରେ ଅନ୍ତେବାସିନୀ ଓ ମିଶନ ଆଶ୍ରାର କର୍ମଚାରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

■ ଆରମ୍ଭ ହେଲାଣି ବର୍ଷାଋତୁ, ହଟୁନି ଆବର୍ଜନା

# ମଶାବଂଶ ବୃଦ୍ଧି, ଡେଙ୍ଗୁ ଆଶଙ୍କା

## ସ୍ୱାସ୍ଥ୍ୟ ବିଭାଗର ନାହିଁ ତତ୍ପରତା

ବେଗୁନିଆ, ୧୮।୭ (ଡି.ଏନ.ଏ.)

ମୌସୁମୀ ବାୟୁ ଆସିବା ପରେ ଏବେ ବର୍ଷାଋତୁ ଆରମ୍ଭ ହୋଇଛି। ଏଥିଯୋଗୁ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଆହୁରି ବିଗିଡିଯାଇଛି। ସେହିଭଳି ବର୍ଷା ଆରମ୍ଭରୁ ମଶା ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ବର୍ଷ ବର୍ଷ ଧରି ପଡି ରହିଥିବା ଅଳିଆ ଆବର୍ଜନା ମଶା ବଂଶ ବୃଦ୍ଧିର କାରଣ ହୋଇଛି। ଗତବର୍ଷ ମଧ୍ୟ ବିପର୍ଯ୍ୟସ୍ତ ପରିମଳ ଯୋଗୁ ଅଞ୍ଚଳରେ ମଶା ବଂଶ ବୃଦ୍ଧି ପାଇଥିଲା। ଫଳରେ ୧୧ଟି ଗାଁରେ ୬୮ ଜଣ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିଲେ। ତେବେ ଚଳିତବର୍ଷ ମଧ୍ୟ ଏଯାଏ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ଦେଖାଯାଉନାହିଁ। ସଚେତନତା କାର୍ଯ୍ୟକ୍ରମ କରାଯାଇ ନ ଥିବା ବେଳେ କୂଅରେ ବ୍ଲିଚିଂ ଏବଂ ଆବର୍ଜନା ସ୍ଥାନରେ ଡିଡିଟି ସିଞ୍ଚନ କରାଯାଇନାହିଁ।

ବଜାର, ବିଭିନ୍ନ ରାସ୍ତାଘାଟ, ସ୍କୁଲ, କଲେଜ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଡାକ୍ତରଖାନା ପରିସର ଅଳିଆ, ଆବର୍ଜନା ପୂର୍ଣ୍ଣ ହୋଇ ରହିଛି। ବର୍ଷ ବର୍ଷ ଧରି ଏପରି ଆବର୍ଜନା ଜମା ହୋଇ ରହିବା ଫଳରେ ବର୍ଷାଦିନେ ଏହା ପଚିଶଢି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି



ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନାବନା ଗଛଲତା ମାଡିଛି ।

ହେଉଛି। ଏହି ଆବର୍ଜନା ଜମି ରହିଥିବା ପାଣିରୁ ମଶା ଜନ୍ମ ନେଉଛନ୍ତି। ବେଗୁନିଆ ସଦର ମହକୁମାସ୍ଥିତ ବ୍ଲକ, ତହସିଲ କାର୍ଯ୍ୟାଳୟ, ଥାନା, ସରକାରୀ କାର୍ଯ୍ୟାଳୟ ପରିସରରେ ଅନାବନା ଘାସ ଏବଂ ଅଳିଆ ଗଦା ହୋଇ ରହିଛି। ବେଗୁନିଆ ବଜାର କଥା ନ କହିବା ଭଲ, ଦୋକାନ ପାର୍ଶ୍ୱ, ଜଳଖିଆ ଓ ଫାଷ୍ଟଫୁଡ ଉଠା ଦୋକାନ କଡରେ ଦୀର୍ଘଦିନ ଧରି ଆବର୍ଜନା ଜମା ହୋଇ ରହିଛି। ବିଶେଷକରି ଏହି ବ୍ଲକ ଅଞ୍ଚଳରେ ଥିବା ବେଗୁନିଆ, କଣ୍ଟାବାଡ, ପୋଡାଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଆବର୍ଜନାମୟ ରହିଛି। ଅନ୍ୟପକ୍ଷରେ ବଜାର ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡମ୍ପିଂୟାର୍ଡର ବ୍ୟବସ୍ଥା ନାହିଁ। ବ୍ଲକ ପ୍ରଶାସନ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା କମିଟି ଗଠନ କରାଯାଉ ନ ଥିବା ବେଳେ ଗାଁ କଲ୍ୟାଣ ସମିତି ସ୍ଥାଣୁ ପାଲଟିଛି। ଫଳରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମଶା ଉତ୍ପାତ ଆରମ୍ଭ ହେଲାଣି। ତୁରନ୍ତ ଯଦି ଏଥିପ୍ରତି ଦୃଷ୍ଟି ଦିଆ ନ ଯାଏ ତେବେ ଆଗକୁ ଲୋକେ ଅନେକ ରୋଗର ଶିକାର ହେବା ପ୍ରାୟ ସୁନିଶ୍ଚିତ ବୋଲି ଆଲୋଚନା ହେଲାଣି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ବିଜୟ କୁମାର ମହାପାତ୍ର କୁହନ୍ତି, ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଏବଂ ଅଙ୍ଗନୱାଡି , ଆଶା କର୍ମୀମାନଙ୍କୁ ଚଳିତ ବର୍ଷାଋତୁରେ ରୋଗରୁ ଜନସାଧାରଣ କିଭଳି ମୁକ୍ତି ପାଇବେ ସେଥିପାଇଁ ନିର୍ଦ୍ଦେଶ ଦିଆଯାଇଛି।



"ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ। -ଆଇନଷ୍ଟାଇନ



## ସଂକ୍ଷେପରେ

### ଦୁଇ ପକ୍ଷଙ୍କ ମଧ୍ୟରେ ମାରପିଟ, ୧ ଗିରଫ

ଗୋପ, ୧୮।୭(ଡି.ଏନ୍.ଏ.): ଗୋପ ଥାନା ଅଧୀନ ନୟାହାଟ ଫାଣ୍ଡି ସ୍ଥିତ ଧୂମାଳ ଗ୍ରାମରେ ସରକାରୀ ଜାଗାକୁ ନେଇ ଦୁଇ ପକ୍ଷ ମଧ୍ୟରେ ମାର୍‌ପିଟ୍ ହୋଇଛି। ଶାବଳ ମାଡ଼ରେ ତ୍ରିଲୋଚନ ସାହୁ ଗୁରୁତର ହୋଇ ଚାରିଛକ ଡାକ୍ତରଖାନାକୁ ଯାଇଥିବାବେଳେ ଗୋପ ପୋଲିସ ଘଟଣାସ୍ଥଳ ତଦନ୍ତ କରିବା ପରେ ଏଥିରେ ସଂପୃକ୍ତ ଥିବା ଧୂମାଳ ଗ୍ରାମର ହରିହର ମିଶ୍ରଙ୍କୁ ଗିରଫ କରିଛି। ଗୁରୁବାର ହରିହରଙ୍କୁ କୋର୍ଟ ଚାଲାଣ କରିଥିବାବେଳେ କୋର୍ଟ ତାଙ୍କ ଜାମିନ ନାମଞ୍ଜୁର କରି ଜେଲ୍ ହାଜତକୁ ପଠାଇ ଦେଇଥିବା ଥାନା ପକ୍ଷରୁ ଜଣାପଡ଼ିଛି। ଏ ସମ୍ପର୍କରେ ଗୋପ ଥାନାରେ ପୃଥକ୍ ପୃଥକ୍ ଭାବେ ଦୁଇଟି ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଦିଲ୍ଲୀପ୍ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

### ଦାଦାବଟି ମାଗି ଯୁବକ ଗିରଫ

ପୁରୀ ଅଫିସ, ୧୮।୭: ସୁଲଭ ଶୌଚାଳୟର କେୟାର ଟେକରଙ୍କୁ ଦାଦାବଟି ମାଗିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଧାନକୁଟି ସାହିର ଜଗା ଓରଫ ଜଗନ୍ନାଥ ମହାରଣା(୩୮)। ସୂଚନା ଅନୁଯାୟୀ, ବିହାରର ବିପିନ ବିହାରୀ ଚୌଧୁରୀ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟ ସୁଲଭ ଶୌଚାଳୟରେ କାର୍ଯ୍ୟରତ ଅଛନ୍ତି। ଜଗା ଅନେକ ସମୟରେ ବିପିନଙ୍କୁ ଦାଦାବଟି ମାଗୁଥିଲେ। ବୁଧବାର ପୁଣି ଜଗା ତାଙ୍କୁ ଦାଦାବଟି ମାଗିଥିଲେ। ସେ ମନା କରିବାରୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ।

### ଲିଙ୍କ୍ ଫେଲ୍ ଯୋଗୁ ବ୍ୟାଙ୍କ ସେବା ଅଚଳ

କଣାସ, ୧୮।୭(ସ୍ୱ.ପ୍ର.): ଗ୍ରାମାଞ୍ଚଳର ଲୋକମାନଙ୍କୁ ସହଜରେ ବ୍ୟାଙ୍କସେବା ଯୋଗାଇଦେବା ପାଇଁ ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଶାଖା ଖୋଲିବା ଉପରେ ଗୁରୁତ୍ୱ ଦିଆଯାଉଛି। ମାତ୍ର ଅନେକ ସମୟରେ ବ୍ୟାଙ୍କଗୁଡ଼ିକ ଲୋକମାନଙ୍କୁ ଉତ୍ତମ ସେବା ଯୋଗାଇବାରେ ବିଫଳ ହେଉଥିବା ଦେଖିବାକୁ ମିଳୁଛି। ପୁରୀ ଜିଲା କଣାସ ବ୍ଲକର କଣାସ ଠାରେ ଖୋଲାଯାଇଥିବା ଦୁଇଟି ଘରୋଇ ବ୍ୟାଙ୍କରେ ୧ମାସରୁ ଊର୍ଦ୍ଧ୍ୱ ସମୟ ଧରି ଲିଙ୍କ୍ ଫେଲ୍ ହେବାଯୋଗୁ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଗତ ୧୭ ତାରିଖ ଦିନ ଅଳ୍ପ ସମୟ ବ୍ୟାଙ୍କ କାର୍ଯ୍ୟ ଚାଲିବା ପରେ ପୁଣି ଲିଙ୍କ ଫେଲ ହୋଇଥିଲା। ସେହିପରି ୧୮ ତାରିଖ ଦିନତମାମ ଲିଙ୍କ ଅଚଳ ହୋଇପଡିଥିବାରୁ ବ୍ୟାଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଫଳରେ ବ୍ୟାଙ୍କ ଆସିଥିବା ଅନେକ ଉପଭୋକ୍ତା ଦିନ ୧୦ଟାରୁ ୪ଟା ପର୍ଯ୍ୟନ୍ତ ଅପେକ୍ଷା କରି ଶେଷରେ ନିରାଶ ହୋଇ ଫେରିଥିଲେ। ଲିଙ୍କ୍ ଫେଲ୍ ସମ୍ପର୍କରେ ଜାଣିବା ପାଇଁ କଣାସ ଠାରେ ଥିବା ଦୂରସଞ୍ଚାର କାର୍ଯ୍ୟାଳୟରେ ପଚାରିବାରୁ ବ୍ରହ୍ମଗିରି ଠାରେ ବ୍ରଡ୍ ବ୍ୟାଣ୍ଡ କେବୁଲ୍ କଟିଯାଇଥିବାରୁ ଲିଙ୍କ୍ କଟିଯାଇଥିବା କହିଥିଲେ।

### ଆଇନଜୀବୀଙ୍କ ପରଲୋକ

#### ଆକ୍ରମଣରେ ଆହତ ହୋଇ ଚିକିତ୍ସାଧୀନ ଥିଲେ

ପୁରୀ ଅଫିସ, ୧୮।୭: ଆଇନଜୀବୀ ସଞ୍ଜୟ ତ୍ରିପାଠୀ ଦୁଇବର୍ଷ ତଳେ ଆକ୍ରମଣରେ ଆହତ ହୋଇ ଚିକିତ୍ସାଧୀନ ଥିଲେ। ଗୁରୁବାର ଦଉଡୋଟାସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଯାଇଛି। ଏ ନେଇ ତାଙ୍କ ସ୍ତ୍ରୀ ସଙ୍ଗୀତା ସମ୍ପୃକ୍ତ ଆକ୍ରମଣକାରୀ ଆଇନଜୀବୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ଗତ ୨୦୧୭ରେ ସଞ୍ଜୟଙ୍କୁ ବାର୍ ନିକଟରେ କେତେଜଣ ଆଇନଜୀବୀ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସଞ୍ଜୟଙ୍କ ସ୍ତ୍ରୀ ସଙ୍ଗୀତାଙ୍କ ଅଭିଯୋଗ କ୍ରମେ ଟାଉନ ଥାନା ପୋଲିସ ଏକ ମାମଲା ରୁଜୁ କରିଥିଲା। ଅଭିଯୋଗରେ ଦର୍ଶାଯାଇଥିବା ଆଇନଜୀବୀ (ଆକ୍ରମଣକାରୀ) ଜଣଙ୍କ ହାଇକୋର୍ଟରୁ ଆଗୁଆ ଜାମିନରେ ଆସିଥିଲେ। ଏହି ଘଟଣାରେ ପୁରୀରୁ ଦୁଇଜଣ ଯୁବକ ଗିରଫ ହୋଇ ପରେ କୋର୍ଟରୁ ଜାମିନରେ ଆସିଥିଲେ। ତାଙ୍କ ସ୍ୱାମୀଙ୍କୁ ନ୍ୟାୟ ଦେବା ଲାଗି ସଙ୍ଗୀତା ଜିଲାପାଳ, ଏସ୍‌ପିଙ୍କ ଦ୍ୱାରସ୍ଥ ହେବା ସହ ବାର୍ କାର୍ଯ୍ୟାଳୟରେ ମଧ୍ୟ ଧାରଣା ଦେଇଥିଲେ। ଏପରି କି ଆତ୍ମାହୂତି ଧମକ ମଧ୍ୟ ଦେଇ ଚର୍ଚ୍ଚା ଘେରକୁ ଆସିଥିଲେ।

■ ନୋ ପାର୍କିଂ, ନୋ ଭେଣ୍ଡିଂ ଜୋନ୍ ପ୍ରସଙ୍ଗ

# ଭକ୍ତଙ୍କ ସୁବିଧା ପାଇଁ କରାଯାଇଛି: ଜିଲାପାଳ

■ମେଘନାଦ ପାଚେରି ଚତୁଃପାର୍ଶ୍ୱରେ କୌଣସି ନିର୍ମାଣ ରହିବ ନାହିଁ
■ଉଠାଦୋକାନୀଙ୍କ ଲାଗି ସ୍ଥାୟୀ ନିର୍ମାଣ ଯୋଜନା କରାଯାଉଛି

ପୁରୀ ଅଫିସ, ୧୮।୭:

ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ନୋ ପାର୍କିଂ ଓ ନୋ ଭେଣ୍ଡିଂ ଜୋନ ଏବଂ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ୱାନ୍ ୱେ ଟ୍ରାଫିକ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ଲାଗିରହିଛି। ପ୍ରଶାସନର ଏଭଳି ତରବରିଆ ନିଷ୍ପତ୍ତିକୁ ଅନେକ ସଙ୍ଗଠନ ବିରୋଧ କରିଥିବାବେଳେ ଉଠାଦୋକାନୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୁରୀ ଜିଲା କଂଗ୍ରେସ ଏହାକୁ ସମାଲୋଚନା କରିଛି। ଉଠାଦୋକାନୀମାନେ କିପରି ପରିବାର ପ୍ରତିପୋଷଣ କରିବେ ସେନେଇ ବାରମ୍ବାର ପ୍ରଶାସନକୁ ଗୁହାରି ଜଣାଉଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଞ୍ଚଳକୁ ବ୍ୟାରିକେଡିଂ କରାଯାଇଥିବାରୁ ସ୍ଥାନୀୟ ଲୋକେ ଯାତାୟାତ ନେଇ ହଇରାଣ ହେଉଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ଗୁରୁବାର ଏ ସମ୍ପର୍କରେ ପୁରୀ ଜିଲାପାଳ ବଳୱନ୍ତ ସିଂ ମୁହଁ ଖୋଲିଛନ୍ତି।

ଜିଲାପାଳ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଞ୍ଚଳକୁ ବ୍ୟାରିକେଡିଂ କରାଯାଇ ମୁକ୍ତ ରଖାଯାଇଛି। ତା' ମଧ୍ୟରେ କୌଣସି ପାର୍କିଂ ହୋଇପାରିବ ନାହିଁ। ଉଠାଦୋକାନୀ କିମ୍ବା ଭିକାରି ବସିପାରିବେ ନାହିଁ। ଶ୍ରୀମନ୍ଦିର ସମ୍ମୁଖରେ କୌଣସି ପ୍ରକାର ଅବରୋଧ ରହିବ ନାହିଁ। ଭକ୍ତଙ୍କ ସୁବିଧା ଓ ସେମାନଙ୍କ ମନରେ ଯେପରି କୌଣସି ପ୍ରକାର ଭିନ୍ନ ଭାବନା ନ ଆସିବ ସେଥିଲାଗି ଏଭଳି ପଦକ୍ଷେପ ନିଆଯାଇଛି। ବ୍ୟାରିକେଡିଂ କରାଯାଇଥିବା ଅଞ୍ଚଳ ମଧ୍ୟଦେଇ ଭକ୍ତମାନେ ମନ୍ଦିରକୁ ଚାଲିକରି ଯିବେ। ବରିଷ୍ଠ ନାଗରିକଙ୍କ ପାଇଁ ବ୍ୟାଟେରି ଗାଡ଼ିର ବ୍ୟବସ୍ଥା ରହିଛି। ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଯାତାୟାତ ଲାଗି ବାଟ ଛଡ଼ାଯାଇଛି। ମନ୍ଦିର ଚତୁଃପାର୍ଶ୍ୱକୁ ନୋ ପାର୍କିଂ ଓ ନୋ ଭେଣ୍ଡିଂ ଜୋନ କରାଯାଇଛି। ବ୍ୟାରିକେଡ ଭିତରେ ସେବାୟତ ଓ ବ୍ୟବସାୟୀମାନେ ଗାଡ଼ି କେଉଁଠି ପାର୍କିଂ କରିବେ ତାହାର ବ୍ୟବସ୍ଥା କରାଯାଉଛି। ବ୍ୟାରିକେଡିଂ ଅଞ୍ଚଳର ସୌନ୍ଦର୍ଯ୍ୟକରଣ କରାଯିବ । ସେହି ଅଞ୍ଚଳରେ ଏମିତି ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରାଯିବ ଯାହାଫଳରେ ବାହାରୁ ଆସୁଥିବା ଭକ୍ତମାନେ ସେଠାରେ ବସି ପ୍ରାର୍ଥନା କରିପାରିବେ। ସେହିପରି ପରିକ୍ରମା ମାର୍ଗକୁ ମୁକ୍ତ ରଖାଯିବ, ଯେପରି ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସୁବିଧାରେ ପରିକ୍ରମା କରିପାରିବେ। କିନ୍ତୁ ବର୍ତ୍ତମାନ ଜୋତା ଷ୍ଟାଣ୍ଡକୁ ସେଠାରୁ ସ୍ଥାନାନ୍ତର କରାଯିବ ନାହିଁ। ଭକ୍ତମାନେ ଚାଲି ଗଲାବେଳେ ଖରାରେ ଯେପରି ଗୋଡ଼ ତାତିବ ନାହିଁ ତା' ପାଇଁ ବ୍ୟବସ୍ଥା ଏବଂ ପାନୀୟଜଳ ଆଦିର ବ୍ୟବସ୍ଥା କରାଯିବ। ପରିମଳ ପାଇଁ ସ୍ୱତନ୍ତ୍ର ସଫେଇ କର୍ମଚାରୀ ରହିବେ। ସେମାନେ ୩ ସିଫ୍ଟରେ କାମ କରିବେ। ମନ୍ଦିର ଚତୁଃପାର୍ଶ୍ୱ ଓ ସିଂହଦ୍ୱାର ସମ୍ମୁଖ ଅଞ୍ଚଳକୁ ସଦାସର୍ବଦା ସଫା ରଖାଯିବ। ସେହିପରି ମେଘନାଦ ପାଚେରି ଚତୁଃପାର୍ଶ୍ୱରେ ଯେତେ ବେଆଇନ ନିର୍ମାଣ (ମନ୍ଦିର ନିର୍ମାଣକୁ ବାଦ୍ ଦେଇ) ରହିଛି ତାହାକୁ ହଟାଯିବ। ଆଉଟ୍‌ପୋଷ୍ଟ ହେଉ କି ପ୍ରଶାସନର ସୂଚନା କେନ୍ଦ୍ର କିଛି ରହିବ ନାହିଁ। ଏହାଦ୍ୱାରା ପ୍ରଭାବିତ ହେଉଥିବା ଉଠାଦୋକାନୀ ଓ ଭିକାରିମାନଙ୍କ ସମ୍ପର୍କରେ ଜିଲାପାଳ କହିଥିଲେ, ଭିକାରୀମାନଙ୍କ ଥଇଥାନ ପାଇଁ ବିଭିନ୍ନ ଯୋଜନା ରହିଛି। ରାତ୍ର ଆଶ୍ରୟସ୍ଥଳ ଭଳି ଏକାଧିକ ବ୍ୟବସ୍ଥା ସେମାନଙ୍କ ପାଇଁ ଅଛି। ତେବେ ଉଠାଦୋକାନୀ (ଦୀପ, ଫୁଲ, ଫଳ, ଭୋଗ ବିକ୍ରେତା)ଙ୍କ ପାଇଁ ସ୍ଥାୟୀ ନିର୍ମାଣର ଯୋଜନା କରାଯାଉଛି। ବର୍ତ୍ତମାନ ସେମାନଙ୍କୁ ଟିକିଏ ସମସ୍ୟା ହେବ ବୋଲି ଜିଲାପାଳ ସିଂ ପ୍ରକାଶ କରିଥିଲେ।



ପୁରୀ ଭୋଳାନାଥ ବିଦ୍ୟାପୀଠ ପରିସରରେ ପଲ୍ଲିଶ୍ରୀମେଳା ସରିବା ପରେ ଅଳିଆ ପଡିରହିଛି।

## ସ୍କୁଲ ପଡ଼ିଆରେ ପଡ଼ିଛି ପଲ୍ଲିଶ୍ରୀ ମେଳା ଆବର୍ଜନା

ପୁରୀ ଅଫିସ, ୧୮।୭:

ରଥଯାତ୍ରା ଉପଲକ୍ଷେ ଭୋଳାନାଥ ବିଦ୍ୟାପୀଠ ପରିସରରେ ଚାଲିଥିଲା ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା। ବାହୁଡ଼ା ଯାତ୍ରାଠୁ ଏହି ମେଳା ସରିଗଲାଣି। ଏବେ ଷ୍ଟଲଗୁଡ଼ିକ ଖୋଲା ଚାଲିଛି। ହେଲେ ସ୍କୁଲ ପଡ଼ିଆରେ ପଡ଼ିରହିଛି ଆବର୍ଜନା। ଏହାକୁ ହଟାଯାଉନାହିଁ। ବର୍ଷାରେ ଭିଜି ଅଳିଆ ଆବର୍ଜନା ପଚିଶଢ଼ି ଦୁର୍ଗନ୍ଧ ହେଲାଣି। ରଥଯାତ୍ରା ଆରମ୍ଭରୁ ପରିମଳ ଉପରେ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଥିବାବେଳେ ଏବେ ଏଭଳି ଅସ୍ୱାସ୍ଥ୍ୟକର ପରିବେଶକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି।

ଓରମାସ୍ ଆନୁକୂଲ୍ୟରେ ଗତ ୨ତାରିଖରୁ ୧୨ଦିନ ଧରି ଚାଲିଥିଲା ପଲ୍ଲିଶ୍ରୀ ମେଳା। ଏଥିରେ ୨୮୦ଟି ଷ୍ଟଲ ଖୋଲାଯାଇଥିଲା। ଫୁଡ୍‌ଷ୍ଟଲରୁ ବାହାରୁଥିବା ଆବର୍ଜନା, ବ୍ୟବସାୟୀମାନେ ଖାଉଥିବା ପ୍ଲାଷ୍ଟିକ ଥାଳି ପ୍ରଭୃତି ଫିଙ୍ଗିଦିଆଯାଉଥିଲା। ଆବଶ୍ୟକ ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ଲୋକେ ଏଣେତେଣେ ପରିସ୍ରା କରିଥିଲେ। ସେହିପରି ବର୍ଷା ଯୋଗୁ ସ୍ଥାନ କର୍ଦ୍ଦମାକ୍ତ ହୋଇଥିଲା। ମେଳା ଶେଷ ପରେ ମଧ୍ୟ ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପଡ଼ିରହିଛି। ଏହାକୁ ନେଇ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ମହେଶ ବେହେରା କୁହନ୍ତି, ମେଳା ପରେ ବିଦ୍ୟାଳୟ ପଡ଼ିଆରେ ବହୁଦିନ ଆବର୍ଜନା ପଡ଼ିରହୁଛି। ଏହାକୁ ସଫା କରିବା ଲାଗି ପ୍ରଶାସନ ଆଗ୍ରହ ପ୍ରକାଶ କରୁନାହିଁ। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଅନ୍ୟପକ୍ଷେ ଓର୍‌ମାସର ପୁରୀ ଜିଲା ଅତିରିକ୍ତ ନିର୍ଦ୍ଦେଶକ ପ୍ରଶାନ୍ତ ଦାଶଙ୍କୁ ପଚାରିବାରେ କହିଛନ୍ତି, ଏକ ଡେକୋରେଟରକୁ ଷ୍ଟଲ ଦାୟିତ୍ୱ ଦିଆଯାଇଥିଲା। ବର୍ଷା ଯୋଗୁ ସମସ୍ତ ଷ୍ଟଲ ଖୋଲାଯାଇ ପାରିନାହିଁ। ଷ୍ଟଲଗୁଡ଼ିକ ଖୋଲା ସରିବା ପରେ ପଡିଆକୁ ସଫା କରିବା ଲାଗି ସମ୍ପୃକ୍ତ ସଂସ୍ଥାକୁ କୁହାଯାଇଛି। ଖୁବଶୀଘ୍ର ଷ୍ଟଲଗୁଡ଼ିକ ଖୋଲାଯାଇ ପଡ଼ିଆ ସଫା କରାଯିବ ବୋଲି ସେ କହିଛନ୍ତି।

■ ଗଡ଼ିଲା ଫସଲ ବୀମା ଯୋଜନା ସଚେତନତା ରଥ

# ୧,୩୬,୦୦୦ ଚାଷୀଙ୍କୁ ସାମିଲ ଲକ୍ଷ୍ୟ




ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ପୁରୀ ଅଫିସ,୧୮।୭:

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମ୍ପର୍କରେ ଚାଷୀଙ୍କୁ ଅବଗତ କରିବା ଲାଗି ଗୁରୁବାର ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି। ଅତିରିକ୍ତ ଜିଲାପାଳ କହିଛନ୍ତି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏକ ବୀମା ଯୋଜନା। ଏହି ଯୋଜନା ମାଧ୍ୟମରେ ପ୍ରାକୃତିକ ଦୈବୀ ଦୁର୍ବିପାକ ଦ୍ୱାରା ଫସଲ ହାନି ଓ ନଷ୍ଟ ହେଲେ ବୀମା ସହିତ କୃଷକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ। ଜିଲାର ୧,୩୬,୦୦୦ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିମଧ୍ୟରେ ୧ଲକ୍ଷ ଋଣୀ ଏବଂ ୩୬ ହଜାର ଅଣଋଣୀ ଚାଷୀ ଅଛନ୍ତି। ତେଣୁ ଏହି ବୀମାରେ କିଭଳି ଚାଷୀମାନେ ଅନ୍ତର୍ଭୁକ୍ତ ହୋଇପାରିବେ ସେ ନେଇ ସଚେତନତା ସୃଷ୍ଟି କରିବା ଲାଗି ଏହି ଗାଡ଼ି ଜିଲାର ସବୁ ଅଞ୍ଚଳ ପରିକ୍ରମା କରିବ। ଚାଷୀମାନେ ହେକ୍ଟର ପିଛା ୧,୩୯୫ ଟଙ୍କା କିସ୍ତି ଭରିବେ। ଯଦି କୌଣସି ପ୍ରାକୃତିକ ଦୁର୍ବିପାକ ହୁଏ ଏବଂ ଏଥିରେ ସେମାନଙ୍କ ଫସଲ ନଷ୍ଟ ହୁଏ ତେବେ ଚାଷୀ ହେକ୍ଟର ପିଛା ୬୯,୭୫୦ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ପାଇପାରିବେ। ଚାଷୀମାନେ ନିଶ୍ଚିତ ଏଥିରେ ସାମଲ ହେବା ଦରକାର। ସେହିପରି ଜିଲା କୃଷି ଉପନିର୍ଦ୍ଦେଶକ ଏସ୍.ଚନ୍ଦ୍ରଶେଖର ରାଓ କହିଛନ୍ତି, ଏହି ସୁବିଧା କେବଳ ଅନ୍‌ଲାଇନ ମାଧ୍ୟମରେ ଜିଲାରେ ଥିବା ସମସ୍ତ ଜନସେବା କେନ୍ଦ୍ର, ଏଚ୍‌ଡିଏଫ୍‌ସି ବୀମା କମ୍ପାନୀ, ଜିଲା କୃଷି ସମବାୟ ବ୍ୟାଙ୍କ, ବ୍ଲକସ୍ତରୀୟ କୃଷି କାର୍ଯ୍ୟାଳୟ ତଥା ସମସ୍ତ ବ୍ୟବସାୟିକ ବ୍ୟାଙ୍କରେ ଉପଲବ୍ଧ ରହିଛି। ଏତଦ୍‌ବ୍ୟତୀତ ଆଗ୍ରହୀ ଚାଷୀମାନେ ନିଜେ ଇଣ୍ଟରନେଟ୍ ମାଧ୍ୟମରେ ଅନ୍‌ଲାଇନ ପଞ୍ଜୀକରଣ କରିପାରିବେ। ଏଥିପାଇଁ ସେମାନଙ୍କୁ ଆବଶ୍ୟକ କାଗଜପତ୍ର ଯଥା ଜମିପଟ୍ଟା, ଆଧାର ନମ୍ବର ଏବଂ ବ୍ୟାଙ୍କ ଖାତା ବିବରଣୀ ଦେବାକୁ ହେବ। ଚଳିତ ମାସ ୩୧ ତାରିଖ ଆବେଦନ ଗ୍ରହଣର ଶେଷ ତାରିଖ ରହିଛି। ଏହି ସଚେତନତା ରଥ ଜିଲାର ୧୧ଟି ଯାକ ବ୍ଲକର ୨୬୮ ଗ୍ରାମପଞ୍ଚାୟତରେ ଫସଲ ବୀମା ଯୋଜନାର ପ୍ରଚାର କରି ଚାଷୀଙ୍କୁ ଏହି ଯୋଜନାରେ ସାମିଲ ହେବାକୁ ଉତ୍ସାହିତ କରିବ। ଏହି ଅବସରରେ ଏଚ୍‌ଡିଏଫସି ବୀମା କମ୍ପାନୀର ଅନ୍ତର୍ଯ୍ୟାମୀ ନାୟକ ଉପସ୍ଥିତ ଥିଲେ ।

## ଶିକ୍ଷାଧିକାରୀଙ୍କ ଚେତା ପଶିଲା
## ୨୬ ଘରୋଇ ଶିକ୍ଷାନୁଷ୍ଠାନକୁ ତାଗିଦ

ଗୋପ, ୧୮।୭(ଡି.ଏନ୍.ଏ.)

ଗୋପ ବ୍ଲକରେ ସରକାରୀ ମାନଦଣ୍ଡ ପୂରଣ ନ କରି ଚାଲୁଥିବା ୨୬ଟି ଘରୋଇ ଶିକ୍ଷାନୁଷ୍ଠାନକୁ ଗୋପ ବ୍ଲକ୍ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର ଗୁରୁବାର ତାଗିଦ କରିଛନ୍ତି। ସପ୍ତାହ ମଧ୍ୟରେ ସରକାରୀ ମାନଦଣ୍ଡ ପୂରଣ ନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗୋପ ବ୍ଲକ୍ ଖୋଦ୍ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ। ଯେଉଁଠି ବେଆଇନ ଭାବେ ୫୦ରୁ ଊର୍ଦ୍ଧ୍ୱ ଘରୋଇ ଶିକ୍ଷାନୁଷ୍ଠାନ ଚାଲୁଥିବାବେଳେ କେତେକ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଶୋଷଣ କରିବା ଭଳି ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ନେଇ ତଥ୍ୟଭିତ୍ତିକ ଖବର ପ୍ରକାଶିତ ହେବା ପରେ ଗୋପ ବ୍ଲକ୍ ଶିକ୍ଷାଧିକାରୀଙ୍କ ଚେତା ପଶିଥିଲା। କେତେକ ଘରୋଇ ଶିକ୍ଷାନୁଷ୍ଠାନ ବେଆଇନ ଭାବରେ ଅନଭିଜ୍ଞ ଶିକ୍ଷକ, ଶିକ୍ଷୟିତ୍ରୀ, ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ, ଖେଳପଡ଼ିଆ ସହ ୩୨ଟି ସରକାରୀ ମାନଦଣ୍ଡ ମଧ୍ୟରୁ ଅଧିକାଂଶ ମାନଦଣ୍ଡକୁ ପୂରଣ ନ କରି ଶିକ୍ଷାବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ହାତ କରି ନୋ ଅବ୍‌ଜେକ୍ସନ୍ ସାର୍ଟିଫିକେଟ୍ (ଏନ୍‌ଓସି) ହାତେଇଛନ୍ତି। ଏହି ଗୁରୁତର ଅଭିଯୋଗ ସମ୍ପର୍କରେ ଗଣମାଧ୍ୟମରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପରେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଜିଲାପାଳ ବଳୱନ୍ତ ସିଂ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହାକୁ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ନ ଥିବା ଜଣାପଡ଼ିଛି।

## ଜିଲାପାଳଙ୍କୁ ଉଠାଦୋକାନୀଙ୍କ ଗୁହାରି

ପୁରୀ ଅଫିସ,୧୮।୭

ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ନୋ ପାର୍କିଂ ଓ ନୋ ଭେଣ୍ଡିଂ ଜୋନ ଘୋଷଣା କରିଛି ଜିଲା ପ୍ରଶାସନ। ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେବା ଦ୍ୱାରା ଅନେକ ଉଠାଦୋକାନୀ ସେମାନଙ୍କ ଜୀବିକା ହରାଇଛନ୍ତି। ପରିବାର ପ୍ରତିପୋଷଣ କିପରି କରିବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ତେଣୁ ସେମାନଙ୍କୁ ଥଇଥାନ ଲାଗି ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି। ସିଂହଦ୍ୱାରଠାରୁ ଦକ୍ଷିଣ ଦ୍ୱାର ପର୍ଯ୍ୟନ୍ତ ବସୁଥିବା ଉଠାଦୋକାନୀମାନେ ଗୁରୁବାର ଜିଲାପାଳ ବଳୱନ୍ତ ସିଂଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ ପୂର୍ବକ ଗୁହାରି ଜଣାଇଛନ୍ତି।

ସ୍ମାରକପତ୍ରରେ ଉଠାଦୋକାନୀମାନେ ଉଲ୍ଲେଖ କରିଛନ୍ତି, ପ୍ରାୟ ୧୫ରୁ ୨୦ ବର୍ଷ ହେବ ସେହି ସ୍ଥାନରେ ସେମାନେ ଉଠାଦୋକାନ କରି ପରିବାର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି। ଫନୀ ବାତ୍ୟାରେ ସେମାନଙ୍କ ବ୍ୟବସାୟ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା। ଦୁଃଖରେ କାଳାତିପାତ କରୁଥିବା ବେଳେ ପ୍ରଶାସନ ପକ୍ଷରୁ ଜୋରଜବରଦସ୍ତ ସେମାନଙ୍କ ଉଠାଦୋକାନକୁ ହଟାଇ ଦିଆଯାଇଛି, ଯାହାକି ବୋଝ ଉପରେ ନଳିତା ବିଡ଼ା ସଦୃଶ। ସେହି ଜାଗାରେ ପୁଣି ଥଇଥାନ କରିବା ଲାଗି ଉଠାଦୋକାନୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଉଠାଦୋକାନୀଙ୍କ ଏହି ପେଟପାଟଣା କଥାକୁ ରାଜନୈତିକ ରୂପ ଦିଆ ନ ଯାଉ। ଆଲୋଚନା ମାଧ୍ୟମରେ ଏହାର ସମାଧାନ ପାଇଁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି। ଜିଲାପାଳ, ଏସ୍‌ପିଙ୍କ ସହ ବୈଠକରେ ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବା ଠିକ୍ ହେବ ବୋଲି ପଟ୍ଟନାୟକ ପ୍ରକାଶ କରିଛନ୍ତି।



ଉଠାଦୋକାନୀମାନେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି।

## ଚୋରା ବାଲି ଚାଲାଣ, ଟ୍ରାକ୍ଟର ଜବତ



ରାଜସ୍ୱ ବିଭାଗ ପକ୍ଷରୁ ଜବତ ହୋଇଥିବା ଟ୍ରାକ୍ଟର।

କୋଣାର୍କ, ୧୮।୭(ଡି.ଏନ୍.ଏ.)

କୋଣାର୍କ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନ କୋଣାର୍କ ହେଲିପ୍ୟାଡରୁ ବେଆଇନ ବାଲି ଚୋରା ଚାଲାଣ କରୁଥିବା ଏକ ନମ୍ବର ବିହୀନ ଟ୍ରାକ୍ଟରକୁ ଗୁରୁବାର ରାଜସ୍ୱ ବିଭାଗ ଜବତ କରିଛି। କୋଣାର୍କ ହେଲିପ୍ୟାଡ, ଭଗବତୀ ମନ୍ଦିର ପାର୍ଶ୍ୱସ୍ଥ ଜଙ୍ଗଲ, ଚନ୍ଦ୍ରଭାଗା ହାଚେରୀ ରାସ୍ତାପାର୍ଶ୍ୱ ଜଙ୍ଗଲ, ମଙ୍ଗୁଳେଶ୍ୱର ମହାଦେବପାର୍ଶ୍ୱସ୍ଥ ଜଙ୍ଗଲ, ନଳକଣ ମହାବୀର ମନ୍ଦିରପାର୍ଶ୍ୱସ୍ଥ ଜଙ୍ଗଲ ଆଦି ସ୍ଥାନମାନଙ୍କରୁ ସ୍ପଷ୍ଟ ଦିବାଲୋକରେ ଶହଶହ ଟ୍ରିପ୍ ବାଲି ବେଆଇନ ଭାବରେ ଚୋରା ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା। ଗୁରୁବାର ଅପରାହ୍ନ ସାଢ଼େ ୩ଟା ବେଳେ କୋଣାର୍କରେ ନୂତନ ଭାବେ ଯୋଗ ଦେଇଥିବା ରାଜସ୍ୱ ନିରୀକ୍ଷକ ସତ୍ୟବାଦୀ ଚିନ୍ନେରା କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରଟିକୁ ଜବତ କରିଥିଲେ। ପରେ ଏହି ଟ୍ରାକ୍ଟରକୁ ରାଜସ୍ୱ ବିଭାଗ କୋଣାର୍କ ଥାନାକୁ ହସ୍ତାନ୍ତର କରିଛି। ଏ ସମ୍ବନ୍ଧରେ ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କୁ ପଚାରିବାରେ ଜବତ୍ ଟ୍ରାକ୍ଟର କୋଣାର୍କଥାନା ହେପାଜତରେ ରଖାଯାଇଛି। ସରକାରୀ ନିୟମ ଅନୁଯାୟୀ ଜବତ ଟ୍ରାକ୍ଟର ଉପରେ ଜରିମାନା ଆଦାୟ କରାଯିବ ବୋଲି ସେ କହିଥିଲେ।

### ବିଦ୍ୟୁତ୍ କର୍ମଚାରୀଙ୍କର ନିଘା ନାହିଁ
## ଚବିଶଘଣ୍ଟା ଅନ୍ଧାରରେ କଣାସ ଅଞ୍ଚଳ

କଣାସ, ୧୮।୭(ସ୍ୱ.ପ୍ର.)

ଫନୀ ପରେ ଦୁଇମାସ ଧରି କଣାସ ଅଞ୍ଚଳ ଅନ୍ଧାରରେ ରହିବା ପରେ କେତେକ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ମାତ୍ର ସାମାନ୍ୟ ପବନ ହୋଇ ଗଛରୁ ପତ୍ର ହଲିଲେ ସଙ୍ଗେ ସଙ୍ଗେ ବିଦ୍ୟୁତ୍ କାଟ୍ କରାଯାଉଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗତ ୧୭ ତାରିଖ ଅପରାହ୍ନ ୩ଟା ସମୟରେ ବର୍ଷା ପବନ ଆସିବାରୁ କଣାସ ଅଞ୍ଚଳରୁ ବିଦ୍ୟୁତ୍ କାଟ ହୋଇଥିଲା। ତେବେ ୨୫ଘଣ୍ଟା ଧରି ବିଚ୍ଛିନ୍ନ ହେବା ପରେ ୧୮ତାରିଖ ଅପରାହ୍ନ ୪ଟା ସମୟରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ଏହି ସମ୍ପର୍କରେ କଣାସ ସେସୁ କନିଷ୍ଠଯନ୍ତ୍ରୀ ସରୋଜ କୁମାର ବେହେରାଙ୍କ ସହିତ ଟେଲିଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ବିଦ୍ୟୁତ୍ କାର୍ଯ୍ୟାଳୟରେ କାର୍ଯ୍ୟକରୁଥିବା କର୍ମଚାରୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ଖୋର୍ଦ୍ଧାରୁ ବିଦ୍ୟୁତ୍ କାଟ ହେଉଥିବା କହିଥିଲେ।

■ ଲୋକନାଥ ମନ୍ଦିରରେ ଶ୍ରାବଣ ସୋମବାର ପାଇଁ ପ୍ରସ୍ତୁତି ବୈଠକ

# ଏଥର ଟିକେଟ ୨୦ ଟଙ୍କା

## କାଉଡ଼ିଆଙ୍କ ଶୃଙ୍ଖଳିତ ଜଳଲାଗି ପାଇଁ ହେବ ବ୍ୟବସ୍ଥା

ପୁରୀ ଅଫିସ, ୧୮।୭

ଶ୍ରାବଣ ମାସ ସୋମବାରରେ ଶୈବପୀଠରେ କାଉଡ଼ିଆମାନେ ଜଳଲାଗି କରିବେ। ପୁରୀ ଜିଲାର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରକୁ ମଧ୍ୟ ଶ୍ରାବଣ ମାସର ପ୍ରତି ସୋମବାର ହଜାର ହଜାର ବୋଲ୍‌ବମ୍ ଭକ୍ତ ଜଳଲାଗି ପାଇଁ ଆସିବେ। ଏଥିଲାଗି ଗୁରୁବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଭବତାରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟତଃ କାଉଡ଼ିଆମାନେ କିପରି ଶାନ୍ତିଶୃଙ୍ଖଳାର ସହ ଜଳ ଲାଗି କରି ଫେରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଆଲୋଚନା ଅନୁଯାୟୀ, ଗତବର୍ଷ କାଉଡ଼ିଆ ପିଛା ୨୦ଟଙ୍କାର ଟିକେଟ ରହିଥିଲା। ୨୦୧୮ରେ ମୋଟ ୯୮,୫୭୦ ଟିକେଟ କଟାଯାଇଥିଲା। ଚଳିତବର୍ଷ ଟିକେଟ ଦାମ୍ ବୃଦ୍ଧି କରାଯିବ ନାହିଁ, ପ୍ରତ୍ୟେକ କାଉଡ଼ିଆ ୨୦ଟଙ୍କାରେ ଟିକେଟ କାଟି ଜଳଲାଗି କରିବେ ବୋଲି ନିଷ୍ପତ୍ତି ହୋଇଛି। ଏହି ୨୦ ଟଙ୍କାରୁ ପାଳିଆ ସେବକ ୧୫ ଟଙ୍କା ଏବଂ ଟ୍ରଷ୍ଟବୋର୍ଡ ୫ଟଙ୍କା ପାଇବେ। ଟ୍ରଷ୍ଟବୋର୍ଡ କାଉଡ଼ିଆଙ୍କ ଶୃଙ୍ଖଳିତ ଜଳ ଲାଗି ପାଇଁ ବ୍ୟାରିକେଡ, ଲାଇଟ୍ ଓ କାଉଡ଼ି ରଖିବା ପାଇଁ ଭାରା ବାନ୍ଧିବ। ବାତ୍ୟାରେ ଶ୍ରୀଲୋକନାଥ ପରିସରରେ ଅନେକ ଗଛ ଭାଙ୍ଗିଥିଲା। ଏ ପର୍ଯ୍ୟନ୍ତ ମନ୍ଦିର ପରିସର ସମ୍ପୂର୍ଣ୍ଣ ଭାବେ ସଫା ହୋଇପାରିନାହିଁ। ତେଣୁ ଅଧା ଭଙ୍ଗା ଡାଳ ଏବଂ ଗଛ କାଟି ପରିସର ସଫା କରିବା ପାଇଁ ଅଗ୍ନିଶମ ବାହିନୀ ଏବଂ ପୌରସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଯଦି ବର୍ଷା ଯୋଗୁ ମନ୍ଦିର ପରିସରରେ ପାଣି ଜମେ ତେବେ ତୁରନ୍ତ ଅଗ୍ନିଶମ ବାହିନୀ ୪ଟି ଦମକଳ ସାହାଯ୍ୟରେ ଜଳ ନିଷ୍କାସନ କରିବେ। କାଉଡ଼ିଆଙ୍କ ଘଡ଼ିରେ ଯେଉଁ ପଇସା ପଡୁଛି ତାହାକୁ କାନ୍ଧିଆ ସେବକମାନେ ନେବା ଲାଗି ବୈଠକରେ କହିଥିଲେ । ହେଲେ ଏ ନେଇ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ଆଲୋଚନା କରାଯାଇଛି। ଏଥର ୪ଟି ପାଳି ପଡୁଥିବା ବେଳେ ଆସନ୍ତା ୨୨ତାରିଖରେ ଶ୍ରାବଣ ମାସର ପ୍ରଥମ ସୋମବାର ପଡୁଥିବାରୁ ତୁରନ୍ତ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ତହସିଲଦାର ବରଣେନ୍ଦୁ ମହାନ୍ତି, ବାସେଳିସାହି ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାଶ, ଅଗ୍ନିଶମ ବାହିନୀ ଓ ମ୍ୟୁନିସିପାଲିଟିର ଅଧିକାରୀ, ପାଳିଆ ସେବାୟତ, କାନ୍ଧିଆ ସେବାୟତ ଏବଂ ଲୋକନାଥ ମନ୍ଦିର ମ୍ୟାନେଜର ଅପଛ ପରିଡ଼ା ଉପସ୍ଥିତ ଥିଲେ।